


ବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଡିମ୍ପଲ
ପୃଷ୍ଠା ୫



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 175 | ଭାଗ ୩୩ | ସଂଖ୍ୟା ୧୭୫ Monday 15 September 2025 | Page 8 Rs. 5.00 ● ଭୁବନେଶ୍ୱର ସୋମବାର ୧୫ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ୨୨ରୁ ଅତ୍ୟାବଶ୍ୟକ ସାମଗ୍ରୀର ନୂଆ ଦର

- ଲାଗୁ ହେବ ସଂଶୋଧିତ ଜିଏସ୍‌ଟି
- ପୁରୁଣା ଏମଆରପି ସହ ଲାଗିବ ନୂଆ ଦରର ଷ୍ଟିକର
- ବ୍ୟବସାୟୀଙ୍କୁ ମିଳିବ କ୍ଷତି ବାବଦ ଇନପୁଟ ଟ୍ୟାକ୍ସ କ୍ରେଡିଟ
- ହ୍ରାସ ପାଇବ ଖୁଚୁରା ମୁଦ୍ରାସ୍ଫୀତି



**ଭୁବନେଶ୍ୱର,୧୪।୯(ସଂଚାର ବ୍ୟୁରୋ):** ଚଳିତ ମାସ ୨୨ ତାରିଖରୁ ନୂଆ ଜିଏସଟି ଦର। ଖାସ୍ କରି ଅତ୍ୟାବଶକୀୟ ସାମଗ୍ରୀରେ ଜିଏଟି ହ୍ରାସ ପାଇଥିବାରୁ ଏହି ସବୁ ସାମଗ୍ରୀରେ ଲାଗିବ ସଂଶୋଧିତ ନୂଆ ଦର ପାଇଁ ଷ୍ଟିକର। ଏ ନେଇ ଆଜି କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ପୂର୍ବରୁ ଅଧିକ ଜିଏସଟି ପଇଠ କରି ସାମଗ୍ରୀ କିଣିଥିବା ବ୍ୟବସାୟୀମାନଙ୍କୁ ଇନପୁଟ ଟ୍ୟାକ୍ସ କ୍ରେଡିଟ ବାବଦରେ ଅତିରିକ୍ତ ଅର୍ଥ ଫେରସ୍ତ କରାଯିବ। କିନ୍ତୁ ଯେଉଁ ବ୍ୟବସାୟୀଙ୍କର ଜିଏସଟି ନମ୍ବର ନ ଥିବ, ସେମାନେ କୌଣସି ଟିକସ ଅର୍ଥ ଫେରସ୍ତ ପାଇବେ ନାହିଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଆସନ୍ତା ୨୨ ତାରିଖରୁ ଶସ୍ତା ହେବ ଅତ୍ୟାବଶ୍ୟକ ସାମଗ୍ରୀ। ଲାଗୁ ହେବାକୁ ଯାଉଛି ସଂଶୋଧିତ ଜିଏସଟି ଦର। ଅତ୍ୟାବଶକୀୟ ସାମଗ୍ରୀରେ ଜିଏସଟି ୧୮ ଓ ୧୨ ପ୍ରତିଶତରୁ ଖସି ୫ ପ୍ରତିଶତକୁ ହ୍ରାସ କରାଯାଇଛି। ପୁରୁଣା ଏମଆରପି ସହିତ ପ୍ୟାକେଟରେ ନୂଆ ଦର ଷ୍ଟିକରିଂ ହେବ। ଗ୍ରାହକ ପୁରୁଣା ଓ ନୂଆ ଜିଏସଟି ଦରର ଫରକ ଜାଣି ପାରିବେ। ଜିଏସଟି ସ୍ଲାବରେ ପରିବର୍ତ୍ତନ ପରେ ପୂର୍ବରୁ କ୍ରୟ କିମ୍ବା ପ୍ୟାକିଂ ହୋଇସାରିଥିବା ସାମଗ୍ରୀ ଉପରେ ସଂଶୋଧିତ ମୂଲ୍ୟ ଲେଖିବାକୁ ବାଧ୍ୟତାମୂଳକ କରାଯାଇଛି। ଏ ନେଇ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ଜନବିତରଣ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସମେତ ସମସ୍ତ ରାଜ୍ୟ ସରକାରଙ୍କୁ ପତ୍ର ଲେଖି ଉତ୍ପାଦକ, ପ୍ୟାକର୍ ଓ ଆମଦାନୀକାରୀଙ୍କୁ ନିର୍ଦ୍ଦେଶ ଜାରି କରିବା ପାଇଁ କୁହାଯାଇଛି।

ଜିଏସଟି ସଂଶୋଧନ ପୂର୍ବରୁ ଗଚ୍ଛିତ ଥିବା ସାମଗ୍ରୀ ଉପରେ ନୂଆ ଦର ବା ଏମ୍‌ଆରପି ଉଲ୍ଲେଖ ରହିବା ଜରୁରୀ। ହ୍ରାସ ପାଇଥିବା ➪ପୃଷ୍ଠା-୬

# ଭାରତର ଜବରଦସ୍ତ ବିଜୟ

**ଦୁବାଇ,୧୪।୯:** ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମଠାରେ ଖେଳାଯାଉଥିବା ଏସିଆ କପର ଏକ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚରେ ଭାରତ ତା'ର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଜବରଦସ୍ତ ବିଜୟ ହାସଲ କରିଛି। ପ୍ରଥମେ ଟସ ଜିତି ପାକିସ୍ତାନ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ମାତ୍ର ୧୨୭ ରନ୍ କରିବାକୁ ସମର୍ଥ ହୋଇଥିଲା। ଭାରତୀୟ ବୋଲର ପାକିସ୍ତାନକୁ ପ୍ରାରମ୍ଭିକ ଝଟକା ଦେବାରେ ସଫଳ ହୋଇଥିଲେ। ଦଳ ପକ୍ଷରୁ ସାହିବଜାଦା ଫାରହାନ ସର୍ବାଧିକ ୪୦ ରନ କରିଥିବା ବେଳେ ଶାହୀନ ସାହ ଆଫ୍ରିଦି ୩୩ ରନ କରିବାକୁ ସକ୍ଷମ ହୋଇଥିଲେ। ଅନ୍ୟ ବ୍ୟାଟ୍ସମ୍ୟାନ ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଥିଲେ। ଭାରତୀୟ ବୋଲରଙ୍କ ଶାଣିତ ବୋଲିଂର ପାକିସ୍ତାନୀ ବ୍ୟାଟ୍ସମ୍ୟାନ ସଫଳ ମୁକାବିଲା କରିପାରି ନଥିଲେ। ଫଳରେ ପାକିସ୍ତାନ ବଡ଼ ସ୍କୋର କରିବାକୁ ସମର୍ଥ ହୋଇପାରି ନଥିଲା। ଓପନର ସାଇମ ଆୟୁବ, ମହମ୍ମଦ ନୱାଜ ଖାତା ଖୋଲିବାକୁ ସମର୍ଥ ହୋଇନଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ୩ ୱିକେଟ ହାସଲ କରିଥିବା ବେଳେ ଜଶପ୍ରୀତ ବୁମରା ୨, ଅକ୍ଷର ପଟେଲ ୨, ହାର୍ଦ୍ଦିକ ପାଣ୍ଡ୍ୟା ୧ ଓ ବରୁଣ ଚକ୍ରବର୍ତ୍ତୀ ୧ ୱିକେଟ ➪ପୃଷ୍ଠା-୬

## ଦୁବାଇରେ ପାକିସ୍ତାନ ଚିତ୍‌ପଟାଙ୍ଗ





# କେନ୍ଦୁଝରରେ ଲୋକଙ୍କ ସମସ୍ୟା ଶୁଣିଲେ ମୁଖ୍ୟମନ୍ତ୍ରୀ

### ଖୁବ୍‌ଶୀଘ୍ର ସମାଧାନ ନେଇ ଦେଲେ ପ୍ରତିଶ୍ରୁତି

**କେନ୍ଦୁଝର,୧୪।୯(ସଂଚାର ବ୍ୟୁରୋ):** କେନ୍ଦୁଝର ଗସ୍ତ ସାରି ଆଜି ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱତନ୍ତ୍ର ହେଲିକପ୍ଟରରେ ଭୁବନେଶ୍ୱର ଫେରିଛନ୍ତି। ତେବେ ଗତକାଲି ବିଭିନ୍ନ କାର୍ଯ୍ୟରେ ଯୋଗ ଦେବା ପରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ସର୍କିଟ ହାଉସ୍‌ରେ ରାତ୍ରିଯାପନ କରିଥିଲେ। ସେଠାରେ ରାତିରେ ତାଙ୍କୁ କେତେକ ଦଳୀୟ ନେତା, କର୍ମୀ ତଥା ବିଭିନ୍ନ ବର୍ଗର ଲୋକ ଭେଟିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେହିପରି ➪ପୃଷ୍ଠା-୬

### ଆସାମକୁ ମୋଦିଙ୍କ ସାଢ଼େ ୬ ହଜାର କୋଟିର ପ୍ରକଳ୍ପ ଭେଟି

# ମୁଁ ଶିବ ଭକ୍ତ; ବିଷ ପିଇଯାଏ, ଅନ୍ୟାୟ ସହେନି



**ଗୌହାଟୀ,୧୪।୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଆସାମ ଗସ୍ତ କରି ଦାରାଙ୍ଗରେ ପହଞ୍ଚିବା ସହ ରାଜ୍ୟକୁ ଅନେକଗୁଡ଼ିଏ ବିକାଶ ପ୍ରକଳ୍ପ ଭେଟି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆସାମ ମାଟିରୁ କଂଗ୍ରେସକୁ ମଧ୍ୟ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ ଦେଶର ସେନାବାହିନୀ 'ଅପରେସନ ସିନ୍ଦୂର' ଚଳାଇ ଭାରତବାସୀଙ୍କ ପାଇଁ ଗୌରବ ଆଣିବା ସହ ପାକିସ୍ତାନର କୋଣଅନୁକୋଣରୁ ଆତଙ୍କବାଦକୁ ମୂଳପୋଛ କରିଛି। କିନ୍ତୁ କଂଗ୍ରେସର ନେତାମାନେ ଭାରତୀୟ ସେନା ପରିବର୍ତ୍ତେ ପାକିସ୍ତାନ ସେନା ସହ ଠିଆ ହୋଇଛନ୍ତି। ଏହି ଦଳ ଆମ ସେନା ବଦଳରେ ଆତଙ୍କବାଦୀଙ୍କୁ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତିବିଶେଷଙ୍କ ଏଜେଣ୍ଡାକୁ ଆଗକୁ ବଢ଼ାନ୍ତି। ସେଥିପାଇଁ ଦେଶର ଜନସାଧାରଣ ସବୁବେଳେ କଂଗ୍ରେସ ପ୍ରତି ସତର୍କତା ଅବଲମ୍ବନ କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ଆସାମରେ ପ୍ରାୟ ସାଢ଼େ ୬ ହଜାର କୋଟିରୁ ଅଧିକ ମୂଲ୍ୟର ପ୍ରମୁଖ ଭିତ୍ତିଭୂମି ଏବଂ ➪ପୃଷ୍ଠା-୬

### 'ଆସ ସ୍କୁଲ୍ ଯିବା' ସଚେତନତା ପଦଯାତ୍ରାରେ ସାମିଲ୍ ହେଲେ କେନ୍ଦ୍ର ମନ୍ତ୍ରୀ

# ସ୍କୁଲ ଯିବା ଓ ପାଠ ପଢ଼ିବାର ବାତାବରଣ ସୃଷ୍ଟି ପାଇଁ ଆହ୍ୱାନ

- ସମ୍ବଲପୁରର ୩ ହଜାର ପିଲାଙ୍କୁ ଶିକ୍ଷା ସହ ଯୋଡ଼ିବାକୁ ଉଦ୍ୟମ
- ପ୍ରତି ପିଲା ସ୍କୁଲକୁ ଆସିବା ଏନ୍‌ଇପିର ମୂଳ ଉଦ୍ଦେଶ୍ୟ
- ସ୍ୱଦେଶୀ ସାମଗ୍ରୀର ବ୍ୟବହାର ପାଇଁ ପରାମର୍ଶ

**ସମ୍ବଲପୁର,୧୪।୯(ସଂଚାର ବ୍ୟୁରୋ):** ଅଧାରୁ ପାଠ ଛାଡ଼ିଥିବା, ବିଦ୍ୟାଳୟରେ ଆଦୌ ନାମ ଲେଖାଇ ନଥିବା ତଥା ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ସକାଶେ ଆଜି ଏଠାରେ ଆୟୋଜିତ 'ଆସ ସ୍କୁଲ ଯିବା' ସଚେତନତା ପଦଯାତ୍ରାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଛନ୍ତି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)ର ମୂଳ ଉଦ୍ଦେଶ୍ୟ ହେଉଛି ଦେଶର ପ୍ରତ୍ୟେକ ପିଲାଙ୍କୁ ସ୍କୁଲକୁ ଆଣିବା ଓ ସେମାନଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା। ଡ୍ରପ୍ ଆଉଟ ହ୍ରାସ କରିବା ସହ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମଲେଖା ବୃଦ୍ଧି, ବିଦ୍ୟାଳୟ ଭିତ୍ତିଭୂମିର ବିକାଶ, ସାକ୍ଷରତା ହାର ବୃଦ୍ଧି କରିବା ଦିଗରେ ➪ପୃଷ୍ଠା-୬



# ହରିଦ୍ୱାରରୁ ଫେରିବା ବେଳେ ସ୍ୱର୍ଗପ୍ରାପ୍ତି

**ଜୟପୁର,୧୪।୯:** ରାଜସ୍ଥାନର ଜୟପୁରରେ ଗତକାଲି ବିଳମ୍ବିତ ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୭ ଜଣଙ୍କ ମୃତ୍ୟୁ ହୋଇଛି। ଉକ୍ତ ପରିବାରର ସଦସ୍ୟସଦସ୍ୟାମାନେ ହରିଦ୍ୱାରରୁ ଅସ୍ଥି ବିସର୍ଜନ କରି ଫେରୁଥିବା ସମୟରେ ସେମାନଙ୍କ ଗାଡ଼ିଟି ୧୬ ଫୁଟ ତଳକୁ ଖସି ପଡ଼ିବା ଫଳରେ ଏପରି ଅଭାବନୀୟ ଘଟଣା ଘଟିଛି। ମୃତକଙ୍କ ମଧ୍ୟରେ ୨ ଜଣ ଶିଶୁ ଥିବା ଜଣାପଡ଼ିଛି। ଏହି ଦୁର୍ଘଟଣା ବିଳମ୍ବିତ ରାତିରେ ହୋଇଥିବା ବେଳେ ଆଜି ସ୍ଥାନୀୟ ଲୋକେ ଅପରାହ୍ନ ୧ଟା ସମୟରେ ଉକ୍ତ ଗାଡ଼ିଟି ପଡ଼ିଥିବା ଦେଖି ସ୍ଥାନୀୟ ପୁଲିସ୍‌କୁ ଖବର ଦେଇଥିଲେ। ଜୟପୁରର ପ୍ରହଲ୍ଲାଦପୁର ଭାଟିକା ରିଙ୍ଗ ରୋଡରେ ଏହି ଦୁର୍ଘଟଣା ଘଟିଛି ।



ପରିବାରର ୨ ଶିଶୁ ସମେତ ୭ ମୃତ

ମିଳିଥିବା ସୂଚନାନୁସାରେ, କାର୍ ଚାଳକ ନିୟନ୍ତ୍ରଣ ହରାଇବାରୁ ତାହା ଓଲଟି ପଡ଼ିବା ସହ ତଳେ ଜମା ହୋଇଥିବା ବର୍ଷା ପାଣିରେ ପଡ଼ିଯାଇଥିଲା। ସେତେବେଳେ ଗାଡ଼ିରେ ଦୁଇ ଜଣ ଶିଶୁ ଏବଂ ଦୁଇ ଜଣ ମହିଳାଙ୍କ ➪ପୃଷ୍ଠା-୬

### ପରୀକ୍ଷା ବେଳେ ଅଘଟଣ

# ପୃଥକ୍ ସ୍ଥାନରେ ଦୁଇ ପରୀକ୍ଷାର୍ଥୀ ମୃତ

**ଝାରସୁଗୁଡ଼ା/ଛତ୍ରପୁର,୧୪।୯:** ଆଜି ରାଜ୍ୟର ଦୁଇଟି ପୃଥକ୍ ସ୍ଥାନରେ ଦୁଇ ଜଣ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଘଟିଛି। ଗୋଟିଏ ପଟେ ଝାରସୁଗୁଡ଼ାରେ ଜଣେ ନେପାଳୀ ଗୋର୍ଖା ଅସ୍ୱାଭାବିକ ଭାବେ ମୃତ୍ୟୁବରଣ କରିଥିବା ବେଳେ ଗଞ୍ଜାମ ଜିଲ୍ଲାର ଛତ୍ରପୁର ଅଞ୍ଚଳରେ ମଧ୍ୟ ହୋମ୍‌ଗାର୍ଡ ପରୀକ୍ଷା ସମୟରେ ଅନ୍ୟ ଜଣେ ପ୍ରାର୍ଥୀ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।



ଗୋବିନ୍ଦ କୁମାଲ

ମିଳିଥିବା ସୂଚନାନୁସାରେ, ଝାରସୁଗୁଡ଼ାର ଓଏସଏପି ଦ୍ୱିତୀୟ ବାଟାଲିଅନ୍ ପଡ଼ିଆରେ ନେପାଳୀ ଗୋରଖାଙ୍କ ପାଇଁ ସଂରକ୍ଷିତ ୧୩୫ ସିପାହୀ ପଦବୀରେ ନିଯୁକ୍ତି ସକାଶେ ଆସନ୍ତା ୧୭ ତାରିଖରେ ନିଯୁକ୍ତି ର୍‍ୟାଲି ହେବ। ଏଥିରେ ଭାଗ ନେବା ସକାଶେ ନେପାଳରୁ ୧୮ରୁ ୨୫ ବର୍ଷ ମଧ୍ୟରେ ପ୍ରାୟ ୩ ହଜାର ପରୀକ୍ଷାର୍ଥୀ ଆସିଛନ୍ତି। ସେମାନଙ୍କ ମଧ୍ୟରେ ନେପାଳ ବାଗଲୁଙ୍ଗ ଜିଲ୍ଲାର ୨୦ ବର୍ଷୀୟ ଗୋବିନ୍ଦ କୁମାଲ ମଧ୍ୟ ଝାରସୁଗୁଡ଼ା ଆସିଥିଲେ। କିନ୍ତୁ ସେ ଆଜି ସକାଳେ ତାଙ୍କ ସାଥୀମାନଙ୍କ ସହ ଦୌଡ଼ ଅଭ୍ୟାସ କରୁଥିବା ସମୟରେ ଅଚାନକ ତଳେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ଗୋବିନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ପରିବାରକୁ ଖବର ଦିଆଯାଇଛି। ସେମାନେ ଝାରସୁଗୁଡ଼ାରେ ପହଞ୍ଚିବା ପରେ ଗୋବିନ୍ଦଙ୍କ ମୃତଦେହର ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗୋବିନ୍ଦଙ୍କ ମୃତ୍ୟୁ ତାଙ୍କ ସାଥୀମାନଙ୍କୁ ମର୍ମାହତ କରିଛି।

ସେହିପରି ଗଞ୍ଜାମ ପୁଲିସ ଜିଲ୍ଲା ଅଧୀନରେ ଛତ୍ରପୁରସ୍ଥିତ ରିଜର୍ଭ ପୁଲିସ ପଡିଆରେ ହୋମଗାର୍ଡ ନିଯୁକ୍ତି ସକାଶେ ନିୟମାନୁସାରେ ଦୌଡ ପରୀକ୍ଷା ଚାଲିଥିଲା। କିନ୍ତୁ ଏହି ପରୀକ୍ଷା ଭାଗ ନେଇଥିବା ➪ପୃଷ୍ଠା-୬

# ରାଜଧାନୀ ଗଣଦୁଷ୍କର୍ମ ମାମଲାରେ ୩ ଗିରଫ



**ଭୁବନେଶ୍ୱର,୧୪।୯(ସଂଚାର ବ୍ୟୁରୋ):** ଫେସବୁକରୁ ସମ୍ପର୍କ। ଚାଟିଂରୁ ଚିଟିଂ। କଣ୍ଠଶିଳ୍ପୀ ହେବାର ସ୍ୱପ୍ନ ଦେଖାଇ ଇଜ୍ଜତ ଲୁଟିନେଲା। ସେତିକିରେ ମନ ବୁଝି ନଥିଲା, ସାଙ୍ଗକୁ ଲଗାଇ ଗଣଦୁଷ୍କର୍ମ କଲା ସୈତାନ୍ ଚନ୍ଦନ କୁମାର ହାତୀ ଓରଫ ଚାନ୍ଦୁ। ଜଣେ ନାଚ ଶିକ୍ଷୟିତ୍ରୀଙ୍କୁ ଭିଡିଓ ମ୍ୟୁଜିକ କରାଇଦେବାର ପ୍ରଲୋଭନ ଦେଖାଇଥିଲା। ଫଟୋ ସୁଟ୍ ବାହାନାରେ ଚନ୍ଦ୍ରଶେଖରପୁରରେ ଥିବା ପୋଖରାନ୍ ଭିଲେଜ ପାଖ ସାଇମାର୍ଗ ଲଜକୁ ଡାକିଥିଲା। ଲଜରେ ପହଞ୍ଚିବା ପରେ, ଚନ୍ଦନ ତା'ର ସହଯୋଗୀ ପ୍ରସନ୍ନ ଆଚାର୍ଯ୍ୟକୁ ଡାକିଥିଲା। ସେଠାରେ ଉପସ୍ଥିତ ଲଜ କେୟାର ଟେକର ରାଜେଶ ଦାସ ଯୋଜନା ମୁତାବକ ପହଞ୍ଚି ଯାଇଥିଲା। ➪ପୃଷ୍ଠା-୬

# ବାଲେଶ୍ୱର ପାଇଁ ଦ୍ୱନ୍ଦ୍ୱରେ ବିଜେଡି

### ଜିଲ୍ଲା ସଭାପତି ପଦ ପାଇଁ ମୁହାଁମୁହିଁ ଜ୍ୟୋତି-ସୁବାସିନୀ



**ବାଲେଶ୍ୱର,୧୪।୯(ସଂଚାର ବ୍ୟୁରୋ):** ରାୟଗଡା ପରେ ବାଲେଶ୍ୱର ବିଜେଡିରେ ଭୟଙ୍କର ଗୋଷ୍ଠୀ କନ୍ଦଳ ଦେଖାଦେଇଛି। ଜିଲ୍ଲା ସଭାପତି ପଦକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ତୁ ତୁ ମେଁ ମେଁ ବିବାଦକୁ ଆହୁରି ବଢାଇଛି। ସିମୁଳିଆର ଦୁଇ ନେତା ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ସୁବାସିନୀ ସାହୁ ମୁହାଁମୁହିଁ ହୋଇଛନ୍ତି।

ବାଲେଶ୍ୱରରେ ଏଯାଏଁ ବିଜେଡି ଜିଲ୍ଲା ସଭାପତି ନିଯୁକ୍ତି କରିପାରିନି । ଏହାରି ଭିତରେ ଦୁଇ ନେତାଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଦଳକୁ ଅଡୁଆରେ ପକାଇଛି। ଜିଲ୍ଲାରେ ଦୁଇ ନେତା ଜ୍ୟୋତି ପାଣିଗ୍ରାହୀ ଓ ସୁବାସିନୀ ସାହୁ ମୁହାଁମୁହିଁ ହୋଇଛନ୍ତି। ଦୁଇ ଦିନ ତଳେ ଜ୍ୟୋତି ପାଣିଗ୍ରାହୀଙ୍କ ନାଁରେ ସଙ୍ଗୀନ ଅଭିଯୋଗ ଆଣିଥିଲେ ସୁବାସିନୀ। ଜ୍ୟୋତି ବିଜେପି ସହ ସମ୍ପର୍କ ରଖିଛନ୍ତି ଓ ଦଳୀୟ କାର୍ଯ୍ୟକ୍ରମରେ ଅସହଯୋଗ କରୁଥିବା ଅଭିଯୋଗ ଆଣିଥିଲେ। ଆଉ ଆଜି ଏହାର କଡା ଜବାବ ରଖିଛନ୍ତି ଜ୍ୟୋତି ପାଣିଗ୍ରାହୀ। ଜ୍ୟୋତି କହିଛନ୍ତି ଯେ ପଦପଦବୀ ପାଇଲେ ସେବା କରିବି, ନ ପାଇଲେ କରିବିନି ସେମିତି ଦାବି କରିବା କାପୁରୁଷର ଲକ୍ଷଣ। ସିମୁଳିଆରେ ୨୦୧୪ ଓ ୨୦୧୯ରେ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବିଜେଡି ଟିକେଟ ପାଇଁ ବିଧାୟକ ହୋଇଥିଲେ। ହେଲେ ୨୦୨୪ରେ ଜ୍ୟୋତିଙ୍କୁ କାଟି ସୁବାଷିନୀ ସାହୁଙ୍କୁ ବିଜେଡି ଟିକେଟ ଦେଇଥିଲା। କିନ୍ତୁ ସେ ହାରିଯାଇଥିଲେ। ଏବେ ସିମୁଳିଆ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖଇରାକୁ ଏନଏସି ମାନ୍ୟତା ଦାବି ଜୋର ଧରିଥିଲାବେଳେ ତେଜିଛି ବୟାନବାଜି। ଜ୍ୟୋତିଙ୍କ ସହ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ ସୁଭାଷିନୀଙ୍କୁ ଟାର୍ଗେଟ କରିଛନ୍ତି।



## କାନ ଡେରିଥା

ଛୁରା ମାଡ଼ ହେଲା
ଶ୍ରୀମନ୍ଦିରରେ
ଭକତି କି ୟାକୁ କହିବା
ଜଗନ୍ନାଥ ଧାମ ନିନ୍ଦିତ ହେଉଛି
ଏଥିରୁ ନିବୃତ ରହିବା
ନିଜକୁ ସଂଯତ କରିବା...
ମହାପ୍ରଭୁ ପରା ସବୁ ଦେଖୁଛନ୍ତି
ଛାଡ଼ନ୍ତୁ ଆଜିଠୁ ଲଢ଼ିବା ।

■ ଦେବାଶିଷ

# ବିଧାୟକଙ୍କ ପାଇଁ ପୁଣି ଅକଳରେ ବିଜେପି

**ଭୁବନେଶ୍ୱର,୧୪।୯(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ଜଣେ ବିଧାୟକଙ୍କ ପାଇଁ ବିଜେପି ପୁଣିଥରେ ଅଡୁଆରେ ପଡିବାକୁ ଯାଉଛି। ପୂର୍ବରୁ ବିଜେଡିର ପୂର୍ବତନ ବିଧାୟକ ଓ କର୍ମୀଙ୍କ ଉପରେ ଉକ୍ତ ବିଧାୟକଙ୍କ ସମର୍ଥକମାନେ ଆକ୍ରମଣ କରିବା ଘଟଣାକୁ ନେଇ ବିଜେପି

- ଜେଲ୍‌ଫେରନ୍ତାଙ୍କ ମୁଣ୍ଡରେ ଆଶୀର୍ବାଦ
- ରାମ୍‌କୋରେ ପଶିଛି ରାଜନୀତି

ସରକାର ଅକଳରେ ପଡିଥିବା ବେଳେ ଏବେ ବିଜେଡି ସରକାର ଅମଳର ହତ୍ୟା ଆରୋପୀଙ୍କ ପାଇଁ ଉକ୍ତ ବିଧାୟକଙ୍କ ଓକିଲାତି କାଳ ହେବ ବୋଲି ଯାଜପୁରରେ ଆଲୋଚନା ଜୋର ଧରିଛି।



ସରକାରକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଯାଜପୁର ଜିଲ୍ଲା ଗସ୍ତ ସମୟରେ ଜୋର ଦେଇ କହିଥିଲେ ଯେ ପିଇଓ ସ୍ମିତାରାଣୀ ହତ୍ୟାକାରୀଙ୍କୁ ଛଡାଯିବ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ସମସ୍ତେ ଭାବିଥିଲେ ଯେ ସ୍ମିତାରାଣୀ ଫାଇଲ ପୁଣି ଥରେ ଖୋଲିବ ଓ ବିଜେଡି ସରକାର ଅମଳରେ ହତ୍ୟାକାଣ୍ଡରେ ସାମିଲ ଥିବା ଲୋକେ କଠିନ ଦଣ୍ଡ ପାଇବେ। ହେଲେ ଏବେ ଠିକ୍ ବିପରୀତ ଦେଖିବାକୁ ମିଳିଛି। ସ୍ମିତାରାଣୀ ହତ୍ୟାକାଣ୍ଡ ଘଟଣାରେ ଜେଲ୍ ଯାଇଥିବା ରୂପେଶ ଭଦ୍ରାଙ୍କୁ ମିଳିଛି ରାମ୍‌କୋ ସିମେଣ୍ଟ କାରଖାନାରୁ ପରିବହନ ଠିକାଦାରୀ। ରାତାରାତି ପୁରୁଣା ପରିବହନକାରୀ ବଦଳି ରୂପେଶଙ୍କୁ ସଦ୍ୟ ଠିକା ମିଳିବା ପଛରେ ଉକ୍ତ ବିଧାୟକଙ୍କ ହାତ ଥିବା ନେଇ ଚର୍ଚ୍ଚା ଜୋର ଧରିଛି।

ରାମ୍‌କୋ ସିମେଣ୍ଟ କାରଖାନାରୁ ବିଭିନ୍ନ ସ୍ଥାନରୁ ସିମେଣ୍ଟ ପରିବହନ କରୁଥିଲା ଏସଟି ମିନେରାଲନ୍ସ ଲିମିଟେଡ। ଏହି କମ୍ପାନୀ ସୁଚାରୁ ରୂପେ ପରିବହନ କରୁଥିବା ବେଳେ ହଠାତ୍ ରାମକୋ ଏହା ଉପରେ କୋପ କଲା। ବିଭିନ୍ନ କାରଣ ଦର୍ଶାଇ ଏସ୍‌ଟି ମିନେରାଲ୍ସକୁ ହଟାଇଦେଲା। ତେବେ ଏହା ବିରୋଧରେ ଧର୍ମଶାଳା ଟ୍ରକ ସଂଘ ମୁହଁ ଖୋଲିଥିଲା। ଏସ୍‌ଟି ମିନେରାଲ୍ସ ପରିବହନ ସପକ୍ଷରେ ଯୁକ୍ତି ବ ବାଢ଼ିଥିଲା। ଦର୍ଶାଇଥିଲା ଯେ ରାମକୋ ଯେଉଁ ଅଭିଯୋଗ ଆଣିଛି ତାହା ଠିକ୍ ନୁହେଁ। ହେଲେ ରାମକୋ ସିମେଣ୍ଟ କିନ୍ତୁ କିଛି ବି ଶୁଣିନଥିଲା। ଏସ୍‌ଟି ମିନେରାଲ୍ସ ବଦଳରେ ଠିକା କାମ ମିଳିଥିଲା ରୂପେଶ ଭଦ୍ରା ଟ୍ରାନ୍ସପୋର୍ଟକୁ।

ରୂପେଶ ଭଦ୍ରା ହେଉଛନ୍ତି ସେହି ବ୍ୟକ୍ତି, ଯିଏକି ପିଇଓ ସ୍ମିତାରାଣୀ ହତ୍ୟାକାଣ୍ଡ ମାମଲାରେ ➪ପୃଷ୍ଠା-୬

# ଅମର ହୋଇଗଲେ ପାତ୍ର ମଉସା



- ମାର୍କେଟ କମ୍ପ୍ଲେସ ଭୁଶୁଡ଼ିପଡ଼ିବାରୁ ହୋଇଥିଲା ମୃତ୍ୟୁ
- ଚକ୍ଷୁ ଦାନ କଲେ ପରିବାର

**ଜୟପୁର,୧୪।୯(ସଂଚାର ବ୍ୟୁରୋ):** ଗତକାଲି କୋରାପୁଟ ମାର୍କେଟ କମ୍ପ୍ଲେକ୍ସ ଭୁଶୁଡ଼ିବା ଘଟଣାରେ ସବୁଦିନ ପାଇଁ ଆଖି ବୁଜିଛନ୍ତି ସମସ୍ତଙ୍କ ପ୍ରିୟର ପାତ୍ର ମଉସା। କିନ୍ତୁ ମରିବା ପରେ ବି ସେ ଅମର ହୋଇଯାଇଛନ୍ତି। କାରଣ ତାଙ୍କ ଆଖିରେ ଦୁନିଆ ଦେଖିବାକୁ ସେ ଦେଇଗଲେ ତାଙ୍କର ଦୁଇ ଆଖି। ଆଉ କେହି ଦେଖିବାକୁ ପାଇବେନି ପାତ୍ର ମଉସାଙ୍କୁ ପାନ ଭାଙ୍ଗୁଥିବାର କି ପଇଡ଼ ବିକୁଥିବାର। କିନ୍ତୁ ତାଙ୍କ ଚକ୍ଷୁ ଦୁଇଟିକୁ ଦାନ କରିବା ସକାଶେ ପରିବାର ଲୋକେ ନିଷ୍ପତ୍ତି ନେବା ପରେ ସେ ସମସ୍ତଙ୍କ ହୃଦୟରେ ସବୁଦିନ ପାଇଁ ରହିଗଲେ। କୋରାପୁଟ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବିଶ୍ୱାସ ରାୟ କମ୍ପ୍ଲେକ୍ସ କୋଠାଟି ହଠାତ ଭୁଶୁଡି ➪ପୃଷ୍ଠା-୬



# ସମ୍ପର୍କ



**ଡଃ ତାନଶ୍ରୀ ପାଣିଗ୍ରାହୀ**

ଦୂରରୁ ଦେଖା ଯାଉଛି ରାସ୍ତାର ଦି ପାଖରେ ବିସ୍ତୀର୍ଣ୍ଣ ଧାନବିଲ ଓ ଆମ୍ବତୋଟାର ଚିତ୍ରପଟ... ଦିଶୁଛି ଜୀର୍ଣ୍ଣ ମନ୍ଦିରର ଧ୍ୱଜାଧାରୀ ଚୂଡ଼ା...ମୁଷ୍ଟିମେୟ ନବ ନିର୍ମିତ କୋଠା ଘରର ଛାତ... ଏମାନଙ୍କ ଛାୟାରେ ଲୁଚି ଯାଇଛି ନଡ଼ା ଛପର ଘରମାନ। ଗାଁର ଅଦୂରରେ ମୁଣ୍ଡିଆ ପାହାଡ଼ର ପାଦ ଛୁଇଁ ବହି ଯାଉଛି ତାର ପ୍ରିୟ ନଈ। ଦୀର୍ଘ ପାଞ୍ଚ ବର୍ଷପରେ ଏକ ହତାଶ ମନରେ ଆଦିତ୍ୟ ଗାଁ କୁ ଫେରୁଛି... ଫେରୁଛି ତାର ପ୍ରିୟ ସ୍ମୃତି ମାନଙ୍କ ପାଖକୁ...। ଦିଗନ୍ତବ୍ୟାପୀ ସବୁଜିମା... ଦୂର ପାହାଡ଼ର ମନୋରମ ଛାଇ, ଅନାବିଳ ଖୋଲା ପବନ ଆଦିତ୍ୟ ମନରେ ଆଜି ଅନେକ ପ୍ରତିକ୍ରିୟା ସୃଷ୍ଟି କରୁଛି। ସେଦିନର ସ୍ମୃତି ଆଜି ଆଦିତ୍ୟର ଗୋଟି ଗୋଟି କରି ମନେ ପଡୁଛି... ସନ୍ଧ୍ୟା ତାରା ଉଇଁବାର ଢେର ଆଗରୁ ସେ ପହଂଚିଯାଇଥିଲା... ତାର ଗାଁ ପାଖ ଏକ ଛୋଟ ରେଳ ଷ୍ଟେସନରେ... ଏଣ୍ଟ୍ରାନ୍ସ ପାଇଁ ଭୁବନେଶ୍ୱର ଯିବାକୁ। ପ୍ଲାଟଫର୍ମର ଅନତିଦୂରରେ ଥିବା ଶେଷ ସିମେଣ୍ଟ ବେଞ୍ଚରେ ଅପେକ୍ଷା କରିଥିଲା ଟ୍ରେନକୁ।

ଛୋଟ ଷ୍ଟେସନର ଆୟତନ କ୍ଷୁଦ୍ର ହେଲେ ବି ଖୁବ ମନଲୋଭା। ପ୍ରାକୃତିକ ପରିବେଶ ଦୃଷ୍ଟିରୁ ଷ୍ଟେସନଟି ଆଦିତ୍ୟକୁ ଏତେ ଭଲ ଲାଗେ ଯେ ଆଦିତ୍ୟ ନିଜ ଜୀବନର ସୁଖ, ଦୁଃଖ ମୁହୂର୍ତ୍ତମାନଙ୍କୁ ରୋମନ୍ଥନ କରି ସେଇଠି ବସି ଦୁଃଖ ସାଉଁଟେ ତ କେତେବେଳେ ଭଲ ଚାକିରୀ ପାଇବାର ସୁଖରେ ବିଭୋର ହୋଇଯାଏ। ହେଲେ ତା ଜୀବନରେ ସୁଖ ଦୁଃଖର ସହଭାଗୀ ହେବା ପାଇଁ ତା ପାଖରେ ଅସହାୟ ବିଧବା ମାଆ ଛଡା ଆଉ ଆଉ କେହି ନାହାନ୍ତି। ପିଲାଟି ଦିନରୁ ବାପାଙ୍କୁ ହରାଇ ବହୁ କଷ୍ଟରେ ସେ ପାଠ ପଢ଼ିଛି ଗ.ଝମ ପର୍ଯ୍ୟନ୍ତ... ଚାକିରୀ ଖଣ୍ଡିଏ ପାଇବା ପାଇଁ... ପରୀକ୍ଷା ପରେ ପରୀକ୍ଷା ଦେଇ ଚାଲିଛି କିଛି ଦିନ ଧରି...

ମନରେ ସାରା ଦିନର କ୍ଳାନ୍ତି ମେଣ୍ଟାଇବା ପାଇଁ

**ଆଦ୍ୟାଶା ଓ ଆଦିତ୍ୟ ମଧ୍ୟରେ ଏକ ନିଆରା ସମ୍ପର୍କ ଗଢି ଉଠିଲା... ଆଦିତ୍ୟ ତା ପାଇଁ ଦ୍ୱିତୀୟ ଈଶ୍ୱର... ତାର ରୂପ, କଣ୍ଠସ୍ୱର, ମନ ଲୋଭା ଚକ୍ଷୁଦ୍ୱୟ ସବୁ କିଛି ତା ହୃଦୟ ଆଇନାରେ ଦେଖାଗଲା... ସେ ଆଦିତ୍ୟକୁ ଜୀବନ ସାଥୀ ଭାବରେ ପାଇବାକୁ ବ୍ୟାକୁଳ ହେଲା...ଆଦିତ୍ୟ ମନରେ ମଧ୍ୟ ସବୁବେଳେ ଆଦ୍ୟାଶାର ରୂପ, ଯୌବନ, ଲାଳିତ୍ୟ ମଧୁଭରା କଥା, ମିଠା ମିଠା କଥା ସବୁ କିଛି ତାକୁ ଆନ୍ଦୋଳିତ କଲା...ଏକ ସ୍ୱର୍ଗୀୟ, ମଧୁର ପ୍ରେମ ଧାରାରେ ପ୍ଲାବିତ ହେଲା ଦୁଇଟି ହୃଦୟ...ଆଦ୍ୟାଶାର ରୂପାଜହ୍ନ ଭଳି ଚିବୁକ ଓ ଗଣ୍ଡଦେଶରେ ଆଙ୍କିଦେଲା ଗଭୀର ଚୁମ୍ବନ... ଦୋହଲିଗଲା ତନୁମନ...**

ଏଇଟା ଥିଲା ଯେମିତି ତା ପାଇଁ ଏକ ପ୍ରକୃଷ୍ଟ ଇଲାକା... କେତେଟା ଲୋକାଲ ଟ୍ରେନ ଛଡା ପ୍ରାୟ ଏଇଟା ନିରୋଳା ସ୍ଥାନ ଆଦିତ୍ୟ ପାଇଁ...। ହଠାତ କାହାର କରୁଣ ଚିତ୍କାରରେ ତାର ଭାବନା ବ୍ୟାଘାତ ହେଲା...କିଛି ଅସାମାଜିକ ଯୁବକ ଝିଅଟିକୁ ଗୋଡ଼ାଇ ଥିଲେ... ଅଳ୍ପ କିଛି ଲୋକ ଥିଲେ ବି କେହି ଭୟରେ କିଛି କହୁ ନ ଥାନ୍ତି... ଜଣେ ଝିଅର ଭାଗ୍ୟ ତ କେଉଁ କାଳୁ ପଥର ତଳେ ଚାପି ହୋଇ ଯାଇଛି... କାମାନ୍ଧ ପୁରୁଷ ଦ୍ୱାରା ନାରୀ ଯୁଗେ ଯୁଗେ ନିର୍ଯ୍ୟାତିତା... ଅପମାନିତା, ଧର୍ଷିତା ହୋଇ ଆସୁଛି... ଆଦିତ୍ୟ ନିଜର ଜୀବନକୁ ବାଜି ଲଗାଇ... ଅନେକ ଧସ୍ତା ଧସ୍ତି ମାଡ଼ ଖାଇ ଉଦ୍ଧାର କରିଥିଲା ସଂଜ୍ଞାହୀନ ଝିଅଟିକୁ... . ଟ୍ରେନ ଚାଲି ଯାଇଥିଲା ସତ... ହେଲେ ଆଦିତ୍ୟ ଛାଡି ଯାଇ ପାରି ନ ଥିଲା ଅସହାୟ ନୀରିହା କଅଁଳ କଢ଼ି ସଦୃଶ ଝିଅଟିକୁ ଚେତା ଫେରିବା ପର୍ଯ୍ୟନ୍ତ... ଚେତା ଫେରିବା ପରେ ପରିଚୟ ପାଇଥିଲା.... ନାଆଁ ତାର ଆଦ୍ୟାଶା... ପାଖ ସହରର ବିଶିଷ୍ଟ ଶିଳ୍ପପତି ସୌଭାଗ୍ୟ ସାମନ୍ତରାୟଙ୍କ ଏକମାତ୍ର କନ୍ୟା ସେ। ଏମ୍‌ଏସସି ଅଧ୍ୟୟନ ରତା ଛାତ୍ରୀ ସେ... ସବୁଦିନ ବାପାଙ୍କ କାରରେ ଘରକୁ ଫେରେ... ହେଲେ ସେ ଦିନ ବିଶେଷ କାମରେ ଆଦ୍ୟାଶାର ବାପା ବାହାରକୁ ଯାଇଥିଲେ ବୋଲି ତାର ଏଇ ପରିସ୍ଥିତି...

କ୍ଷ ଆଦିତ୍ୟର ମନେ ହେଲା ଏଇ କିଛି ମୁହୂର୍ତ୍ତ ହେଲା ଆଦ୍ୟାଶା ପ୍ରତି ଅହେତୁକ ଆତ୍ମୀୟତା ବଢ଼ି ଯାଇଛି...ନିଜକୁ ଅନେକ କଷ୍ଟ ଲାଗୁଥିଲେ ମଧ ଆଦ୍ୟାଶାର ହାତ ଧରି ଧରି ଅନେକ ବାଟ ଚାଲି... ତାକୁ ଘରେ ନେଇ ଛାଡିବାର ବ୍ୟବସ୍ଥା କରିଥିଲା ସେ।

ସେଇ ଦିନଠାରୁ ଆଦ୍ୟାଶା ଓ ଆଦିତ୍ୟ ମଧରେ ଏକ ନିଆରା ସମ୍ପର୍କ ଗଢି ଉଠିଲା... ଆଦିତ୍ୟ ତା ପାଇଁ ଦ୍ୱିତୀୟ ଈଶ୍ୱର... ତାର ରୂପ, କଣ୍ଠସ୍ୱର, ମନ ଲୋଭା ଚକ୍ଷୁଦ୍ୱୟ ସବୁ କିଛି ତା ହୃଦୟ ଆଇନାରେ ଦେଖାଗଲା... ସେ ଆଦିତ୍ୟକୁ ଜୀବନ ସାଥୀ ଭାବରେ ପାଇବାକୁ ବ୍ୟାକୁଳ ହେଲା... ଆଦିତ୍ୟ ମନରେ ମଧ ସବୁବେଳେ ଆଦ୍ୟାଶାର ରୂପ, ଯୌବନ, ଲାଳିତ୍ୟ ମଧୁଭରା କଥା, ମିଠା ମିଠା କଥା ସବୁ କିଛି ତାକୁ ଆନ୍ଦୋଳିତ କଲା...ଏକ ସ୍ୱର୍ଗୀୟ, ମଧୁର ପ୍ରେମ ଧାରାରେ ପ୍ଲାବିତ ହେଲା ଦୁଇଟି ହୃଦୟ...ଆଦ୍ୟାଶାର ରୂପାଜହ୍ନ ଭଳି ଚିବୁକ ଓ ଗଣ୍ଡଦେଶରେ ଆଙ୍କିଦେଲା ଗଭୀର ଚୁମ୍ବନ... ଦୋହଲିଗଲା ତନୁମନ... ଶରତ ରାତିରେ ଶୀତଳ ସନ୍ଧ୍ୟାରେ ହଜିଗଲେ ଦୁଇ ପ୍ରେମୀ ଯୁଗଳ... କୁମାର ପୂର୍ଣ୍ଣିମାର ପୂର୍ଣ୍ଣ ଚନ୍ଦ୍ରଟା ଯାଇ ମୁହଁ ଲୁଚାଇଲା ବାଦଲ ଆଢୁଆଳରେ... ଦୁହିଁଙ୍କ ହୃଦୟ ସତେ ଅବା କହୁଥିଲା ଏଇ ତ ଜୀବନ... ଏଇ ତ ପୂର୍ଣ୍ଣତା... ପୁରୁଷ ବିନା ନାରୀ... ନାରୀ ବିନା ପୁରୁଷ ଅସମ୍ପୂର୍ଣ୍ଣ... ଏଇ ତ ସୃଷ୍ଟିର ନିୟମ। ପ୍ରେମ ହେଉଛି ବଗିଚାର ସୁକୁମାର ଫୁଲ... ଜୋର କରି କାହା ହୃଦୟରେ ପ୍ରେମ ଓ ପ୍ରଣୟର ଫୁଲ ଫୁଟାଇବା ସମ୍ଭବ ନୁହେଁ... ବାଧବାଧକତାରେ ଦେହ ମିଳେ... ମାତ୍ର ମନ ଓ ହୃଦୟ ମିଳେନାହିଁ।

ଏମିତି କିଛି ଦିନ ପରେ ସାଗର ବେଳାରେ ଆଦ୍ୟାଶା କୋଳରେ ମୁଣ୍ଡରଖି ବାଲୁକା ରାଶି ଉପରେ ଶୋଇଥାଏ .ଆଦିତ୍ୟ... ବିହଙ୍ଗ, ବିହଙ୍ଗୀମାନଙ୍କ କାକଳିରେ ସାଗରବେଳା ମୁଖରିତ... ନଈପଠା କ୍ଷଜହ୍ନରାତିରେ

ଆଦ୍ୟାଶା ଅଧିକରୁ ଅଧିକ ସୁନ୍ଦର ଦିଶୁଛି... ତାର ଅଲୋରା କେଶ ରାଶି ଝୁଲି ପଡ଼ିଥାଏ ତା ପ୍ରିୟତମଙ୍କ ମୁହଁକୁ... ଦୁହେଁ ଦୁହିଁଙ୍କୁ ଦେଖୁଥିଲେ... ଲାଗୁଥିଲା ଏ ସମ୍ପର୍କ ଯେମିତି ଯୁଗଯୁଗର...। କେଉଁ ଦିନ ସେମାନେ ପତି, ପତ୍ନୀର ମର୍ଯ୍ୟାଦା ପାଇବେ ବାସ୍ତବତାକୁ ସାମ୍ନା କରୁଥିଲେ...।

ବଦଳିଯାଏ ସମୟ... ପିଶାଚମାନଙ୍କର ନଖ ବଢ଼ିଲା ଭଳି ରାତ୍ରି ବଢ଼େ... ଅଥଚ ସ୍ୱପ୍ନ ଆସେନା... ସ୍ୱପ୍ନ ବିଜୁଳି ତାରରେ ଝୁଲୁଥିବା ମଲା କୁଆପରି ଲଟକି ରହିଥାଏ ରାତିର ଅନ୍ଧାରରେ... କିଛି ଦିନ ହେଲା ଆଦ୍ୟାଶାର ଅନୁପସ୍ଥିତି... ଆଦିତ୍ୟର ମନକୁ ବିଦାରି ଦେଉଥିଲା... ଆଦ୍ୟାଶାର ସାଙ୍ଗ ଆସି କହିଲା... ତାର ବାପା ତାକୁ ଏକ ବନ୍ଦ କୋଠରୀରେ ରଖି ଲୋକ ଜଗାଇଛନ୍ତି... ଆଦିତ୍ୟ ସହିତ ପ୍ରେମ ସମ୍ପର୍କକୁ ସେ ଜାଣିନେଇ ବହୁତ ଧିକ୍କାର କରିଛନ୍ତି... ଆଦିତ୍ୟ ସହିତ ବିବାହ ଦେଲେ ତାଙ୍କର ସାମାଜିକ ପ୍ରତିଷ୍ଠା ନଷ୍ଟ ହୋଇଯିବ। ଆଦ୍ୟାଶାର ବିବାହ ଅନ୍ୟତ୍ର ଠିକ କରି ଦେଇଛନ୍ତି ତା ବାପା।

କଥାଟା ଶୁଣି ବିଶ୍ୱାସ କରିପାରିଲା ନାହିଁ ଆଦିତ୍ୟ...

ଆଖିରେ ଲୁହର ବନ୍ୟା... ପ୍ରତି ମୁହୂର୍ତ୍ତରେ ଆଦ୍ୟାଶାକୁ ଜୀବନ ସାଥୀ ରୂପେ ପାଇବା ପାଇଁ ସ୍ୱପ୍ନ ଦେଖିଥିବା ହୃଦୟଟା କେମିତି ଭୁଲି ପାରିବ... ଏଇ ମାତ୍ର କେତେ ଦିନ ପରେ ଚାକିରୀରେ ଯୋଗ ଦେବ.... ନିଜ ପ୍ରେମିକାର ସୀମନ୍ତରେ ସିନ୍ଦୁର ଦେଇ ପତ୍ନୀର ସ୍ୱୀକୃତି ଦେବ... ସବୁ କଥା ସରିଥିଲା ଦୁହିଁଙ୍କର...ନିର୍ଜନ ସାଗର କୋଳରେ ମଥାପିଟି କାନ୍ଦୁଥିଲା ଆଦିତ୍ୟ... ଛୋଟ ପିଲାଙ୍କ ପରି... ଆଉ କହୁଥିଲା- ହେ ଈଶ୍ୱର ତୁମେ ହିଁ କୁହ... କେମିତି ଭୁଲ ହୋଇଗଲା ଆଦ୍ୟାଶାକୁ ଭଲ ପାଇ...???ଏହି ପ୍ରଶ୍ନର କେବଳ ପ୍ରତିଧ୍ୱନି ହିଁ ଶୁଭୁଥିଲା ଆଦିତ୍ୟକୁ... ସତରେ ସମ୍ପର୍କର ଋତୁ ବି ବଦଳେ ଏମିତି... ସବୁ ସମ୍ପର୍କକୁ ସ୍ୱୀକୃତି ଦେଇ ହୁଏ ନାହିଁ... ଅନେକ ସମ୍ପର୍କ ହଜିଯାଏ ଅନ୍ଧାରର କାଳ ବକ୍ଷରେ...।

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**
**ବାଲିଆ, ବାଲେଶ୍ୱର**
**ମୋବାଇଲ: ୯୩୩୭୩୦୪୨୯୫**

# ଜୀବନର ଚଲାପଥେ



**ପୁଷ୍ପଲତା ମିଶ୍ର**

ଜୀବନର ଚଲା ପଥ କେବେ କଣ୍ଟା ତ କେବେ ଫୁଲ। ଏମିତି ସମୟର ଚକ୍ରରେ ପଡ଼ିଯାଏ କେତେବେଳେ ଉପରେ ତ କେତେବେଳେ କଚାଡି ଦବ ରସା ତଳକୁ ତାହା ତୁମେ ଜାଣିପାରିବ ନାହିଁ। ଯେବେ ଦୁଃଖ ଆସେ ସମସ୍ତେ ହାତ ଛାଡ଼ି ଦିଅନ୍ତି,



ଆଉ ଖୁସି ସମୟରେ ସମସ୍ତେ ହାତ ବଢେଇବାକୁ ଚାଲି ଆସନ୍ତି। ସେଥି ପାଇଁ ତ ଶବ ଗଲାବେଳେ ସମସ୍ତେ ପଛରେ ଚାଲନ୍ତି ଆଉ ବର ଯାତ୍ରୀ ଗଲାବେଳେ ସମସ୍ତେ ଆଗରେ ଚାଲନ୍ତି।

ଯେତେ ଯାହାହେଉ ଜୀବନର ଚଲା ପଥ ଏମିତି ଅଙ୍କା ବଙ୍କା ତାକୁ ବୁଝିବା ବହୁତ କଷ୍ଟ। ସ୍ୱପ୍ନ କଳ୍ପନା ପରି ପ୍ରତୀୟ ମାନ ହୁଏ, ଏହି ସ୍ୱପ୍ନ ଓ ବାସ୍ତବତାକୁ ଆଖିରେ ରଖି ଆଗେଇ ଚାଲିଛି ଷ୍ଟେସନ ଅଭିମୁଖେ।କେଉଁଠି କି ଯିବ କଣ କରିବ କିଛି ଚିନ୍ତା କରି ପାରୁନି ସରୋଜ !କଣ କରିବ କଣ ନ କରିବ ଶେଷ ସିଦ୍ଧାନ୍ତରେ ପହଁଚି ପାରୁନାହିଁ। ସହଜେ ତ ସାବତ ମାଆ ସେ ଯାହା ବୁଝିଥିବ ସେଇୟା, ଯେତେ ବୁଝେଇଲେ ବି ସେ ବୁଝିବା ଲୋକ ନୁହଁନ୍ତି। ମୋ ନିଜ ମା ଥିଲେ ଏପରି ପରିସ୍ଥିତି ହୋଇ ନ ଥାନ୍ତା। ମୋ ମାଆ କଥା ଝାପସା ମନେ ପଡୁଛି, ମୁଁ ହେଇଥାଏ ଚାରି ବର୍ଷର ମା ର ମୃତ୍ୟୁ ଶଯ୍ୟା ନିକଟରେ ବସି ଥାଏ।କେତେ ଲୋକ ଆସି ମୋ ମାଆକୁ ଉଠେଇ ନେଇଗଲେ, ମନେ ଅଛି ମୋର ବାପାଙ୍କର ଦ୍ୱିତୀୟ ବିବାହ କଥା। ଯେତେବେଳେ ନୂଆ ମା ଆସିଥିଲା ମନେ ମନେ ମୁଁ ଖୁସି ହେଉଥିଲି ଯାହା ହେଉ ମୋ ମାଆ ଆସି ଗଲା। ବାପାଙ୍କ ପାଖରେ ଏପରି ପରିସ୍ଥିତି ଉପୁଜେଇବ ତାହା ବିଶ୍ୱାସର ବାହାରେ। ହସ ଖୁସିରେ ଦିନ ବିତି ଯାଉଥିଲା ଜାଣି ପାରି ନଥିଲି ଏ ମାଆ ନା ସାବତ ମାଆ ବୋଲି। ନୂଆ ମା କୁ ପାଇ ମୁଁ ଭୁଲି ଯାଇଥିଲି ମୋ ମାଆକୁ, ବାପା ବି ବେଶ୍ ଖୁସି ଥିଲେ ମା ପୁଅଙ୍କର ବାତ୍ସଲ୍ୟ ପ୍ରେମକୁ ଦେଖି।

ଆକାଶର ଅନନ୍ତ ନୀଳିମା ମହୋଦଧିର ଇନ୍ଦ୍ରନୀଳ ବକ୍ଷ ତାଳ ବଣର ଅସରନ୍ତି ବିସ୍ତାର ଓ ଦୂର ପର୍ବତର ରହସ୍ୟମୟ ପ୍ରତି ଫଳନରେ ମନ ବିଭ୍ରାନ୍ତ ସୃଷ୍ଟି କରୁଛି। ଯୋଉଦିନଠାରୁ ସାବତ ମାଙ୍କ ଭାଇ ଆସି ରହିଲେ ଆମ ଘରେ ସେଇ ଦିନଠାରୁ ସାବତ ମାଆର ବ୍ୟବହାର ବଦଳି ଗଲା ଟିକିନିଖି ମୋ କଥା ବାପାଙ୍କ ପାଖରେ କହି ବାପାଙ୍କ ମନକୁ ବିବ୍ରତ କରି ପକାଏ ସାବତ ମା। ବାପା ମୋ ଉପରେ ଚିଡି ଚିଡି ହୁଅନ୍ତି। ଖାଇବାକୁ ବି ଠିକ୍ ସେ ଦିଏ ନାହିଁ। ସମୟ ସମୟରେ ବାହାରେ ଖାଇ ଅଫିସରେ ଶୋଇପଡ଼େ ଏମିତିରେ ବି ଘରକୁ ଯିବା ମଧ୍ୟ କମି ଯାଏ। ବାପା କିଛି ବି କହି ପାରନ୍ତି ନାହିଁ। ସବୁ ଜାଣି ଶୁଣି ନୀରବରେ ରହିଯାନ୍ତି। ବାହାରେ କୋଉଠି ବାପାଙ୍କ ସହ ଦେଖା ହୋଇଗଲେ ବାପା ପଚାରନ୍ତି ତୁ କଣ ଘରକୁ ଆସୁନୁ ?ଭାବେ ବାପାଙ୍କୁ ସବୁକଥା କହିଦେବି କିନ୍ତୁ ବାପାଙ୍କ ମନରେ ଦୁଃଖ ହବ ଭାବି କିଛି କହି ପାରେ ନାହିଁ।ବାପା ବିରକ୍ତି ହୁଅନ୍ତି ମୋ ଉପରେ ମିଛର ବାହାନା କରି କହେ ଯେ ଅଫିସରେ କାମ ପଡୁଛି ତ ଆସି ହେଉନି। ବାପା ବି ବୁଝିଯାଆନ୍ତି। ବାପା ଜାଣି ପାରନ୍ତି ସାବତ ମାଆର କିଛି ଖରାପ ବ୍ୟବହାର ପାଇଁ ପୁଅ ଘରକୁ ଆସୁ ନାହିଁ। କିନ୍ତୁ ବାପା ନୀରବ ରୁହନ୍ତି।ବାପାଙ୍କୁ ସିନା ବୁଝେଇ ଦିଏ ହେଲେ ବୁଝେଇ ପାରେନା ସୁନି କୁ .......।

ସୁନି ମତେ ଏତେ ଭଲ ପାଏ ତାକୁ ଛାଡି ସେ ଯିବ କୋଉଠିକି? ଅନେକ ସମୟ ଷ୍ଟେସନର ପ୍ଲାଟଫର୍ମରେ ବସି ରହି ସୁନି ପାଖକୁ ଫେରି ଆସିଛି ସରୋଜ ! ଯେତେ ଯାହା ହେଲେବି ଘର ପୁଅ ଘରକୁ ନ ଆସିଲେ ସବୁ କିଛି ବିଭ୍ରାଟ ହେଇଯିବ। ଆଖି ଆଗରେ ବାପା ଆଉ ସୁନିର ଚେହେରା ନାଚି ଯାଉଥିଲା। ନାଚି ଯାଉଥିଲା ତା ମାଆ ଆଉ ସାବତ ମାଆର ଚେହେରା। ସେଇ ନାରୀ ହେଲେ ମାଆ ଆଉ ସାବତ ମାଆ ଭିତରେ କେତେ ତଫାତ!

**ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭**

## ନୀତିବାଣୀ

ଯିଏ ଯେତେ ଧନୀ
ହୋଇଥାଉ....
ଯିଏ ଯେତେ
ସୁନ୍ଦର
ହୋଇଥାଉ....
ଆମ ପାଇଁ ବଡ
କେବଳ ସେହି
ମଣିଷ, ଯିଏ ଆମ
ବିପଦ ସମୟରେ
ଆମ ପାଖରେ
ଠିଆ ହୋଇ ଆମକୁ
ସାହାଯ୍ୟ କରେ....

ଥରେ ଭାବିଦେଖନ୍ତୁ
ଆପଣ ନିଜ ଚେହେରାକୁ
ନେଇ ଆଜି ଯେଉଁ ଗର୍ବ
କରୁଛନ୍ତି, ମରିବାର ୫
ଦିନ ପରେ ଆପଣଙ୍କ
ସେଇ ଶରୀରକୁ
ପଶୁ,ପକ୍ଷୀ ମଧ୍ଯ ଛୁଇଁବାକୁ
ଘୃଣା କରିବେ। ତେଣୁ,
ମଣିଷ ସହିତ ମଣିଷ
ଭଳି ବ୍ୟବହାର କରନ୍ତୁ,
କାହା ମନରେ ଅଯଥା
କଷ୍ଟ ଦିଅନ୍ତୁ ନାହିଁ....।

# ସାହିତ୍ୟକୁ ସାହିତ୍ୟିକ ବୋଝ



**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**

ବ୍ୟଙ୍ଗ ସାହିତ୍ୟ ବା ସାଟାୟାର୍ ଇଂରାଜୀ ସାହିତ୍ୟର ଏକ ସଫଳ ବିଭାଗ। ସପ୍ତାଦଶ ଏବଂ ଅଷ୍ଟାଦଶ ଶତାବ୍ଦୀରେ ଏହା ଅନେକ ସଫଳତା ସାଉଁଟି ଥିଲା। ପ୍ରସିଦ୍ଧ କବି ଜନ୍ ଡ୍ରାଏଡେନ୍ ଏବଂ ଥମାସ ସାଡୱେଲଙ୍କ ମଧ୍ୟରେ ହୋଇଥିବା ବିବାଦ ଇଂରାଜୀ ସାହିତ୍ୟ ଇତିହାସର ସବୁଠାରୁ ପ୍ରସିଦ୍ଧ ଏବଂ ନିଷ୍ଠୁର ବ୍ୟଙ୍ଗ ସୃଷ୍ଟି କରିଥିଲା। ଡ୍ରାଏଡେନ୍ ଏବଂ ସାଡୱେଲ୍, ଯେଉଁମାନେ ଏକଦା ଉତ୍ତମ ବନ୍ଧୁ ଥିଲେ, ସାହିତ୍ୟିକ ତତ୍ତ୍ୱ, ରାଜନୀତି ଏବଂ ଧର୍ମକୁ ନେଇ ପରସ୍ପର ମଧ୍ୟରେ ବିବାଦ ସୃଷ୍ଟି କରିଥିଲେ। ସାଡୱେଲ୍ ବେନ୍ ଜନସନ୍ ଦ୍ୱାରା ଲୋକପ୍ରିୟ 'କମେଡି ଅଫ ହ୍ୟୁମର'କୁ ସମର୍ଥନ କରିଥିଲେ, ଯେତେବେଳେ ଡ୍ରାଏଡେନ୍ ଅଧିକ ସୁସ୍ମିତ 'କମେଡି ଅଫ ୱିଟ'କୁ ସମର୍ଥନ କରିଥିଲେ।ତାଙ୍କ ରଚିତ ମ୍ୟାକ୍ ଫ୍ଲେକ୍ନୋ (୧୬୮୨) ଏକ ମଜାଦାର ହିରୋଇକ ଭର୍ସ, ଯାହା ନନସେନ୍ସ ରାଜ୍ୟର ବୃଦ୍ଧ ଶାସକ ରିଚାର୍ଡ ଫ୍ଲେକ୍ନୋଙ୍କୁ ଚିତ୍ରଣ କରେ, ଯେତେବେଳେ ସେ ତାଙ୍କର ମଳିନତାର ସିଂହାସନର ଉତ୍ତରାଧିକାରୀ ଖୋଜୁଛନ୍ତି। ସେ ଶେଷରେ ତାଙ୍କର 'ପୁତ୍ର' ଥମାସ ସାଡୱେଲଙ୍କୁ ଖରାପ କବିତା ଲେଖିବାର ଅପ୍ରତିଦ୍ୱନ୍ଦ୍ୱୀ ପ୍ରତିଭା ପାଇଁ ବାଛିଛନ୍ତି। ଡ୍ରାଏଡେନ୍ ଶାଡୱେଲଙ୍କ ସାହିତ୍ୟିକ ବିଫଳତାକୁ ଅତିରଞ୍ଜିତ କରିବା ପାଇଁ ମର୍ଯ୍ୟାଦାପୂର୍ଣ୍ଣ ହେରୋଇକ୍ କପ୍ଲେଟ ବ୍ୟବହାର କରି ତାଙ୍କ କଥିତ ମଧ୍ୟମତାକୁ ମହାକାବ୍ୟିକ ସ୍ତରରେ ପହଞ୍ଚାଇଛନ୍ତି। ଏହି କବିତାଟି ବ୍ୟକ୍ତିଗତ ଏବଂ ସାହିତ୍ୟିକ ବ୍ୟଙ୍ଗର ଏକ ଉତ୍କୃଷ୍ଟ କୃତି, ଯାହା ପରବର୍ତ୍ତୀ ଲେଖକମାନଙ୍କ ପାଇଁ ଏକ ମାନଦଣ୍ଡ।

ଆଉ ଏକ ଉଦାହରଣ ନେବା। ଆଲେକଜାଣ୍ଡାର ପୋପ୍ ଅଗଷ୍ଟାନ ବ୍ୟଙ୍ଗରେ ଜଣେ ନିପୁଣ ଥିଲେ, ସେ ତାଙ୍କର ତୀକ୍ଷ୍ଣ ବୁଦ୍ଧି ବ୍ୟବହାର କରି ତାଙ୍କ ସମାଲୋଚକମାନଙ୍କୁ ଏବଂ ସାହିତ୍ୟିକ ମାନଙ୍କର ଅବନତିକୁ ଟାର୍ଗେଟ କରୁଥିଲେ। ପୋପ୍ ଅନେକ ସମସାମୟିକ ଲେଖକଙ୍କ ସହିତ ବିବାଦ କରିଥିଲେ, ଯେଉଁମାନେ ତାଙ୍କୁ ମଧ୍ୟମ ମନେ କରୁଥିଲେ, ବିଶେଷକରି ଯେଉଁମାନେ ତାଙ୍କ କୃତି ଏବଂ ପ୍ରତିଷ୍ଠାକୁ ଆକ୍ରମଣ କରୁଥିଲେ।ତାଙ୍କ ରଚିତ ଡନସିଆଡ୍ (୧୭୨୮) ଏକ ନକଲି-ମହାକାବ୍ୟ ଥିଲା ଯାହା ସାହିତ୍ୟିକ ଗୁଣ ଉପରେ ଆଳସ୍ୟ ଏବଂ ଅଜ୍ଞତାର ବିଜୟକୁ ଚିତ୍ରଣ କରେ। କବିତାରେ, ଡଲନେସ୍ ଦେବୀ ଜଣେ ନୂତନ ରାଜା ଖୋଜନ୍ତି ଏବଂ ଶେଷରେ କବି ଲୁଇସ୍ ଥିଓବାଲ୍ଡ ଏବଂ ପରେ ପୁସ୍ତକ ବିକ୍ରେତା ଏବଂ ଲେଖକ କୋଲି ସିବରଙ୍କୁ ମୁକୁଟ ପିନ୍ଧାନ୍ତି। ପୋପ୍ ବ୍ୟଙ୍ଗାତ୍ମକ ଭାବରେ ତାଙ୍କର ଡଜନ ଡଜନ ପ୍ରକୃତ




ଶତ୍ରୁଙ୍କୁ 'ଡନସ୍' ଭାବରେ ଚିତ୍ରଣ କରି ସେମାନଙ୍କୁ କ୍ଷୁବ୍ଧ କରନ୍ତି।ଡନସିଆଡ୍ ହେଉଛି ସେତେବେଳର ସାହିତ୍ୟିକ ପ୍ରତିଷ୍ଠାନ ଉପରେ ଏକ ବ୍ୟାପକ ଏବଂ ବର୍ବର ଆକ୍ରମଣ। ପୋପ୍ ତାଙ୍କ ଶତ୍ରୁମାନଙ୍କୁ ଉପହାସ କରିବା ପାଇଁ ଏବଂ ସାହିତ୍ୟର ବାଣିଜ୍ୟୀକରଣ ଏବଂ ଅବମାନନା ଭାବରେ ଦେଖିଥିବା କଥାକୁ ନିନ୍ଦା କରିବା ପାଇଁ ଶାସ୍ତ୍ରୀୟ ଇଙ୍ଗିତ ଏବଂ ଆନୁଷ୍ଠାନିକ ପଦ୍ୟ ବ୍ୟବହାର କରନ୍ତି। ଅତୀତରେ ଏମିତି ଅନେଗୁଡ଼ିଏ ଉଦାହରଣ ମିଳେ ଯେଉଁଠି କବି ଲେଖକ ମାନେ ନିଜର ତୀକ୍ଷ୍ଣ ବିଚାର ବୋଧ ଏବଂ ବୁଦ୍ଧିମତ୍ତା ପ୍ରୟୋଗ କରି ବ୍ୟଙ୍ଗ ମାଧ୍ୟମରେ ନୂତନ ସାହିତ୍ୟିକ ବାତାବରଣ ସୃଷ୍ଟି କରିଛନ୍ତି ଯାହା ପରବର୍ତ୍ତୀ ସମୟରେ ଅମଳିନ କୃତି ପାଲଟି ଯାଇଛି।ଲର୍ଡ ବାଇରନ୍ ବନାମ ରବର୍ଟ ସାଉଦି, ଆରିଷ୍ଟୋଫେନ୍ସ ବନାମ ୟୁରିପିଡିସ୍, ଇଂରାଜୀ ସାହିତ୍ୟର ପ୍ରସିଦ୍ଧ ବ୍ୟଙ୍ଗଯୁଦ୍ଧ। ଓଡିଆ ସାହିତ୍ୟରେ ମଧ୍ୟ ପ୍ରଗତିବାଦୀ କବିମାନଙ୍କୁ ସଚି ରାଉତରାୟ ପଳାୟନପନ୍ଥି ବୋଲି ନାମିତ କରିଛନ୍ତି। କବି ବଳଦେବ ରଥ ଅନେକଙ୍କୁ ଗ୍ରାମ ଶୁକରୀ ଭାବରେ ଚିତ୍ରିତ କରିଛନ୍ତି। ମାତ୍ର ଏବେ ବଦଳି ଯାଇଛି ସାହିତ୍ୟିକର ପରିଭାଷା। ଗତ କିଛି ବର୍ଷ ମଧ୍ୟରେ ଅନେକ ସାହିତ୍ୟିକ ବ୍ୟଙ୍ଗ ନାଁ ରେ କେବଳ କୁତ୍ସାରଟନା ହିଁ କରିଛନ୍ତି। ବରିଷ୍ଠ ମାନଙ୍କ ଠାରୁ ଆଉ ପାଦେ ଆଗକୁ ଯାଇ କନିଷ୍ଠମାନେ ସିଧାସଳଖ ଚରିତ୍ର ସଂହାର କରିବାକୁ ପଛାଉ ନାହାନ୍ତି।ଦିନ ଥିଲା, ପଢ଼ାପଢ଼ି ଗୋଟିଏ ସୌଖିନ ବିଳାସ ଥିଲା। ସାହିତ୍ୟ ପଢ଼ିବା କେବଳ ଜ୍ଞାନ ଆହରଣ ପାଇଁ ନୁହେଁ ବରଂ ସମୟ କାଟିବାର ଉତ୍ତମ ମାଧ୍ୟମଟିଏ ମଧ୍ୟ ଥିଲା। ସମୟ ବଦଳିବା ସହ ମନୋରଞ୍ଜନର ମାଧ୍ୟମ ବଦଳି ଯାଇଛି। ଏଇ ରିଲ ର ଦୁନିଆଁ ରେ କିଛି କବି ଲେଖକ ମଧ୍ୟ ନିଜସ୍ୱ କୃତିକୁ ବିଜ୍ଞାପିତ କରି ବହି ବିକ୍ରି କରାଇ ପାରିଛନ୍ତି। ସାମାଜିକ ଗଣମାଧ୍ୟମରେ ଅନେକ ତରୁଣ କବି ଲେଖକ ଏବେ ଖୁବ୍ ପ୍ରଶଂସା ସାଉଁଟିଛନ୍ତି। ଏଥିରେ କିଛି ମଧ୍ୟବୟସ୍କ କବି ଲେଖକ ଅସହିଷ୍ଣୁ ହୋଇ ଉଠି ପରସ୍ପରର ସହଯୋଗରେ ଯେଉଁ କନିଷ୍ଠ ମାରଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ। ଏହା କେବଳ ସେମାନଙ୍କ ସାହିତ୍ୟିକ ଛବିକୁ ମଳିନ କରିନାହିଁ ବରଂ ସେମାନଙ୍କର ବୃତ୍ତିଗତ ଜୀବନକୁ ମଧ୍ୟ ପ୍ରଭାବିତ କରିବ। ସେମାନଙ୍କୁ ଆଦର୍ଶ ମଣି ଯେଉଁମାନେ ବାଟ ଚାଲୁଥିଲେ ବର୍ତ୍ତମାନ ସେମାନେ ବାଟବଣା। ଅସଲି ଓ ନକଲିର ମୁଖା ଅପସାରଣ ମଧ୍ୟରେ ଉପହସିତ ହେବା ହିଁ ସାର ହେଉଛି। ଦୁନିଆଁରେ ଏତେ ଲୋକ ଏତେ ବିଚିତ୍ର ଓ ନିନ୍ଦନୀୟ ଉପାୟରେ ନିଜକୁ ବିଜ୍ଞାପିତ କରୁଥିବା ବେଳେ ଏମାନେ ସାହିତ୍ୟିକଟିଏ ଉପରେ ଏତେ ରାଗ ସୁଝାଇବା କେବଳ ତାଙ୍କର ହୀନମନ୍ୟତାକୁ ହିଁ ଦର୍ଶାଏ। ଅନେକ ବିଫଳ ଲେଖକ ସମ୍ପାଦକ ପାଲଟି ବିତ୍ତଶାଳୀ ପାଲଟିଯିବା ପରେ ଆପଣାର ଲେଖକୀୟ ବିଫଳତାକୁ ସଫଳତାର ମୁଖା ପିନ୍ଧାଇବାକୁ ଚେଷ୍ଟା କରୁଛନ୍ତି।ଅତ୍ୟନ୍ତ ହାସ୍ୟାସ୍ପଦ ଏ ପ୍ରଚେଷ୍ଟା। ଅନେକ ଲୋକ ଏଥିରେ ଇନ୍ଧନ ଯୋଗାଇଥିଲା ବେଳେ କିଛି ନିରୋଳା ମଜା ଦେଖୁଛନ୍ତି। ତେବେ ନିଜସ୍ୱ ମାନସିକ ଶାନ୍ତି ପାଇଁ ଏସବୁକୁ ଆଡ଼େଇ ଯିବା ହିଁ ଭଲ। ଆମ ସମୟରେ ପ୍ରସିଦ୍ଧ ହେବାର ନିଶା ଗୋଟିଏ ଅଦମନନୀୟ ପ୍ରବୃତ୍ତି ପାଲଟି ଯାଇଛି। ଅନେକ ସମୟରେ ଆମେ ବାହ୍ୟ ଚାକଚକ୍ୟକୁ ପ୍ରାଧାନ୍ୟ ଦେଉ। ତେଣୁ ଉଦ୍ଭଟ, ବିକୃତ, ଅପ୍ରାକୃତିକ ଓ ଚିରନ୍ତନ ସୁନ୍ଦର ମଧ୍ୟରେ ଥିବା ଫରକ ଦେଖି ପାରୁ ନାହିଁ। ଅନ୍ତରର ଆଲୋକ ନେଇ ଦେଖିଲେ ସବୁକିଛି ସୁନ୍ଦର ଦିଶିବ। ଆମେ ଭୁଲିଯିବା ଉଚିତ ନୁହେଁ ଯେ ସମୟ ସବୁ କିଛି କୁ ଦିନେ ଭସାଇ ନେବ। ରହିଯିବ କେବଳ ନିରୋଳା ସାହିତ୍ୟ। ସାହିତ୍ୟିକର ଧର୍ମ ନୁହେଁ ପରଶ୍ରୀକାତରତା, ଈର୍ଷା ଓ ଅସହିଷ୍ଣୁତା। ହାତରେ କଲମ ଧରାଇଦେଲେ ଯେପରି ଜଣେ ସାହିତ୍ୟିକ ହୋଇ ଯାଏନା, ସେପରି ନିନ୍ଦା କରିଦେଲେ କଲମର ଶକ୍ତି କମି ଯାଏନା। ନିନ୍ଦା ପ୍ରଶଂସା ସର୍ବଦା ଆପେକ୍ଷିକ, ଏହାର ଊର୍ଦ୍ଧ୍ୱରେ ଥାଏ ଶାନ୍ତି ଓ ଆନନ୍ଦ। ସମୟ ତ ଏପରି ହୋଇଛି ଯେ ଯାହାକୁ ଭଲ କଥା ପଦେ କହିବ ସେ ଶତ୍ରୁ ପାଲଟି ଯିବ। କିଛି ଅସହାୟ ବରିଷ୍ଠ ମଧ୍ୟ କନିଷ୍ଠ ମାନଙ୍କ ଆଖିରୁ ଲୁହ ପୋଛିବା ବାହାନାରେ ଘା ଟିକୁ ଆହୁରି ଉଖାରି ଦେଉଛନ୍ତି। ଝିଅଟିଏ ନିଜର ସମ୍ମାନ ବଞ୍ଚାଇବାକୁ ଯାଇ ଅଧିକ ବଦନାମ ହେଉଛି। ଆଉ କିଛି ଉଭୟ ପଟର ବିଶ୍ୱାସଭାଜନ ହୋଇ ତାଳିମାରା ଦର୍ଶକ ପାଲଟି ଯାଉଛନ୍ତି। ଲାଗୁଚି, ସାହିତ୍ୟିକମାନେ ହିଁ ସାହିତ୍ୟ ପାଇଁ ବୋଝ ପାଲଟି ଯାଉଛନ୍ତି।ବୋଧହୁଏ ସମୟ ଆସିଯାଇଛି ବହି, ପୁରସ୍କାର ଓ ମଞ୍ଚ ମାୟାରୁ ନିଜକୁ ମୁକ୍ତ କରି ସାହିତ୍ୟକୁ ଡିଜିଟାଲ କରାଇବା। ଅଧିକ ପାଠକ ତିଆରି କରିବା। ନିଜ ବହିର ବଜାରୀକରଣ ବା ବିଜ୍ଞାପନ କିଛି ଖରାପ କଥା ନୁହେଁ। ଏତିକି ତ ଆଶ୍ୱାସନା ଅଛି ଯେ ସାହିତ୍ୟ ପାଇଁ କିଛି ହେଉଛି। ବାକି ସବୁ ସମୟ ଉପରେ ଛାଡ଼ି ଦିଆ ଗଲେ ଅସୁବିଧା କଣ!!

**ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**
**ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪**

‘ସମୃଦ୍ଧ ଗାଁ, ସମୃଦ୍ଧ ସମ୍ବଲପୁର’ ବୈଠକ

# ନାଗରିକଙ୍କୁ ଅଧିକ ସୁବିଧା ଆମର ଲକ୍ଷ୍ୟ: ଧର୍ମେନ୍ଦ୍ର



■ ଗାଁରୁ ସହର ବିକାଶ ନେଇ ଆଲୋଚନା

■ ସମ୍ବଲପୁରୀ ବ୍ରାଣ୍ଡର ପ୍ରଚାର ପ୍ରସାରକୁ ଗୁରୁତ୍ୱ

**ସମ୍ବଲପୁର,୧୪।୯(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆଜି ସମ୍ବଲପୁର ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ‘ସମୃଦ୍ଧ ଗାଁ, ସମୃଦ୍ଧ ସମ୍ବଲପୁର’ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସମ୍ବଲପୁରର ଗ୍ରାମାଞ୍ଚଳରେ ନାଗରିକଙ୍କ ମୌଳିକ ସୁବିଧା ସହ ସ୍ୱଚ୍ଛତା, ପାନୀୟ ଜଳ, ଜୀବନଜୀବିକାକୁ ଗୁରୁତ୍ୱ, ପ୍ରଶାସନିକ ସଂସ୍କାର ତଥା ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ଉପରେ ଆଲୋଚନା ହୋଇଛି। ମନରେଗା ଯୋଜନାରେ ଶ୍ରମିକମାନଙ୍କୁ ସଶକ୍ତ, ପିଏମ ସ୍ୱନିଧି ଯୋଜନାରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ଆତ୍ମନିର୍ଭର, ଏସଏଚଜି ସଂଗଠନର ସଦସ୍ୟାମାନଙ୍କ ଆର୍ଥିକ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ସହ ସ୍ୱାବଲମ୍ବୀ କରିବା ଆଦି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଛି। ବୈଠକରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ସରକାର ଓ ରାଜ୍ୟ ସରକାରଙ୍କ ପାଖରେ ଯୋଜନାର ଅଭାବ ନାହିଁ। ଅନେକ ବିଭାଗ, ନୀତି ଓ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ହେଉଛି। ଆମର ମୂଳ ଲକ୍ଷ୍ୟ ହେଉଛି ନାଗରିକଙ୍କୁ ଅଧିକରୁ ଅଧିକ ସୁବିଧା ଦେବା। ସମ୍ବଲପୁରରେ ଥିବା ସମ୍ଭାବନା, ଭିତ୍ତିଭୂମି, ଉତ୍ପାଦନ ଓ ବଜାରକୁ ଦୃଷ୍ଟିରେ ରଖି ସମ୍ବଲପୁରୀ ବ୍ରାଣ୍ଡକୁ ଆଗକୁ ନେବା ଆମର ଲକ୍ଷ୍ୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ବୈଠକରେ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ସହ ସମ୍ବଲପୁର ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସେବା ପକ୍ଷରେ ଲକ୍ଷେ ଚାରା ଲଗାଇବ ଅନୁସୂଚିତ ଜାତି ମୋର୍ଚ୍ଚା



● ସ୍ୱଚ୍ଛତା ଅଭିଯାନ ସହ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ

● ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ସାମିଲ୍ ହେବେ ଦଳିତ ବର୍ଗ

**ଭୁବନେଶ୍ୱର,୧୪।୯(ସଂଚାର ବ୍ୟୁରୋ):** ଗରିବ ଓ ଦଳିତ ବର୍ଗର ଉତ୍‌ଥାନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ସେମାନଙ୍କ ଅଧିକାରକୁ ସୁରକ୍ଷା ଦେବାକୁ ମୋଦି ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ସେବା ପକ୍ଷ ଆରମ୍ଭ ହୋଇ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ରାଜ୍ୟରେ ଅନେକ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଥିବା ବେଳେ ୭୫ ଲକ୍ଷ ଚାରା ରୋପଣ ସକାଶେ ମୋହନ ସରକାର ଘୋଷଣା କରିଛନ୍ତି। ଏହି କ୍ରମରେ ସେବା ପକ୍ଷରେ ବିଜେପିର ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଏକ ଲକ୍ଷ ଚାରା ରୋପଣ କରାଯିବ ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ବୈଠକରେ ଘୋଷଣା କରିଛନ୍ତି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର। ସେହିପରି ରାଜ୍ୟ ବିଜେପି ମୁଖପାତ୍ର ତଥା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ କହିଛନ୍ତି ଯେ ସେବା ପକ୍ଷରେ ଚାରା ରୋପଣ ସହ ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟ ଶିବିର ଓ ମୋଦିଙ୍କ ଜୀବନ ଉପରେ ପ୍ରଦର୍ଶନୀ ଆୟୋଜିତ ହେବ। ଏଥିସକାଶେ ମୋର୍ଚ୍ଚା ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ସେବା ପକ୍ଷରେ ପ୍ରତି ମଣ୍ଡଳ ସ୍ତରରେ ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମରେ ୧ ଲକ୍ଷ ଚାରା ରୋପଣ କରି ସବୁଜ ପରିବେଶର ବାର୍ତ୍ତା ଦିଆଯିବ। ଏହାଛଡ଼ା ୧୦୫୪ ମଣ୍ଡଳର ୨୧୦୮ଟି ସ୍ଥାନରେ ମୋର୍ଚ୍ଚା ପକ୍ଷରୁ ସ୍ୱଚ୍ଛତା ଅଭିଯାନ କରାଯିବ। ସ୍ୱାସ୍ଥ୍ୟ ଶିବିରରେ ଅନୁସୂଚିତ ବର୍ଗଙ୍କୁ ସାମିଲ କରି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷାରେ ସହଯୋଗ କରାଯିବ। ଏହାଛଡ଼ା ଜିଲ୍ଲା ସ୍ତରରେ ପ୍ରଧାନମନ୍ତ୍ରୀଙ୍କ ଜୀବନି, ନେତୃତ୍ୱ ଓ ଉପଲବ୍ଧି ଉପରେ ହେବାକୁ ଥିବା ପ୍ରଦର୍ଶନୀରେ ଦଳିତ ବର୍ଗର ଲୋକଙ୍କୁ ସାମିଲ କରିବ।

ମୋଦିଜୀଙ୍କ ଜନ୍ମଦିନରେ ତାଙ୍କ ଦୀର୍ଘମୟ ଜୀବନ କାମନା କରି ମନ୍ଦିରରେ ଦୀପ ପ୍ରଜ୍ୱଳନ କରାଯିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାଛଡ଼ା ସାଂସଦ ଡ. ରବି ନାରାୟଣ ବେହେରା, ବିଧାୟକ ରଘୁରାମ ମାଛ, ପୂର୍ଣ୍ଣଚନ୍ଦ୍ର ସେଠୀ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ମଲ୍ଲିକ, ଅନୁସୂଚିତ ଜାତିମୋର୍ଚ୍ଚା ଉପସଭାପତି ମନିଜର ଆର୍ଯ୍ୟ, ରାଜ୍ୟ ଉପସଭାପତି ରାମବିଶି ଦିଘାଲ, ରାଜ୍ୟ ଉପସଭାନେତ୍ରୀ ସ୍ମିତା ପ୍ରଧାନ, ସାଧାରଣ ସମ୍ପାଦକ ଚନ୍ଦନ ସ୍ୱରାଜ, ପୂର୍ବତନ ମୋର୍ଚ୍ଚା ସଭାପତି ମନୋଜ ବେହେରା, କାର୍ଯ୍ୟାଳୟ ସମ୍ପାଦକ ରାଧାକାନ୍ତ ମଲ୍ଲିକ, ବସନ୍ତ ନାୟକ ଉପସ୍ଥିତ ଥିଲେ।

# ୨୦ରେ ବିଧାନସଭା ଘେରିବ ପ୍ରାଥମିକ ଶିକ୍ଷକ ସଂଘ



**ଭୁବନେଶ୍ୱର,୧୪।୯ (ସଂଚାର ବ୍ୟୁରୋ) :** ସରକାର ଶିକ୍ଷା ଅଧିକାର ଆଇନ-୨୦୧୦କୁ ରାଜ୍ୟରେ ସଠିକ୍ ଭାବେ କାର୍ଯ୍ୟକାରୀ କରୁନାହାଁନ୍ତି। ଏହି ଆଇନ ଅନୁଯାୟୀ ନା ଅଛି ଭିତ୍ତିଭୂମି ନା ନିୟମିତ ଶିକ୍ଷକ। ରାଜ୍ୟରେ ଲକ୍ଷାଧିକ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ସରକାର ଠିକାରେ/ଚୁକ୍ତିରେ/ସ୍କିମରେ ନିଯୁକ୍ତି ଦେଇ ଉଚ୍ଚଶିକ୍ଷିତଙ୍କୁ ଶୋଷଣ କରୁଛନ୍ତି। ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ, ବିଷୟଭିତ୍ତିକ ଲେବୁଲ-୪ ପ୍ରଧାନଶିକ୍ଷକ ଓ ଲେବୁଲ୍-ଭି(ବି) ପଦବୀ ଖାଲି ପଡ଼ିଥିଲେ ବି ପୂରଣ ହେଉନାହିଁ। ୨୦୧୯ରେ ପ୍ରାଥମିକ ଶିକ୍ଷକମାନଙ୍କ କ୍ୟାଡର ରୁଲ୍ ସଂଶୋଧନରେ ୨୦୧୧ ପରେ ଶିକ୍ଷକ ନିଯୁକ୍ତି ପାଇଁ ଓଟିଇଟି ଆବଶ୍ୟକ ବୋଲି କୁହାଯାଇଥିଲା। କିନ୍ତୁ ଟିଇଟି ଲାଗୁ ହେବାର ୧୫ ବର୍ଷ ପରେ ପଦୋନ୍ନତିରେ ୨୦୧୧ ପୂର୍ବରୁ ନିଯୁକ୍ତ ଶିକ୍ଷକମାନଙ୍କ ପଦୋନ୍ନତି ପାଇଁ ଟିଇଟି ବାଧ୍ୟତାମୂଳକ କରାଯାଉଛି ଓ ଏହା ଆଳରେ ପଦୋନ୍ନତିକୁ ୪ ବର୍ଷ ଧରି ବନ୍ଦ ରଖାଯାଇଛି। ସେହିପରି ଏସ୍‌ସିଏସ୍‌ଟି, ଏସଇବିସି ଓ ପିଏଚ୍ ମାଧ୍ୟମିକ ଶିକ୍ଷକ ଯୋଗ୍ୟତା ନିମନ୍ତେ ସରକାର ଧାର୍ଯ୍ୟ କରିଥିବା ନମ୍ବର କ୍ଷେତ୍ରରେ ମଧ୍ୟ ପାତରଅନ୍ତର ନୀତି ଅବଲମ୍ବନ କରାଯାଇଛି ବୋଲି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସମସ୍ତ ବିଭାଗରୁ ଚୁକ୍ତି ଓ ଠିକା ନିଯୁକ୍ତି ଉଠାଇ ୬ ବର୍ଷର ଚୁକ୍ତି କାର୍ଯ୍ୟକାଳକୁ ନ୍ୟାସନାଲ ଇନକ୍ରିମେଣ୍ଟ ଦେଇ ଗତ ୨୦୨୨ରେ ମୂଳ ଚାକିରିରେ ଗଣନା କରାଗଲା। ପ୍ରାଥମିକ ଶିକ୍ଷକମାନେ ୬ ବର୍ଷ ୧୫୦୦ ଟଙ୍କାରେ କାମ କରିଥିଲେ ମଧ୍ୟ ସେମାନଙ୍କ ୬ ବର୍ଷର ଶିକ୍ଷା ସହାୟକ/କନିଷ୍ଠ ଶିକ୍ଷକ କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରାଯାଇନାହିଁ। ମୁଖ୍ୟମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀ ଓ ଶିକ୍ଷା ସଚିବଙ୍କ ସହ ଏହି ପ୍ରସଙ୍ଗରେ ବହୁବାର ଆଲୋଚନା କରାଯାଇଥିଲେ ବି କିଛି ସୁଫଳ ମିଳିନାହିଁ। ସରକାର ଗତ ଗୁରୁ ଦିବସରେ ସେମାନଙ୍କ ଦାବି ନେଇ କିଛି ଘୋଷଣା କରିବେ ବୋଲି ପ୍ରାଥମିକ ଶିକ୍ଷକମାନେ ଆଶା କରିଥିଲେ। କିନ୍ତୁ ଏହା ନ ହେବାରୁ ଆସନ୍ତା ୨୦ରୁ ପ୍ରାଥମିକ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଆଜି ସ୍ଥାନୀୟ ଖାରବେଳ ନଗରସ୍ଥିତ ଶ୍ରମିକ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା ଓ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ ଘୋଷଣା କରିଛନ୍ତି।

# ରାଜଧାନୀରେ ପିଓୱାଇଏମ୍‌ର ନୂଆଁଖାଇ ଭେଟ୍‌ଘାଟ



**ଭୁବନେଶ୍ୱର,୧୪।୯(ସଂଚାର ବ୍ୟୁରୋ):** ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ତରଫରୁ ଗତକାଲି ଭୁବନେଶ୍ୱର ଉତ୍କଳ ମଣ୍ଡପରେ ଦଶମ ନୂଆଁଖାଇ ଭେଟଘାଟ ପାଳନ କରାଯାଇଛି। ନୂଆଁଖାଇର ମହତ୍ତ୍ୱ, କଳା ସଂସ୍କୃତିର ଏକ ବିରାଟ ସମ୍ଭାର ଭାବେ ଏହି ଭେଟଘାଟ ବଜାୟ ରହିଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଏକାମ୍ର ବିଧାୟକ ବାବୁ ସିଂ, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର, ପୂର୍ବତନ ବରଗଡ଼ ସାଂସଦ ଡ. ପ୍ରଭାସ ସିଂ, ପୂର୍ବତନ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଜେଡି ମହିଳା ସାଧାରଣ ସମ୍ପାଦିକା ଶ୍ରୀମୟୀ ମିଶ୍ର ଉପସ୍ଥିତ ରହି ପାଖାପାଖି ୫୦୦୦ରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ଉଦବୋଧନ ଦେଇ ନୂଆଁଖାଇ ଓ ଭାଇଚାରାର ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସହିଦ୍ ମଧୋ ସିଂ ସମ୍ମାନରେ ସମାଜସେବୀ ତଥା ସଂଗ୍ରାମୀ ସୁଶାନ୍ତ ମିଶ୍ରଙ୍କୁ, ସହିଦ ରେଣ୍ଡୋ ମାଝୀ ସମ୍ମାନରେ ଓଏଏସ୍ କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ, ସମାଜସେବୀ ତଥା ପ୍ୟାଡ୍ ୱିମେନ୍ ଭାବେ ପରିଚିତ ଅନୁରାଧା ଦାଶଙ୍କୁ ପାର୍ବତୀ ଗିରି ନାରୀ ସମ୍ମାନରେ ସମ୍ମାନିତ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ରୁକୁ ସୁନା, ଡା. ଅର୍ଚ୍ଚନା ପାଢ଼ୀ, ସର୍ବେଶ୍ୱର ଭୋଇ, ସ୍ୱାଗତିକା ତ୍ରିପାଠୀ, ଅଙ୍କିତ ରାଜ୍, ଶ୍ରୀଜା ପଣ୍ଡା, ସୃଷ୍ଟିକା ବାରିକ, ସୌଭାଗ୍ୟଲକ୍ଷ୍ମୀ ଦାଶ ଓ କଳାଜୀବୀ ସାଂସ୍କୃତିକ ଦଳ ଭାଗ ନେଇ ଉପସ୍ଥିତ ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିଥିଲେ। ଉଦ୍‌ଘୋଷକ ଅଞ୍ଜନ ପ୍ରଧାନ ମାଁ ସମଲେଶ୍ୱରୀଙ୍କ ବନ୍ଦନାରୁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସଭାପତି ଅଜିତ ପତିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପରିଚାଳନାରେ ସଙ୍ଗଠନର ସମସ୍ତ ସଦସ୍ୟ ଓ ଉପଦେଷ୍ଟା ସହଯୋଗ କରିଥିଲେ।

■ ଗାଡ଼କଣ ଅଳିଆଗଦା ହଟାଅ ଅଭିଯାନର ଚେତାବନୀ

# ଡମ୍ପିଂୟାର୍ଡ ନ ହଟିଲେ ୨୨ରେ ଏସ୍‌ପିଏସ୍‌ବି କାର୍ଯ୍ୟାଳୟ ଘେରାଉ

**ଭୁବନେଶ୍ୱର,୧୪।୯(ସଂଚାର ବ୍ୟୁରୋ):** ସୈନିକ ସ୍କୁଲ ଡମ୍ପିଂ ୟାର୍ଡରେ ଦୀର୍ଘ ୨୨ ବର୍ଷ ଧରି ପରିବେଶଗତ ଓ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ଭୁବନେଶ୍ୱର ଅର୍ଦ୍ଧାଧିକ ବାସିନ୍ଦା ହନ୍ତସନ୍ତ ହେଉଛନ୍ତି। ଏହା ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ପରିବେଶ ପ୍ରତି ଗୁରୁତର ସଂକଟଜନକ ସ୍ଥିତି ମଧ୍ୟ ସୃଷ୍ଟି କରିଚାଲିଛି। ସୈନିକ ସ୍କୁଲର ୨୦ ଏକରରୁ ଅଧିକ ଜମିରେ ଅବୈଧ ଅଳିଆ ପକାଯାଉଥିବାରୁ ସମଗ୍ର ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଥିବା ବେଳେ ପରିବେଶ ପ୍ରଦୂଷଣ, ଶ୍ୱାସ, ଚର୍ମ ରୋଗ ଓ କର୍କଟ ରୋଗ ସୃଷ୍ଟି ହେବାର ମଧ୍ୟ ଆଶଙ୍କା ରହିଛି। ବିଏମ୍‌ସି ପକ୍ଷରୁ ଏପରି ବେଆଇନ୍ କାର୍ଯ୍ୟ ଚାଲୁଥିବା ବେଳେ ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଅଧିକାରୀମାନେ ମଧ୍ୟ ଉପଯୁକ୍ତ ତଦାରଖ ବିନା ସିଟିଓ ଜାରି କରିଛନ୍ତି। କିନ୍ତୁ ସୈନିକ ସ୍କୁଲ୍‌ର ସ୍ୱାଭିମାନ ଫେରାଇ ଆଣିବା ଓ ଗାଡ଼କଣ ଅଞ୍ଚଳକୁ ଅଳିଆମୁକ୍ତ କରିବା ପାଇଁ ଅଣ୍ଟା ଭିଡ଼ିଥିବା ଗାଡ଼କଣ ଅଳିଆଗଦା ହଟାଅ ଅଭିଯାନ ଉଦ୍ୟମ କ୍ରମେ ଗତ ୯ ତାରିଖରେ ବିଏମ୍‌ସି ଓ ପ୍ରଦୂଷଣ ବୋର୍ଡ ପକ୍ଷରୁ ମିଳିତ ଭାବେ ଅନୁସନ୍ଧାନ କରାଯାଇଥିଲା। ଏହି ସମୟରେ ପ୍ରଦୂଷଣ ବୋର୍ଡ ପକ୍ଷରୁ ସପ୍ତାହକ ମଧ୍ୟରେ ବିଏମ୍‌ସିକୁ ସମ୍ପୃକ୍ତ ଅଞ୍ଚଳରୁ ଅଳିଆ ଉଠାଇବା ସକାଶେ ବିଏମ୍‌ସିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଜି ଅଭିଯାନର ଏକ ଜରୁରୀ ବୈଠକ ବସିଥିଲା। ଏଥିରେ ତୁରନ୍ତ ଡମ୍ପିଂୟାର୍ଡ ନ ହଟିଲେ ଆସନ୍ତା ୨୨ରୁ ପ୍ରଦୂଷଣ ବୋର୍ଡ କାର୍ଯ୍ୟାଳୟ ଘେରାଉ କରାଯିବ। ଏହାଛଡ଼ା ଆସନ୍ତା ୨୪ ତାରିଖରୁ ସୈନିକ ସ୍କୁଲ୍ ବଞ୍ଚାଅ ଓ ଅଳିଆ ଗଦା ହଟାଅ ଅଭିଯାନ ପକ୍ଷରୁ ମିଳିତ ଭାବେ ଆମରଣଅନଶନ କରାଯିବା ସକାଶେ ନିଷ୍ପତ୍ତି ହୋଇଥିବା ପ୍ରସନ୍ନ ବିଷୋୟୀ କହିଛନ୍ତି।

# କଂଗ୍ରେସରେ ମିଶିଲେ ବିଜେଡି ଛାତ୍ର ନେତା ହରିଶଙ୍କର



**ଭୁବନେଶ୍ୱର,୧୪।୯(ସଂଚାର ବ୍ୟୁରୋ):** କଂଗ୍ରେସର ଆଦର୍ଶ, ରାହୁଲ ଗାନ୍ଧିଙ୍କ ବୈପ୍ଳବିକ ଚିନ୍ତାଧାରା ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଶକ୍ତିଶାଳୀ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଆଜି ବିଜେଡି ଛାତ୍ରନେତା, ସଂଗଠକ ତଥା ରେଭେନ୍ସା କଲେଜର ପୂର୍ବତନ ଛାତ୍ର ସଭାପତି ହରିଶଙ୍କର ରାଉତ ତାଙ୍କର ସହସ୍ରାଧିକ ସମର୍ଥକଙ୍କ ସହ ଆଜି ଆନୁଷ୍ଠାନିକ ଭାବରେ ଯୋଗଦେଇଛନ୍ତି। ଏହି ଅବସରରେ କଂଗ୍ରେସ ଭବନରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ଏଆଇସିସି ସଂଗଠକ ସମ୍ପାଦକ ତଥା ସାଂସଦ କେସି ବେଣୁଗୋପାଳ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ଶ୍ରୀ ଦାସ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ହରିଶଙ୍କରଙ୍କୁ କଂଗ୍ରେସ ଦଳକୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏଆଇସିସି ଓଡ଼ିଶା ସହ ପ୍ରଭାରୀ ଶାହନୱାଜ ଚୌଧୁରୀ ସଂଯୋଜନା କରିଥିବା ବେଳେ ସାଂସଦ ସପ୍ତଗିରି ଉଲାକା, ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଉପସ୍ଥିତ ଥିଲେ।

# ୩୦ ସୁଦ୍ଧା କଂଗ୍ରେସର ନୂଆ ଜିଲ୍ଲା ସଭାପତି ଘୋଷଣା




■ ସୂଚନା ଦେଲେ ବେଣୁଗୋପାଳ

■ ଅକ୍ଟୋବର ୨ରୁ ସାରା ରାଜ୍ୟରେ ବର୍ଷବ୍ୟାପୀ ପଦଯାତ୍ରା

**ଭୁବନେଶ୍ୱର,୧୪।୯(ସଂଚାର ବ୍ୟୁରୋ):** କେହି ବଡ ନେତା, କେହି ଛୋଟ ନେତା ନୁହନ୍ତି। ସମସ୍ତେ କଂଗ୍ରେସ ନେତା। ୨୦୨୯ ଆମର। ଓଡ଼ିଶାରେ ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଠିକଣା ବାଟରେ ଚାଲିଛି। ଯଦି ରାହୁଲ ଗାନ୍ଧି ପଦଯାତ୍ରାରେ ସହସ୍ରାଧିକ ମାଇଲ ଚାଲୁଛନ୍ତି, ଆମେ କାହିଁକି ଚାଲି ନ ପାରିବା ବୋଲି ଆଜି ସନ୍ଧ୍ୟାରେ କଂଗ୍ରେସ ଭବନରେ ଆୟୋଜିତ ଏକ ସଭାରେ ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ଏହି ମର୍ମରେ ଉତ୍ସାହ ଭରିଛନ୍ତି ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେସି ବେଣୁଗୋପାଳ। ଶ୍ରୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ପିସିସି କାର୍ଯ୍ୟକର୍ତ୍ତା, ସମସ୍ତ ବିଭାଗ, ଛାମୁଆ ସଂଗଠନ ଓ ସେଲର ମୁଖ୍ୟ ତଥା ସଂଗଠନ ସୃଜନ ଅଭିଯାନରେ ଦାୟିତ୍ୱ ନିଭାଇଥିବା ପିସିସି ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ଥିଲେ। ସେମାନଙ୍କୁ ସମ୍ବୋଧନ କରି ଶ୍ରୀ ବେଣୁଗୋପାଳ ଆସନ୍ତା ୩୦ ତାରିଖ ସୁଦ୍ଧା ଓଡ଼ିଶାର ସମସ୍ତ ୩୫ଟି ସାଙ୍ଗଠନିକ ଜିଲ୍ଲାର ସଭାପତି ଚୟନ କାର୍ଯ୍ୟ ଶେଷ ହେବ ବୋଲି କହିଛନ୍ତି। ଶ୍ରୀ ଗାନ୍ଧିଙ୍କ ମାର୍ଗଦର୍ଶନରେ ଗୁଜରାଟରେ ହୋଇଥିବା ୧୦ଦିନିଆ ପ୍ରଶିକ୍ଷଣ ଶିବିର ଶୈଳୀରେ ଓଡ଼ିଶା କଂଗ୍ରେସ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏଥିସହ ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ଗଠିତ ରାଜନୈତିକ ବ୍ୟାପାର କମିଟି (ପିଏସି) ବୈଠକରେ ସେ କହିଛନ୍ତି ଯେ ଦଳ ଏବେ ଜନସାଧାରଣଙ୍କ ଦୃଷ୍ଟିରେ ଓଡ଼ିଶାରେ ପ୍ରମୁଖ ବିରୋଧୀ ଦଳର ମାନ୍ୟତା ପାଉଛି। ଦଳର ନେତା ଓ କର୍ମୀମାନେ ପରିଶ୍ରମ କଲେ ଉଭୟ ବିଜେପି-ବିଜେଡିକୁ ହରାଇବା ବି ସମ୍ଭବପର। ପ୍ରତି ତିନି ମାସରେ ଥରେ ନବନିଯୁକ୍ତ ଜିଲ୍ଲା ସଭାପତିମାନଙ୍କ କାର୍ଯ୍ୟ ସମୀକ୍ଷା କରାଯିବ। ଆସନ୍ତା ଅକ୍ଟୋବରରେ କଂଗ୍ରେସ ସମସ୍ତ ବ୍ଲକରେ ପହଞ୍ଚିବ। ଆଗାମୀ ନଭେମ୍ବର-ଡିସେମ୍ବରରେ ଭୋଟ ଚୋରି ପ୍ରସଙ୍ଗକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ସହ ବୁଥ କମିଟି ଗଠନ କାର୍ଯ୍ୟ ସାରିବାକୁ ଶ୍ରୀ ବେଣୁଗୋପାଳ ଆହ୍ୱାନ ଦେଇଛନ୍ତି।

ପିଏସି ବୈଠକରେ ଅଧ୍ୟକ୍ଷତା କରି ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି ଯେ କଂଗ୍ରେସ ଏବେ ରାଜ୍ୟରେ ଉପରକୁ ଉଠୁଛି। ଓଡ଼ିଶାରେ ପିସିସି ଯେଉଁ ଗତିରେ କାମ କରୁଛି, ସେହି ଧାରା ଅବ୍ୟାହତ ରହିଲେ ଏହାକୁ ୨୦୨୯ରେ ରୋକିବା ଅସମ୍ଭବ। ପିଏସି ବୈଠକରେ ମହମ୍ମଦ ମୁକିମ୍, ନଗେନ୍ଦ୍ର ନାଥ ପ୍ରଧାନ, ସୁଶୀଳା ତିରିୟା, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ସନ୍ତୋଷ ସିଂହ ସାଲୁଜା, ରମେଶ ଜେନା, ସୋଫିଆ ଫିର୍ଦ୍ଦୋଷ, ଶ୍ରୀକାନ୍ତ ଜେନା, ସପ୍ତଗିରି ଉଲାକା ଓ ଡ. ବିଶ୍ୱରଞ୍ଜନ ମହାନ୍ତି ଭାଗ ନେଇଥିବା ବେଳେ ମିନାକ୍ଷୀ ବାହାନିପତି ଓ ରଞ୍ଜିତ ପାତ୍ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

# ଭିନ୍ନକ୍ଷମଙ୍କ ଅଧିକାର ସମ୍ପର୍କିତ କାର୍ଯ୍ୟକ୍ରମ

● ଭିନ୍ନକ୍ଷମ ଆୟୁକ୍ତଙ୍କ ଦ୍ୱାରା ୫ କଲେଜରେ ଅନୁଷ୍ଠିତ

**ଭୁବନେଶ୍ୱର,୧୪।୯(ସଂଚାର ବ୍ୟୁରୋ):** ଭିନ୍ନକ୍ଷମମାନଙ୍କ ଅଧିକାର ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ବିଜେବି କଲେଜଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ କୁଇଜ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମର ଆୟୋଜନ ଭିନ୍ନକ୍ଷମ ଆୟୁକ୍ତଙ୍କ ପକ୍ଷରୁ କରାଯାଇଥିଲା। ନେବା ଦରକାର ବୋଲି ମତ ଦେଇଛନ୍ତି। ଭିନ୍ନକ୍ଷମ ଆୟୁକ୍ତଙ୍କ ପକ୍ଷରୁ ଉଚ୍ଚ ଶିକ୍ଷା ବିଭାଗ ସହଯୋଗରେ ରାଜ୍ୟର ୫ଟି ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ଅଧୀନସ୍ଥ ସମ୍ବଲପୁରର ସରକାରୀ ମହାବିଦ୍ୟାଳୟ, କୋରାପୁଟର ଡିଏଭି କଲେଜ, ବ୍ରହ୍ମପୁରର ଶଶୀ ଭୂଷଣ ମହିଳା ମହାବିଦ୍ୟାଳୟ, ବାଲେଶ୍ୱରର କୁନ୍ତଳା




କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଭିନ୍ନକ୍ଷମ ଆୟୁକ୍ତ କହିଥିଲେ ଯେ ଭିନ୍ନକ୍ଷମମାନଙ୍କୁ ସମାଜରେ ସମ୍ମାନର ସହ ବଞ୍ଚିବାର ଅଧିକାର ଦେଶର ଆଇନ ପ୍ରଦାନ କରିଛି ଓ ଆଇନକୁ ସମ୍ମାନ ଦେଇ ଭିନ୍ନକ୍ଷମମାନଙ୍କ ପ୍ରତି ଛାତ୍ର ସମାଜ ତା’ର ଦାୟିତ୍ୱ ନିର୍ବାହ କରିବାର ଆବଶ୍ୟକତା ରହିଛି। ଶିକ୍ଷା, ନିଯୁକ୍ତି ତଥା ନୂତନ ଶିକ୍ଷା ନୀତି ଅନୁସାରେ କଲେଜଗୁଡ଼ିକ ମଧ୍ୟ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା କୁମାରୀ ସାବତ ସରକାରୀ ମହିଳା ମହାବିଦ୍ୟାଳୟ ଓ ସ୍ଥାନୀୟ ବିଜେବି କଲେଜରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜେବି କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ କାଳି ପ୍ରସାଦ ମହାପାତ୍ର, ଉଚ୍ଚ ଶିକ୍ଷା ବିଭାଗ ଅଧ୍ୟକ୍ଷା ଝୁମକି ରଥ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଆଇନର ପ୍ରାବଧାନ ନେଇ ଆରକେ ଶର୍ମା ସବିଶେଷ ସୂଚନା ଦେଇଥିଲେ।

# ୩ ଦିନରେ ୨୪ ଛାତ୍ରୀ ଅସୁସ୍ଥ



**ଜୟପୁର,୧୪।୯(ସଂଚାର ବ୍ୟୁରୋ):** କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଭେଗାହାଣ୍ଡି ୟୁପିଏସ୍ ନୋଡାଲ ସ୍କୁଲରେ ୩ ଦିନରେ ୨୪ ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ପ୍ରଥମ ଦିନରେ ୯ ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିବାରୁ ସେମାନଙ୍କୁ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ସେଥିରୁ ୬ ଜଣ ସୁସ୍ଥ ହୋଇଥିବାବେଳେ ଅନ୍ୟ ୩ ଜଣଙ୍କୁ ଜୟପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପୁଣି ଗତକାଲି ରାତିରେ ଆଉ ୧୩ ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିବାରୁ ସେମାନଙ୍କୁ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଛାତ୍ରୀମାନଙ୍କର ଝାଡ଼ା ହୋଇଥିଲା ବୋଲି ଡାକ୍ତରଖାନା ସୂତ୍ରରୁ ପ୍ରକାଶ। ତେବେ ଝାଡ଼ା ହେବାର ପ୍ରକୃତ କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ।

# ଏମ୍‌ସ ଲଞ୍ଚ କଲା ଏଆଇ ଭିତ୍ତିକ ଆପ୍ ‘ନେଭର ଏଲୋନ୍’

**ଭୁବନେଶ୍ୱର,୧୪।୯(ସଂଚାର ବ୍ୟୁରୋ):** ଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଏବଂ ଆତ୍ମହତ୍ୟା ରୋକିବା ପାଇଁ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଏମ୍‌ସ ଭୁବନେଶ୍ୱର “ନେଭର ଏଲୋନ୍” କାର୍ଯ୍ୟକ୍ରମ ଆରମ୍ଭ କରିଛି - ଏକ କୃତ୍ରିମ ବୁଦ୍ଧିମତ୍ତା-ଆଧାରିତ ମାନସିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପ୍ଲାଟଫର୍ମ। ଏହି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ କଳଙ୍କକୁ ୨୪ ଘଣ୍ଟା ସହାୟତା ପ୍ରଦାନ କରିବା ଏବଂ ହ୍ରାସ କରିବା ପାଇଁ ଏକ ବ୍ୟାପକ ରଣନୀତିର ଅଂଶ। ଏମ୍‌ସ ଦିଲ୍ଲୀରେ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସରେ ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଥିବା “ନେଭର ଏଲୋନ୍” ଆପ୍ ଏମ୍‌ସ ଭୁବନେଶ୍ୱରରେ କାର୍ଯ୍ୟକାରୀ କରାଯିବ। ଏହି ପ୍ଲାଟଫର୍ମ ହ୍ୱାଟ୍ସଆପ୍ ମାଧ୍ୟମରେ ୨୪×୭ ଏକ ଅତ୍ୟନ୍ତ ସୁରକ୍ଷିତ, ୱେବ୍-ଆଧାରିତ ଇଣ୍ଟରଫେସ୍ ଉପଲବ୍ଧ ପ୍ରଦାନ କରେ, ଯାହା ଛାତ୍ରଛାତ୍ରୀଙ୍କ ପାଇଁ ନିରନ୍ତର ମାନସିକ ସ୍ୱାସ୍ଥ୍ୟ ସହାୟତା ସୁନିଶ୍ଚିତ କରେ। ମାନସିକ ରୋଗ ବିଭାଗ ଏହି ଆପ୍ କାର୍ଯ୍ୟକାରୀ କରିବ। “ଆପ୍ ମାଧ୍ୟମରେ ଛାତ୍ରମାନେ ମାନସିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ବିଶେଷଜ୍ଞଙ୍କ ସହିତ ପରାମର୍ଶ ପାଇଁ ଭର୍ଚୁଆଲ୍ ଏବଂ ଅଫ୍‌ଲାଇନ୍ ପ୍ରବେଶ ପାଇବେ,” ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ଆଶୁତୋଷ ବିଶ୍ୱାସ କହିଛନ୍ତି।

# ନୂଆ କୁକୁଡ଼ା ନୀତି ପାଇଁ ପ୍ରସ୍ତାବ ଦେଲା ସଂଘ



**ଭୁବନେଶ୍ୱର,୧୪।୯:** ରାଜ୍ୟ ସରକାର ଦଶ ବର୍ଷ ପରେ ନୂତନ କୁକୁଡା ପ୍ରସ୍ତୁତି ଆରମ୍ଭ କରିଥିବାବେଳେ ଏଥିରେ ଗାଁ ଗହଳରେ ଥିବା କୁକୁଡା ବ୍ୟବସାୟୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେବାକୁ ପ୍ରସ୍ତାବ ଦିଆଯାଇଛି। ଓଡିଶା କୁକୁଡା ବ୍ୟବସାୟୀ ସଂଘ ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଥିବା ଜଣାପଡ଼ିଛି। ରାଜ୍ୟ ପଶୁ ସମ୍ପଦ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଆପିକଲ ଏବଂ କୁକୁଡା ଚାଷ ଓ ବ୍ୟବସାୟ ସହ ଜଡ଼ିତ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଓଡିଶା କୁକୁଡା ବ୍ୟବସାୟ ସଂଘର ସମ୍ପାଦକ ଜ୍ୟୋତିକାନ୍ତ ମହାପାତ୍ର ଦେଇଥିବା ପ୍ରସ୍ତାବରେ ଉଲ୍ଲେଖ କରିଛନ୍ତି ଯେ କୁକୁଡା ବ୍ୟବସାୟର ମେରୁଦଣ୍ଡ କୁହାଯାଉଥିବା ଦୋକାନଗୁଡ଼ିକ ସହରଠାରୁ ଗାଁଗହଳ ପର୍ଯ୍ୟନ୍ତ ରହିଛି। ସହରରେ ଯଦିଓ କିଛି ଦୋକାନୀ ବ୍ୟବସ୍ଥିତଭାବେ ରହିଛନ୍ତି କିନ୍ତୁ ଲକ୍ଷାଧିକ ଦୋକାନି ଅତ୍ୟନ୍ତ ଅବ୍ୟବସ୍ଥିତ ଭାବେ ଅଛନ୍ତି। ଏହିସବୁ ଦୋକାନୀମାନଙ୍କର କୌଣସି ସ୍ଥାୟୀ ଠିକଣା ନାହିଁ। ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ କୁକୁଡା ବ୍ୟବସାୟ ହେଉଥିବାବେଳେ ଏମାନଙ୍କ ପାଇଁ ଜମି ଯୋଗାଇ ଦେବାକୁ ସଂଘ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ରାଜସ୍ୱ ଅଧିକାରୀମାନେ ଜମି ଚିହ୍ନଟ କରି ଏମାନଙ୍କୁ ଦୋକାନଘର ପାଇଁ ଯୋଗାଇଦେଲେ କୁକୁଡା ବ୍ୟବସାୟ ବ୍ୟବସ୍ଥିତ ଭାବେ ହେବା ସହିତ ସରକାର ମଧ୍ୟ ରାଜସ୍ୱ ପାଇବେ। ଏଥି ସହିତ କୁକୁଡା ଦୋକାନ ଯୋଗୁଁ ପରିବେଶ ଉପରେ ଯେଭଳି ପ୍ରତିକୂଳ ପ୍ରଭାବ ପଡୁଛି ତାହାକୁ ଏଡାଇ ଦିଆଯାଇପାରିବ।ରାଜ୍ୟ ସରକାର ଓମଫେଡ୍, ଓପଲଫେଡ୍ ଆଦିକୁ ଯେଭଳି ସହରାଞ୍ଚଳରେ ବ୍ୟବସାୟ ପାଇଁ ଜମି ଯୋଗାଇଛନ୍ତି ଏବଂ ବ୍ୟବସାୟୀଙ୍କ ପାଇଁ ଭେଣ୍ଡିଂଜୋନ କରିଛନ୍ତି ଅନୁରୂପ ଭାବେ ରାଜ୍ୟର କୁକୁଡା ଦୋକାନୀମାନଙ୍କ ପାଇଁ ଏଭଳି ବ୍ୟବସ୍ଥା କରାଯାଇପାରିଲେ ଏ କ୍ଷେତ୍ରରେ କର୍ମନିଯୁକ୍ତିର ସୁଯୋଗ ବଢ଼ିବା ସହିତ ଲୋକେ ମଧ୍ୟ ଉନ୍ନତମାନର କୁକୁଡାମାଂସ ପାଇପାରିବେ। ସେହିଭଳି ଆରଏମସିଗୁଡ଼ିକ ଦ୍ୱାରା କୁକୁଡା ବ୍ୟବସାୟୀମାନେ ଯେଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହାକୁ ଦୂରକରିବାପାଇଁ ମହାସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। କୁକୁଡା ଚାଷ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ଅଧିନରେ ଥିବାବେଳେ ଆରଏମସିଗୁଡ଼ିକ ସମବାୟ ବିଭାଗ ଅଧିନରେ ରହିଛି। ହେଲେ ଆରଏମସି କର୍ତ୍ତୃପକ୍ଷ ରାସ୍ତାଘାଟରେ କୁକୁଡା ପରିବହନ ଗାଡି ଉପରେ ଯେଭଳି ଜୁଲମ କରୁଛନ୍ତି ଓ ଏହାକୁ ନେଇ ଆଇନ୍ ଅଦାଲତରେ ମାମଲା ଚାଲୁଛି ତାହାର ପ୍ରତିକୂଳ ପ୍ରଭାବ ରାଜ୍ୟର କୁକୁଡା ବ୍ୟବସାୟ ଉପରେ ପଡୁଛି। ତେଣୁ ସ୍ୱତନ୍ତ୍ର ନୀତି ଆଣି ସମବାୟ ବିଭାଗ ଓ ପଶୁ ସମ୍ପଦ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାଲାଗି ସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଉଲ୍ଲେଖନୀୟ ଯେ ଓଡିଶାରେ ୪୦ହଜାର ଛୋଟ ବଡ କୁକୁଡାଚାଷୀ ଥିବାବେଳେ କୁକୁଡାମାଂସ ଉତ୍ପାଦନରେ ଓଡିଶା ଏକ ଅଗ୍ରଣୀ ରାଜ୍ୟ ପାଲଟିଛି। ଓଡିଶାରୁ ଉତ୍ପାଦିତ କୁକୁଡା ରାଜ୍ୟ ଭିତରେ ବିକ୍ରିବଟା ହେବା ସହ ରାଜ୍ୟ ବାହାରକୁ ବ୍ୟାପକ ଭାବେ ରପ୍ତାନି ହେଉଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ସୋମବାର ୧୫ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
Monday 15 September 2025, Bhubaneswar




# ‘ଥରେ ଚାଖିଦେ କିଛି ହବନି’



ଆଧୁନିକ ସମାଜରେ ଯୁବକମାନେ ନାଶକ ପଦାର୍ଥର ଚକ୍ରବ୍ୟୂହରେ ଫସିଯାଉଛନ୍ତି। ଏହା ଏକ ଗମ୍ଭୀର ସମସ୍ୟା ଯାହା ବ୍ୟକ୍ତିଗତ, ପାରିବାରିକ ଏବଂ ସାମାଜିକ ସ୍ତରରେ ପ୍ରଭାବ ପକାଉଛି। ଯୁବକମାନେ ହେଉଛନ୍ତି ଦେଶର ଭବିଷ୍ୟତ, କିନ୍ତୁ ନାଶକ ପଦାର୍ଥ ସେମାନଙ୍କୁ ଧ୍ୱଂସର ପଥରେ ନେଇଯାଉଛି। ଆଜିର ଏହି ସମ୍ପାଦକୀୟରେ ଆମେ ଆଲୋଚନା କରିବା କିପରି ଯୁବକମାନେ ଏହି ବିଷାକ୍ତ ଜାଲରେ ଫସୁଛନ୍ତି ଏବଂ ଏହାର କାରଣ ଓ ପ୍ରଭାବଗୁଡ଼ିକ।

ପ୍ରଥମେ, ସହପାଠୀ ଚାପ ଏବଂ ସାମାଜିକ ପ୍ରଭାବ ହେଉଛି ମୁଖ୍ୟ କାରଣ। ଯୁବକମାନେ ସ୍କୁଲ୍, କଲେଜ୍ କିମ୍ବା ସାଙ୍ଗମାନଙ୍କ ମଧରେ ନାଶକ ପଦାର୍ଥର ପ୍ରଭାବରେ ପଡ଼ନ୍ତି। ସାଙ୍ଗମାନେ କହନ୍ତି, ‘ଥରେ ଚାଖିଦେଖ, କିଛି ହେବନି।‘ ଏହି କଥାରେ ପ୍ରଭାବିତ ହୋଇ ଅନେକ ଯୁବକ ପ୍ରଥମେ କୌତୂହଳବଶତଃ ନାଶକ ପଦାର୍ଥ ସେବନ କରନ୍ତି। ଏହା ଧୀରେ ଧୀରେ ଅଭ୍ୟାସରେ ପରିଣତ ହୁଏ ଏବଂ ସେମାନେ ଏହାର ଆସକ୍ତିରେ ଫସିଯାନ୍ତି। ଭାରତରେ ଏହି ସମସ୍ୟା ବଢ଼ିବାରେ ସାମାଜିକ ମାଧମ ଏବଂ ଫିଲ୍ମର ଭୂମିକା ମଧ ରହିଛି। ଅନେକ ଚଳଚ୍ଚିତ୍ରରେ ନାଶକ ପଦାର୍ଥକୁ ଗ୍ଲାମରାଇଜ୍ କରାଯାଏ, ଯାହା ଯୁବକମାନଙ୍କୁ ଆକୃଷ୍ଟ କରେ।

ଦ୍ୱିତୀୟତଃ, ମାନସିକ ଚାପ ଏବଂ ଅବସାଦ ଯୁବକମାନଙ୍କୁ ନାଶକ ପଦାର୍ଥ ଆଡ଼କୁ ଠେଲିଦିଏ। ଆଜିକାଲିର ପ୍ରତିଯୋଗିତାମୂଳକ ଦୁନିଆରେ ପଢ଼ାଶୁଣା, ଚାକିରି ଏବଂ ବ୍ୟକ୍ତିଗତ ଜୀବନର ଚାପ ଯୁବକମାନଙ୍କୁ ଭାଙ୍ଗିଦିଏ। ସେମାନେ ଏହି ଚାପରୁ ମୁକ୍ତି ପାଇବା ପାଇଁ ନାଶକ ପଦାର୍ଥର ଆଶ୍ରୟ ନିଅନ୍ତି। ଉଦାହରଣସ୍ୱରୂପ, କୋକେନ୍, ହେରୋଇନ୍ କିମ୍ବା ସିନ୍ଥେଟିକ୍ ଡ୍ରଗ୍ସ ଭଳି ପଦାର୍ଥଗୁଡ଼ିକ ସାମୟିକ ଆନନ୍ଦ ଦେଇ ସେମାନଙ୍କୁ ଆକୃଷ୍ଟ କରେ। କିନ୍ତୁ ଏହାର ପରିଣାମ ଭୟଙ୍କର – ସ୍ୱାସ୍ଥ୍ୟ ହାନି, ମାନସିକ ଅସ୍ଥିରତା ଏବଂ ଅନେକ ସମୟରେ ମୃତ୍ୟୁ। ଭାରତୀୟ ସରକାରଙ୍କ ରିପୋର୍ଟ ଅନୁଯାୟୀ, ୧୮ରୁ ୩୫ ବର୍ଷ ବୟସର ଯୁବକମାନଙ୍କ ମଧରେ ନାଶକ ପଦାର୍ଥର ବ୍ୟବହାର ବଢ଼ିଚାଲିଛି।

ତୃତୀୟତଃ, ପାରିବାରିକ ଅବହେଳା ଏବଂ ଶିକ୍ଷାର ଅଭାବ ମଧ ଏହି ସମସ୍ୟାକୁ ବଢ଼ାଉଛି। ଅନେକ ପରିବାରରେ ଅଭିଭାବକମାନେ ବ୍ୟସ୍ତ ଥିବାରୁ ପିଲାମାନଙ୍କୁ ସଠିକ୍ ମାର୍ଗଦର୍ଶନ ଦେଇପାରୁନାହାନ୍ତି। ଯୁବକମାନେ ଏକାକୀ ଅନୁଭବ କରନ୍ତି ଏବଂ ନାଶକ ପଦାର୍ଥର ଡିଲରମାନଙ୍କ ଜାଲରେ ଫସନ୍ତି। ଏହା ବ୍ୟତୀତ, ଗ୍ରାମାଞ୍ଚଳରେ ନାଶକ ପଦାର୍ଥର ସହଜ ଉପଲବ୍ଧତା ଏବଂ କମ୍ ଜାଗୁକତା ଯୁବକମାନଙ୍କୁ ଶିକାର କରୁଛି। ଓଡ଼ିଶାରେ ମଧ ଏହି ସମସ୍ୟା ବଢ଼ିବାରେ ରହିଛି, ଯେଉଁଠାରେ ଗଞ୍ଜେଇ ଏବଂ ବ୍ରାଉନ୍ ସୁଗାର୍ ଭଳି ପଦାର୍ଥଗୁଡ଼ିକ ଯୁବକମାନଙ୍କୁ ଧ୍ୱଂସ କରୁଛି। ନାଶକ ପଦାର୍ଥର ପ୍ରଭାବ କେବଳ ବ୍ୟକ୍ତିଗତ ନୁହେଁ, ସାମାଜିକ ମଧ। ଆସକ୍ତ ଯୁବକମାନେ ଚୋରି, ହିଂସା ଏବଂ ଅପରାଧରେ ଜଡ଼ିତ ହୁଅନ୍ତି। ସେମାନଙ୍କର ଶିକ୍ଷା ଏବଂ କ୍ୟାରିଅର୍ ନଷ୍ଟ ହୋଇଯାଏ। ପରିବାର ଭାଙ୍ଗିଯାଏ ଏବଂ ସମାଜରେ ଅସ୍ଥିରତା ବଢ଼େ। ଏହାର ପ୍ରତିକାର ପାଇଁ ସରକାର, ଏନଜିଓ ଏବଂ ପରିବାରର ସହଯୋଗ ଆବଶ୍ୟକ। ଜାଗରୁକତା ଅଭିଯାନ, ଶିକ୍ଷା ଏବଂ ପୁନର୍ବାସନ କେନ୍ଦ୍ରଗୁଡ଼ିକ ଏହି ସମସ୍ୟାର ସମାଧାନ କରିପାରିବେ।

ସାରାଂଶରେ, ଯୁବକମାନେ ନାଶକ ପଦାର୍ଥର ଶିକାର ହେବାର କାରଣ ହେଉଛି ସାମାଜିକ ପ୍ରଭାବ, ମାନସିକ ଚାପ ଏବଂ ଅବହେଳା। ଏହାକୁ ରୋକିବା ପାଇଁ ସମସ୍ତଙ୍କର ସଚେତନତା ଆବଶ୍ୟକ। ଯୁବକମାନେ ନିଜକୁ ସଶକ୍ତ କରି ଏହି ବିଷାକ୍ତ ଜାଲରୁ ମୁକ୍ତ ହେବା ଉଚିତ୍। ଏହା ଦ୍ୱାରା ଏକ ସୁସ୍ଥ ଏବଂ ଉନ୍ନତ ସମାଜ ଗଠନ ହୋଇପାରିବ।

# ସତ୍ୟବାଦୀ ଚେତନା ଓ ଓଡ଼ିଆ ଭାଷା ସାହିତ୍ୟର କର୍ଣ୍ଣଧାର



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ସତ୍ୟବାଦୀ-ଚେତନା ଓଡ଼ିଆ ସାହିତ୍ୟରେ ଜାତୀୟତାବାଦୀ ଭାବଧାରା ସୃଷ୍ଟି କରିବାରେ ଥିଲା ପ୍ରମୁଖ ପ୍ରେରଣା। ମାନବବନ୍ଦନା ଥିଲା ଏହାର ଅନ୍ୟତମ ଆଦର୍ଶ। ୧୯୨୧ ମସିହାରୁ ଭାରତବର୍ଷରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହେଲା ମୁକ୍ତି ସଂଗ୍ରାମ। ଓଡ଼ିଶାରେ ମଧ ତାହା ପ୍ରଭାବ ବିସ୍ତାର କଲା। ଉତ୍କଳମଣି ଗୋପବନ୍ଧୁ ଦାସ ନେଲେ ତାହାର ନେତୃତ୍ୱ। ଏହି ସମୟରେ ଜାତୀୟ କବି ବୀରକିଶୋର ଦାସ ଓ ବାଞ୍ଛାନିଧି ମହାନ୍ତି ରଚନା କଲେ ଜାତୀୟ ଉଦବୋଧନମୂଳକ ଗୀତିକା। ସତ୍ୟବାଦୀ ପର୍ବର ଅବସାନ ନ ଘଟୁଣୁ ଓଡ଼ିଆ ସାହିତ୍ୟରେ ଆରମ୍ଭ ହେଲା ସବୁଜ ଚେତନାର ନୂତନ ପର୍ବ। ଏହି ପର୍ବର ପାଞ୍ଚ ଜଣ ତରୁଣ ଲେଖକ ହେଲେ ଅନ୍ନଦାଶଙ୍କର ରାୟ, କାଳିନ୍ଦୀଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, ଶରତଚନ୍ଦ୍ର ମୁଖାର୍ଜୀ ଓ ହରିହର ମହାପାତ୍ର। ଏମାନଙ୍କ ଲେଖାରେ ପ୍ରକାଶ ପାଇଲା ସ୍ୱପ୍ନ, କଳ୍ପ ନା, ସେପ୍ରମ, ଯୌବନ, ପ୍ରକୃତି ଓ ସୌନ୍ଦର୍ଯ୍ୟବୋଧର ନାନା ଭାବ ଓ ଭାବନା। ଏମାନେ ସମକାଳୀନ ସ୍ୱାଧୀନତା ସଂଗ୍ରାମ ତଥା ସତ୍ୟବାଦୀ ଚେତନା ପ୍ରତି ଅନାସକ୍ତ ରହିଲେ। କାଳିନ୍ଦୀଚରଣ ଗଳ୍ପ, କବିତା, ଉପନ୍ୟାସ, ପ୍ରବନ୍ଧ, ସମାଲୋଚନା ଆଦି ରଚନା କଲେ। ୧୯୩୦ ମସିହା ପରବର୍ତ୍ତୀ ସମୟରୁ ତାଙ୍କର ସ୍ରଷ୍ଟା ମାନସ କ୍ରମଶଃ ପ୍ରଗତିବାଦୀ ଭାବଧାରା ପ୍ରତି ଆକୃଷ୍ଟ ହୋଇଛି। ‘ମାଟିର ମଣିଷ’, ‘ଲୁହାର ମଣିଷ’, ‘ଆଜିର ମଣିଷ’, ‘ମୁକ୍ତାଗଡ଼ର କ୍ଷୁଧା’ ଏବଂ ‘ଅମର ଚିତା’ ତାଙ୍କର ପ୍ରସିଦ୍ଧ ଉପନ୍ୟାସ। ସେ ମଧ ବହୁ ଗଳ୍ପର ସ୍ରଷ୍ଟା। ମାନବବାଦୀ ଭାବଧାରା ଓ ଗାନ୍ଧିବାଦ ତାଙ୍କ ଗଳ୍ପ ଓ ଉପନ୍ୟାସର ପ୍ରାଣସତ୍ତା। ତାଙ୍କର କବିତା କ୍ରମଶଃ ସ୍ୱପ୍ନ ଓ କଳ୍ପ ନାରୁ ପ୍ରଗତିବାଦୀ ଭାବଧାରାକୁ ଗତି କରିଯାଇଛି। ବୈକୁଣ୍ଠନାଥ ଆଜୀବନ କବିତା ଲେଖିଥିଲେ। ‘କାବ୍ୟ ସଞ୍ଚୟନ’, ‘ଉତ୍ତରାୟଣ’’ ଆଦି ତାଙ୍କର କବିତା ଗ୍ରନ୍ଥ। ଶରତ ଚନ୍ଦ୍ର ଓ ହରିହର ମଧ କେତେକ କବିତା ରଚନା କରିଥିଲେ। ସତ୍ୟବାଦୀ ଆଦର୍ଶରେ ଅନୁପ୍ରାଣିତ ରତ୍ନାକର ପତି ଥିଲେ ଜଣେ ବିଶିଷ୍ଟ ପ୍ରାବନ୍ଧିକ। ତାଙ୍କ ବ୍ୟତୀତ ମୋହିନୀ ମୋହନ ସେନାପତି, ବିପିନ ବିହାରୀ ରାୟ, ବ୍ରଜ ବିହାରୀ ମହାନ୍ତି, କପିଳେଶ୍ୱର ଦାଶ ପ୍ରମୁଖ ପ୍ରବନ୍ଧ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ। ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଜଗନ୍ନାଥ ପାଣି ଗୀତାଭିନୟ ଜଗତରେ ଯେଉଁ ଧାରା ସୃଷ୍ଟି କଲେ ସେଥିରେ ପରିବର୍ତ୍ତନ ଆଣି ବୈଷ୍ଣବ ପାଣି, ଗୋପାଳ ଦାଶ, ବାଳକୃଷ୍ଣ ମହାନ୍ତି, କୃଷ୍ଣପ୍ରସାଦ ବସୁ, କୃଷ୍ଣ ପ୍ରସାଦ ବେହେରା ନୂତନ ଚମକ ସୃଷ୍ଟି କଲେ। ଭିକାରୀଚରଣ ପଟ୍ଟନାୟକ, କାମପାଳ ମିଶ୍ର ପ୍ରମୁଖ ନାଟକ ରଚନା କରିଥିଲେ ମଧ ନାଟ୍ୟଭାରତୀ ଅଶ୍ୱିନୀ କୁମାର ଘୋଷ ସ୍ୱାଧୀନତା ଲାଭର ପୂର୍ବ ତିରିଶ ବର୍ଷ କାଳ ନାଟକ ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥଲେ। ତାଙ୍କ ରଚିତ ‘ କୋଣାର୍କ’, ‘କଳାପାହାଡ’, ‘ଗୋବିନ୍ଦ ବିଦ୍ୟାଧର’, ‘କେଶରୀଗଙ୍ଗ’, ‘ଭୀଷ୍ମ’, ‘ସାବିତ୍ରୀ’, ‘ସାଲବେଗ’, ‘ବନ୍ଧୁ ମହାନ୍ତି ’, ‘ଶ୍ରୀଲୋକନାଥ’, ‘ତାଜମହଲ’, ‘ପାଇକ ପୁଅ’, ‘ଓଡ଼ିଆ ଝିଅ’, ‘ କପିଳେନ୍ଦ୍ର ଦେବ’, ‘ରଘୁ ଅରକ୍ଷିତ’, ‘ ଦାସିଆ ବାଉରୀ’, ‘ଶ୍ରୀମନ୍ଦିର’, ‘ଚଷାଝିଅ’ ଆଦି ନାଟକାବଳୀ ଓଡ଼ିଆ ନାଟ୍ୟ ସାହିତ୍ୟର ମଧପର୍ବରେ ଉଲ୍ଲେଖଯୋଗ୍ୟ ସୃଷ୍ଟି।

ଭାରତୀୟ ମୁକ୍ତି-ସଂଗ୍ରାମକୁ ଅବଲମ୍ବନ କରି ଜାତୀୟତାର ଭାବ ତରଙ୍ଗ ସମଗ୍ର ଭାରତର ଲେଖକମାନଙ୍କ ହୃଦୟରେ ତରଙ୍ଗାୟିତ ହୋଇ ଉଠିଥିଲା। ଗାନ୍ଧିବାଦ ଥିଲା ସେକାଳର ପ୍ରଧାନ ଆଦର୍ଶ। ୧୯୩୦ ମସିହା ପରେ ମାର୍କସବାଦ ଭାରତବର୍ଷରେ କ୍ରମେ ପ୍ରଭାବ ବିସ୍ତାର କଲା। ସେହି ଆଦର୍ଶରେ ଅନୁପ୍ରାଣିତ ହୋଇ ଭଗବତୀ ଚରଣ ପାଣିଗ୍ରାହୀ ୧୯୩୫ ମସିହା ଡିସେମ୍ବର ମାସରେ ନବଯୁଗ ସାହିତ୍ୟ ସଂସଦ ପ୍ରତିଷ୍ଠା କଲେ ଓ ଏହି ସଂସଦ ଆନୁକୂଲ୍ୟରେ ପ୍ରକାଶ କଲେ ‘ଆଧୁନିକ’ ପତ୍ରିକା। ପ୍ରଗତିବାଦୀ ଆଭିମୁଖ୍ୟ ନେଇ ପତ୍ରିକାର ହେଲା ଗତି। ଭଗବତୀ ଚରଣ, ଅନନ୍ତ ପଟ୍ଟନାୟକ, ସୁନନ୍ଦ କର ପ୍ରମୁଖ ଏହି ନବଯୁଗ ସଂସଦର ସଭ୍ୟ ହେଲେ। ମାର୍କସବାଦ ଓ ପ୍ରଗତିବାଦ ଦ୍ୱାରା ଅନୁପ୍ରାଣିତ ହୋଇ ବହୁ ଲେଖକ ସାହିତ୍ୟ ସୃଷ୍ଟି କଲେ। ଭଗବତୀ ଚରଣଙ୍କର ‘ଶିକାର’, ‘ହାତୁଡି ଓ ଦା’, ‘ଜୀବନର ସମାଧି’, ‘‘ଜଙ୍ଗଲୀ’ ଆଦି ଗଳ୍ପ ଓ ବିବିଧ ପ୍ରବନ୍ଧ, କାଳିନ୍ଦୀ ଚରଣଙ୍କର ‘ଆଗାମୀ’, ‘ଯାଦୁଘର’, ‘ମୋ କବିତା’ ଆଦି କବିତା ସହିତ ଅନନ୍ତ ପଟ୍ଟନାୟକଙ୍କର ‘ ରକ୍ତ ଶିଖା’, ‘ଶାନ୍ତି ଶିଖା’, ‘କିଞ୍ଚିତ, ‘ ତର୍ପଣ’ କରେ ଆଜି’ ସଚ୍ଚିଦାନନ୍ଦ ରାଉତରାୟଙ୍କର ‘ଅଭିଯାନ’, ‘ଭାନୁମତୀର ଦେଶ’, ‘ବାଜି ରାଉତ’ ଆଦି କବିତା ପୁସ୍ତକ, ରଘୁନାଥ ଦାସ, ସୁନନ୍ଦ କର ଓ ମନମୋହନ ମିଶ୍ରଙ୍କର କବିତା ଓ ଗଳ୍ପ ପ୍ରଗତିବାଦୀ ପର୍ବର ସମକାଳରେ ମାୟାଧର ମାନସିଂହ, ରାଧାମୋହନ ଗଡନାୟକ ଓ ପରେ ପରେ ବିନୋଦ ଚନ୍ଦ୍ର ନାୟକ, କୁଞ୍ଜବିହାରୀ ଦାଶ ପ୍ରମୁଖ କବିତା ରଚନା କଲେ। ମାନସିଂହଙ୍କ କବିତା ପ୍ରେମ, ପ୍ରଣୟ, ସୌନ୍ଦର୍ଯ୍ୟବୋଧ, ଜାତୀୟତାବୋଧ ଓ ମାନବ-ବନ୍ଦନାର ମାର୍ମିକ ଆଲେଖ୍ୟ। ରାଧାମୋହନ ଗଡ଼ନାୟକ ଜଣେ ବିଶିଷ୍ଟ ଗାଥା କବି। ତାଙ୍କ କବିତାରେ ମଧ ଜାତୀୟତାବୋଧ ଓ ମାନବ-ବନ୍ଦନା ମୁଖ୍ୟ ସ୍ଥାନ ଗ୍ରହଣ କରିଅଛି। ସଚ୍ଚିଦାନନ୍ଦ ରାଉତରାୟ ଓ କୃଷ୍ଣଚନ୍ଦ୍ର ତ୍ରିପାଠୀ ମଧ ସ୍ୱାଧୀନତାର ବହୁ ପୂର୍ବରୁ କବିତା ଲେଖା ଆସୁଥିଲେ। ସ୍ୱାଧୀନତା ପରେ ମଧ ସେମାନେ କବିତା ଲେଖିଅଛନ୍ତି। ସଚ୍ଚିଦାନନ୍ଦ ପ୍ରଗତିବାଦୀ କବିତା ରଚନାରୁ ଗତି କଲେ ପ୍ରୟୋଗବାଦୀ କବିତା ରଚନା କ୍ଷେତ୍ରକୁ। ‘ପଲ୍ଲୀଶ୍ରୀ’, ‘ଅଭିଯାନ’, ‘ଭାନୁମତୀର ଦେଶ’, ‘ବାଜିରାଉତ’, ‘ପାଣ୍ଡୁଲିପି’ ଆଦି ସ୍ୱାଧୀନତା ପୂର୍ବବର୍ତ୍ତୀ କବିତା ପୁସ୍ତକ।



ସ୍ୱାଧୀନତା ପୂର୍ବରୁ କାହ୍ନୁଚରଣ ମହାନ୍ତି ଜଣେ ବିଶିଷ୍ଟ ଔପନ୍ୟାସିକ ଭାବରେ ଆବିର୍ଭୁତ ରଚନା କଲେ - ବାଲି ରାଜା’, ‘ହା’ଅନ୍ନ’, ‘ପଳାତକ’, ‘ଶାସ୍ତି’ ଆଦି ଉପନ୍ୟାସ। ସ୍ୱାଧୀନତା ପରେ ମଧ ସେ ପ୍ରକାଶ କଲେ ‘ଝଞ୍ଜା’, ‘ବକ୍ରବାହୁ’, ‘ତମସା ତୀରେ’, ‘ଛୁଟିଲେ ଘଟ’, ‘ମେଲାଣି ମାଗୁଣି’ ଆଦି ଉପନ୍ୟାସ। ସ୍ୱାଧୀନତା ପୂର୍ବରୁ ରାଜକିଶୋର ରାୟ, ରାଜକିଶୋର ପଟ୍ଟନାୟକ, ପ୍ରାଣବନ୍ଧୁକର ମଧ ଗଳ୍ପ ରଚନା କରିଥଲେ। ସ୍ୱାଧୀନତା ପରେ ମଧ ସେମାନେ ଗଳ୍ପ ରଚନା କରିଛନ୍ତି। ରାଜକିଶୋର ପଟ୍ଟନାୟକ ଜଣେ ଗାଳ୍ପିକ ଓ ଔପନ୍ୟାସିକ ଭାବରେ ପରିଚିତ। ଅନନ୍ତ ପ୍ରସାଦ ପଣ୍ଡା, ରାମ ପ୍ରସାଦ ସିଂହ, ଚକ୍ରଧର ମହାପାତ୍ର, ରାମଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଆହୁରି କେତେ ଜଣ ଗଳ୍ପ ଓ ଉପନ୍ୟାସ ଲେଖି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ। ସ୍ୱାଧୀନତା ଲାଭ ପରେ ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ସଂକ୍ରମଣ ଫଳରେ ଅତ୍ୟାଧୁନିକ ଯୁଗର ହେଲା। ଉନ୍ମେଷ। ଏହି ସମୟରେ ସମାଜ ଅପେକ୍ଷା ବ୍ୟକ୍ତି- ମଣିଷଟି ପ୍ରାଧାନ୍ୟ ଲାଭ କଲା। ସଚ୍ଚିଦାନନ୍ଦ ରାଉତରାୟ ‘ପାଣ୍ଡୁଲିପି’’ରେ ଆଧୁନିକ ଚେତନାର ଯେଉଁ ରୂପ ଅଙ୍କନ କରିଥିଲେ ତାହା ସ୍ୱାଧୀନତା ପରବର୍ତ୍ତୀ କାଳରେ ନୂତନ ରୂପରେ ଗୁରୁପ୍ରସାଦ ମହାନ୍ତି, ବେଣୁଧର ରାଉତ, ଚିନ୍ତାମଣି ବେହେରା, କୃଷ୍ଣଚରଣ ବେହେରା, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ଦୀପକ ମିଶ୍ର, ହରିହର ମିଶ୍ର, କମଳାକାନ୍ତ ଲେଙ୍କା, ପ୍ରତିଭା ଶତପଥୀ ପ୍ରମୁଖଙ୍କ କବିତାରେ ପ୍ରକାଶ ପାଇଲା। ଅପରପକ୍ଷରେ ପ୍ରଗତିବାଦୀ ଆଭିମୁଖ୍ୟକୁ ନେଇ ଅନନ୍ତ ପଟ୍ଟନାୟକ, ରବି ସିଂହ, ବ୍ରଜନାଥ ରଥ, ରଘୁନାଥ ଦାସ ପ୍ରମୁଖ ରଚନା କଲେ କବିତା।

ସ୍ୱାଧୀନତା ପୂର୍ବରୁ ଗୋପୀନାଥ ମହାନ୍ତି, ରମ୍ୟା ରଚନା ଓ ଉପନ୍ୟାସ ଲେଖି ଆସୁଥିଲେ। ଆଦିବାସୀ ଜୀବନଧାରାକୁ ନେଇ ଓଡ଼ିଆ ସାହିତ୍ୟରେ ପ୍ରଥମେ ଗୋପାଳବଲ୍ଲଭ ଦାସ ରଚନା କରିଥିଲେ ‘ଭୀମା, ଭୂୟାଁ’’ ଉପନ୍ୟାସ। ଗୋପୀନାଥ ମହାନ୍ତି ସେହି ଧାରାରେ ଆପଣାର ଦକ୍ଷତା ପ୍ରଦର୍ଶନ କଲେ। ତାଙ୍କର ‘ଦାଦିବୁଢ଼ା’, ‘ପରଜା’, ‘‘ଅମୃତର ସନ୍ତାନ’, ‘ଶିବଭାଇ’, ‘ଅପହଞ୍ଚ’, ‘ଅନାମ’ ଆଦି ଆଦିବାସୀ ଜୀବନଧାରାକୁ ନେଇ ରଚିତ ଉପନ୍ୟାସ। ଏହା ବ୍ୟତୀତ ‘ହରିଜନ’ ‘ ରାହୁର ଛାୟା’, ‘ଦାନାପାଣି’, ‘ମାଟିମଟାଳ’, ‘ଆକାଶ ସୁନ୍ଦେରୀ’, ବୃନ୍ଦାଏ। ପାଣି, ଆଦି ତାଙ୍କର ଉପନ୍ୟାସ ଓ ‘ଘାସ ଫୁଲ’, ‘ଉଡ଼ନ୍ତା ଖଇ’, ‘ଗୁପ୍ତଗଙ୍ଗା’ ଆଦି ତାଙ୍କର ଗଳ୍ପ ପୁସ୍ତକ। ସୁରେନ୍ଦ୍ର ମହାନ୍ତି ମଧ ସ୍ୱାଧୀନତା ପୂର୍ବରୁ ଗଳ୍ପ ଓ ଉପନ୍ୟାସ ରଚନା କରିଥିଲେ ଓ ସ୍ୱାଧୀନତା ପରେ ମୃତ୍ୟୁ ପର୍ଯ୍ୟନ୍ତ ମଧ ଲେଖା ଚାଲିଥିଲେ। ‘ବଧୂ ଓ ପ୍ରିୟା’ ‘ଅନ୍ଧ ଦିଗନ୍ତ’, ନୀଳଶୈଳ’, ‘ନୀଳାଦ୍ରି ବିଜୟ’, ‘କୃଷ୍ଣାବେଣୀରେ ସଂଧ୍ୟା’, ‘ହ୍ୟସଗତି’, ‘କାଳାନ୍ତର’, ‘ସବୁଜ ପତ୍ର ଓ ଧୂସର ଗୋଲାପ’, ‘ମରାଳର ମୃତ୍ୟୁ’, ‘ମହାନିର୍ବାଣ’, ‘ମହାନଗରୀରେ ରାତ୍ରି’, ‘ଓଃ କାଲକାଟା’, ‘ଦୁଇ ସୀମାନ୍ତ’, ‘କବି ଓ ନର୍ତ୍ତକୀ’, ‘ ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ’, ‘ଯଦୁବଂଶ ଓ ଅନ୍ୟାନ୍ୟ ଗଳ୍ପ’ ଆଦି ତାଙ୍କର ଗଳ୍ପ ପୁସ୍ତକ। ସେ ମଧ ଜଣେ ସମାଲୋଚକ, ପ୍ରାବନ୍ଧିକ, ଆତ୍ମ କାହାଣୀ ଓ ଭ୍ରମଣକାହାଣୀ ଲେଖକ ଭାବରେ ସୁପରିଚିତ। ସ୍ୱାଧୀନତା ପରେ ଅନ୍ୟାନ୍ୟ କଥାକାରମାନଙ୍କ ମଧରେ ବାମାଚରଣ ମିତ୍ର, କିଶୋରୀ ଚରଣ ଦାସ, ମନୋଜ ଦାସ, କୃଷ୍ଣ ପ୍ରସାଦ ମିଶ୍ର, ମହାପାତ୍ର ନୀଳମଣି ସାହୁ, ଶାନ୍ତନୁ ଆଚାର୍ଯ୍ୟ, ବସନ୍ତ କୁମାରୀ ପଟ୍ଟନାୟକ, ବସନ୍ତ କୁମାର ଶତପଥୀ, ଗୋବିନ୍ଦ ଦାସ, ଚନ୍ଦ୍ରଶେଖର ରଥ, ରବି ପଟ୍ଟନାୟକ, ବୀଣାପାଣି ମହାନ୍ତି, ରାମଚନ୍ଦ୍ର ବେହେରା, ବିଭୂତି ପଟ୍ଟନାୟକ ଓ ପ୍ରତିଭା ରାୟ ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ। ସ୍ୱାଧୀନତା ପରବର୍ତ୍ତୀ କାଳରେ ଭୁବନେଶ୍ୱର ବେହେରା ଜଣେ ଉଚ୍ଚକୋଟୀର ରମ୍ୟରଚକ, ଗାଳ୍ପିକ ଓ ଭ୍ରମଣ କାହାଣୀ ଲେଖକ ଭାବରେ ଆପଣାର ଦକ୍ଷତା ପ୍ରଦର୍ଶନ କରିଅଛନ୍ତି। ସ୍ୱାଧୀନତା ପୂର୍ବରୁ ଉପନ୍ୟାସ ଓ କବିତା ରଚନା କରି ଯଶସ୍ୱୀ ହୋଇଥିବା ହରେକୃଷ୍ଣ ମହତାବ ସ୍ୱାଧୀନତା ପରେ ନିରବଚ୍ଛିନ୍ନ ଭାବରେ କବିତା, ଗଳ୍ପ, ଉପନ୍ୟାସ ଓ ରମ୍ୟରଚନା ଲେଖିଛନ୍ତି। ‘ଝଙ୍କାର’ ପତ୍ରିକା ମାଧମରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ନବ ନିର୍ମାଣ କ୍ଷେତ୍ରରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ।


**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**


# ମୁକ୍ତିକାମୀ ମଣିଷ କିନ୍ତୁ ବନ୍ଧନ ମୁକ୍ତ ନୁହେଁ

**ଡଃ କିଶୋର ମହାନ୍ତି**

ଏ କଥାଟି ସତ୍ୟ ଯେ ପଂଜୁରୀ ଭିତରେ ଶାରୀ ଭାବୁଥାଏ ସେ କେମିତି ବଂଦୀ ମୁକ୍ତ ନୁହେଁ - ପ୍ରତ୍ୟେକଟି ପକ୍ଷୀ ଚାହାଁନ୍ତି ଡେଣା ଝାଡି ସୁନୀଳ ଆକାଶରେ ଅବା ସବୁଜ ବନାନୀରେ ହଜି ଯିବା ପାଇଁ। ମୁକ୍ତି ପାଗଳ ପକ୍ଷୀ ଚାହେଁ ଟିକିଏ ଖୋଲା ପବନ ପାଇବା ପାଇଁ - ପ୍ରକୃତିକୁ ଭଲ ଭାବରେ ଉପଭୋଗ କରିବା ପାଇଁ। କିନ୍ତୁ ଅପରପକ୍ଷେ ଦେଖିବାକୁ ଗଲେ ପାଶ୍ଚାତ୍ୟ ମନୀଷୀ କହିଛନ୍ତି - ‘‘ ଗବଭ ସଭ ଭକ୍ଟଜ୍ଜଭ ଲକ୍ଟ୍ଟରର ଭଙ୍ଗଚ୍ଚ ରଙ୍ଗରକ୍ଟଛଙ୍ଗଷରକ୍ଟର ସଚ୍ଚ ମଷବସଭ’’. ମଣିଷ ମୁକ୍ତ ହୋଇ ଜନ୍ମ ନେଇଛି ଆଉ ପରେ ପ୍ରତିଟି କ୍ଷେତ୍ରରେ ସେ ବଂଦୀଟିଏ ହେଇ ଯାଇଛି। ରୁଷୋଙ୍କର ଏ ବକ୍ତବ୍ୟ ସାରା ମାନବସମାଜରେ ଏକ ଆଲୋଡ଼ନ ସୃଷ୍ଟି କଲା। ମଣିଷର ଜୀବନ ସଂଘର୍ଷ କାହାଣୀ ବଡ଼ ଜଟିଳ ଓ ସେ ସବୁବେଳେ ନିଜକୁ କେମିତି ଯୋଦ୍ଧା ସେନାନୀ ବୋଲି ଚିନ୍ତା କଲାବେଳେ ଏମିତ ହୁଏ ସେଇ ସମସ୍ୟା ମାନଙ୍କର ସେ ଶୀକାର ହୁଏ। ଗୋଟିଏ ଗୀତ ଏ ପରିପ୍ରେକ୍ଷୀରେ ବେଶ ଉଦ୍‌ବେଳନ ସୃଷ୍ଟି କରେ। ସେ ଗୁଢ ରହସ୍ୟ ଭେଦ କରିବା ବଡ଼ କଷ୍ଟ। ଗୀତର ଶାବ୍ଦିକ ରୂପଚିତ୍ର ଏହିପରି-

‘‘ ପଂଜୁରୀ ଭିତରେ ଶାରୀ
ଶାରୀ କହେ ହରି ହରି
ମଣିଷ ବୁଝେନି.... ଶାରୀ ତ ବୁଝିଛି
ସିଏ ଖୋଲି ପାରେ ଏ ଭାବ ପଂଜୁରୀ
ଶାରୀ ପଂଜୁରୀରେ ଛଟପଟ
ଥରେ ବାଟ କହେ ଖୋଲି ଦିଅ
ଲୋଡା ନାହିଁ ମୋର ରାଜା ଆହାର’’

ମୋର ପବନରେ ପୁରୁ ପେଟ......... ଇତ୍ୟାଦି କେତେ ମର୍ମ ଭେଦୀ ଆଉ ଜୀବନ ଦର୍ଶନର ପ୍ରତିଲିପି। ବେଳେବେଳେ ନୈରାଶ୍ୟର ଘନଛାୟା ମଣିଷ ଜାତିକୁ ସଂକ୍ରମିତ କରୁଛି। ଜୀବନର କିଛି ଅର୍ଥ ନାହିଁ, ଜୀବନ ନିରର୍ଥକ, ଅସାର୍ଥକ ଓ ନିଷ୍ଫଳ। ଥରେ ଏହି ଭାବନା ମନକୁ ଛୁଇଁଗଲେ ଆଉ ଆତ୍ମୋଦ୍ଧାରର ପଥ ରହେ ନାହିଁ। ଆମେ କ’ଣ ଏ ବନ୍ଧନରୁ ମୁକ୍ତି ପାଇବାକୁ ଆତ୍ମହତ୍ୟା ପଥକୁ ଆପଣେଇବା ? ଜୀବନଟା ସର୍ବ ଦୁଃଖମୟ ନୁହେଁ କି ସର୍ବ ସୁଖମୟ ନୁହେଁ। ଏଠି ସୁଖ ଦୁଃଖ, ହସ କାନ୍ଦର ଘୋର ପ୍ରତିଯୋଗୀତା ଚାଲିଛି। ଏହି ସଂଗ୍ରାମକୁ ଦୂର କରିବା ପାଇଁ ନିଜକୁ ଅନ୍ଧାର ଆଡ଼େଇ ଆଲୋକ ବର୍ତିକା ଜାଳିବାକୁ ହେବ। ଆମ ଭିତରେ ଦୁରାତ୍ମାକୁ ପ୍ରଶୟ ଦେବା ଆଦୌ ଉଚିତ ନୁହେଁ। ଯାହାର ମନ, ବଚନ ଓ କର୍ମ ଏକ ରୂପ ସେ ହେଉଛନ୍ତି ମହାତ୍ମା। ଯାହାର ମନ, ବଚନ ଓ କର୍ମ ଭିନ୍ନ ଭିନ୍ନ ସେ ହେଉଛି ଦୁରାତ୍ମା। ମଣିଷ ଭିତରେ ଏତକ ରହିବା ଉଚିତ କି?

**ଦୁଃଖରେ ନ ହେବ କାତର**
**ସୁଖରେ ନକର ଚାତର।**

ଦୁଃଖରେ ଉଦ୍‌ବିଗ୍ନ ନ ହେବା ପାଇଁ ଓ ସୁଖରେ ବିତସ୍ପୃହ ହେବା ପାଇଁ ଗୀତାରେ କୁହାଯାଇଛି। କିନ୍ତୁ ଏକଥା ମଧ ଏ ମଣିଷ ସମାଜରେ ଘଟୁଛି- ମନୁଷ୍ୟକୁ ଦାସ କରି ରଖୁଛି। ମନୁଷ୍ୟ ମନୁଷ୍ୟକୁ ଦୁଃଖ ଦେଉଛି, ପୀଡ଼ା ଦେଉଛି, କଷ୍ଟରେ ଜାଳି ଦେଉଚି। ଗୋଟିଏ ରାଷ୍ଟ୍ର ଆଉ ଗୋଟିଏ ରାଷ୍ଟ୍ରକୁ ଦମନ କରିବା ଆଳରେ ପାଦ ତଳେ ଚାପି ରଖିବାର ଅପଚେଷ୍ଟା କରୁଛି। ବଳବାନ ନିର୍ବଳକୁ ଦବେଇ ରଖୁଛି। ନିଜର ହିଂସ୍ରକ ତତ୍ତ୍ୱକୁ ହଜମ କରି ସେ କ୍ରୁର ହେଇଯାଉଛି। ଏବେ ମାନବ ସମାଜ ରକ୍ତରେ ଜର୍ଜରିତ। କେହି ସୁଖରେ ରହୁଚିତ କିଏ ଦୁଃଖରେ ରହୁଛି। କାହାର ବିଳାସ ଓ ଆଉ କାହାର ସର୍ବନାଶ। କେହି ରାଜ ପ୍ରାସାଦରେ ରହୁଚିତ ଆଉ କେହି ରାସ୍ତା କଡ଼ରେ ପଡ଼ିଛି। କିଏ ଭୋକ ଉପାସରେ ମରୁଛି। ତଥାପି ଆମେ ଏକଥା ଅସ୍ୱୀକାର କରିବାନି ଯେ, ମଣଷ ତାର ସ୍ୱଧର୍ମ ନିଭାଉଛି ବୋଲି। ଆମେ ହିଂସା ଆଚରଣ କରୁଛେ। ଆମେ ଆତଙ୍କବାଦୀ ସାଜୁଛେ। ନୀରହମାନଙ୍କୁ ମାରି ଚରମ ଆନନ୍ଦ ଲାଭ କରୁଛେ। ମାନବଜୀବନକୁ ଧ୍ୱଂସ କରିବା ପାଇଁ ବିଷାକ୍ତ ବାଷ୍ପ ଛାଡୁଚେ। ବୋମା ଫିଙ୍ଗୁଚେ - ବାଇଲୋଜିକାଲ ୱାର ପାଇଁ ପ୍ରଶୟ ଦେଉଚେ। ଏଠି ଆମେ ଧ୍ୱଂସ ଆଡକୁ ଟାଣି ହେଇ ଯାଉଚୁ। ସେ ବୁଝି ପାରୁ ନାହିଁ ଯେ ସେ ଅହଂ ପରବଶ ହୋଇ ଏସବୁ କରୁଛି। ସେ ନିଜକୁ ପ୍ରଶ୍ନ କରୁ ନାହିଁ କି ସେ ପ୍ରକୃତରେ କିଏ ? ଏ ସମଗ୍ର ଜଗତ କଣ ତାର ଆୟତାଧୀନ? ସେ ନିଜର ସ୍ଥିତି ଓ ସ୍ୱରୂପକୁ ଭୁଲି ଯାଉଚି ବାରବାର। ମଣିଷକୁ ଈଶ୍ୱର ସର୍ବଶକ୍ତି ପ୍ରଦାନ କରିଛନ୍ତି- ମଣିଷକୁ ଅନ୍ଧାର ଦେଇଛନ୍ତି କୁହନ୍ତି ମଣିଷ ସେଇ ଅନ୍ଧାର ଭିତରୁ ଆଲୋକ ଖୋଜୁ। ସେ ମର୍ତ୍ତ୍ୟ ଦେଇଛନ୍ତି। ସେ କହନ୍ତି ସେହିଠାରୁ ସେ ଅମୃତ ସନ୍ଧାନ କରୁ। ମଣିଷ ଅସତ ଭିତରୁ ସତ୍ ପ୍ରାପ୍ତ ହେଉ। ବିଷରୁ ସୁଧା ସୃଜନ କରୁ। ଅମଙ୍ଗଳରୁ ମଙ୍ଗଳ ନିର୍ମାଣ କରୁ। ଭାଙ୍ଗିବା ବଦଳରେ କିଛି ଗଢ଼ିବାରେ ମନୋନିବେଶ କରୁ। ଏ ସୃଷ୍ଟି ତାରି ପାଇଁ ତ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା ପ୍ରକୃତିର ରକ୍ଷଣାବେକ୍ଷଣର ଦାୟିତ୍ୱ ହିଁ ତାରି ଉପରେ। ଏସବୁରୁ ସେ ନିବୃତ କଣ ହୋଇପାରେ ? ମୁକ୍ତି ଅନନ୍ଦ ଦିଏ। ସ୍ୱାଧୀନତା ମାନବର ଜନ୍ମଗତ ଅଧିକାର। ପ୍ରତିଟି ମଣିଷର ସ୍ୱାଧୀନ ଭାଷାର, ସ୍ୱାଧୀନ ବିହାର ସ୍ୱାଧୀନ ଜୀବନଯାପନ ଓ ସ୍ୱାଧୀନ ସଂଘ ଗଠନର କ୍ଷମତା ହିଁ ସାମାଜିକ ଜୀବନର ଭିତି। ବ୍ୟକ୍ତିଗତ ଜୀବନର ବିକାଶ ନିମନ୍ତେ ବ୍ୟକ୍ତି ଜୀବନର ଦାୟିତ୍ୱବୋଧ ଯେତିକି ଆବଶ୍ୟକ ସମାଜର ଅଙ୍ଗ ଭାବେ ସଂଘବଦ୍ଧ ଭାବରେ ଜୀବନଯାପନ କରୁଥିବାରୁ ଓ ସମାଜଦ୍ୱାରା ନାନା ଭାବରେ ଉପକୃତ ହେଉଥିବାରୁ ସମାଜ ପ୍ରତି ମଣିଷ ଆନୁଗତ୍ୟ ସ୍ୱୀକାର କରିବା ଉଚିତ।


**ମୋବାଇଲ୍: ୯୪୩୭୭୨୮୪୭୫**


# କୃଷି ସମୃଦ୍ଧ ଯୋଜନାରେ ଆଗେଇବ ରାଜ୍ୟର କୃଷି ପ୍ରଗତି



**ହୃଷୀକେଷ ପୁହାଣ**

ଓଡ଼ିଶା ଏକ ପ୍ରବଣ ଓ ଚାଷ ବାସ ହିଁ ଓଡ଼ିଶାବାସୀଙ୍କ ମୁଖ୍ୟ ଜୀବନ ଜୀବିକା ରୋଜିରୋଟି ଓ ଅର୍ଥନୀତି। ଅନେକ ହୁଏତ ଜାଣିନଥିବେ ଆମ ଚାଷୀ ପୁଅମାନେ ହେଉଛନ୍ତି ସମଗ୍ର ଓଡ଼ିଶା ଜନସଂଖ୍ୟାର ବଡ଼ ଓ ମୁଖ୍ୟ ଆଧାର। ପରିସଂଖ୍ୟନରୁ ଜଣାଯାଇଛି ମୋଟ ଶ୍ରମ ଶକ୍ତିରୁ ପାଖାପାଖି ୫୦% କେବଳ କୃଷି ଓ ଏହି ଚାଷବାସ ସମ୍ପର୍କିତ ହିଁ ଆୟ ହୋଇଥାଏ। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଡବଲ ଇଞ୍ଜିନ ସରକାର ଶାସନ ଦାୟିତ୍ୱ ନେବାପରେ ଓଡ଼ିଶାବାସୀଙ୍କ ମୁଖ୍ୟ ଅବଲମ୍ବନ କୁହାଯାଉଥିବା କୃଷି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଦିନଥିଲା ବନ୍ୟା, ବାତ୍ୟା, ମରୁଡ଼ି, ପ୍ରାକୃତିକ ବିପର୍ଯ୍ୟୟ ଓ ତତ୍ ଜନିତ କ୍ଷୟକ୍ଷତିକୁ ନେଇ ଚାଷୀ ଆତ୍ମହତ୍ୟା ଉଦବେଗଜନକ ହୋଇପଡୁଥିଲା ତେବେ ସେ ସମୟ ଆଉ ନାହିଁ। ବର୍ତ୍ତମାନର ମୋହନ ସରକାର କୃଷି ନୀତିକୁ ସଂଗଠିତ କରି ଏହାକୁ ଯୋଜନାବଦ୍ଧ ଭାବରେ ତ୍ୱରାନ୍ୱିତ କରିବା ସହ ଜଳବାୟୁ ପ୍ରତିରୋଧୀ କୃଷି ପଦ୍ଧତି ଓ ଡିଜିଟାଇଜେସନ ଭଳି ବ୍ୟବସ୍ଥାକୁ ଗ୍ରହଣ କରିବା ଦ୍ୱାରା ଓଡ଼ିଶାରେ କୃଷି କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ହେବା ସହ ଉଲ୍ଲେଖନୀୟ ଭାବେ କେବଳ ଅଭିବୃଦ୍ଧି ହୋଇନାହିଁ ବରଂ ସମଗ୍ର ଭାରତକୁ ଏବେ କୃଷି ଉତ୍ପାଦନ ଭିତ୍ତିକ ରାଜ୍ୟ ଭାବେ ଏବଂ ରେକର୍ଡ଼ ସଂଖ୍ୟକ ଖାଦ୍ୟଶସ୍ୟ ଉତ୍ପାଦନ କରି ଓଡ଼ିଶା ତାର ସ୍ୱତନ୍ତ୍ରତା ବଜାୟ ରଖିଛି। ଓଡ଼ିଶାର ଚାଷବାସ ଭିତରେ ମୁଖ୍ୟତଃ ହେଉଛି ଧାନ ଚାଷ। ତେଣୁ ସରକାର ଇନପୁଟ ସବସିଡି ତୁରନ୍ତ ପ୍ରଦାନ କରି ଚାଷୀକୁ ଆଗେଇବା ପାଇଁ ସହଯୋଗର ହାତ ବଢ଼ାଇଛନ୍ତି।

ମୋହନ ସରକାରଙ୍କ ଡବଲ ଇଞ୍ଜିନ ସରକାରର ଚାଷୀ ନୀତି ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସମୃଦ୍ଧ କୃଷକ ଯୋଜନା। ଏହି ଯୋଜନା ଦ୍ୱାରା ଓଡ଼ିଶାର ଚାଷୀପୁଅମାନଙ୍କ ଠାରୁ ପ୍ରତି କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଏମଏସପି ୨୩୦୦ ଟଙ୍କା ସହିତ ଅତିରିକ୍ତ ୮୦୦ ଟଙ୍କା ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେଇ ଧାନ କ୍ରୟ କରାଯାଉଛି। ଏହା ବ୍ୟତୀତ ସ୍ୱତନ୍ତ୍ର ଭାବେ ଖାଦ୍ୟଥାଳିରେ ପୁଷ୍ଟିଶସ୍ୟର ପୁନରଉଦ୍ଧାର ନିମିତ୍ତ ସରକାର ନୂତନ ଭାବେ ଶ୍ରୀ ଅନ୍ନ ଅଭିଯାନ ଆରମ୍ଭ କରିଛନ୍ତି। ସୂଚନାଥାଉକି ରାଜ୍ୟରେ ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଥିବା ଏହି ଯୋଜନାଟି ତମାମ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ ୧୭୭ଟି ବୃଷ୍ଟିପୁଷ୍ଟ ବ୍ଲକରେ କାର୍ଯ୍ୟକାରୀ କରାଯାଉଛି। ସରକାର ଚାଷୀପୁଅକୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ସେମାନଙ୍କ ସହାୟତା ନିମିତ୍ତ ପ୍ରତି କ୍ୱିଣ୍ଟାଲ ପିଛା ୪୨୯୦ ଟଙ୍କା ସର୍ବାଧିକ ସହାୟକ ମୂଲ୍ୟ ବ୍ୟତୀତ କ୍ୱିଣ୍ଟାଲ ପିଛା ଅତିରିକ୍ତ ୨୧୦ ଟଙ୍କା ବର୍ଦ୍ଧିତ ପ୍ରୋତ୍ସାହନ ସହାୟତା ପ୍ରଦାନ କରି ମାଣ୍ଡିଆ କ୍ରୟ କରୁଛନ୍ତି। ୨୦୨୪-୨୫ ବର୍ଷରେ ୭.୬୪ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି।

ସରକାର କୃଷି କ୍ଷେତ୍ର ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଚାର କରାଯାଉଥିବା କୃଷି ଉତ୍ପାଦନ ଓ ଖାଦ୍ୟଶସ୍ୟର ଉପଲବ୍ଧତା ବୃଦ୍ଧି, କୃଷି ରପ୍ତାନି ବୃଦ୍ଧି, ଶ୍ରମିକ ଅଭାବକୁ ହ୍ରାସ, ଦୁର୍ଲ୍ଲଭ ପ୍ରାକୃତିକ ସମ୍ପଦ ଏବଂ କୃଷି ସାମଗ୍ରୀର ବିଚାର ପୂର୍ଣ୍ଣ ବ୍ୟବହାରକୁ ସହଜ କରିବା ନିମନ୍ତେ କୃଷି ଯାନ୍ତ୍ରିକୀକରଣ ଉପରେ ଧାନ ଦିଆଯାଇଛି। ଏହାର ସୁଫଳ ଚାଷୀପୁଅମାନେ ପାଉଛନ୍ତି ଯାହାଦ୍ୱାରା କେବଳ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର କୃଷି ଶକ୍ତି ବ୍ୟବହାର ୨.୬୦ କିଲୋୱାଟ ହେକ୍ଟରରେ ପହଞ୍ଚିଛି। ସରକାର ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ରଖିଛନ୍ତି ୨୦୩୬ ସୁଦ୍ଧା ଏହା ୩.୫ କିଲୋୱାଟ / ହେକ୍ଟରରେ ପହଞ୍ଚିବା ପାଇଁ ଯୋଜନା ରହିଛି।

କୃଷି ଉତ୍ପାଦନ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ନିମିତ୍ତ ଲୋକପ୍ରିୟ ମୋହନ ସରକାର କୃଷି ଉତ୍ପାଦନ କ୍ଲଷ୍ଟର ଯୋଜନା ୧୦୦ଟି ଆଦିବାସୀ ବହୁଳ ବ୍ଲକରେ କୃଷି ଉତ୍ପାଦନ କ୍ଲଷ୍ଟର (ଏପିସିଏସ) ସ୍ଥାପନ କରାଯାଇ ଜୀବିକା ସମ୍ପଦ ସୃଷ୍ଟି କରିବା ସହିତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ପାଇଁ ବଜାର ସଂଯୋଗ ବ୍ୟବସ୍ଥା କରାଯିବାର ବ୍ୟବସ୍ଥା କରାଯାଇଛି। ଏହାର ସୁଫଳ ସ୍ୱରୂପ ୧୬ ଜିଲ୍ଲାର ୧୦୦ଟି ବ୍ଲକରେ ୨୫୮୩୫୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ନେଇ ୨୧୪୮ ଉତ୍ପାଦକ ଗୋଷ୍ଠୀ ଏବଂ ୬୨ ଉତ୍ପାଦକ କମ୍ପାନୀକୁ ପ୍ରୋତ୍ସାହିତ କରାଯାଇଛି। କେବଳ ସେତିକି ନୁହେଁ ଉତ୍ପାଦକ ଗୋଷ୍ଠୀର ଚାଷୀ ମାନଙ୍କ ଦ୍ୱାରା ୧୧୩୭୭ ଲକ୍ଷ ଟଙ୍କାର ସାମୂହିକ ବିପଣନ କରାଯାଇଛି।

ଓଡ଼ିଶାର ଲୋକପ୍ରିୟ ମୋହନ ସରକାର ଚାଷୀପୁଅଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ନିମିତ୍ତ ସେମାନଙ୍କୁ ବ୍ୟାଙ୍କିଙ୍ଗ ସହାୟତାର ବ୍ୟବସ୍ଥା କରିବା ସହ କୃଷି ବିଭାଗ ସ୍ୱତନ୍ତ୍ର ସହାୟତା ପ୍ରଦାନ କରୁଛି ଏବଂ ଆନ୍ତର୍ଜାତିକ ସହଯୋଗ ଅନୁଷ୍ଠାନର ମିଳିତ ଉଦ୍ୟୋଗରେ ଉନ୍ନତ କୃଷିଯନ୍ତ୍ରପାତି, ଉପକରଣ ଓ ଆନୁସଙ୍ଗିକ ସହାୟକ ଉପକରଣ କିଣିବା ପାଇଁ ସହଯୋଗ ପ୍ରଦାନ କରାଯାଉଛି। ସରକାର ସହରାଞ୍ଚଳରେ ବାସ କରୁଥିବା ଚାଷ କ୍ଷେତର ଚଷାପୁଅଙ୍କ ପାଇଁ ସିଏମ କିଶାନ ଯୋଜନା ପ୍ରକଳ୍ପ ହାତକୁ ନେଇ ସେମାନଙ୍କ ପାଇଁ ସାମଗ୍ରିକ ସହାୟତା କରୁଛନ୍ତି ଓ ସେମାନଙ୍କ ଉତ୍ପାଦିତ କୃଷିଜାତ ସାମଗ୍ରୀ କିଣିବା ସହ ବିପର୍ଯ୍ୟୟ ସମୟରେ ସେମାନଙ୍କର ଚାଷ କ୍ଷୟକ୍ଷତି ଜନିତ କଷ୍ଟକୁ ଲାଘବ କରିବା ପାଇଁ ସହଯୋଗ ରାଶି ପ୍ରଦାନ କରିଥାଏ। ଓଡ଼ିଶା ପରି ଏକ କୃଷି ପ୍ରଧାନ ରାଜ୍ୟରେ ବିଶେଷକରି ରବି ଋତୁରେ ଜଳସେଚନ ସୁବିଧା ନଥିବାରୁ ଫସଲ ପ୍ରସ୍ତୁତି ଓ ଉତ୍ପାଦନ କଷ୍ଟକର ହୋଇଥାଏ। ଏହି ସମସ୍ୟାକୁ ମୁକାବିଲା କରିବା ପାଇଁ ଓଡ଼ିଶା ସରକାର ନୂତନ ଭାବେ ରାଜ୍ୟରେ ରସାୟନମୁକ୍ତ ଜୈବିକ ଚାଷକୁ ଉତ୍ସାହିତ କରିବା ନିମିତ୍ତ ‘ଓଡ଼ିଶା ବଳଭଦ୍ର ଜୈବିକ ଚାଷ ମିଶନ’ ପରି ଏକ ପ୍ରମୁଖ କାର୍ଯ୍ୟକ୍ରମ ଜରିଆରେ ମୃତ୍ତିକାର ଜୈବ ଅଙ୍ଗାର ବୃଦ୍ଧି ନିମିତ୍ତ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ଓ ସ୍ମରଣୀୟ ପଦକ୍ଷେପ ହେଉଛି ଲୋକପ୍ରିୟ ମୋହନ ସରକାର ଅମୃତ ଅନ୍ନ ଯୋଜନା ହାତକୁ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମହାପ୍ରସାଦ ପ୍ରସ୍ତୁତି ତଥା କୋଠଭୋଗ ଓ ଅନ୍ୟାନ୍ୟ ଭୋଗ ପ୍ରସ୍ତୁତି ପାଇଁ ଜୈବିକ ପ୍ରଣାଳୀ ଧାନ ଚାଷ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ଓଡ଼ିଶାର ଚାଷୀ ପୁଅ ତାର ଉତ୍ପାଦିତ ସାମଗ୍ରୀକୁ ଗଚ୍ଛିତ କରି ରଖିବା ପାଇଁ ଶୀତଳ ଭଣ୍ଡାର ଉପରେ ନିର୍ଭରଶୀଳ ଥିବାରୁ ଏହି ବ୍ୟବସ୍ଥାକୁ ସୁଦୃଢ଼ ଓ ଯୋଜନାବଦ୍ଧ କରି ରାଜ୍ୟର ୫୮ଟି ଉପଖଣ୍ଡରେ ଶୀତଳ ଭଣ୍ଡାର ଘରୋଇ ସହଯୋଗରେ ପ୍ରତିଷ୍ଠାର ଯୋଜନା ରହିଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାଦ୍ୱାରା ଯୁବ ଉଦ୍ୟୋଗୀ ବା ଯୁବଚାଷୀମାନେ ଚାଷବାସ ପ୍ରତି ଆଗ୍ରହ ବଢ଼ାଉଛନ୍ତି ଏବଂ ଏହାଦ୍ୱାରା ସେମାନେ ସ୍ୱାବଲମ୍ବୀ ହେବା ସହ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେଉଛନ୍ତି।

ଓଡ଼ିଶାର ଲୋକପ୍ରିୟ ମୋହନ ସରକାରଙ୍କ ‘ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା’ ଏପରି ଏକ ଚାଷୀ ଅନୁକୂଳ ଓ ଚାଷୀ ଅର୍ଥନୀତିକୁ ସୁଦୃଢ଼ କରୁଥବା ବିଶାଳ କାର୍ଯ୍ୟକ୍ରମ ସରକାରଙ୍କ ଏହି ବଡ଼ ଯୋଜନାରେ ଚାଷୀ ଓ ଏହି ସମ୍ପର୍କିତ ଉଦ୍ୟୋଗ ପ୍ରତିଷ୍ଠା ନିମିତ୍ତ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତିର ବ୍ୟବସ୍ଥା ରହିଛି। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବଭାରତ ବିକାଶର ମୂଳକେନ୍ଦ୍ର ଓଡ଼ିଶା ହୋଇଥିବାରୁ ଏବଂ ବିକଶିତ ଓଡ଼ିଶା ୨୦୩୬ ତଥା ବିକଶିତ ଭାରତ ୨୦୪୭ ନିମିତ୍ତ ବିଶେଷକରି ଓଡ଼ିଶାରେ କୃଷି ପ୍ରଗତିକୁ ଶୀର୍ଷରେ ପହଞ୍ଚାଇବା ସହ ଓଡ଼ିଶାକୁ କୃଷି ଅର୍ଥନୀତିର ଅଭିବୃଦ୍ଧି ସମ୍ପନ୍ନ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଯେଉଁ ଖସଡ଼ା ପ୍ରସ୍ତୁତ କରିଛନ୍ତି ସେ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି।


**ଥାଇଲୋ, ଅଲିକଣ୍ଟା, ବାଲିକୁଦା, ଜଗତସିଂହପୁର-୭୫୪୧୦୮,**
**ମୋବାଇଲ୍: ୭୦୦୮୪୩୮୯୫୯**

# ହାଇପରସୋନିକ୍ ଜିରକୋନ୍ ମିସାଇଲ ପରୀକ୍ଷଣ କଲା ରୁଷ



ନୂଆଦିଲ୍ଲୀ,୧୪।୯: ରୁଷ୍ ପୁଣି ଥରେ ନିଜ ସାମରିକ ଶକ୍ତି ବିଶ୍ୱକୁ ଅନୁଭବ କରାଇ ଦେଇଛି। ସାମରିକ ଅଭ୍ୟାସ ବେଳେ ରୁଷ୍ ନିଜର ସବୁଠୁ ଘାତକ ଅସ୍ତ୍ର ମଧ୍ୟରୁ ଗୋଟିଏ ହାଇପରସୋନିକ୍ ଜିରକୋନ୍ ମିସାଇଲର ଟେଷ୍ଟ କରିଛି। ଏହି ମିସାଇଲର ଗତି ଧ୍ୱନିଠାରୁ ୯ ଗୁଣ ଅଧିକ, ଯାହାକୁ ରୋକିବା ପ୍ରାୟ ଅସମ୍ଭବ ମନେକରାଯାଉଛି। କୁହାଯାଉଛି ଯେ, ଏହି ମିସାଇଲ କୌଣସି ବି ଦେଶର ନକ୍ସା ବଦଳାଇବାର କ୍ଷମତା ରଖିଥାଏ। ରୁଷ୍ ରବିବାର କହିଛି ଯେ, ସେ ବେରେଣ୍ଟସ ସାଗରରେ ଗୋଟିଏ ଟାର୍ଗେଟ୍‌ରେ ଜିରକୋନ ହାଇପରସୋନିକ୍ କ୍ରୁଜ୍ ମିସାଇଲ ନିକ୍ଷେପ କରିଛି ଏବଂ ସୁଖୋଇ ଏସୟୁ-୩୪ ସୁପରସୋନିକ ଫାଇଟର- ବୋମାବର୍ଷକ ବେଲାରୁଷ୍ ସହ ମିଳିତ ସାମରିକ ଅଭ୍ୟାସର ଅଂଶ ଭାବେ ଆକ୍ରମଣ କରିଛି।

ରୁଷୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ ନର୍ଦର୍ଣ୍ଣ ଫ୍ଲିଟ୍‌ର ଆଡମିରାଲ ଗୋଲୋଭକୋ ଫ୍ରିଗେଟ୍ ଦ୍ୱାରା ବେରେଣ୍ଟସ୍ ସାଗରରେ ଗୋଟିଏ ଲକ୍ଷ୍ୟ ସ୍ଥଳରେ, ଜିରକୋନ୍ ହାଇପରସୋନିକ୍ ମିସାଇଲ ନିକ୍ଷେପ କରାଯିବାର ଫୁଟେଜ୍ ଜାରି କରିଛି। ଫୁଟେଜ୍‌ରେ ଦେଖିବାକୁ ମିଳିଛି ଯେ, ଫ୍ରିଗେଟ୍‌ରୁ ମିସାଇଲକୁ ଭୂଲମ୍ବ ଭାବେ ନିକ୍ଷେପ କରାଯାଇ ଥିଲା ଏବଂ ପୁଣି ଏହା ଏକ କୋଣରେ ଦିଗନ୍ତ ଆଡ଼କୁ ଗତି କରି ଥିଲା। ମନ୍ତ୍ରଣାଳୟ କହିଛି ଯେ, ବାସ୍ତବିକ ସମୟରେ ପ୍ରାପ୍ତ ମନିଟରିଂ ଡାଟା ଅନୁସାରେ, ଟାର୍ଗେଟ୍‌କୁ ସିଧାସଳଖ ପ୍ରହାର ଦ୍ୱାରା ନଷ୍ଟ କରି ଦିଆ ଯାଇଛି। ମନ୍ତ୍ରଣାଳୟ ଏହା ମଧ୍ୟ କହିଛି ଯେ, ନର୍ଦର୍ଣ୍ଣ ଫ୍ଲିଟ୍‌ର ମିଶ୍ରିତ ଆଭିଏସନ କୋର୍ପର ଲମ୍ବା ଦୂରର ବୁଡା ଜାହାଜ ରୋଧି ବିମାନ ଏହି ଅଭ୍ୟାସରେ ସାମିଲ ଥିଲା। ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ ରୁଷ୍ ଓ ବେଲାରୁଷ୍ ମଧ୍ୟରେ 'ଜାପାଡ୍-୨୦୨୫' ବା ପଶ୍ଚିମ ମିଳିତ ରଣନୀତିକ ଅଭ୍ୟାସ ୧୨ ସେପ୍ଟେମ୍ବରରେ ଆରମ୍ଭ ହୋଇଛି, ଯାହାର ଉଦ୍ଦେଶ୍ୟ ରୁଷ୍ ବା ବେଲାରୁଷ୍ ଉପରେ ହମଲାର ସ୍ଥିତିରେ ସେନା କମାଣ୍ଡ ଓ ସମନ୍ୱୟକୁ ଉତ୍ତମ କରିବା। ମସ୍କୋ ଓ ମିନସ୍କ ସ୍ପଷ୍ଟ କରିଛନ୍ତି ଯେ, ଏହି ଅଭ୍ୟାସ ସଂପୂର୍ଣ୍ଣ ରୂପେ ରକ୍ଷାତ୍ମକ ଓ ଏହାର କୌଣସି ବି ନାଟୋ ସଦସ୍ୟ ଉପରେ ଆକ୍ରମଣ କରିବାର କୌଣସି ଉଦ୍ଦେଶ୍ୟ ନାହିଁ। ହେଲେ , ଆମେରିକାର ନେତୃତ୍ୱର ସେନା ଗଠବନ୍ଧନ ୯-୧୦ ସେପ୍ଟେମ୍ବରରେ ପୋଲାଣ୍ଡରେ ରୁଷୀୟ ଡ୍ରୋନ୍‌ର ଅନୁପ୍ରବେଶ ପରେ ଇଷ୍ଟର୍ନ ସେଣ୍ଟ୍ରି ଅପରେସନର ଘୋଷଣା କରିଥିଲା। ଏହି ମିସାଇଲର ଆକ୍ରମଣାତ୍ମକ କ୍ଷମତା ୪୦୦ରୁ ୧୦୦୦ କିଲୋମିଟର ଏବଂ ଏହାର ୱାରହେଡ୍ ଲୋଡ୍ ପାଖାପାଖି ୩୦୦-୪୦୦ କିଲୋଗ୍ରାମ୍।

■ ଟଙ୍କା ଫେରସ୍ତ ପାଇବେ ସାହାରା ଜମାକାରୀ

# ଆଉ ୫ ହଜାର କୋଟି ଫେରାଇବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୪।୯: ସାହାରା ଇଣ୍ଡିଆର ଜମାକାରୀମାନଙ୍କୁ ଆଉ ୫ ହଜାର କୋଟି ଟଙ୍କା ଫେରସ୍ତ ମିଳିବ। କେନ୍ଦ୍ର ସରକାରଙ୍କ ଅନୁରୋଧକ୍ରମେ ସୁପ୍ରିମକୋର୍ଟ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ ନିକଟରେ ସାହାରା ଗ୍ରୁପ୍ ପକ୍ଷରୁ ଜମା କରାଯାଇଥିବା ପ୍ରାୟ ୨୫ ହଜାର କୋଟି ରାଶିରୁ ୫ ହଜାର କୋଟି ଟଙ୍କା ପ୍ରଦାନ କରାଯିବ।




ଏନେଇ ବିଚାରପତି ସୂର୍ଯ୍ୟକାନ୍ତ ଓ ବିଚାରପତି ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ସାହାରା ଗ୍ରୁପ୍ ଅଫ୍ କୋଅପରେଟିଭ୍ ସୋସାଇଟିର ଜମାକାରୀମାନଙ୍କୁ ଏହି ଅର୍ଥ ଫେରସ୍ତ କରାଯିବ। ଏହା ସାହାରା-ସେବି ରିଫଣ୍ଡ୍ ଖାତାରୁ କେନ୍ଦ୍ରୀୟ ସମବାୟ ସମିତି ନିବନ୍ଧକଙ୍କୁ ଦିଆଯିବ। ଆବଶ୍ୟକ ଯାଞ୍ଚ୍ ପରେ କେନ୍ଦ୍ରୀୟ ସମବାୟ ସମିତି ନିବନ୍ଧକ ଏହି ଅର୍ଥ ଜମାକାରୀମାନଙ୍କୁ ପ୍ରଦାନ କରିବେ। ସୁପ୍ରିମକୋର୍ଟର ୨୦୨୩ ମାର୍ଚ୍ଚ ଆଦେଶରେ ଦିଆଯାଇଥିବା ପ୍ରକ୍ରିୟା ଅନୁରୂପ ଏହା କରାଯିବ।

# ଚୀନ୍ ସୀମାରେ ବାୟୁସେନାର ଯୁଦ୍ଧାଭ୍ୟାସ



ନୂଆଦିଲ୍ଲୀ, ୧୪।୯:ଅପରେସନ ସିନ୍ଦୂର ପରେ ପ୍ରଥମ ଥର ପାଇଁ ଭାରତୀୟ ବାୟୁସେନା ଚଳିତ ମାସ ଶେଷରେ ସବୁଠାରୁ ଲମ୍ବା ଯୁଦ୍ଧ ଅଭ୍ୟାସ କରିବାକୁ ଯାଉଛି। କିନ୍ତୁ ଏହି ଯୁଦ୍ଧ ଅଭ୍ୟାସ (୨୫ ସେପ୍ଟେମ୍ବର-୧୬ ଅକ୍ଟୋବର) ଉତ୍ତର-ପୂର୍ବ ରାଜ୍ୟ ଗୁଡ଼ିକର ଆକାଶ ସୀମାରେ କରାଯିବ । ଯାହାକି ଚୀନ୍, ଭୁଟାନ, ମିଆଁମାର ଏବଂ ବାଂଲାଦେଶକୁ ଲାଗି ରହିଛି। ଏହି ଅଭ୍ୟାସ ଉତ୍ତର ବେଙ୍ଗଲ (ସିଲିଗୁଡ଼ି କରିଡର), ସିକିମ୍, ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର, ମିଜୋରାମ ଏବଂ ନାଗାଲାଣ୍ଡରେ କରାଯିବ। ବାୟୁସେନା ୨୧ ଦିନିଆ ଅଭ୍ୟାସ ସମ୍ପର୍କରେ ଏୟାରମ୍ୟାନଙ୍କୁ ଏକ ନୋଟିସ୍ ଜାରି କରିଛି, ଯାହା ଦ୍ୱାରା ଏହି ସମୟ ମଧ୍ୟରେ ସମସ୍ତ ବେସାମରିକ ବିମାନ ସତର୍କତାର ସହିତ ଉଡ଼ିପାରିବେ। ଅଭ୍ୟାସ ପରିଚାଳନାର ଦାୟିତ୍ୱ ବାୟୁସେନାର ପୂର୍ବ କମାଣ୍ଡ (ମୁଖ୍ୟାଳୟ ଶିଲଂ) କାନ୍ଧରେ ଅଛି ଏବଂ ଉତ୍ତର-ପୂର୍ବର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଏୟାରବେସ୍ (ତେଜପୁର, ଝାବୁଆ, ହାସିମାରା ଇତ୍ୟାଦି) ସମେତ ଲଢ଼ୁଆ ବିମାନ, ସାମରିକ ପରିବହନ ବିମାନ ଏବଂ ହେଲିକପ୍ଟର ଅଂଶଗ୍ରହଣ କରିବେ। ବିଶ୍ୱାସ କରାଯାଉଛି ଯେ ବାୟୁସେନାର କେନ୍ଦ୍ରୀୟ କମାଣ୍ଡ ବରେଲି ଏୟାରବେସ୍ ରୁ ଏହି ଯୁଦ୍ଧ ଅଭ୍ୟାସ କରିବ। ଏହି ଅଭ୍ୟାସ ପୂର୍ବରୁ ନୋଟିସ୍ (ବାୟୁସେନାକୁ ନୋଟିସ୍) ଜାରି କରାଯାଇଛି। ନୋଟିସର ଉଦ୍ଦେଶ୍ୟ ହେଉଛି ନାଗରିକ ଯାତ୍ରାକୁ ସୁରକ୍ଷିତ କରିବ।, ଅର୍ଥାତ୍, ଏହା ଏକ ନୋଟିସ୍ ଯାହା ମାଧ୍ୟମରେ ପାଇଲଟମାନେ ଯୁଦ୍ଧ ଅଭ୍ୟାସ ଚାଲିଥିବା ଆକାଶ ସୀମା ବ୍ୟବହାର କରନ୍ତି ନାହିଁ।

# ବନ୍ୟା ସହାୟତା ନାଁରେ ଲସ୍କରକୁ ପାକିସ୍ତାନ ଯୋଗାଉଛି ପାଣ୍ଠି



ଲାହୋର, ୧୪।୯: ସୁଧୁରିବନି ପାକିସ୍ତାନ। ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତଇବାକୁ ଯୋଗାଉଛି ପାଣ୍ଠି। ଅପରେସନ ସିନ୍ଦୂର ବେଳେ ମୁରିଡକେ ସ୍ଥିତ ଲସ୍କର ହେଡକ୍ୱାର୍ଟରକୁ ସଂପୂର୍ଣ୍ଣ ଧ୍ୱଂସ କରି ଦେଇଥିଲା ଭାରତ। ମେ ୭ ତାରିଖରେ ଏୟାର ଷ୍ଟ୍ରାଇକ କରି ହେଡକ୍ୱାର୍ଟର ବିଲ୍ଡିଂକୁ ମାଟିରେ ମିଶାଇ ଦେଇଥିଲା। ହେଡକ୍ୱାର୍ଟର ଅସ୍ତ୍ରାଗାର ମଧ୍ୟ ଧ୍ୱଂସ ହୋଇ ଯାଇଥିଲା। ସୂଚନାନୁଯାୟୀ, ବର୍ତ୍ତମାନ ସେହି ହେଡ୍ କ୍ୱାର୍ଟର ପୁନଃନିର୍ମାଣ ପାଇଁ ୪ କୋଟି ଟଙ୍କା ଅନୁମୋଦନ କରିଛି ପାକିସ୍ତାନ ସରକାର। ଏହାର ପୁନଃ ନିର୍ମାଣ ପାଇଁ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ବନ୍ୟା ସହାୟତା ନାମରେ ମଧ୍ୟ ଏଥିପାଇଁ ଟଙ୍କା ଯୋଗାଡ଼ କରୁଛନ୍ତି ଲସ୍କର ଆତଙ୍କବାଦୀ। ଆସନ୍ତାବର୍ଷ ଫେବ୍ରୁଆରୀ ସୁଦ୍ଧା ଏହି ହେଡକ୍ୱାର୍ଟର ପୁନଃ ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ରଖିଛି ଲସ୍କର। ଏହି ଘଟଣାରେ ପାକିସ୍ତାନର ଅସଲ ଚେହେରା ପୁଣି ଥରେ ସାମ୍ନାକୁ ଆସିଛି। ପ୍ରକାଶଯୋଗ୍ୟ, ୨୦୦୫ ମସିହାରେ, ଭୂମିକମ୍ପ ସହାୟତା ପାଇଁ ସଂଗୃହୀତ ପାଣ୍ଠିର ୮୦ ପ୍ରତିଶତ ଆତଙ୍କବାଦୀ ଶିବିର ନିର୍ମାଣରେ ଖର୍ଚ୍ଚ ହୋଇଥିଲା। ପାକିସ୍ତାନ ନିଜକୁ ଆତଙ୍କବାଦର ଶିକାର ବୋଲି ଦର୍ଶାଉଛି। କିନ୍ତୁ ମୁରିଦକେରେ ଆତଙ୍କବାଦୀ ଆଡ୍ଡାଗୁଡ଼ିକର ପୁନଃନିର୍ମାଣ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ, ସେଠାରେ ସେନା ଏବଂ ଆଇଏସଆଇ ମଧ୍ୟରେ ସମ୍ପର୍କ ଏବେ ବି ଦୃଢ଼ ଅଛି। ଅଭିଯୋଗ ହେଉଛି ଯେ, ପାକିସ୍ତାନ ଆଇଏମଏଫରୁ ପ୍ରାପ୍ତ ଟଙ୍କାରେ ଆତଙ୍କବାଦୀ ଆଡ୍ଡା ନିର୍ମାଣ କରୁଛି। ଏ ସମ୍ପର୍କରେ କଂଗ୍ରେସ ସାଂସଦ ମନୀଷ ତିୱାରୀ କହିଛନ୍ତି। ତେଣୁ ଭାରତ ଏହାକୁ ଏଫ୍‌ଏଟିଏଫ୍ ସମ୍ମୁଖରେ ଉଠାଇବା ଉଚିତ।

# ବର୍ତ୍ତିଗଲେ ସାଂସଦ ଡିମ୍ପଲ ଯାଦବଙ୍କ ସମେତ ୧୫୧ ଜଣ ଯାତ୍ରୀ




ଦୁର୍ଘଟଣାରୁ ବର୍ତ୍ତିଲା ଇଣ୍ଡିଗୋ ବିମାନ

ନୂଆଦିଲ୍ଲୀ ୧୪।୯: ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌର ଚୌଧୁରୀ ଚରଣ ସିଂହ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ବଡ଼ ବିମାନ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ଦିଲ୍ଲୀ ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ଏକ ଦୁର୍ଘଟଣାରୁ ରକ୍ଷା ପାଇଛି। ବିମାନରେ ସମାଜବାଦୀ ପାର୍ଟି ସାଂସଦ ତଥା ଅଖିଳେଶ ଯାଦବଙ୍କ ପତ୍ନୀ ଡିମ୍ପଲ ଯାଦବଙ୍କ ସମେତ ୧୫୧ ଜଣ ଯାତ୍ରୀ ଥିଲେ। ଟେକ୍‌ଅପ୍ କରିବା ପୂର୍ବରୁ ବିମାନଟି ଆକାଶରେ ଉଡ଼ାଣ ଭରିପାରି ନଥିଲା।

ବିମାନର କ୍ୟାପ୍ଟେନଙ୍କ ସତର୍କତା ଏବଂ ଶୀଘ୍ର ନିଷ୍ପତ୍ତି ଯୋଗୁଁ ରନୱେ ଶେଷ ହେବା ପୂର୍ବରୁ ଉଡ଼ାଣକୁ ବନ୍ଦ କରିଦିଆଯାଇଥିଲା। ଯାହା ଭୟଙ୍କର ଦୁର୍ଘଟଣାକୁ ରୋକି ଦେଇଥିଲା। ଏହି ଉଡ଼ାଣରେ ଥିବା ୧୫୧ ଜଣ ଯାତ୍ରୀଙ୍କ ମଧ୍ୟରେ ସମାଜବାଦୀ ପାର୍ଟି ସାଂସଦ ଡିମ୍ପଲ ଯାଦବ, ପୂର୍ବତନ ମନ୍ତ୍ରୀ ପଣ୍ଡିତ ସିଂହଙ୍କ ଭଣଜା ଏବଂ ସପା ନେତା ସୂରଜ ସିଂହଙ୍କ ସମେତ ଅନେକ ପ୍ରମୁଖ ବ୍ୟକ୍ତି ଥିଲେ। ଘଟଣାଟି ଶନିବାର ଅପରାହ୍ନ ପ୍ରାୟ ୨.୩୦ ସମୟରେ ଘଟିଥିଲା, ଯେତେବେଳେ ଲକ୍ଷ୍ନୌରୁ ଦିଲ୍ଲୀ ଅଭିମୁଖେ ଛାଡୁଥିବା ଏହି ଇଣ୍ଡିଗୋ ବିମାନଟି ରନୱେରେ ଦ୍ରୁତ ବେଗରେ ଗତି କରୁଥିଲା। ବିମାନବନ୍ଦର ସୂତ୍ର ଅନୁସାରେ, ସକାଳ ୧୧ଟାରେ ଉଡ଼ାଣ ପାଇଁ ବିମାନଟି ରନୱେରେ ପହଞ୍ଚିଥିଲା। କୁହାଯାଉଛି ଯେ, ଉଡ଼ାଣ ଗତି ବୃଦ୍ଧି କରିବା ମାତ୍ରେ ଏକ ଅଜବ ଶବ୍ଦ ଶୁଣାଯାଇଥିଲା। ବିମାନଟି ପର୍ଯ୍ୟାପ୍ତ ପରିମାଣରେ ଜୋର ପାଇନଥିଲା, ଯାହା ଫଳରେ ଏହାକୁ ଉପରକୁ ଉଠିପାରିଲା ନାହିଁ। ଏସପି ନେତା ସୂରଜ ସିଂହ କହିଛନ୍ତି ଯେ, ଇଣ୍ଡିଗୋ ବିମାନକୁ ଯାନ୍ତ୍ରିକ ତ୍ରୁଟି ଦର୍ଶାଇ ପରିବର୍ତ୍ତନ କରିବାକୁ ପଡିଲା। ଯାନ୍ତ୍ରିକ ତ୍ରୁଟି କିମ୍ବା ଇଞ୍ଜିନ୍ ସମସ୍ୟା ଯୋଗୁଁ ଘଟିଥିଲା। କ୍ୟାପ୍ଟେନ୍ ତୁରନ୍ତ ବ୍ରେକ୍ ଲଗାଇ ରନୱେରେ ବିମାନକୁ ଅଟକାଇ ଦେଇଥିଲେ। ଯାହା ଶେଷ ସୀମା ପୂର୍ବରୁ ମାତ୍ର କିଛି ମିଟର ଅଟକି ଯାଇଥିଲା। ଲକ୍ଷ୍ନୌ ବିମାନବନ୍ଦର ନିର୍ଦ୍ଦେଶକ କହିଛନ୍ତି- ଘଟଣା ପରେ ତୁରନ୍ତ ରନୱେ ଯାଞ୍ଚ କରାଯାଇଥିଲା ଏବଂ ସମସ୍ତ ସୁରକ୍ଷା ପ୍ରୋଟୋକଲ ପାଳନ କରାଯାଇଥିଲା। ଇଣ୍ଡିଗୋ ଏୟାରଲାଇନ୍ସ ଏକ ବିବୃତ୍ତି ଜାରି କରି କହିଛି- ଆମର ପ୍ରାଥମିକତା ସର୍ବଦା ଯାତ୍ରୀ ସୁରକ୍ଷା। କ୍ୟାପ୍ଟେନଙ୍କ ଶୀଘ୍ର ପଦକ୍ଷେପ ଯେକୌଣସି ସମ୍ଭାବ୍ୟ ବିପଦକୁ ଏଡାଇ ଦେଇଛି। କମ୍ପାନୀ ଏକ ତଦନ୍ତ ନିର୍ଦ୍ଦେଶ ମଧ ଦେଇଛି। ଯେଉଁଥିରେ ଯାନ୍ତ୍ରିକ ତ୍ରୁଟିର ତଦନ୍ତ ଅନ୍ତର୍ଭୁକ୍ତ। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ମଧ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

# ପ୍ରାଣ ହରାଇଥିବା ବିକ୍ଷୋଭକାରୀ ସହିଦ ଘୋଷିତ

କାଠମାଣ୍ଡୁ, ୧୪।୯: ରବିବାର ଆନୁଷ୍ଠାନିକ ଭାବେ ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଜେନ୍ ଜେଡ୍ ଆନ୍ଦୋଳନ ବେଳେ ପ୍ରାଣ ହରାଇଥିବା ବିକ୍ଷୋଭକାରୀଙ୍କୁ ସହିଦ ଘୋଷଣା କରାଯାଇଛି। ଏହା ସହିତ ସେମାନଙ୍କ ପରିବାର ଲୋକଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ସୁଶୀଳା କାର୍କି ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ଗତ ଶୁକ୍ରବାର ଶପଥ ନେଇଥିଲେ ହେଁ ଆଜି ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିବା ସହିତ କାର୍ଯ୍ୟ ଆରମ୍ଭ କରିଛନ୍ତି। ସିଂହ ଦରବାର ଅଭିମୁଖେ ଯିବା ପୂର୍ବରୁ ଆଜି ସକାଳେ ସେ ରାଜଧାନୀ କାଠମାଣ୍ଡୁର ଲେନଚୌରସ୍ଥିତ ସହିଦ ସ୍ମାରକୀକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗୃହ ମନ୍ତ୍ରଣାଳୟର କୋଠାରୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି ତାଙ୍କ କାର୍ଯ୍ୟ ଆରମ୍ଭ କରିଛନ୍ତି। କାରଣ ଜେନ୍ ଜେଡ୍‌ଙ୍କ ଆନ୍ଦୋଳନ ବେଳେ ପ୍ରଧାନମନ୍ତ୍ରୀ ଅଫିସ୍ ଚାଲୁଥିବା ସ୍ଥାନଟି ବହୁତ କ୍ଷତିଗ୍ରସ୍ତ ହୋଇଛି। ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଗୃହ ମନ୍ତ୍ରଣାଳୟ କୋଠାକୁ ସ୍ଥାନାନ୍ତର କରାଯାଇଛି। 'କାଠମାଣ୍ଡୁ ପୋଷ୍ଟ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଆହତ ହୋଇଥିବା ୧୩୪ ଜଣ ବିକ୍ଷୋଭକାରୀଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଆହତ ହୋଇଥିବା ୫୭ ଜଣ ପୁଲିସ କର୍ମଚାରୀଙ୍କୁ ମଧ୍ୟ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଏକ ରିପୋର୍ଟ ଅନୁଯାୟୀ, ଜେନ୍ ଜେଡ୍ ବିକ୍ଷୋଭ ବେଳେ ହୋଇଥିବା କ୍ଷୟକ୍ଷତିର ଆକଳନ କରି ଶୀଘ୍ର ରିପୋର୍ଟ ଦେବା ପାଇଁ ସମସ୍ତ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦିଆଯାଇଛି।

■ ଇସ୍ରାଏଲର ଆକ୍ରମଣକୁ ନେଇ ବଢୁଛି ଭୟ

# ଇସଲାମିକ୍ ସେନା ଗଠନ ଲାଗି ଇରାନର ପ୍ରସ୍ତାବ

ତେହେରାନ,୧୪।୯: କତାରର ରାଜଧାନୀ ଦୋହାରେ ହମାସ ନେତାମାନଙ୍କ ଉପରେ ଇସ୍ରାଏଲର ଆକ୍ରମଣ ଇସଲାମିକ ଏବଂ ଆରବ ଦେଶରେ ଆତଙ୍କ ସୃଷ୍ଟି କରିଛି। ଅନେକ ଦେଶ ଭୟଭୀତ ଯେ, ଇସ୍ରାଏଲର ପରବର୍ତ୍ତୀ ଟାର୍ଗେଟ କେଉଁ ଦେଶ ହେବ। ଜଣେ ତୁର୍କୀ ଅଧିକାରୀ ଏହି ଆଶଙ୍କା ପ୍ରକାଶ କରିଛନ୍ତି ଯେ, ଇସ୍ରାଏଲର ପରବର୍ତ୍ତୀ ଟାର୍ଗେଟ ଅଙ୍କାରା ହୋଇପାରେ। ଏବେ ଜଣେ ପୂର୍ବତନ ଇରାନୀ ଜେନେରାଲ ଏଥିରେ ଆଉ ଦୁଇଟି ଦେଶକୁ ଯୋଡ଼ି ଚିନ୍ତାକୁ ବଢାଇଦେଇଛନ୍ତି। ଇରାନ ଇଣ୍ଟରନ୍ୟାସନାଲର ରିପୋର୍ଟ ଅନୁଯାୟୀ, ପୂର୍ବତନ ଇରାନୀ ଜେନେରାଲ ମୋହସିନ ରେଜାଇ ଦାବି କରିଛନ୍ତି ଯେ, କାତାର ଉପରେ ଆକ୍ରମଣ କରିବା ପରେ ଇସ୍ରାଏଲ ଏବେ ଅନ୍ୟ ଇସଲାମିକ ଏବଂ ଆରବ ଦେଶଗୁଡ଼ିକୁ ଟାର୍ଗେଟ କରିବ। ମୋହସିନ ଦାବି କରିଛନ୍ତି ଯୋ ଇସ୍ରାଏଲର ପରବର୍ତ୍ତୀ ଟାର୍ଗେଟ ହେଉଛି ତୁର୍କୀ, ଇରାକ ଏବଂ ସାଉଦି ଆରବ। ଏପରି ପରିସ୍ଥିତିରେ, ଇରାନୀ ଅଧିକାରୀମାନେ ମୁସଲିମ ଦେଶଗୁଡ଼ିକୁ ଏକ ମିଳିତ ସାମରିକ ମୋର୍ଚ୍ଚା ଗଠନ କରିବାକୁ ନିବେଦନ କରିଛନ୍ତି। ସୋମବାର କତାରରେ ଇସଲାମିକ ସହଯୋଗ ସଂଗଠନ ଏକ ଜରୁରୀକାଳୀନ ସମ୍ମିଳନୀ ପାଇଁ ଏକତ୍ରିତ ହେଉଥିବା ବେଳେ ଇରାନର ବରିଷ୍ଠ ଅଧିକାରୀମାନେ ମୁସଲିମ ଦେଶମାନଙ୍କ ମଧରେ ଏକ ମିଳିତ ସାମରିକ ମୋର୍ଚ୍ଚା ଗଠନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ଭୂକମ୍ପ ଝଟକା: ବଙ୍ଗଳାରୁ ଭୂଟାନ ଯାଏ ଥରିଲା ମାଟି

ନୂଆଦିଲ୍ଲୀ,୧୪।୯: ପୂର୍ବୋତ୍ତର ଭାରତରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଆସାମ ସରକାରଙ୍କ ଅଧିକାରୀମାନେ କହିଛନ୍ତି ଯେ, ରବିବାର କିଛି ଭାଗରେ ୫.୮ ତୀବ୍ରତା ସହ ଭୂକମ୍ପ ଝଟକା ଅନୁଭବ ହୋଇଛି। ହେଲେ ଏବେ ସୁଦ୍ଧା କୌଣସି ବି ପ୍ରକାରର ଧନଜୀବନ କ୍ଷୟକ୍ଷତିର ଖବର ଆସି ନାହିଁ। ଅଧିକାରୀଙ୍କ ମୁତାବିକ, ଏହି ଭୂକମ୍ପ ସନ୍ଧ୍ୟା ପାଖାପାଖି ୪ଟା ୪୧ ମିନିଟ୍‌ରେ ହୋଇଥିଲା। ଏହାର କେନ୍ଦ୍ର ଉଦଲଗୁରୀ ଜିଲ୍ଲାରେ ଭୂପୃଷ୍ଠରୁ ୫କିଲୋମିଟରର ଗଭୀରତାରେ ଥିଲା। ଭୂକମ୍ପର ଝଟକା ଅନୁଭୂତ ହେବା ପରେ ଆସାମବାସୀ ସୋସିଆଲ ମିଡ଼ିଆରେ ନିଜର ଅନୁଭବ ସେୟାର କରିଛନ୍ତି। ଆପଣଙ୍କୁ କହି ରଖୁଛୁ କି, କିଛି ଦିନ ପୂର୍ବେ, ଆସାମର ସୋନିତପୁରରେ ୩.୨ ର ତୀବ୍ରତାର ଭୂକମ୍ପ ଆସିଥିଲା। ଆସାମର ଅଞ୍ଚଳ ଭୂକମ୍ପ ସମ୍ବେଦନଶୀଳ ଅଞ୍ଚଳରେ ଆସିଥାଏ। ଏହା ପୂର୍ବୀୟ ହିମାଳୟ ପର୍ବତମାଳାରେ ୟୁରେସିଆନ ଓ ସୁଣ୍ଡା ପ୍ଲେଟ୍‌ର କୋଲିଜନ ପଏଣ୍ଟରେ ରହିଛି। ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ସୋସିଆଲ ମିଡ଼ିଆ ସାଇଟ୍ ଏକ୍ସରେ ଏହାର ସୂଚନା ଦେଇ ଲେଖିଛନ୍ତି ଯେ, ଏବେସୁଦ୍ଧା କୌଣସି ବି ବଡ଼ ଘଟଣାର ସୂଚନା ମିଳି ନାହିଁ। ସେ ଲଗାତାର ସ୍ଥିତିର ସୂଚନା ହାସଲ କରୁଛନ୍ତି। ଅନ୍ୟପଟେ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଲେଖିଛନ୍ତି, ଆସାମରେ ବଡ ଭୂକମ୍ପ ଆସିଛି, ମୁଁ ସବୁ ଲୋକଙ୍କ ପାଇଁ ପ୍ରାର୍ଥନା କରୁଛି।

# ଦିବ୍ୟାଙ୍ଗ ପୁଅ ସହ ୧୩ ମହଲାରୁ ଡେଇଁଲେ ମହିଳା



ନୋଏଡା, ୧୪।୯: ଜଣେ ୩୭ ବର୍ଷୀୟା ମହିଳା ଓ ତାଙ୍କ ୧୧ ବର୍ଷର ଦିବ୍ୟାଙ୍ଗ ପୁଅ ୧୩ତମ ମହଲାରେ ଥିବା ସେମାନଙ୍କ ଫ୍ଲାଟରୁ ଡେଇଁ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ଦିବ୍ୟାଙ୍ଗ ପୁଅ ମାନସିକ ସ୍ତରରେ ଦୀର୍ଘଦିନ ଧରି ଅସୁସ୍ଥ ଥିବାବେଳେ ମହିଳା ଜଣଙ୍କ ଏଥିଯୋଗୁ ସବୁବେଳେ ଚିନ୍ତିତ ରହୁଥିଲେ। ସେଥିପାଇଁ ସେ ଏମିତି ଏକ ପଦକ୍ଷେପ ନେଇଛନ୍ତି। ଗତକାଲି ଏହି ଘଟଣାଟି ଘଟିଛି ଗ୍ରେଟର ନୋଏଡାରେ। ମୃତ ମହିଳାଙ୍କ ନାଁ ସାକ୍ଷୀ ଚାୱଲା। ତାଙ୍କ ପୁଅ ନାଁ ଦକ୍ଷ। ସାକ୍ଷୀ ତାଙ୍କ ସ୍ୱାମୀ ଦର୍ପଣ ଚାୱଲା ଓ ପୁଅ ଦକ୍ଷ ସହିତ ଗ୍ରେଟର ନୋଏଡାର ଏସ୍ ସିଟିରେ ରହୁଥିଲେ। ସୂଚନା ଅନୁଯାୟୀ, ଦିବ୍ୟାଙ୍ଗ ଦକ୍ଷଙ୍କ ମାନସିକ ଅବସ୍ଥା ଭଲ ନଥିଲା। ୧୦ ବର୍ଷ ହେଲାଣି ତାଙ୍କ ଚିକିତ୍ସା ଚାଲିଥିଲା। ପୁଅର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସାକ୍ଷୀ ଚାୱଲା ଖୁବ୍ ଚିନ୍ତିତ ରହୁଥିଲେ। ସାକ୍ଷୀଙ୍କ ସ୍ୱାମୀ ଦର୍ପଣ ଚାୱଲା ଜଣେ ଚାର୍ଟର୍ଡ ଆକାଉଣ୍ଟାଣ୍ଟ। ଗତକାଲି ଏହି ଦୁଃଖଦ ଘଟଣା ଘଟିବା ବେଳେ ସେ ଘରେ ଉପସ୍ଥିତ ଥିଲେ। ଦର୍ପଣ ପୁଲିସକୁ କହିଛନ୍ତି ଯେ, ସେ ଅନ୍ୟ ଏକ ରୁମ୍‌ରେ ଥିବା ବେଳେ ସାକ୍ଷୀ ଓ ଦକ୍ଷଙ୍କ ଚିତ୍କାର ଶୁଣିଥିଲେ। ସେ ବାଲକୋନୀକୁ ଧାଇଁ ଆସିଲା ବେଳକୁ ସାକ୍ଷୀ ଓ ଦକ୍ଷ ତଳେ ପଡ଼ିଥିବା ଦେଖିଥିଲେ। ପୁଲିସ୍ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସାକ୍ଷୀ ଓ ଦକ୍ଷଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ତେବେ ପୁଲିସ୍‌କୁ ଏକ ହାତଲେଖା କାଗଜ ମିଳିଛି। ସେଇଟିକୁ ସାକ୍ଷୀ ଲେଖିଛନ୍ତି ବୋଲି କୁହାଯାଉଛି। ସୁଇସାଇଡ୍ ନୋଟ୍‌ରେ ସାକ୍ଷୀ ତାଙ୍କ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି, ଆମେ ଏହି ଦୁନିଆ ଛାଡ଼ି ଯାଉଛୁ। ଆମେ ଖୁବ୍ ଦୁଃଖିତ। ଆମେ ଆଉ ତୁମକୁ ଅସୁବିଧାରେ ପକାଇବାକୁ ଚାହୁଁନାହୁଁ। ଆମ ପାଇଁ ତୁମ ଜୀବନ ନଷ୍ଟ ହେବା ଉଚିତ ନୁହେଁ। ଆମ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି।

## ନେପାଳ ହିଂସା

# ଗଡ଼ିଲାଣି ୭୨ ମୁଣ୍ଡ, ୨,୧୧୩ ଆହତ




କାଣ୍ଠମାଣ୍ଡୁ,୧୪।୯ : ନେପାଳରେ ଦୁର୍ନୀତି ଓ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଉପରେ ପ୍ରତିବନ୍ଧକ ବିରୋଧରେ ନିକଟରେ ଜେନ୍ ଜେ ବିକ୍ଷୋଭ ପ୍ରଦର୍ଶନରେ ଜଣେ ଭାରତୀୟ ନାଗରିକଙ୍କ ସହ ଅତି କମ୍‌ରେ ୭୨ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ନେପାଳର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରବିବାର କହିଛି ଯେ, ଗତ ସପ୍ତାହରେ ହୋଇଥିବା ଦୁର୍ନୀତି ବିରୋଧୀ ପ୍ରଦର୍ଶନରେ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇ ୭୨ ହୋଇଛି। ପୁଲିସ ଓ ପ୍ରଶାସନର କର୍ମଚାରୀ ହିଂସାକାଣ୍ଡ ବେଳେ କ୍ଷତିଗ୍ରସ୍ତ ହୋଇଥିବା ସପିଂମଲ୍ ଓ ଅନ୍ୟ ବିଲ୍ଡିଂ ଗୁଡ଼ିକରୁ ମୃତଦେହ ବାହାର କରିବାର କାମ ଜାରି ରହିଛି।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ମୁଖପାତ୍ର ପ୍ରକାଶ ବୁଦାଥୋକି କହିଛନ୍ତି ଯେ, ସପିଂ ମଲ, ଘର ଓ ଅନ୍ୟ ବିଲ୍ଡିଂ ଗୁଡ଼ିକରେ, ଯେଉଁଠି ନିଆଁ ଲଗାଯାଇ ଥିଲା କିମ୍ବା ଆକ୍ରମଣ ହୋଇଥିଲା, ସେଠାରେ ଅନେକ ଲୋକଙ୍କ ମୃତଦେହ ଏବେ ଉଦ୍ଧାର କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ ଅନୁସାରେ, ନେପାଳରେ ଦଶନ୍ଧିର ସବୁଠୁ ଭୀଷଣ ହିଂସାକାଣ୍ଡରେ ଅତି କମ୍‌ରେ ୨୧୧୩ ଜଣ ଲୋକ ଆହତ ହୋଇଛନ୍ତି। ଅନେକ ସରକାରୀ ବିଲ୍ଡିଂ , ଦେଶର ସୁପ୍ରିମକୋର୍ଟ, ସଂସଦ ଭବନ , ପୁଲିସ ପୋଷ୍ଟ, ବ୍ୟାବସାୟିକ ପ୍ରତିଷ୍ଠାନ ସହ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ଓ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ସହ ରାଜନେତାଙ୍କ ବ୍ୟକ୍ତିଗତ ଘର ପୋଡ଼ି ଦିଆଯାଇଛି। ଗତ ୮ ସେପ୍ଟେମ୍ବରରେ ବିରୋଧ ପ୍ରଦର୍ଶନ ବେଳେ କାଠମାଣ୍ଡୁରେ ପୁଲିସ ଗୁଳିରେ ଅତି କମ୍‌ରେ ୧୯ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା ଯେଉଁଥିରେ ଅଧିକାଂଶ ଛାତ୍ରଛାତ୍ରୀ ଥିଲେ। ପ୍ରଦର୍ଶନକାରୀମାନେ ସଂସଦ, ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ, ପ୍ରଧାନମନ୍ତ୍ରୀ ଆବାସ, ସରକାରୀ ଭବନ, ରାଜନୀତିକ ଦଳଙ୍କ କାର୍ଯ୍ୟାଳୟ ଓ ବରିଷ୍ଠ ନେତାଙ୍କ ଘରେ ନିଆଁ ଲଗେଇ ଦେଇଥିଲେ। ଅଧିକାରୀମାନେ କହିଛନ୍ତି ଯେ, ନେପାଳ ପୁଲିସ ବାହିନୀ ଧୀରେ ଧୀରେ କାଠମାଣ୍ଡୁ ଘାଟୀରେ ନିଜର ଅଭିଆନ ପୁଣି ଥରେ ଆରମ୍ଭ କରୁଛନ୍ତି ଏବଂ ଯେଉଁ ଥାନା ଓ ପୋଷ୍ଟ ଗୁଡିକରେ ଭଙ୍ଗାରୁଜା ବା ଅଗ୍ନିକାଣ୍ଡ ହୋଇଥିଲା, ସେଠାରେ କାମ ଆରମ୍ଭ ହେଉଛି। ଉଲ୍ଲେଖନୀୟ ଯେ, ଓଲିଙ୍କ ସ୍ଥାନରେ ପୂର୍ବତନ ମୁଖ୍ୟ ବିଚାରପତି ସୁଶୀଳା କାର୍କିଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ନିଯୁକ୍ତ କରାଯାଇଛି, ଯାହାଙ୍କୁ ୫ ମାର୍ଚ୍ଚ ୨୦୨୬ରେ ହେବାକୁ ଥିବା ନୂଆ ସଂସଦୀୟ

## ଚୀନ୍‌କୁ ଟ୍ରମ୍ପ୍‌ଙ୍କ ବଡ଼ ଝଟକା

# ନାସାରେ ଚୀନ୍ ବୈଜ୍ଞାନିକ, ଛାତ୍ରଙ୍କୁ କାମ କରିବା ମନା




ୱାଶିଂଟନ,୧୪।୯: ଶୁଳ୍କ ବିବାଦ ମଧରେ ଆମେରିକା ଚୀନ୍‌କୁ ଏକ ବଡ଼ ଝଟକା ଦେଇଛି। ଆମେରିକାର ମହାକାଶ ସଂସ୍ଥା ନାସା ଚୀନ୍ ଛାତ୍ର, ନାଗରିକ ଏବଂ ବୈଜ୍ଞାନିକଙ୍କୁ ନିଷେଧ କରିଛି। ଜାତୀୟ ସୁରକ୍ଷା ଏବଂ ଆମେରିକାର ମହାକାଶ କାର୍ଯ୍ୟକ୍ରମରେ ଗୁପ୍ତଚର ହେବାର ସମ୍ଭାବନା ଯୋଗୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସରକାରଙ୍କ ସହିତ ପରାମର୍ଶ କରି ଏହି ନିଷ୍ପତ୍ତି ନିଆଯାଇଛି। ସେପ୍ଟେମ୍ବର ୫ରେ ଏହି ନିଷ୍ପତ୍ତି ଚୀନ୍ ଛାତ୍ର, ନାଗରିକ ଏବଂ ବୈଜ୍ଞାନିକମାନଙ୍କୁ ମଧ ଅବଗତ କରାଯାଇଥିଲା।

ଆମେରିକା ସରକାର ଏବଂ ନାସାର ନିଷ୍ପତ୍ତି ଅନୁଯାୟୀ, ନାସାରେ କାର୍ଯ୍ୟରତ ସମସ୍ତ ଚୀନ୍ ନାଗରିକ, ଛାତ୍ର ଏବଂ ବୈଜ୍ଞାନିକମାନଙ୍କୁ ସମସ୍ତ ପ୍ରକଳ୍ପରୁ ବାହାର କରି ଦିଆଯାଇଛି। ନାସାର କୌଣସି ବିଭାଗ ଏବଂ ଆଭ୍ୟନ୍ତରୀଣ ସିଷ୍ଟମରେ ସେମାନଙ୍କର ପ୍ରବେଶକୁ ଅବରୋଧ କରାଯାଇଛି। ଏବେ ସେମାନେ ନାସାରେ ଅନଲାଇନ୍ କିମ୍ବା ଅଫଲାଇନ୍ ବୈଠକରେ ଅଂଶଗ୍ରହଣ କରିପାରିବେ ନାହିଁ। ସେମାନେ ନାସାର ସୁବିଧା, ବିଷୟବସ୍ତୁ ଏବଂ ନେଟୱାର୍କ ମଧ ବ୍ୟବହାର କରିପାରିବେ ନାହିଁ। ସେମାନଙ୍କୁ ନାସାର କୌଣସି ପ୍ରକଳ୍ପରେ ମଧ ଅନ୍ତର୍ଭୁକ୍ତ କରାଯିବ ନାହିଁ। ନାସାର ପ୍ରେସ୍ ସଚିବ ବେଥାନି ଷ୍ଟିଭେନ୍ସ ଏକ ସରକାରୀ ବିବୃତି ଜାରି କରି ନିଷ୍ପତ୍ତିକୁ ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ, ଜାତୀୟ ସୁରକ୍ଷା, ମହାକାଶ କାର୍ଯ୍ୟକ୍ରମ ସୁରକ୍ଷା, ସାଇବର ସୁରକ୍ଷା ଇତ୍ୟାଦିରେ ଗୁପ୍ତଚରୀ ହେବାର ଆଶଙ୍କା ଥିବାରୁ ଏହି ପ୍ରତିବନ୍ଧକ ଲଗାଯାଇଛି। ନାସାର କାର୍ଯ୍ୟନିର୍ବାହୀ ପ୍ରଶାସକ ସିଆନ୍ ଡଫି କହିଛନ୍ତି ଯେ, ଚୀନ୍ ଆମେରିକାକୁ ଚନ୍ଦ୍ରକୁ ଯିବାରୁ ରୋକିବାକୁ ଚାହୁଁଛି। ସେ ଆମେରିକା ପୂର୍ବରୁ ଚନ୍ଦ୍ରରେ ପହଞ୍ଚିବାକୁ ଚାହୁଁଛି, ଏଥିପାଇଁ ସେ ନିଜର ଲୋକଙ୍କ ମାଧମରେ ନାସାରେ ଗୁପ୍ତଚରୀ କରିବାର ଆଶଙ୍କା ରହିଛି। ଚୀନ୍ ମହାକାଶ ଜଗତରେ ଦ୍ରୁତ ଗତିରେ ନିଜର ପରିସର ବିସ୍ତାର କରୁଛି। ଚୀନ୍ ମହାକାଶଚାରୀମାନଙ୍କୁ ପୂର୍ବରୁ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ନିଷିଦ୍ଧ କରାଯାଇଛି। ଆମେରିକା ସରକାର ନାସାକୁ ଚୀନ୍ ସହିତ କୌଣସି ପ୍ରକାରର ମହାକାଶ ସମ୍ପର୍କିତ ତଥ୍ୟ ଏବଂ ସୂଚନା ସେୟାର କରିବାକୁ ନିଷେଧ କରିଛନ୍ତି। ଏପରି ପରିସ୍ଥିତିରେ, ନୂତନ ପ୍ରତିବନ୍ଧକ ବୈଜ୍ଞାନିକ ସହଯୋଗକୁ ପ୍ରଭାବିତ କରିପାରେ। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ଜଡିତ ଶିକ୍ଷାଗତ ପାଠ୍ୟକ୍ରମ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ମଧ ଭିସା ଏବଂ ଆମେରିକାରେ ପ୍ରବେଶ ନେଇ କ୍ଷତି ସହିବାକୁ ପଡିବ।

## ମହିଳା ବକ୍ସର ଜସ୍ମିନ ଲମ୍ବୋରିଆଙ୍କୁ ବିଶ୍ୱ ବକ୍ସିଂ ଚାମ୍ପିୟନସିପରେ ସ୍ୱର୍ଣ୍ଣ



**ନୂଆଦିଲ୍ଲୀ,୧୪।୯:** ଭାରତୀୟ ମହିଳା ବକ୍ସର ଜସ୍ମିନ ଲମ୍ବୋରିଆ ବିଶ୍ୱ ବକ୍ସିଂ ଚାମ୍ପିୟନସିପରେ ଏକ ଐତିହାସିକ ସଫଳତା ହାସଲ କରିଛନ୍ତି। ୫୭ କେଜି ଓଜନ ବର୍ଗରେ ସେ ପୋଲାଣ୍ଡର ଜୁଲିଆ ସେରେମେଟାଙ୍କୁ ୪-୧ ସ୍କୋରରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ପୂର୍ବରୁ ଭାରତୀୟ ମହିଳା ବକ୍ସର ପୂଜା ରାଣୀ ବ୍ରୋଞ୍ଜ ପଦକ ଏବଂ ନୁପୁର ରୌପ୍ୟ ପଦକ ଜିତି ଦେଶ ପାଇଁ ଗୌରବ ଆଣିଥିଲେ। ଜସ୍ମିନଙ୍କର ଏହି ସ୍ୱର୍ଣ୍ଣ ବିଜୟ ଭାରତୀୟ ବକ୍ସିଂ ଜଗତରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି।

## ଛତୁ ଖାଇ ପରିବାରର ୯ ଅସୁସ୍ଥ

**ବଲାଙ୍ଗିର, ୧୪ ।୯ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲା ସଦର ବ୍ଲକ ଖୁଜେନପାଲି ଗ୍ରାମର କଳାକାରପଡ଼ାର ୯ ଜଣ ଛତୁ ଖାଇ ଅସୁସ୍ଥ ହେବା ପରେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଶନିବାର ରଘୁ ତାଣ୍ଡି ଫାସଡ଼ରୁ ଖୁଜେନପାଲି ଗ୍ରାମକୁ ଆସୁଥିବା ବେଳେ ରାସ୍ତାକଡ଼ରେ ଛତୁ ଫୁଟିଥିବା ଦେଖିବାକୁ ପାଇଥିଲେ। ସେଇ ଛତୁ ତୋଳି ଘରକୁ ନେଇଥିଲେ। ଦିନ ବେଳା ରନ୍ଧା ସରିଲା ପରେ ପରିବାର ଲୋକେ ମନ ଖୁସିରେ ଏକାଠି ମିଶି ଛତୁ ତରକାରୀ ଖାଇଥିଲେ। ହେଲେ ଦୁଇ ଘଣ୍ଟା ପରେ ପରିବାରର ସମସ୍ତଙ୍କର ବାନ୍ତି ହୋଇଥିଲା। ସେମାନେ ସମସ୍ତେ ଅସୁସ୍ଥ ହୋଇପଡ଼ିଥିଲେ। ଛତୁ ଖାଇ ପରିବାର ଲୋକେ ଅସୁସ୍ଥ ହୋଇଥିବା ଗ୍ରାମବାସୀ ଜାଣିବା ପରେ ସେଇ ପରିବାରର ୯ ଜଣ ସଦସ୍ୟଙ୍କୁ ହସ୍ପିଟାଲକୁ ନେଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ପୁରୁଷ, ଜଣେ ନାବାଳିକା ଓ ୪ ଜଣେ ମହିଳା ରହିଛନ୍ତି। ରଘୁମଣି ତାଣ୍ଡି (୩୫), ବଶିଷ୍ଠ ତାଣ୍ଡି, (୨୩) ଗଣେଶ ସୁନା (୫୫)କୃଷ୍ଣା ତାଣ୍ଡି (୬୦), ଲିଜା ସୁନା (୧୫), ମହରଗି ତାଣ୍ଡି (୪୦), କିୟା ସୁନା( ୬୦), ସୁକାନ୍ତି ତାଣ୍ଡି (୩୫), ସୁକାନ୍ତି ଛତ୍ରିଆ (୬୦)ଙ୍କୁ ଭୀମଭୋଇ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ଥିବା ଜଣାପଡ଼ିଛି।



## ହାତୀ ଆକ୍ରମଣରେ ଯୁବତୀ ଗୁରୁତର

**ଚମ୍ପୁଆ, ୧୪ ।୯ (ସଂଚାର ବ୍ୟୁରୋ):** ଚମ୍ପୁଆ ବନାଞ୍ଚଳ ବାଲିବନ୍ଧ ସେକ୍ସନ ଅନ୍ତର୍ଗତ ଚମକପୁର ପଞ୍ଚାୟତ ଲୁଣଗୋଠାଣି ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବତୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଗତ ରାତି ପ୍ରାୟ ଦୁଇଟାବେଳେ ଲୁଣଗୋଠାଣି ଗ୍ରାମରେ ଜଙ୍ଗଲ ହାତୀପଲ ଥିବା ବେଳେ ସେଠାରେ ଘର କରି ରହୁଥିବା ଫୁଲମଣି ମୁଣ୍ଡା ହାତୀ ହାବୁଡରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଠେଲି ଦେବାରୁ ଫୁଲମଣି ଗୁରୁତର ଆହତ ହୋଇଥିଲେ। ଖବର ପାଇ ବନବିଭାଗ ଘଟଣା ସ୍ଥଳରେ ପହଞ୍ଚି ଫୁଲମଣିଙ୍କୁ ଉଦ୍ଧାର କରି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଥିଲେ। ସୂଚନା ଯୋଗ୍ୟ ଲୁଣଗୋଠାଣି ଗ୍ରାମଟି କାନୁପୁର ବୃହତ ଜଳସେଚନ ପ୍ରକଳ୍ପରେ ବୁଡି ଅଞ୍ଚଳରେ ସାମିଲ ହୋଇଥିବାବେଳେ ସମସ୍ତ ବିସ୍ଥାପିତ ଗ୍ରାମବାସୀଙ୍କୁ କ୍ଷତିପୂରଣ ଦିଆଯାଇ ସାରିଛି। ତଥାପି କିଛି ଗ୍ରାମବାସୀ ସେଠାରେ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ବସବାସ କରୁଥିବାରୁ ହାତୀ ହାବୁଡ଼ରେ ପଡ଼ି ଧନଜୀବନ କ୍ଷୟକ୍ଷତି ଘଟୁଛି।

## ବିଷାକ୍ତ ମଦପିଇ ରଘୁର ମୃତ୍ୟୁ ଅଭିଯୋଗ

**ସୁବର୍ଣ୍ଣପୁର, ୧୪ ।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ମହଦେବପାଲି ଫାଣ୍ଡି ତୁଲୁଣ୍ଡୁପାଲି ଗ୍ରାମରେ ଜଣେ ବ୍ୟକ୍ତି ବିଷାକ୍ତ ମଦ ପିଇ ମୃତ୍ୟୁ ହୋଇଥିବା ବିନିକା ଥାନାରେ ଅଭିଯୋଗ କରିଛନ୍ତି ପରିବାର ଲୋକେ। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ବିନିକା ବ୍ଲକ ଅନ୍ତର୍ଗତ ତୁଲୁଣ୍ଡୁପାଲି ଗ୍ରାମର ରଘୁ ଭୋଇ(୪୩) ବୋଲି ଜଣାପଡ଼ିଛି। ଆଜି ପୁଅଜିଉନ୍ତିଆ ପାଇଁ ରଘୁ ଦୁବଘାସ ତୋଳିବାକୁ ଯାଇଥିଲେ ହେଲେ ବହୁ ସମୟ ଧରି ସେ ନଆସିବାରୁ ତାଙ୍କ ପରିବାର ଲୋକେ ଖୋଜି ଯାଇ ତାଙ୍କୁ ପୋଖରୀ ହୁଡାରେ ପଡ଼ିଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ବିନିକା ଡାକ୍ତରଖାନା କୁ ଆଣି ଚିକିତ୍ସା କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଏହା ବିଷାକ୍ତ ମଦମୃତ୍ୟ ବୋଲି ଅଭିଯୋଗ କରିଛନ୍ତି। ଆଜି ସନ୍ଧ୍ୟା ହୋଇ ଯିବାରୁ ଆସନ୍ତାକାଲି ମୃତ ଦେହର ଶବ ବ୍ୟବଚ୍ଛେଦ କରାଯିବ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କେଉଁ କାରଣରୁ ମୃତ୍ୟୁ ହୋଇଥିବା ତାହା ଜଣାପଡ଼ିବ ବୋଲି ପୋଲିସ ପାଖରୁ ସୁଚନା ମିଳିଛି। ଗ୍ରାମରେ ବେଆଇନ ଭାବରେ ମଦ ବିକ୍ରୀ ହେଉ ଥିବାରୁ ଆଜି ଜଣେ ବ୍ୟକ୍ତିର ଜିବନ ଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ମୃତ୍ୟୁବରଣ କରିଥିବା ରଘୁର ପତ୍ନୀ ସହ ଦୁଇଟି ପୁଅ ଝିଅ ଅଛନ୍ତି। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ୧୭ରୁ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

**ଭୁବନେଶ୍ୱର, ୧୪।୯(ସଂଚାର ବ୍ୟୁରୋ):** ଓଡ଼ିଶା ସମସ୍ତ ବୟସର ମହିଳା ଏବଂ ବାଳିକାମାନଙ୍କ ପାଇଁ ବ୍ୟାପକ ସ୍କ୍ରିନିଂ, ପୁଷ୍ଟିସାର ଏବଂ ସୁସ୍ଥତା ସେବା ଉପରେ ଧ୍ୟାନ କେନ୍ଦ୍ରିତ କରି ଏକ ପରିବର୍ତ୍ତନକାରୀ ସ୍ୱାସ୍ଥ୍ୟ ଅଭିଯାନ 'ସ୍ୱସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ' ଆସନ୍ତା ୧୭ ସେପ୍ଟେମ୍ବରରେ ମଧ୍ୟପ୍ରଦେଶର ଧାର ଜିଲ୍ଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭାରମ୍ଭ କରିବେ। ମୋଦୀଙ୍କ ନେତୃତ୍ୱରେ ଜାତୀୟ ପଦକ୍ଷେପ ସମନ୍ୱିତ ଏହି ଅଭିଯାନ ୧୭ରୁ ୨ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଚାଲିବ।

ଏହାର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ୟୁନିଟ ୩ ସ୍ଥିତ ଇଡକୋ ପଡିଆରେ ଅନୁଷ୍ଠିତ ହେବ। ରାଜ୍ୟ ଶୁଭାରମ୍ଭ ୧୭ ସେପ୍ଟେମ୍ବରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହିବେ। ଏକକାଳୀନ, ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜରେ ଆଞ୍ଚଳିକ ଶୁଭାରମ୍ଭରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଯୋଗଦେବେ। ଉଭୟ କାର୍ଯ୍ୟକ୍ରମକୁ ଜାତୀୟ ଶୁଭାରମ୍ଭ ସହିତ ଉଭୟ ପାର୍ଶ୍ୱକୁ ଭିଡିଓ ଲିଙ୍କ୍ ମାଧ୍ୟମରେ ସଂଯୋଗ କରାଯିବ। ରାଜ୍ୟ କାର୍ଯ୍ୟକ୍ରମରେ ୫୦୦୦ରୁ ଅଧିକ ମହିଳା ହିତାଧିକାରୀଙ୍କ ଅଂଶଗ୍ରହଣ କରିବେ। ଯେଉଁମାନେ ଟିବି, ଏନସିଡି, ରକ୍ତହୀନତା ଏବଂ କର୍କଟ ରୋଗର ସ୍କ୍ରିନିଂ କରିବେ, ସେମାନଙ୍କ ସ୍ୱାସ୍ଥ୍ୟ ଆବଶ୍ୟକତା ଅନୁଯାୟୀ ପୁଷ୍ଟିସାର ଏବଂ ଖାଦ୍ୟ ବିବିଧତା ଉପରେ ବ୍ୟକ୍ତିଗତ ପରାମର୍ଶ ପାଇବେ। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକୁ ପ୍ରୋତ୍ସାହିତ କରିବା, ମହିଳା ଏବଂ ବାଳିକାମାନଙ୍କର ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା, ଏହି ବିଶ୍ୱାସ ସହିତ ଯେ "ଯେତେବେଳେ ଝିଅମାନେ ସୁସ୍ଥ, ଶିକ୍ଷିତ ଏବଂ ସଶକ୍ତ ହୁଅନ୍ତି, ପରିବାରଗୁଡ଼ିକ ସଶକ୍ତ ହୁଅନ୍ତି।" ଏହା ପିଏମଏମଭିୱାଇ ଭର୍ତ୍ତି ଏବଂ ପୋଷଣ ମାସ (୧୨ ସେପ୍ଟେମ୍ବରରୁ ଆରମ୍ଭ) ଅନ୍ତର୍ଗତ କାର୍ଯ୍ୟକ୍ରମ ସହ କରାଯିବ। ଏଥିରେ ପୁଷ୍ଟିକର ଖାଦ୍ୟ ପରାମର୍ଶ, ଋତୁସ୍ରାବ ସ୍ୱଚ୍ଛତା ସଚେତନତା, ତେଲ ଏବଂ ଚିନି ସେବନ ହ୍ରାସ, ସ୍ଥୂଳତା ରୋକିବା, ଏବଂ ଖାଦ୍ୟ ବିବିଧତା ଏବଂ ଲୌହଯୁକ୍ତ ଖାଦ୍ୟକୁ ଉତ୍ସାହିତ କରିବା ଉପରେ ଦୃଢ଼ ଧ୍ୟାନ ଦିଆଯିବ।

ରାଜ୍ୟ ୩୦ଟି ଜିଲ୍ଲାରେ ସର୍ବାଧିକ ମହିଳା ହିତାଧିକାରୀ ଏବଂ ଝିଅମାନଙ୍କୁ ଉଚ୍ଚ ରକ୍ତଚାପ, ମଧୁମେହ, ମୁଖ, ସ୍ତନ ଏବଂ ଗର୍ଭାଶୟ କର୍କଟ, ରକ୍ତହୀନତା, ଟିବି, ସିକିଲସେଲ୍ ରୋଗ, ମାତୃ ସ୍ୱାସ୍ଥ୍ୟ ଏବଂ ଏନସିଡି ପାଇଁ ସ୍କ୍ରିନିଂ କରିବା ପାଇଁ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖାଯାଇଛି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ପିଏଚସି, ୟୁପିଏଚସି, ସିଏଚ୍ସି, ୟୁସିଏଚସି ଏବଂ ଦୂରଦୂରାନ୍ତ ଗ୍ରାମଗୁଡ଼ିକରେ ଏହି ଶିବିର ଆୟୋଜନ କରାଯିବ। ଏହି ଅଭିଯାନକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ମହିଳା ଏବଂ ଶିଶୁ ବିକାଶ ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ବିଦ୍ୟାଳୟ ଏବଂ ଗଣଶିକ୍ଷା ଏବଂ ମିଶନ ଶକ୍ତି ସହିତ ସମନ୍ୱୟ କରି ଆରମ୍ଭ କରାଯାଉଛି।

## ସ୍ୟାଣ୍ଡ୍ ଆର୍ଟ ପାର୍କରେ ଟ୍ରେନିଂ ନେଲେ ଚଣ୍ଡିଗଡ଼ ଛାତ୍ରଛାତ୍ରୀ

**ପୁରୀ, ୧୪।୯ (ସଂଚାର ବ୍ୟୁରୋ) :** ଚଣ୍ଡିଗଡ଼ରେ ଥିବା ଚିତକାରା ୟୁନିଭର୍ସିଟିର ଛାତ୍ରଛାତ୍ରୀମାନେ ପୁରୀରେ ଥିବା ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ ଆର୍ଟ ପାର୍କରେ ବାଲୁକା କଳାର ଟ୍ରେନିଂ ନେଇଛନ୍ତି ।

ଚିତକାରା ୟୁନିଭେର୍ସିଟିର ଛାତ୍ରଛାତ୍ରୀମାନେ ପୁରୀ ଆସି ମାନସ ସାହୁଙ୍କ ତତ୍ୱାବଧାନରେ ବଳିଆପଣ୍ଡା ଲାଇଟ ହାଉସ ନିକଟସ୍ଥ ବେଳାଭୂମିରେ ଥିବା ମାନସ ସାହୁଙ୍କ ସ୍ୟାଣ୍ଡ୍ ଆର୍ଟ ପାର୍କରେ ବାଲୁକା କଳାର ଟ୍ରେନିଂ ନେଇଛନ୍ତି।

ମାନସ ସାହୁ ସମସ୍ତଙ୍କୁ ବିଭିନ୍ନ ସାମୁଦ୍ରିକ ଜୀବମାନଙ୍କର ବାଲୁକା କଳା ଶିଖାଇଛନ୍ତି । ଏହା ସହ ସେ ଏହି ବାଲୁକା କଳା ମାଧ୍ୟମରେ କିପରି କଇଁଛ ଏବଂ ସାମୁଦ୍ରିକ ଜୀବମାନଙ୍କ ସୁରକ୍ଷା କରାଯାଇପାରିବ ତାହାର ବାର୍ତ୍ତା ମଧ୍ୟ ଦେଇଛନ୍ତି। ଏଥିରେ ମାନସ ସାହୁଙ୍କୁ ସମାଜସେବୀ କେଦାରନାଥ ମହାପାତ୍ର, ସତ୍ୟନାରାୟଣ ପାତ୍ର ସହଯୋଗ କରିଛନ୍ତି।



## ଅର୍ଦ୍ଧନିର୍ମିତ ଓଭରବ୍ରିଜ୍ ତଳେ ବାଇକ୍- ଟ୍ରେଲର ଧକ୍କା, ଜଣେ ମୃତ

**ଝାରପୋଖରିଆ,୧୪।୯(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଝାରପୋଖରିଆଠାରେ ଅର୍ଦ୍ଧନିର୍ମିତ ଓଭରବ୍ରିଜ୍ ତଳେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରେଲର ସହ ପିଟି ହେଲା ବାଇକ୍। ଏହି ଦୁର୍ଘଟଣାରେ ବାଇକ୍ ଆରେହୀଙ୍କ ମୃତ୍ୟୁ ହୋଇଛି। ମୃତକ ଚାନ୍ଦୁଆ ଥାନା ଅଞ୍ଚଳର ସୁରେଶ ବିନ୍ଧାଣି ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନା ମୁତାବକ, ଯୁବକ ଜଣକ ସସ୍ତ୍ରିକ ଝାଡ଼ଖଣ୍ଡର ନିଜ ଶ୍ୱଶୁର ଘରୁ ବାଇକ୍ ଯୋଗେ ଫେରିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ରବିବାର ଦିନ ୧ଟାରେ ଝାରପୋଖରିଆରେ ଅର୍ଦ୍ଧନିର୍ମିତ ଓଭରବ୍ରିଜ୍ ତଳେ ବାଇକ୍ଟି ଏକ ଟ୍ରେଲର ସହ ପିଟି ହୋଇଥିଲା। ଫଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଫଳରେ ଉଭୟ ୧୮ ଓ ୪୯ ନମ୍ବର ଜାତୀୟ ରାଜପଥରେ ଗାଡି ଚଳାଚଳ ଠପ୍ ହୋଇ ରହିଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏ ସମ୍ପର୍କରେ ଖବର ପାଇ ଘଟଣାସ୍ଥଳରେ ଝାରପୋଖରିଆ ପୁଲିସ ପହଞ୍ଚିବା ସହ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବା ଜଣାପଡ଼ିଛି।



## ବେଆଇନ ଚାଲାଣ ବେଳେ ୨୪ ଗୋରୁ ଉଦ୍ଧାର

### ୩ଟି ପିକଅପ ଭ୍ୟାନ ଜବତ, ୩ ଚାଳକ ଗିରଫ

**ବାରିପଦା, ୧୪ ।୯ (ସଂଚାର ବ୍ୟୁରୋ):** ଦିନକୁ ଦିନ ବେଆଇନ ଗୋଚାଲାଣ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ ଜାରି ଥିବାବେଳେ ପୁଣି ବେଆଇନ ଗୋଚାଲାଣ ବେଳେ ୨୪ଟି ଗୋରୁ ଉଦ୍ଧାର ହୋଇଛନ୍ତି। ବାରିପଦା ସହରରେ ବେଆଇନ ଗୋଚାଲାଣକୁ ରୋକିବାରେ ବାରିପଦା ଟାଉନ ଥାନା ପୁଲିସକୁ ସଫଳତା ମିଳିଛି। ଗୋରୁ ଉଦ୍ଧାର କରିବା ସହ ୩ ପିକଅପ ଗାଡି ଜବତ ଓ ୩ ଜଣ ଚାଳକଙ୍କୁ ପୁଲିସ ଗିରଫ କରି ତଦନ୍ତ ଜାରି ରଖିଛନ୍ତି।

ଶନିବାର ବିଳମ୍ବିତ ରାତିରେ ବାରିପଦା ଟାଉନ ଥାନା ପୁଲିସ ଦ୍ୱାରା ବାଘରା ରୋଡ ଅଞ୍ଚଳରେ ପାଟ୍ରୋଲିଂ ଜାରି ଥିଲା। ଉକ୍ତ ସମୟରେ ଏକ ପିକଅପ ଗାଡିରେ ବାରିପଦା ପଟକୁ ଶୁଳିଆପଦା ହୋଇ ପଶ୍ଚିମବଙ୍ଗକୁ ଗୋଚାଲାଣ ହେଉଥିବା ନେଇ ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହାକୁ ନେଇ ପୁଲିସ ଦ୍ୱାରା ବେଆଇନ ଗୋଚାଲାଣ ପିକଅପ ଗାଡିକୁ ବାଘରା ରୋଡ ଠାରେ ଅଟକାଇବା ପାଇଁ ପ୍ରଚେଷ୍ଟା କରିଥିଲେ। କିନ୍ତୁ, ପିକଅପ ଗାଡି ପୁଲିସକୁ ଚକମା ଦେଇ ଚମ୍ପଟ ମାରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୁଲିସ ତାହାକୁ ଅଟକାଇ ଯାଞ୍ଚ୍ କରିଥିଲେ। ୩ଟି ପିକଅପ ଡାଲାରେ ୨୪ଗୋଟି ଗୋରୁଙ୍କୁ ଅମାନବୀୟ ଭାବେ ନେଉଥିବା ବେଳେ ଏନେଇ କୌଣସି କାଗଜପତ୍ର ମଧ୍ୟ ଦେଖାଇ ପାରିନଥିଲେ। ପୁଲିସ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। ୩ ଜଣ ପିକଅପ ଗାଡି ଚାଳକଙ୍କୁ ବାରିପଦା ଟାଉନ ଥାନା ପୁଲିସ ଗିରଫ କରି ପଚରାଉଚରା ଜାରି ରଖିଛି। ତେବେ ଗୋରୁ ଗୁଡ଼ିକ ମୟୂରଭଞ୍ଜ ଜିଲ୍ଲା ଦେଇ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବାର ନେଇ ସନ୍ଦେହ କରାଯାଉଛି। ଏହାର କିଙ୍ଗପିନକୁ ଧରିବାକୁ ପୁଲିସ ପକ୍ଷରୁ ତଦନ୍ତ କରାଯାଉଛି ବୋଲି ଥାନା ଅଧିକାରୀ କରୁଣାକର ରାଉତ କହିଛନ୍ତି। ଉଦ୍ଧାର ଗୋରୁକୁ ଶ୍ୟାମାଖୁଣ୍ଟା ସ୍ଥିତ ଗୋଶାଳାକୁ ପଠାଇବା ବ୍ୟବସ୍ଥା କରାଯାଉଛି। ଏହା ସହିତ ପିକଅପ୍ ଜବତ କରି ବାରିପଦା ଟାଉନ ଥାନାରେ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ପଚରାଉଚରା ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି।

## ଆନ୍ତଃରାଜ୍ୟ ଛିନତାଇ ଗ୍ୟାଙ୍ଗର ୪ ଜଣ ଗିରଫ

### ସୁନାହାର, ୨ଟି ବାଇକ୍ ଓ ମୋବାଇଲ ଜବତ

**ବାରିପଦା, ୧୪ ।୯ (ସଂଚାର ବ୍ୟୁରୋ):** ଗଣେଶ ପୂଜା ସମୟରେ ବାରିପଦା ସହରରେ ଛିନତାଇ କରୁଥିବା ଆନ୍ତଃରାଜ୍ୟ ଛିନତାଇ ଗ୍ୟାଙ୍ଗର ୪ ଜଣଙ୍କୁ ଗିରଫ କରିବାରେ ବାରିପଦା ଟାଉନ ଥାନା ପୁଲିସ ସଫଳ ହୋଇଛନ୍ତି। ସେମାନେ ହେଲେ ପଶ୍ଚିମବଙ୍ଗ ଦୀଘା ଅଞ୍ଚଳର ଦୀପକ ଦାସ, ସୁଜୟ ଖାଁ ଏବଂ ଝାରଖଣ୍ଡ ଅଞ୍ଚଳର ସୁଜିତ ସାହା ଓ ରାଜୁ ସିଂ। ଗଣେଶ ପୂଜା ଭିଡ଼ରେ ଉକ୍ତ ଗ୍ୟାଙ୍ଗ ଛିନତାଇ କରିଥିଲେ। ଲାଲବଜାର ସ୍ଥିତ ଶ୍ରୀରାମଚନ୍ଦ୍ର ପାଠାଗାର ନିକଟରୁ ମମତା ରଣାଙ୍କ ଠାରୁ ସୁନାହାର ଛିନତାଇ କରିଥିଲେ। ଏନେଇ ମହିଳା ଜଣକ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଦିନ ପ୍ରାୟ ୧୨ଟା ସମୟରେ ମହିଳା ଜଣକ ରାସ୍ତା କଡରେ ଚାଲିକି ଯାଉଥିବା ବେଳେ ତାଙ୍କ ବେକରୁ ସୁନାହାର ଛିନତାଇ କରି ୨ଜଣ ଦୁର୍ବୃତ୍ତ ନମ୍ବର ବିହୀନ କଳା ପଲସର ବାଇକରେ ଚମ୍ପଟ ମାରିଥିଲେ। ଏହି ସୁନାହାରର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଏନେଇ ପୁଲିସ ସ୍ଥାନୀୟ ଅଞ୍ଚଳର ସିସି ଟିଭି ସହାୟତାରେ ଯାଞ୍ଚ କରିଥିଲେ। ଏହାର କିଛି ଦିନର ବ୍ୟବଧାନ ପରେ ପୁଣି ଉକ୍ତ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଠାରୁ ଛିନତାଇ ଉଦ୍ୟମ କରିବା ବେଳେ ଦୁର୍ବୃତ୍ତ ଜଣକୁ ବାରିପଦା ଟାଉନ ଥାନା ପୁଲିସ କାବୁ କରିଥିଲେ। ଦୁର୍ବୃତ୍ତକୁ ବାରିପଦା ଟାଉନ ଥାନା ପୁଲିସ ଗିରଫ କରି ତଦନ୍ତ ଜାରି ରଖିଥିଲେ। ତେବେ ଗ୍ୟାଙ୍ଗଟି ଆନ୍ତଃରାଜ୍ୟ ଅଞ୍ଚଳର ହୋଇଥିବାରୁ ବାରିପଦା ଟାଉନ ଥାନା ଅଧିକାରୀ କରୁଣାକର ରାଉତଙ୍କ ନେତୃତ୍ୱରେ ଏକ ଟିମ ପଶ୍ଚିମବଙ୍ଗକୁ ଯାଇ ଅନ୍ୟ ମାନଙ୍କୁ ଧରିବା ସହ ଛିନତାଇ ସୁନାହାର, ୨ଟି କଳା ପଲସର ବାଇକ ଓ ୪ଟି ମୋବାଇଲ ଜବତ କରିଥିଲେ। ଗିରଫ ମାନଙ୍କୁ ପୁଲିସ କୋର୍ଟଚାଲାଣ କରିବା ସହ ଅଧିକ ତଦନ୍ତ ଜାରି ରଖିଛନ୍ତି।

## ଶ୍ରୀକ୍ଷେତ୍ରରେ ଷୋଳପୂଜା ଆରମ୍ଭ

**ପୁରୀ, ୧୪।୯ (ସଂଚାର ବ୍ୟୁରୋ):** ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀରେ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ଷୋଳ ପୂଜା ନୀତି ରବିବାରଠାରୁ ଆରମ୍ଭ ହୋଇଛି। ଶ୍ରୀମନ୍ଦିରରେ ମା' ବିମଳା, ମା' ଭୁବନେଶ୍ୱରୀ ଓ ମା' ସର୍ବ ମଙ୍ଗଳା ଆଦି ଦେବୀଙ୍କର ଷୋଳପୂଜା ଅନୁଷ୍ଠିତ ଆରମ୍ଭ ହେବା ସହ ବେଶ ଆରମ୍ଭ ହୋଇଛି। ଷୋଳ ଦିନରେ ଷୋଳ ପ୍ରକାର ବେଶ ଅନୁଷ୍ଠିତ ହେବ। ସେହିପରି ଶ୍ରୀକ୍ଷେତ୍ରରେ ଥିବା ଚଣ୍ଡୀ ପୀଠରେ ଷୋଳ ପୂଜା ଆରମ୍ଭ ହୋଇଛି। ଶ୍ରୀକ୍ଷେତ୍ରର କାଳିକାଦେବୀ ସାହିର ମା' ଦକ୍ଷିଣକାଳୀ, ବାସେଳୀ ସାହିର ମା' ବାସେଳୀ, ବାଲିକୁଦା ରାମଚଣ୍ଡୀ ସାହିର ମା' ରାମଚଣ୍ଡୀ, କୁଣ୍ଢେଇବେଣ୍ଟ ସାହି ଅନ୍ତର୍ଗତ ବିଶୁନି ଯାଗା ସ୍ଥିତ ମା' ରାମଚଣ୍ଡୀ, ଭଗବତୀ କୋଟ ସ୍ଥିତ ମା' ଭଗବତୀ, ବିମାନବଡୁ ସାହିର ସର୍ବ ମଙ୍ଗଳା, ବାସେଳୀ ସାହିର ମା' ମଙ୍ଗଳା ଓ ଅବକାଶ ଲେନ୍ ର ମା' ଭୁବନେଶ୍ୱରୀ ଆଦି ଦେବୀଙ୍କର ମଧ୍ୟ ଷୋଳପୂଜା ଅନୁଷ୍ଠିତ ହେବା ସହ ଷୋଳ ଦିନ ଧରି ଏହି ଦେବୀମାନେ ବିଭିନ୍ନ ବେଶରେ ଦର୍ଶନ ଦେବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେନ୍ଦୁଝରରେ...

ଆଜି ଦିନବେଳା ତାଙ୍କୁ ଭେଟି ସମସ୍ୟା ଜଣାଇବାକୁ ଆସିଥିବା ଲୋକଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଭେଟିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣିବା ସହ ଅଭିଯୋଗପତ୍ର ଗ୍ରହଣ କରି ଖୁବ୍‌ଶୀଘ୍ର ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

### ୨୨ରୁ...

ଜିଏସଟି ଅନୁସାରେ ନୂଆ ଏମ୍ଆରପି ଲାଗୁ ହେବା ଆବଶ୍ୟକ। ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା କିମ୍ବା ଷ୍ଟକ୍ ଶେଷ ହେବା ଯାଏଁ ଏହି ନିର୍ଦ୍ଦେଶନାମା ଲାଗୁ ହେବ। ପୁରୁଣା ମୂଲ୍ୟକୁ ନ ଲିଭାଇ ତା' ନିକଟରେ ନୂଆ ମୂଲ୍ୟ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବ। ମୂଲ୍ୟ ସଂଶୋଧନ ସମ୍ପର୍କରେ ଉତ୍ପାଦକ, ପ୍ୟାକର୍, ଆମଦାନୀକାରୀ ଖବରକାଗଜରେ ବିଜ୍ଞାପନ ମାଧ୍ୟମରେ ଜଣାଇବା ସହ ନିଜର ଡିଲର ଓ ସ୍ଥାନୀୟ ମାପ ଓଜନ ବିଭାଗକୁ ନୋଟିସ ଦ୍ୱାରା ଜଣାଇବେ। ଏହାଦ୍ୱାରା ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ପାଇବ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ସେହିପରି ବ୍ୟବସାୟୀ ଯାହା ପୁରୁଣା ଦରରେ କିଣିଥିବେ, ତାକୁ ନୂଆ ଦରରେ ବିକ୍ରି କଲେ କେନ୍ଦ୍ର ସରକାର ଇନପୁଟ କ୍ରେଡିଟ ଦେବେ। ହେଲେ ଏଥିରେ କ୍ଷୁଦ୍ର ବ୍ୟବସାୟୀ ପ୍ରଭାବିତ ହେବେ। କାରଣ ଅଧିକାଂଶ କ୍ଷୁଦ୍ର ବ୍ୟବସାୟୀଙ୍କ ଜିଏସଟି ନମ୍ବର ନାହିଁ। ଯେଉଁଥିପାଇଁ ସେମାନେ କ୍ଷତିପୂରଣ ରାଶି ପାଇବାରୁ ବଞ୍ଚିତ ହେବେ। ପ୍ରଥମ କିଛି ଦିନ ସେମାନେ ବାଧ୍ୟ ହୋଇ ପୁରୁଣା ଦରରେ ବିକିବେ। ତା' ପରେ ସ୍ଥିତି ସ୍ୱାଭାବିକ ହେବାର ସମ୍ଭାବନା ରହିଛି। ହେଲେ ଏପରି ଦ୍ୱନ୍ଦ୍ୱ ଭିତରେ କେନ୍ଦ୍ର ସରକାର ଏମଆରପି ଉପରେ ନିର୍ଦ୍ଦିଷ୍ଟ ନିୟମ ଆଣିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି। ଏପରି ହେଲେ କେହି ବି ମନଇଚ୍ଛା ଏମଆରପି ଲେଖିପାରିବେ ନାହିଁ। ଜିଏସଟି ସ୍ଲାବରେ ପରିବର୍ତ୍ତନ କରିବା ପାଇଁ ଗତ ୩ ତାରିଖରେ ଜିଏସଟି କାଉନସିଲ ନିଷ୍ପତ୍ତି ନେଇଛି, ଯେଉଁଥିରେ ବିଭିନ୍ନ ସାମଗ୍ରୀରେ ଜିଏସଟି ସଂଶୋଧନ କରାଯାଇଥିଲା।

### ମୁଁ ଶିବ...

ଶିଳ୍ପ ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଆସାମର ଦାରାଙ୍ଗରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ସେ ଭଗବାନ ଶିବଙ୍କ ଭକ୍ତ ଏବଂ ଶତ୍ରୁମାନଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ବିଷକୁ ଗିଳି ଦିଅନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, 'ଅପରେସନ୍ ସିନ୍ଦୂର' ପରେ ଏହା ମୋର ପ୍ରଥମ ଆସାମ ଗସ୍ତ। ମା' କାମାକ୍ଷାଙ୍କ ଆଶୀର୍ବାଦରେ 'ଅପରେସନ ସିନ୍ଦୂର' ଏକ ବଡ଼ ସଫଳତା ଥିଲା। ଆଜି ମା' କାମାକ୍ଷାଙ୍କ ଭୂମିକୁ ଆସି ମୁଁ ଏକ ଭିନ୍ନ ପବିତ୍ର ଅନୁଭୂତି ପାଉଛି। ଆଜି ଏଠାରେ ଜନ୍ମାଷ୍ଟମୀ ପାଳନ କରାଯାଉଛି। ଆପଣ ସମସ୍ତଙ୍କୁ ଜନ୍ମାଷ୍ଟମୀର ଶୁଭେଚ୍ଛା। ସେହିପରି କଂଗ୍ରେସ ନେତାଏ ତାଙ୍କ ମା'ଙ୍କ ବିଷୟରେ ଦେଇଥିବା ଅପମାନଜନକ ମନ୍ତବ୍ୟ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ମୋତେ ଯେତେ ଗାଳି ଦିଆଗଲେ ବି ମୁଁ ଭଗବାନ ଶିବଙ୍କ ଭକ୍ତ। ମୁଁ ସବୁ ବିଷ ପିଇଯାଏ। କିନ୍ତୁ ଅନ୍ୟ କାହା ପ୍ରତି ଅପମାନକୁ ମୁଁ କଦାପି ସହ୍ୟ କରିପାରେ ନାହିଁ। ସଙ୍ଗୀତଜ୍ଞ ଭାରତରତ୍ନ ଭୂପେନ ହଜାରିକାଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବରେ ଯୋଗଦେଇ ଆସାମବାସୀଙ୍କୁ ସମ୍ବୋଧନ କରଛନ୍ତି ପ୍ରଧାନମନ୍ତ୍ରୀ। ବିଜେପିର ଡବଲ ଇଞ୍ଜିନ ସରକାର ଆସାମର ଏତେ ମହାନ ସନ୍ତାନ ଓ ଆମର ପୂର୍ବପୁରୁଷମାନେ ଆସାମ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ପୂରଣ କରିବାରେ ପୂର୍ଣ୍ଣ ନିଷ୍ଠାର ସହ ନିୟୋଜିତ ରହିଛି। ବିଜେପିର ଡବଲ ଇଞ୍ଜିନ ସରକାର ଆସାମର ମହାନ ସନ୍ତାନ ଓ ଆମର ପୂର୍ବପୁରୁଷମାନେ ଆସାମ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହାକୁ ପୂରଣ କରିବା ସକାଶେ ପୂର୍ଣ୍ଣ ନିଷ୍ଠାର ସହିତ ନିୟୋଜିତ ଅଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜବାହରଲାଲ ନେହରୁଙ୍କ ବିଷୟରେ ଉଲ୍ଲେଖ କରି କହିଛନ୍ତି ଯେ ୧୯୬୨ରେ ଚୀନ୍ ସହ ଯୁଦ୍ଧ ପରେ ପଣ୍ଡିତ ନେହରୁ ଯାହା କହିଥିଲେ ସେଥିଜନିତ ଆଜି ବି ଉତ୍ତର-ପୂର୍ବାଞ୍ଚଳର ଲୋକଙ୍କ କ୍ଷତ ଶୁଖିନାହିଁ। ସେହିପରି ଆସାମ ର୍‍ୟାଲିରେ ପ୍ରଧାନମନ୍ତ୍ରୀ ଏକ ବିକଶିତ ଭାରତ ନିର୍ମାଣର ସଂକଳ୍ପକୁ ମଧ୍ୟ ଦୋହରାଇଥିଲେ। ଆଜି ସମଗ୍ର ଦେଶ ଏକ ବିକଶିତ ଭାରତ ନିର୍ମାଣ ପାଇଁ ଏକତ୍ରିତ ଭାବେ ଆଗକୁ ବଢ଼ୁଛି, ବିଶେଷକରି ଆମ ଯୁବ ବନ୍ଧୁଗଣ। ବିକଶିତ ଭାରତ ଏକ ସ୍ୱପ୍ନ ଓ ଏକ ସଂକଳ୍ପ। ଏହି ସଂକଳ୍ପ ହାସଲରେ ଆମର ଉତ୍ତର-ପୂର୍ବର ବହୁତ ବଡ଼ ଭୂମିକା ରହିଛି ବୋଲି ମୋଦି କହିଛନ୍ତି।

### ସ୍କୁଲ ଯିବା...

ମଧ୍ୟ ସରକାର ଯତ୍ନଶୀଳ। ଶିକ୍ଷା ମନ୍ତ୍ରଣାଳୟର ଉଲ୍ଲାସ-ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ-୨୦୨୫ ଅଧୀନରେ ୧୫ରୁ ଊର୍ଦ୍ଧ୍ୱ ବୟସ୍କ ନିରକ୍ଷରଙ୍କୁ ସାକ୍ଷର କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ସେହିପରି ସମ୍ବଲପୁରରେ ସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନ୍ୟ ଜିଲ୍ଲା ତୁଳନାରେ ଯଥେଷ୍ଟ ଉନ୍ନତ ରହିଛି। କିନ୍ତୁ ଜିଲ୍ଲାରେ ଏବେ ବି ପ୍ରାୟ ୩ ହଜାର ପିଲା ସ୍କୁଲ ବାହାରେ ଅଛନ୍ତି। ସେମାନଙ୍କୁ ସ୍କୁଲ ଶିକ୍ଷା ଓ ଦକ୍ଷତା ସହ ଯୋଡ଼ିବା ପାଇଁ 'ଆସ ସ୍କୁଲ ଯିବା' ପରି ଅଭିଯାନ ହାତକୁ ନିଆଯାଇଛି, ଯାହାକି ଏକ ପ୍ରଶଂସନୀୟ ପଦକ୍ଷେପ। ସମସ୍ତଙ୍କୁ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ରେ ଯୋଡ଼ିବା ସରକାରଙ୍କ ମୂଳ ଉଦ୍ଦେଶ୍ୟ। ଏହା କେବଳ ଭାଷଣବାଜି କିମ୍ବା ଖବରର ବିଷୟ ନୁହେଁ, ବରଂ ଏଥିପାଇଁ ଛାତ୍ରଛାତ୍ରୀଙ୍କଠାରୁ ପ୍ରବୃଦ୍ଧ ବର୍ଗମାନେ ନିଜର ଦାୟିତ୍ୱ ନିର୍ବାହ କରିବା ଦରକାର। ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା, ନିରକ୍ଷରଙ୍କୁ ସାକ୍ଷର କରିବା, ଭୋକାଲ୍ ଫର୍ ଲୋକାଲକୁ ପ୍ରୋତ୍ସାହନ ଦେଇ ସ୍ୱଦେଶୀ ସାମଗ୍ରୀର ବ୍ୟବହାର କଲେ ହିଁ ଦେଶ ଶିକ୍ଷା ଓ ସାମାଜିକ ଦୃଷ୍ଟିରୁ ଉନ୍ନତ ଓ ଅଧିକ ମଜବୁତ ହୋଇପାରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏଥିସହ ଚାଲ ସ୍କୁଲ ଯିବା, ପାଠ ପଢ଼ିବାର ବାତାବରଣ ସୃଷ୍ଟି ପାଇଁ ସେ ପରାମର୍ଶ ଦେବା ସହ ଆଜିର ସ୍କୁଲ ଛାତ୍ରଛାତ୍ରୀଙ୍କ ନେତୃତ୍ୱରେ ହିଁ ବିକଶିତ ଭାରତର ସ୍ୱପ୍ନ ପୂରଣ ହୋଇପାରିବ ବୋଲି କହିଛନ୍ତି। ଏହି ପଦଯାତ୍ରାରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସାମିଲ ହୋଇଥିବା ବେଳେ ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ, ଶିକ୍ଷାଧିକାରୀ ଓ ପରିଚାଳନା ସମିତିର ସଦସ୍ୟାମାନେ ବି ଭାଗ ନେଇଥିଲେ।

### ପୃଥକ୍...

ତାରସିଂ ଥାନା ଅନ୍ତର୍ଗତ ତୁଳସୀପଲ୍ଲୀ ଅଞ୍ଚଳର ଶିବରାମ ପ୍ରଧାନ ଅଚାନକ ଅସୁସ୍ଥ ହୋଇପଡ଼ିଥିଲେ। ତେଣୁ ତାଙ୍କୁ ସେଠାରୁ ସଙ୍ଗେ ସଙ୍ଗେ ଛତ୍ରପୁର ମେଡିକାଲ୍‌କୁ ନିଆଯାଇଥିଲା। ପରେ ଶିବରାମଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

### ବିଧାୟକଙ୍କ...

ଜେଲ୍‌ରେ ପ୍ରାୟ ଆଠ ମାସ ଧରି ରହିଥିଲେ। ଏଭଳି ବ୍ୟକ୍ତିଙ୍କୁ କିଭଳି ବିଜେପି ସରକାର ଅମଳରେ ରାମ୍‌କୋ ସିମେଣ୍ଟ୍ ଠିକାଦାରୀ ଦେବାକୁ ସାହସ କଲା, ତାହାକୁ ନେଇ ଏବେ ଚର୍ଚ୍ଚା। କାରଣ ସ୍ମିତାରାଣୀ ମାମଲା ଉପରୁ ପରଦା ଉଠାଇବା ସହ ଦୋଷୀଙ୍କୁ ଦଣ୍ଡ ଦେବା ପାଇଁ ଖୋଦ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯାଜପୁର ଜିଲ୍ଲା ଗସ୍ତ ସମୟରେ ଘୋଷଣା କରିଥିଲେ। ତେବେ ସାମ୍ପ୍ରତିକ ସମୟରେ ହେଉଥିବା ଆଲୋଚନା ଅନୁଯାୟୀ, ରାମକୋ ସିମେଣ୍ଟର ଏଭଳି ଖେଳ ପଛରେ ବିଧାୟକଙ୍କର ହାତ ରହିଛି। କାରଣ ଅଜାଣତରେ ରାମ୍‌କୋ ଏତେ ବଡ଼ ସାହସ କରିପାରି ନଥାନ୍ତା। ବିଧାୟକଙ୍କ ଆର୍ଶୀବାଦରେ ଏହା ସମ୍ଭବ ହୋଇଛି। ତେଣୁ ଏବେ ସ୍ମିତାରାଣୀ ପ୍ରସଙ୍ଗରେ ବିଜେପି ଲୋକଙ୍କୁ କି ଉତ୍ତର ଦେବ, ତାହାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଏହି ଠିକାଦାର ବଦଳ ଘଟଣା ରାଜନୈତିକ ରଙ୍ଗ ନେବାରେ ଲାଗିଛି। ବିଧାୟକ ଯଦିଓ ସ୍ୱାଧୀନ ପ୍ରାର୍ଥୀ ଭାବେ ଜିଣିଛନ୍ତି, କିନ୍ତୁ ସିଏ ବିଜେପିର ବୋଲି ସମସ୍ତେ ଜାଣିଛନ୍ତି। ତାଙ୍କ ସହ ଯାଜପୁରର ବିଜେପି କର୍ମୀ ବି ରହିଛନ୍ତି। ନିକଟରେ ବିଜେପିର ମିଶ୍ରଣ ପର୍ବର ଶ୍ରେୟ ଉକ୍ତ ବିଧାୟକଙ୍କୁ ଯାଇଥିଲା। ହେଲେ ଏହାପରେ ଠିକାଦାର ବଦଳ ରାଜନୀତି ଧୀରେ ଧୀରେ ବିଜେପିକୁ ଅଡ଼ୁଆରେ ପକାଇବା ଆରମ୍ଭ କରୁଥିବା ଲକ୍ଷ୍ୟ କରାଯାଉଛି।

### ଅମର...

ପଡ଼ିବାରୁ ତା' ତଳେ ଚାପି ହୋଇ ସମସ୍ତଙ୍କ ନିକଟରେ ପାତ୍ର ମଉସା ଭାବେ ପରିଚିତ ପି. ଲୋକନାଥ ପାତ୍ର ମୃତ୍ୟୁବରଣ କରିଛନ୍ତି। କୋଠା ଭୁଶୁଡ଼ି ପଡ଼ିବା ପରେ ସ୍ଥାନୀୟ ପୁଲିସ୍ ଓ ଦମକଳ ବାହିନୀର କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ହେଁ ପାଖାପାଖି ୫ ଘଣ୍ଟା ପରେ ପାତ୍ର ମଉସାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ତୁରନ୍ତ ନିକଟସ୍ଥ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅକ୍ସିଜେନ୍ ଅଭାବରୁ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ତେବେ ମୃତ୍ୟୁ ପରେ ତାଙ୍କ ପରିବାର ଲୋକେ ଚକ୍ଷୁ ଦାନ କରିବା ପାଇଁ ନିଷ୍ପତ୍ତି ନେଇଥିବାରୁ ଡାକ୍ତର ତାଙ୍କର ଚକ୍ଷୁ ସଂଗ୍ରହ କରିଥିଲେ। ଫଳତଃ ଅନ୍ୟକୁ ଆଖି ଦାନ କରି ପୁଣି ସମସ୍ତଙ୍କ ହୃଦୟ ଜିତିନେଲେ ମୃତ ପାତ୍ର ମଉସା। କୋରାପୁଟ ସହର ମୁଖ୍ୟ ଛକ ଉପରେ ନବେ ଦଶକରେ ଛୋଟିଆ ପଇଡ ଓ ପାନ ଦୋକାନ କରି ମୃତ ଲୋକନାଥ ଓ ତାଙ୍କ ସ୍ତ୍ରୀ ନିଜର ଜୀବନ ଜୀବିକା ପାଇଁ ସାଧନଟିଏ ଯୋଗାଡ଼ କରିଥିଲେ। ତେବେ ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ଭାଙ୍ଗିପଡ଼ିଥିଲେ ହେଁ ଚକ୍ଷୁଦାନ କରି ମହତ୍ କାର୍ଯ୍ୟ କରି ସେମାନେ ଅନ୍ୟ ପାଇଁ ଉଦାହରଣ ପାଲଟିଛନ୍ତି। ଆଜି ପାତ୍ର ମଉସା ନିଜେ ସିନା ଦୁନିଆ ଛାଡ଼ି ଆରପାରିକୁ ଚାଲିଗଲେ, ହେଲେ ଜଣକୁ ତାଙ୍କ ଆଖିରେ ଦୁନିଆ ଦେଖିବାର ଅପୂର୍ବ ସୁଯୋଗ ଦେଇଗଲେ ସେ। କ୍ଷଣକରେ ତାଙ୍କର ସଂସାର ଉଜୁଡ଼ିଯିବ ବୋଲି କେହି କେବେ ଭାବି ନଥିଲେ। ବର୍ତ୍ତମାନ ପାତ୍ର ମଉସାଙ୍କ ଅନୁପସ୍ଥିତିକୁ ସମଗ୍ର ପରିବାର ଓ ହିତାକାଂକ୍ଷୀ ସବୁଦିନ ପାଇଁ ଝୁରିହେବେ, ଏହା ତ ନିଶ୍ଚିତ। କିନ୍ତୁ ତାଙ୍କର ମହତ୍ କାର୍ଯ୍ୟ ତାଙ୍କୁ ସବୁଦିନ ପାଇଁ ଅମର ରଖିବ ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି।

### ରାଜଧାନୀ ...

ଜଣକ ପରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପାଟି ଖୋଲିଲେ ଜହ୍ଲାଦମାନେ ଜୀବନରୁ ମାରିଦେବାକୁ ଧମକ ବି ଦେଇଥିଲେ। ମହିଳା ଥାନା ପୁଲିସ ଗଣଦୁଷ୍କର୍ମ ମାମଲା ରୁଜୁ କରିବା ପରେ ୩ ଭିଯୁକ୍ତଙ୍କୁ ଗିରଫ କରିଛି।

### ହରିଦ୍ୱାରରୁ ...

ସମେତ ୭ ଜଣ ଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇବା ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ମୃତକଙ୍କୁ ଆମ୍ବୁଲାନ୍ସରେ ନିକଟସ୍ଥ ମହାତ୍ମା ଗାନ୍ଧି ହସ୍ପିଟାଲକୁ ନେଇଥିଲା। ଏହି ଘଟଣା ନେଇ ପୁଲିସ୍ ତଦନ୍ତ ଚଳାଇଥିବା ବେଳେ ମୃତକମାନେ ରାମରାଜ ବୈଷ୍ଣବ, ପତ୍ନୀ ମଧୁ ଏବଂ ପୁଅ ରୁଦ୍ର ଓ ସମ୍ପର୍କୀୟ କାଲୁରାମ, ତାଙ୍କ ସ୍ତ୍ରୀ ସୀମା ଏବଂ ପୁଅ ରୋହିତ ଓ ଗଜରାଜ ବୋଲି ଜଣାପଡ଼ିଛି। ସେମାନେ ସମସ୍ତେ ଜୟପୁରର ଫୁଲିଆବାସ କେକ୍ରି ଓ ଭାଟିକାର ବାସିନ୍ଦା ବୋଲି ସ୍ପଷ୍ଟ ହୋଇଛି।

### ଭାରତର ...

ହାସଲ କରିଥିଲେ। ୧୨୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଭାରତ ବ୍ୟାଟିଂ ଅଭିଯାନ ଆରମ୍ଭ କରିଥିଲା। ପ୍ରାରମ୍ଭରୁ ଅଭିଷେକ ଶର୍ମା ଓ ଶୁବମନ ଗିଲ ଆକ୍ରମଣାତ୍ମକ ଖେଳ ଆରମ୍ଭ କରିଥିଲେ। ଅଭିଷେକ ମାତ୍ର ୧୩ଟି ବଲ ଖେଳି ୨ ଛକା ସହ ୩୧ ରନ କରି ଆଉଟ ହୋଇଯାଇଥିଲେ। ତାଙ୍କ ପରେ ଗିଲ ୧୦ ରନ ଓ ତିଲକ ବର୍ମା ୩୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ହେଲେ ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱ ଇଂନିସ ଦଳର ବିଜୟ ପଥ ପରିଷ୍କାର କରିଥିଲା। ସୂର୍ଯ୍ୟକୁମାର ୧ ଛକା ଓ ୫ ଚୌକା ମାରି ବ୍ୟକ୍ତିଗତ ୪୭ ରନ ସହ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ତାଙ୍କ ସାଥ୍ ଦେଇଥିଲେ ଭାରତୀୟ ୟଙ୍ଗଷ୍ଟର ଶିବମ ଦୁବେ। ସେ ଶେଷ ପର୍ଯ୍ୟନ୍ତ ୧ ଛକା ସହ ୧୦ ରନ କରି ଅପରାଜିତ ରହିଥିଲେ। ଭାରତ ମାତ୍ର ୧୫.୫ ଓଭରରେ ପାକିସ୍ତାନକୁ ପରାସ୍ତ କରିବାରେ ସଫଳ ହୋଇଥିଲା। ପାକିସ୍ତାନ ପକ୍ଷରୁ ସାଇମ ଆୟୁବ ସଫଳ ବୋଲର ଭାବେ ୩ ୱିକେଟ ହାସଲ କରିଥିଲେ। ଶେଷରେ ଭାରତ ୩ ୱିକେଟ ହରାଇ ୧୩୧ ରନ କରିବା ସହ ଏହି ବିଜୟ ହାସଲ କରିଛି। ୩ଟି ୱିକେଟ୍ ନେଇଥିବା କୁଲଦୀପ କ୍ରମାଗତ ଦ୍ୱିତୀୟ ଥର ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ପ୍ରକାଶଥାଉ କି, ପହଲଗାମ ଆତଙ୍କୀ ଆକ୍ରମଣ ଓ 'ଅପରେଶନ' ସିନ୍ଦୁର ପରେ ଦୁଇ ଦେଶ ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଛି। ଭାରତରେ ଏହି ମ୍ୟାଚକୁ ପ୍ରବଳ ବିରୋଧ କରାଯାଇଥିବା ବେଳେ ଟସ ପରେ ଭାରତୀୟ ଟିମ ଅଧିନାୟକ ପାକିସ୍ତାନ ପ୍ରତିପକ୍ଷଙ୍କ ସହ ହାତ ମିଳାଇ ନଥିଲେ।

## ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର



**ବାଲିଅନ୍ତା,୧୪।୯ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ପଞ୍ଚାୟତ ଅଧୀନ ଗୋତଲବିନ୍ଧା ସ୍ଥିତ ଶିବା ସଂପୂର୍ଣ୍ଣା ଫାଉଣ୍ଡେସନ କାର୍ଯ୍ୟାଳୟ ପରିସରରେ ଆଜି ଏକ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ ୧୫୦ ଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଔଷଧପତ୍ର ବଣ୍ଟନ କରାଯାଇଥିଲା । ଅଗ୍ରୱାଲ ଆଇ ହସ୍ପିଟାଲ ପକ୍ଷରୁ ସୁନନ୍ଦା ସାହୁ, ତନ୍ମୟ ଶିଆଳ,ଗଣେଶ୍ୱର ବେହେରା, ବିଶ୍ୱରଞ୍ଜନ ରଥ,ସନସାଇନ୍ ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗ ଡାକ୍ତର ଦେବାଶିଷ ଷଡ଼ଙ୍ଗୀ ଏବଂ ବିଜୟ କୁମାର ପାତ୍ର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ । ରାଜ୍ୟ ବିଜେପି ଉପ ସଭାପତି ଗୋଲକ ମହାପାତ୍ର, ବାଲକାଟି ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ଜଗନ୍ନାଥ ବେହେରା, ପ୍ରଶାନ୍ତ ଆଦିତ୍ୟ,ପବିତ୍ର ଭୋଇ, ପ୍ରକାଶ ବେହେରା, ଶ୍ରୀକାନ୍ତ ନନ୍ଦ, ସୁନୀଲ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମାଜସେବୀ ସଂଜୀବ କୁମାର ସାମନ୍ତରାୟ ଏବଂ ନିର୍ଦ୍ଦେଶିକା ଝିଲି ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ମା ପାଇଁ ଚାରାଟିଏ କାର୍ଯ୍ୟକ୍ରମରେ ସମୂହ ଚାରାରୋପଣ କରାଯାଇଥିଲା ।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର



**କାକଟପୁର/ଅସ୍ତରଙ୍ଗ,୧୪।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ପୂର୍ବତନ ସାମରିକ କର୍ମଚାରୀ ସଙ୍ଘ କାର୍ଯ୍ୟାଳୟରେ ରୋଟାରୀକ୍ଲବ ପୁରୀ ସାଗର, ବେଳାଭୂମି ରୋଟାରୀ କମ୍ୟୁନିଟ କୋର ଓ ଅସ୍ତରଙ୍ଗ ପୂର୍ବତନ ସାମରିକ କର୍ମଚାରୀଙ୍କ ପକ୍ଷରୁ ଚକ୍ଷୁ ଶିବିର ଆୟୋଜିତ ହୋଇଥିଲା। ଏଥିରେ କଟକ ସ୍ଥିତ ଜେ. ପି. ଏମ ହସ୍ପିଟାଲ ତରଫରୁ ଚକ୍ଷୁ କଲର ଭିଜନ, ମୋତିଆବିନ୍ଦୁ, ରେଟିନା ଓ ଚଷମା କରାଯାଇଥିଲା। ଶିବିର ରେ ଡ଼ଃ ନରେନ୍ଦ୍ର କୁମାର ଶର୍ମା ଙ୍କ ସହ ଅନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଅସ୍ତରଙ୍ଗ, କାକଟପୁର ଅଂଚଳର ୧୦୩ରୁ ଉର୍ଦ୍ଧ ଚକ୍ଷୁ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏହି ଚକ୍ଷୁ ଶିବିର ରେ ଆୟୋଜକ ରୋଟାରୀ କ୍ଲବ ସଭାପତି କୃଷ୍ଣଚନ୍ଦ୍ର ସାହୁ, ଧବଳେଶ ମହାପାତ୍ର,ସହ ଆୟୋଜକ ବେଳାଭୂମି ରୋଟାରୀ କମ୍ୟୁନିଟ କୋର ଅସ୍ତରଙ୍ଗ ସଭାପତି ଦ୍ୱାରିକା ନନ୍ଦ ନାୟକ, ସେକ୍ରେଟାରୀ ସତ୍ୟବ୍ରତ ଲେଙ୍କା, ସହଯୋଗ ଅସ୍ତରଙ୍ଗ ପୂର୍ବତନ ସାମରିକ କର୍ମଚାରୀ ସଙ୍ଘ ସଭାପତି ସୁରେଶ ଚନ୍ଦ୍ର ସ୍ୱାଇଁ, ନରେନ୍ଦ୍ର ସ୍ୱାଇଁ, ରୋହିତ ନାୟକ ଓ ଅନ୍ୟ ମାନେ ପ୍ରମୁଖ ସାମିଲ ହୋଇଥିଲେ।

## ତିନି କୁଇଣ୍ଟାଲ ଗଞ୍ଜେଇ ସହ ଅଟୋ ଓ ପିକଅପ ଭ୍ୟାନ ଜବତ



**ଫୁଲବାଣୀ,୧୪।୯(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଅପରେସନ ପ୍ରହାର ଜାରି ରହିଥିବା ବେଳେ ଜିଲ୍ଲା ମୁଖ୍ୟାଳୟ ଫୁଲବାଣୀ ସଦର ଥାନା ତରଫରୁ ମଧ ଏହି ଅପରେସନ ପ୍ରହାର ଜାରି ରହିଛି । ତେବେ ଏହି ପରିପେକ୍ଷୀରେ ଫୁଲବାଣୀ ସଦର ଏସଡିପିଓ ଶୁଭ୍ରଜିତ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ସଦର ଥାନା ଅଧିକାରୀ ସତୀଶ ଚନ୍ଦ୍ର ନାଏକଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ଥାନାରେ କାର୍ଯ୍ୟରତ ଏସଆଇ ପ୍ରଦୀପ କୁମାର ରାଉଳ ଓ ସମ୍ବିତ ବେହେରାଙ୍କ ନେତୃତ୍ୱ ଶନିବାର ବିଳମ୍ବିତ ରାତିରେ ଥାନା ଅଧୀନରେ ଥିବା କସାକାଠି ଛକ ଓ ବରପଦା ଛକ ନିକଟରେ ଚଢ଼ାଉ କରି ଏକ ପିକ ଅପ ଗାଡିକୁ ଧରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଏକ ଗଞ୍ଜେଇ ଭର୍ତି ଅଟୋକୁ ଧରିବାରେ ସଫଳ ହୋଇଛନ୍ତି। ଏହି ଘଟଣାରେ ପିକଅପ ଡ୍ରାଇଭର ଖୋର୍ଦ୍ଧା ଜିଲ୍ଲା ବାଘମାରୀ ଗାଁର କୃପାସିନ୍ଧୁ ପରିଡା ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ଠିକ ସେହିପରି ବରପଦା ଛକାନିକଟରେ ଏକ ଅଟୋରୁ ୮୦ କିଲୋ ଗଞ୍ଜେଇ ଜବତ କରିବା ସହ ବିହାର ରାଜ୍ୟ ଗୋପାଳଗଞ୍ଜ ଅଂଚଳର ରାଜ କୁମାର ଶାହା ଏବଂ ଭୀମ ଗିରି ନାମକ ଦୁଇଜଣ ଆନ୍ତ ରାଜ୍ୟ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ ।

### ପଦାରେ ପଡ଼ିଲା ହରିଶ୍ଚନ୍ଦ୍ର ସହାୟତା କେଳେଙ୍କାରୀ

# ଜଣେ ବ୍ୟକ୍ତିଙ୍କ ନାମରେ ଏକାଧିକ ସହାୟତା କିପରି ?

**ମହାକାଳପଡ଼ା,୧୪।୯ (ସଂଚାର ବ୍ୟୁରୋ):** କୌଣସି ବ୍ୟକ୍ତିଙ୍କର ଦେହାନ୍ତ ହେଲେ, ଶବ ସତ୍କାର ପାଇଁ ସରକାରଙ୍କ ପକ୍ଷରୁ ତିନି ହଜାର ଆର୍ଥିକ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ ହେଉଛି। ହେଲେ କିଛି ଅସାଧୁ ସରକାରୀ କର୍ମଚାରୀ ମାନଙ୍କ ପାଇଁ ଏହି ସହାୟତା ପ୍ରଦାନରେ ବ୍ୟାପକ ଅନିୟମିତତା କରାଯାଇଥିବା ଏବେ ସାମ୍ନାକୁ ଆସିଛି। ଜଣେ ଲେଖାଏଁ ମୃତକଙ୍କ ନାମରେ ଏକାଧିକ ହରିଶ୍ଚନ୍ଦ୍ର ସହାୟତା ଆବେଦନ କରାଯାଇ ସରକାରୀ ଅର୍ଥ ହେରଫେର ହୋଇଥିବା ଜଣାପଡ଼ିବା ପରେ ଏବେ ତମାମ ଘଟଣାକୁ ନେଇ ସନ୍ଦେହ ବଢ଼ିଛି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅଧୀନ ଅଳାଇଲୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅଳାଇଲୋ ଗ୍ରାମର ବୈଦେଇ ସେଠୀଙ୍କ ଦେହାନ୍ତ ପରେ ପୁଅ ମନୋରଞ୍ଜନ ସେଠୀ ଓ ସ୍ୱାମୀ ଧଡି ସେଠୀ ହରିଶ୍ଚନ୍ଦ୍ର ସହାୟତା ପାଇଁ ପୃଥକ ପୃଥକ ଆବେଦନ କରାଯାଇଥିବା ସରକାରୀ ସୂଚନା କହୁଛି। ସେହିପରି ସେହି ଗ୍ରାମର ପ୍ରେମଲତା ସେଠୀଙ୍କ ନାମରେ ହରିଶ୍ଚନ୍ଦ୍ର ସହାୟତା ପାଇଁ ସ୍ୱାମୀ ଭଗବାନ ସେଠୀ ଓ ବୋହୂ କୁନି ସେଠୀ ମଧ ଆବେଦନକାରୀ ବୋଲି ଜଣାପଡିଛି। ହେଲେ ସରକାରଙ୍କ ନିୟମ ଅନୁଯାୟୀ ଜଣେ ବ୍ୟକ୍ତିଙ୍କ ନାମରେ କେବଳ ଥରେ ମାତ୍ର ହରିଶ୍ଚନ୍ଦ୍ର ସହାୟତା ପରିବାର ଲୋକଙ୍କୁ ମିଳିବା କଥା। ହେଲେ ଏଠି ଜଣେ ବ୍ୟକ୍ତିଙ୍କ ନାମରେ ପୃଥକ୍ ପୃଥକ୍ ଭାବେ ସରକାରୀ ସହାୟତା ପାଇଁ ଆବେଦନ କରାଯାଇ ଟଙ୍କା ଦିଆଗଲା କିପରି? ଭାତ ହାଣ୍ଡିରୁ ଗୋଟିଏ ଭାତ ପରଖିଲା ଭଳି ଅଳାଇଲୋ ପଞ୍ଚାୟତରୁ ଆସିଥିବା ଏହି ଘଟଣା ଏବେ ହରିଶ୍ଚନ୍ଦ୍ର ସହାୟତା ପ୍ରଦାନର ସାଧୁତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଠି ପ୍ରଶ୍ନ ଉଠୁଛି ଯେ ଏହି ଅର୍ଥ ଆତ୍ମସାତ ଘଟଣାରେ କେଉଁ ସରକାରୀ କର୍ମଚାରୀ ସମ୍ପୃକ୍ତ ଅଛନ୍ତି? ଜଣଙ୍କ ନାମରେ ଦୁଇ ଦୁଇ ଥର ସହାୟତା ଆବେଦନ କରାଗଲା ହେଲେ ସମ୍ପୃକ୍ତ କର୍ମଚାରୀ ଜଣଙ୍କ ଜାଣି ପାରିଲେ ନାହିଁ କେମିତି? ଗୋଟିଏ ମୃତ ଲୋକର ନାମରେ ଯେଉଁ ସରକାରୀ ଅର୍ଥ ଆସିଛି ତାହା ମୃତ ବ୍ୟକ୍ତିଙ୍କ ପରିବାରକୁ ମିଳିଛି ନା ବାଟମାରଣା କରାଯାଇଛି?

ଏନେଇ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ ଦାସ କହିଛନ୍ତି ଏହି ଘଟଣା ଗ୍ରହଣୀୟ ଯୋଗ୍ୟ ନୁହେଁ। ପୂର୍ବତନ ପିଇଓ ଓ ଏଡିଇଓଙ୍କ ସମୟରେ ଆବେଦନ କରାଯାଇଛି। କେବଳ ଜଣେ ବ୍ୟକ୍ତିଙ୍କୁ ଥରେ ମାତ୍ର ହରିଶ୍ଚନ୍ଦ୍ର ସହାୟତା ଯୋଗାଇ ଦିଆଯାଇଥାଏ।

ଅନ୍ୟପଟେ ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଅଧିକାର ଆଇନ ଆବାହକ ତଥା ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରାମର୍ଶଦାତା ପ୍ରତାପ ମହାନ୍ତି। ସେହି ପଞ୍ଚାୟତରେ ଏମିତି ଅସାଧୁ ଉପାୟରେ ସରକାରୀ ଅର୍ଥ ହେରଫେରର ଉଚ୍ଚ ସ୍ତରୀୟ ତଦନ୍ତ ସହ ସରକାରୀ ଅର୍ଥକୁ ବାପା ଅଜା ସମ୍ପତ୍ତି ଭାବି ଅସାଧୁ ଉପାୟରେ ଅର୍ଥ ଆତ୍ମସାତ କରିବାକୁ ଉଦ୍ୟମ କରିଥିବା ସରକାରୀ କର୍ମଚାରୀଙ୍କୁ ନିଲମ୍ବିତ କରିବାକୁ ସେ ଦାବି କରିଛନ୍ତି।

## ନିଟ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ସାଲେପୁର,୧୪।୯ (ସଂଚାର ବ୍ୟୁରୋ):** ସାଲେପୁର ଶ୍ରୀଜଗନ୍ନାଥ ସାଇନ୍ସ ଆଶ୍ରମ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଚଳିତ ନିଟ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।



ଶ୍ରୀଜଗନ୍ନାଥ ସାଇନ୍ସ ଆଶ୍ରମର ପରିଚାଳନା ନିର୍ଦ୍ଦେଶକ ଡଃ ଦେବୋଜିତ୍ ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ମାନସ ଚାନ୍ଦ, ଡଃ ବଂଶୀଧର ମିଶ୍ର, ସରୋଜ କୁମାର ପ୍ରଧାନ, ସମୀର କୁମାର ଦାଶ ଓ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଏହି ଅନୁଷ୍ଠାନରେ ଅଧ୍ୟୟନ କରୁଥିବା ଛାତ୍ରୀ ପ୍ରୀତିପ୍ରଜ୍ଞା ନାୟକ ଚଳିତ ନିଟ୍ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ କୃତିତ୍ୱ ହାସଲ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ଛାତ୍ରୀ ପ୍ରୀତିପ୍ରଜ୍ଞାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେ ଜଣେ କାର୍ଡିଓଲୋଜିର ଡାକ୍ତର ହୋଇ ଗରିବ ଲୋକଙ୍କର ସେବା କରିବାପାଇଁ ଲକ୍ଷ୍ୟ ରଖିଥିବା ଛାତ୍ରୀ ପ୍ରୀତିପ୍ରଜ୍ଞା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ମହାପାତ୍ର ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ଦୁର୍ଦ୍ଦଶାରେ ଯାଜପୁର କଂଗ୍ରେସ

### ଭିତିରିଆ ବିଜେଡି ଓ ବିଜେପିର ସେବକ



**ଯାଜପୁର,୧୪।୯ (ସଂଚାର ବ୍ୟୁରୋ):** ଯାଜପୁର କଂଗ୍ରେସ ଭିତିରୁ ବିଜେଡି ଓ ବିଜେପିରେ ସେବକ? ଯାଜପୁରର କଂଗ୍ରେସରେ ଆଜି ଯେଉଁ ପରିସ୍ଥିତି, ସେହିଥିରେ ସବୁଠୁ ବଡ଼ ଶତ୍ରୁ ବିଜେପି ନୁହେଁ ନିଜ ଘରେ ବସିଥିବା ଭିତରିଆ ବିଜେପି ସେବକମାନେ। ଦଳର ପଦ, ପ୍ରତିଷ୍ଠା ଓ କର୍ମୀମାନଙ୍କର ନିଷ୍ଠାକୁ ବିକ୍ରି କରି, କିଛି କଂଗ୍ରେସ ନେତା ବିଜେପି ସହିତ ଗୋପନ ସମ୍ପର୍କ କରିଛନ୍ତି। ଦଳର ରଣକୌଶଳ, ଆଗାମୀ ପ୍ରସ୍ତୁତି, ମିଟିଙ୍ଗର ତଥ୍ୟ ସବୁକିଛି ବିଜେପି ନେତାଙ୍କ ପାଖରେ ପହଞ୍ଚୁଛି। ପୁରସ୍କାର ସ୍ୱରୂପ ମିଳୁଛି ଠିକା କାମ, ସରକାରୀ ପ୍ରକଳ୍ପ ଓ ଠିକାଦାରୀ ସୁବିଧା, ଯାହା ନିଜ ପରିବାର ଓ ସମ୍ପର୍କୀୟମାନଙ୍କ ନାମରେ ଲୁଟାଯାଉଛି। ଏହା କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କର ମନରେ ହତାଶା ଓ ବିଶ୍ୱାସହାନି ଭରିଦେଉଛି। ସାରା ରାଜ୍ୟରେ କଂଗ୍ରେସ ଯେତେବେଳେ ପୁନଃଜୀବନର ସ୍ୱପ୍ନ ଦେଖୁଛି, ସେତେବେଳେ ଯାଜପୁରରେ ସେହି ସ୍ୱପ୍ନ କେତେକ 'ଭିତରିଆ ଗଦାରଙ୍କ କାରଣରୁ ଧ୍ୱସ୍ତ ହେଉଛି। ଯଦି ରାଜ୍ୟ ସ୍ତରର ନେତୃତ୍ୱ ଏହା ପ୍ରତି କଡା ପଦକ୍ଷେପ ନ ନିଅନ୍ତି, ତାହାହେଲେ ଯାଜପୁରରେ କଂଗ୍ରେସର ଭବିଷ୍ୟତ୍ ଅନ୍ଧକାରମୟ ହୋଇଯିବ।

## ମହାନଦୀରେ ବୁଡ଼ି ପୁତୁରା ମୃତ, ବଡ଼ବାପା ନିଖୋଜ



**ପାରାଦ୍ୱୀପ,୧୪।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ତାର୍ଣ୍ଣୋଲ ଠାରେ ମହାନଦୀକୁ ଦଶାହ କର୍ମ କରିବା ପାଇଁ ଯାଇ ବୁଡ଼ି ଗଲେ ବଡ଼ବପା ଓ ପୁତୁରା। ପୁତୁରା ମୃତ ଓ ବଡ଼ବପା ନିଖୋଜ। ମୃତକ ପୁତୁରା ହେଲେ ୨୨ବର୍ଷୀୟ ରୁଦ୍ର ପ୍ରସନ୍ନ ଜେନା ଏବଂ ନିଖୋଜ ବଡ଼ବପା ହେଲେ ସମ୍ପଦ ଜେନା। ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜା ଜାରି ରହିଛି। ଉଭୟଙ୍କ ଘର କୋଲର ଅଂଚଳର ନାଗପୁର ଗାଁରେ। ରୁଦ୍ରଙ୍କ ବଡ଼ମା'ଙ୍କ ଦଶାହ କର୍ମ ପାଇଁ ପୁତୁରା ରୁଦ୍ର ମହାନଦୀକୁ ଯାଇଥିଲେ। ପୁତୁରା ବୁଡ଼ି ଯାଉଥିବା ଦେଖି ବଡବାପା ସମ୍ପଦ ଉଦ୍ଧାର କରିବା ପାଇଁ ନଦୀକୁ ଡେଇଁ ପଡ଼ିଥିଲେ। ମାତ୍ର ପୁତୁରା ଉଦ୍ଧାର ହୋଇ ମୃତ୍ୟୁବରଣ କରିଥିବା ବେଳେ ଉଦ୍ଧାର କରିବାକୁ ଯାଇ ବଡବାପା ନିଖୋଜ ଅଛନ୍ତି।

● ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ ଘଟଣା

## ପରିବାରକୁ ଭେଟିଲେ କଂଗ୍ରେସ ନେତା ବିଭ୍ରାଂଶୁ ଲେଙ୍କା

**ମହାକାଳପଡ଼ା,୧୪।୯(ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ ପେଟଛେଲା ପଞ୍ଚାୟତ ବିବି କଲୋନୀ ଗ୍ରାମର ସୁନିଲ ଦେବନାଥଙ୍କ ପୁଅ ଅଭିଜିତ ଦେବନାଥ (୨୨ ବର୍ଷ) ବୁଧବାର ନିଜ ଘରେ ବିଦ୍ୟୁତ ବୋର୍ଡ ସଜାଡୁ ଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିଲା। ଅଭିଜିତ ବମ୍ବେ ରେ ରହି ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗତ ୨୭ ତାରିଖରେ ସେ ଗାଆଁକୁ ଆସିଥିଲେ। ତାଙ୍କର ମୃତ୍ୟୁ ପରେ ପରିବାର ଲୋକେ ଦୁଃଖ ରେ ଭାଙ୍ଗି ପଡିଛନ୍ତି। ଘଟଣା ସମ୍ପର୍କରେ ଜାଣିବାକୁ ପାଇ କଂଗ୍ରେସ ନେତା ବିଭ୍ରାଂଶୁ ଲେଙ୍କା ଶନିବାର ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।



### ମହିଳା ସରପଞ୍ଚଙ୍କୁ ଘରେ ପଶି ସଙ୍ଘବଦ୍ଧ ଆକ୍ରମଣ ଘଟଣା

## ମାମଲା ରୁଜୁକରି ପୁଲିସ ଚୁପ୍

**ରାଜନଗର,୧୪।୯ (ସଂଚାର ବ୍ୟୁରୋ):** ଦଳିତ ମହିଳା ସରପଞ୍ଚଙ୍କୁ ତାଙ୍କ ଘରେ ପଶି ସଙ୍ଘବଦ୍ଧ ଭାବେ ଆକ୍ରମଣ କରାଯିବା ଘଟଣାରେ ପୁଲିସ ମାମଲା ରୁଜୁ କରି ବସିଛି। ସଙ୍ଗୀନ ଦଫାରେ ପୁଲିସ ମାମଲା ରୁଜୁ କରିଥିଲେ ମଧ ପୁଲିସ ଅଭିଯୁକ୍ତଙ୍କୁ ଘଟଣାର ୯ ଦିନ ପରେ ବି ଗିରଫ ନକରିବା ଘଟଣାକୁ ନେଇ ପତିକ୍ରିୟା ବଢ଼ିବାରେ ଲାଗିଛି। ଏହି ଘଟଣାରେ ପୂର୍ବରୁ କେନ୍ଦ୍ରାପଡା ଜିଲା ସରପଞ୍ଚ ସଂଘର ସଭାନେତ୍ରୀ ଚାମେଲୀ ଓଝା ନେତୃତ୍ୱରେ ସରପଞ୍ଚମାନେ ରାଜନଗର ଆଇଆଇସି, କେନ୍ଦ୍ରାପଡା ଜିଲ୍ଲାପାଳ ଓ ଏସପିଙ୍କୁ ଭେଟି ଅଭିଯୋଗ କରିଥିଲେ।

ଆଜି ଆମ୍ବେଦକର ବିଚାର ଲୋହିଆ ମଞ୍ଚ, କେନ୍ଦ୍ରପଡା ଜିଲ୍ଲା ସଂଘ ପକ୍ଷରୁ ରାଜନଗର ଆଇଆଇସିଙ୍କୁ ରାଜପୁର ସରପଞ୍ଚ ରାଣୀମଞ୍ଜରି ସେଠୀଙ୍କୁ ତାଙ୍କ ଘରେ ପଶି ସଙ୍ଘବଦ୍ଧ ଆକ୍ରମଣ କରିବା ଘଟଣାରେ କାହିଁକି ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇନି ବୋଲି ପ୍ରଶ୍ନ କରିବା ସହ ୧୭ ତାରିଖ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରାନଗଲେ ୧୮ ତାରିଖ ଠାରୁ ରାଜନଗର ଥାନା ଆଗରେ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ଧାରଣାରେ ବସିବୁ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଅନ୍ୟ ପକ୍ଷରେ ଆଜି ରାଜନଗର ସରପଞ୍ଚ ସଂଘର ସଭାପତି ଅଶୋକ କୁମାର ମହାନ୍ତିଙ୍କ ପୌରହିତ୍ୟରେ ସରପଞ୍ଚ ସଂଘର ବୈଠକ କୁରୁଷ୍ଟି ଠାରେ ବସିଥିଲା। ବୈଠକରେ



### ୧୮ରୁ ଥାନା ଆଗରେ ଧାରଣା ଦେବ ଲୋହିଆ ମଞ୍ଚ

### ୧୭ରୁ ସରକାରୀ କାର୍ଯ୍ୟ ବର୍ଜନ କରିବେ ସରପଞ୍ଚ ସଂଘ

ରାଜପୁର ସରପଞ୍ଚଙ୍କୁ ମାଡ ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରୁନଥିବାରୁ ଉଦବେଗ ପ୍ରକାଶ ପାଇଥିଲା। ଏହି ବୈଠକରେ ଜିଲ୍ଲା ସଂଘ ସହ ଆଲୋଚନା କରି ଏସପି ଅଫିସ ଘେରାଉ ପାଇଁ ଆଲୋଚନା କରଯାଇଥିଲା। ବୈଠକରେ ସରପଞ୍ଚ ମାଡ ଖାଇବା ଘଟଣାରେ ପୋଲିସ ଓ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବାରୁ ଆସନ୍ତା ୧୭ ତାରିଖର ସରକାରୀ କାର୍ଯ୍ୟ ସରପଞ୍ଚମାନେ ବର୍ଜନ କରିବେ ବୋଲି ନିଷ୍ପତି ନିଆଯାଇଛି।



### କୋଇଲା ବୋଝେଇ ୱାଗନରେ ଶବ

**ପାରାଦୀପ, ୧୪।୯ (ସଂଚାର ବ୍ୟୁରୋ):** ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧରେ ଥିବା କୋଇଲା ଟ୍ରେନ ୱାଗନରେ ଅଜଣା ବ୍ୟକ୍ତିଙ୍କ ଶବ ପଡିଛି। ୱାଗନରେ ଆସୁଥିବା କୋଇଲା ଉପରେ ମୁହଁ ମାଡି ପଡିଥିବା ଶବଟି କାହାର ତାହା ଜଣା ପଡିନାହିଁ। ଖବର ପାଇ ଶବ ଜବତ କରି ତଦନ୍ତ ଆରମ୍ଭ କରିଛି ପାରାଦୀପ ପୋଲିସ। ଏ ଶବ କାହାର ଏବଂ କେମିତି କୋଇଲା ଟ୍ରେନ ୱାଗନରେ ଆସିଲା କାରଣ ଅସ୍ପଷ୍ଟ ରହିଛି।

## ବ୍ରହ୍ମପୁରକୁ ଜିଲ୍ଲା ଘୋଷଣା ଦାବି

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଓକିଲ ସଂଘ ସଭାପତି



**ବ୍ରହ୍ମପୁର,୧୪।୯ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାର ନାମକରଣ ବଦଳାଇ ବ୍ରହ୍ମପୁର ଜିଲ୍ଲା ଘୋଷଣା କରିବାକୁ ଦାବି ହୋଇଛି। ଏନେଇ ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି, ଗଞ୍ଜାମ ଏକ ଆରବୀୟ ଭାଷା। ଗଞ୍ଜ-ଏ-ଆମ ଅର୍ଥାତ ବ୍ୟବସାୟ କେନ୍ଦ୍ର। ଇତିହାସରୁ ଯାହା ଅନୁମାନ କରାଯାଉଛି ଆରବ ବଣିକମାନେ ହଜାର ମସିହା ବେଳେ ଆରବରୁ ଭାରତ କୂଳେ କୂଳେ ଛୋଟ ଛୋଟ ପାଣି ଜାହାଜରେ ଆସି ବ୍ୟବସାୟ କରୁଥିଲେ। ଘୋଡା ତାଙ୍କର ପ୍ରମୁଖ ବ୍ୟବସାୟ ଥିଲା। ଋଷିକୂଲ୍ୟା ନଦୀତଟ ପୋତାଗଡ଼ ଠାରେ ସେମାନେ ରହି ବ୍ୟବସାୟ କରୁଥିଲେ । ସେହି ଜାଗାକୁ ଗଞ୍ଜ-ଏ-ଆମ ନାମକରଣ କରିଥିଲେ। ସେହିପରି ମାଡ୍ରାସ ପ୍ରେସିଡେନ୍ସି ସମୟରେ ଜିଲ୍ଲା ଗଠନ କରାଗଲା। ବିଶାଖାପାଟଣାରେ ୩୦ ହଜାର ଜନବସତି ଅଞ୍ଚଳକୁ ବିଶାଖାପାଟଣା ଜିଲ୍ଲା ଘୋଷଣା କରାଗଲା କିନ୍ତୁ ବ୍ରହ୍ମପୁରରେ ୨୫ ହଜାର ଜନବସତି ଅଞ୍ଚଳକୁ ବ୍ରହ୍ମପୁର ଜିଲ୍ଲା ଘୋଷଣା ନ କରି ଗଞ୍ଜାମ ଜିଲ୍ଲା ଘୋଷଣା କରିଦିଆଗଲା। ତେଣୁ ଘୁମୁସର ଓ ଋଷିକୂଲ୍ୟା ଜିଲ୍ଲାକୁ ମାନ୍ୟତା ଦେଇ ଆଉ ବାକି ବଳକା ଭୂଖଣ୍ଡ ଯଥା ଗଞ୍ଜାମ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ, ଛତ୍ରପୁର ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ, ରଙ୍ଗେଇଲୁଣ୍ଡା ବ୍ଲକ, କୁକୁଡାଖଣ୍ଡି ବ୍ଲକ, ଦିଗପହଣ୍ଡି ବ୍ଲକ, ସାନଖେମୁଣ୍ଡି ବ୍ଲକ, ଚିକିଟି ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ସହିତ ପାତ୍ରପୁର ବ୍ଲକକୁ ମିଶାଇ ବ୍ରହ୍ମପୁର ଜିଲ୍ଲା ଘୋଷଣା କରାଯାଉ ବୋଲି ଦାବୀ କରିଛନ୍ତି ଗଞ୍ଜାମ ଓକିଲ ସଂଘ ସଭାପତି।

## ଲେଲିନ ପାଇକରାୟଙ୍କ ସ୍ମୃତିରେ ରକ୍ତଦାନ




**ଖୋର୍ଦ୍ଧା,୧୪।୯ (ସଂଚାର ବ୍ୟୁରୋ):** ନବିନାବାଗ ସ୍ଥିତ ବକ୍ସି ଜଗବନ୍ଧୁ କ୍ଲବର ସକ୍ରୀୟ ସଭ୍ୟ ତଥା ଯୁବ ସମାଜସେବୀ ଦିବଂଗତ ଲେଲିନ ପାଇକରାୟଙ୍କ ଦ୍ୱାଦଶ ଅବସରରେ ବକ୍ସି ଜଗବନ୍ଧୁ କ୍ଲବ ପକ୍ଷରୁ ଅଞ୍ଜୁଶ୍ରୀ କଲ୍ୟାଣୀ ମଣ୍ଡପ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଯୁବ ସମାଜସେବୀ ଡଃ ସଞ୍ଜୟ ପଟ୍ଟନାୟକ ଉଦଘାଟନ କରି ଦିବଂଗତ ଲେଲିନ ପାଇକରାୟଙ୍କ ନବୀନାବାଗ ତଥା ଆଖପାଖ ଅଞ୍ଚଳରେ ବିଭିନ୍ନ ସାମଜିକ, ସାଂସ୍କୃତିକ ଓ ଉନ୍ନୟନମୂଳକ କାର୍ଯ୍ୟରେ ତାଙ୍କର ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏହି ଶିବିରରେ ପ୍ରାୟ ୫୦ ୟୁନିଟରୁ ଉର୍ଦ୍ଧ୍ୱ ରକ୍ତ ସଂଗୃହିତ ହୋଇଥିଲା। କ୍ଲବର ସଭାପତି ଦେବେନ୍ଦ୍ର ଶତପଥୀ, ଖୋରଧା ବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ଖୋର୍ଦ୍ଧା ବ୍ଲଡ଼ ବ୍ୟାଙ୍କର ଡାକ୍ତର ସୌରଭ ସୁନ୍ଦର ରାଏ, ଡାକ୍ତର ଜୟ ନାରୟଣ ପାଢ଼ୀ, ଅରୁଣ କୁମାର ସାହୁ, ସ୍ମିତ ରଞ୍ଜନ ବଳିୟାରସିଂହ, ଦିଲନ କୁମାର ଜେନା, ନିରାକାର ବଳିୟାରସିଂହ, ଦେବାଶିଷ ସାହୁ, ସତ୍ୟ ପ୍ରକାଶ ସାହୁ, ସମୀର ସ୍ୱାଇଁ ଓ ପ୍ରିୟବ୍ରତ ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଡ୍ରଗ୍ସ ସ୍କ୍ୱାଡ୍‌ର ଅଚାନକ ଚଢ଼ାଉ: ବିନା ଲାଇସେନ୍ସରେ ହେଉଥିଲା ମେଡିସିନ୍ ବିକ୍ରି



**କେନ୍ଦ୍ରାପଡ଼ା,୧୪।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଭରତପୁର ଗ୍ରାମ ପଞ୍ଚାୟତର ସିଂହ ଛକରେ ଶ୍ରୀଚରଣ ସାହୁ ବିନା ଲାଇସେନ୍ସରେ ଅବୈଧ ଭାବରେ ଔଷଧ ବ୍ୟବସାୟ କରୁଥିବା ସୂଚନା ଆଧାରରେ ଡ୍ରଗ୍ସ ସ୍କ୍ୱାର୍ଡ ସଦର ଥାନା ମିଳିତ ଭାବରେ ଅଚାନକ ଚଢ଼ାଉ କରିଥିଲା। ଚଢ଼ାଉ ଦଳରେ ଯାଜପୁର ସର୍କଲର ଅତିରିକ୍ତ ଭେଷଜ ନିୟନ୍ତ୍ରକ ସଞ୍ଜୟ କୁମାର ହାଁସଦା, ଭେଷଜ ନିରୀକ୍ଷକ ମନୋଜ କୁମାର ସାହୁ (ଯାଜପୁର-୧), ଆଶୁତୋଷ ବେହେରା (ଯାଜପୁର-୨), ସୁକାନ୍ତ ସାହୁ (କେନ୍ଦ୍ରାପଡ଼ା) ସହିତ ଅନ୍ୟାନ୍ୟ କର୍ମଚାରୀ ମଧ ସାମିଲ ଥିଲେ। ରେଡ୍ ସମୟରେ ୬୧ ପ୍ରକାରର ଔଷଧ ଏବଂ ୫୩ଟି ସପ୍ଲାୟ ଡକ୍ୟୁମେଣ୍ଟ ଜବତ କରାଯାଇ କିଛି ଔଷଧର ସାମ୍ପଲ ପରୀକ୍ଷା ପାଇଁ ପଠାଯିବାକୁ ଭେଷଜ ବିଭାଗ ସୂଚନା ଦେଇଛି। ମୋଟ ଦେଢ଼ ଲକ୍ଷ ଟଙ୍କାର ଔଷଧ ଜବତ ହୋଇଥିବାକୁ ମଧ ଖବର ମିଳିଛି।

### ପ୍ରଶାସନକୁ ଡରୁନାହାନ୍ତି ଗୋରୁ ମାଲିକ

## ରାସ୍ତାକୁ କରିଦେଲେ ଗୁହାଳ

**ହିଞ୍ଜିଳିକାଟୁ,୧୪।୯ (ସଂଚାର ବ୍ୟୁରୋ):** ମୁଖ୍ୟରାସ୍ତା ପାଲଟିଛି ଗୋଶାଳା। ଗାଈ ପାଳିବା ପାଇଁ ମାଲିକମାନେ ଆଉ ଗୁହାଳ କରୁନାହାନ୍ତି। ଦାନା କି ଚୋକଡ଼ କିଣିବାର ଆବଶ୍ୟକତା ନାହିଁ। ଗାଈଗୋରୁ ସହରସାରା ବୁଲୁଥିଲେ ବି ମାଲିକମାନେ ଚିନ୍ତା କରୁନାହାନ୍ତି। କ୍ଷୀର ଦୁହିଁବା ସମୟରେ ଗାଈଗୁଡ଼ିକୁ ଘରକୁ ଅଡ଼େଇ ଆଣି କ୍ଷୀର ଦୁହିଁ ସାରିବା ପରେ ପୁଣି ରାସ୍ତାକୁ ଛାଡି ଦେଉଛନ୍ତି। ହିଞ୍ଜିଳିକାଟୁ ପୌରପରିଷଦ ସ୍ଥିତ କାଳୀ ମନ୍ଦିର ପଛପଟ ରାସ୍ତା ତଥା ବ୍ଲକ ଛକରୁ ପୋଷ୍ଟ ଅଫିସକୁ ସଂଯୋଗ କରୁଥିବା ରାସ୍ତାରେ ଏହି ଦୃଶ୍ୟ ଦେଖିବାକୁ ମିଳୁଛି।



ଏହି ରାସ୍ତାକୁ ତହସିଲ କାର୍ଯ୍ୟାଳୟ, ଉପଖଣ୍ଡ ଚିକିତ୍ସାଳୟ, ବିଜୁ ପଟ୍ଟନାୟକ ପାର୍କ ଓ ମୁଖ୍ୟ ଜାତୀୟ ରାଜପଥକୁ ସଂଯୋଗ କରୁଛି । ଏହି ରାସ୍ତା ପଟେ ଶହ ଶହ ଲୋକ ଯାତାୟାତ କରୁଥିବା ବେଳେ ବର୍ତ୍ତମାନ ଗୋରୁ ମାଲିକମାନେ ଦିନରାତି ଗାଈ ରଖି ଗୁହାଳ କରିଦେଇଥିବା ବେଳେ ରାସ୍ତା ସାରା ଗୋବର ପଡିରହୁଥିବା ବେଳେ ଉକ୍ତ ରାସ୍ତା ପଟେ ଲୋକଙ୍କ ଯିବାଆସିବା ଇଚ୍ଛା ପ୍ରକାଶ କରୁନାହାନ୍ତି। ତେବେ ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ମୁନିସିପାଲିଟିର ଗୋରୁଧରା ଅଭିଯାନ। ସହରର ରାଜପଥରେ ବୁଲୁଥିବା ଗାଈ ଓ ଗୋରୁମାନଙ୍କୁ ଧରି କାଞ୍ଜିଆହୁଦା ନିଆଯାଇଥିଲା। ଅନ୍ୟପକ୍ଷରେ ସବୁ ଦିନ ଗାଈଗୋରୁଙ୍କ ରହଣି ପାଇଁ କୁଡ଼ିଆ କରି ସଫାସୁତୁରା ରଖିବା ପାଇଁ ପୌର ପରିଷଦ ପକ୍ଷରୁ ଗାଡ଼ି ଯୋଗେ ତାଗିଦ କରାଯାଉଥିଲେ ବି ଗାଈଗୋରୁଙ୍କ ମାଲିକ ଏହାକୁ କର୍ଣ୍ଣପାତ କରୁନାହାଁନ୍ତି। ଗାଈଗୋରୁ ଦିନରାତି ରାସ୍ତା ଉପରେ ଶୋଇ ରହିବା ଦ୍ୱାରା ଭୟଙ୍କର ଟ୍ରାଫିକ

### ନଷ୍ଟ ହେଉଛି ସହରର ପରିମଳ ବ୍ୟବସ୍ଥା

ସମସ୍ୟା ସୃଷ୍ଟି ହେଉଛି। ଫଳରେ ଜନତାଙ୍କ ଯାତାୟାତରେ ବେଶ ଅସୁବିଧା ହେବା ସହିତ ଗାଈଗୋରୁ ଓ ଲୋକ ମାନଙ୍କ ଧନଜୀବନ ଅନେକ ସମୟରେ ହାନି ହେଉଛି। ଦିନକୁ ଦିନ ସ୍ଥିତି ଶୋଚନୀୟ ହୋଇ ପଡୁଥିବା ବେଳେ କିନ୍ତୁ ପ୍ରଶାସନ ନାଭିରେ ତେଲ ଦେଇ ଶୋଇଛି। ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସାଧାରଣରେ ଦାବି ହୋଇଛି ।

## ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ନୂତନ କର୍ମକର୍ତ୍ତା ନିର୍ବାଚିତ



**କେନ୍ଦ୍ରାପଡ଼ା,୧୪।୯ (ସଂଚାର ବ୍ୟୁରୋ):** ଶନିବାର ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ(ଆଲୁମୁନି ଆସୋସିଏସନ୍)ର ସମାବେଶ, କାର୍ଯ୍ୟସୂଚୀ ମୁତାବକ ସଭାପତି ପ୍ରଦୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ସଭ୍ୟମାନଙ୍କ ଅନୁମୋଦନ କ୍ରମେ ନୂତନ କାର୍ଯ୍ୟକାରୀ କମିଟିରେ ସଭାପତି ଭାବେ ଶାନ୍ତି ସ୍ୱରୂପ ଭୂୟାଁ, ସମ୍ପାଦକ ଭାବରେ ବିଭୂତି ଭୂଷଣ କର, ଉପସଭାପତି ହାଡିବନ୍ଧୁ ସିଂହ, ସହ ସମ୍ପାଦକ ଅପୂର୍ବ ରଞ୍ଜନ ସେଠୀ, କୋଷାଧକ୍ଷ ଭାବରେ ମମତାମୟୀ ସାମଲଙ୍କୁ ସର୍ବସମ୍ମତିରେ ନିର୍ବାଚିତ କରାଗଲା। ସେହିପରି ସଭ୍ୟ ଭାବରେ କଳିଙ୍ଗ କେଶରୀ ବେହେରା, ପ୍ରଦୀପ କୁମାର ଦାଶ, ନେହେରୁ କୁମାର ସାହୁ, ସୁଶାନ୍ତ କୁମାର ମହାନ୍ତି, ପ୍ରଦ୍ୟୁମ୍ନ କୁମାର ରାଉତ, ନିଶିଥ ଚକ୍ରବର୍ତ୍ତୀ, ଶକ୍ତିଶ୍ରୀ ଲେଙ୍କା, ପ୍ରତାପ ଚନ୍ଦ୍ର ଦାଶ, ସେଖ ଅଜିମୁଦ୍ଧିନ, ନିହାରିକା ଦାସ ପଟ୍ଟନାୟକଙ୍କୁ ମନୋନୀତ କରାଗଲା। ଉପଦେଷ୍ଟା ମଣ୍ଡଳୀରେ ଭଗବତୀ ପ୍ରସାଦ ଦାସ, କଲେଜର ଅଧକ୍ଷ ରବିନ୍ଦ୍ର ପ୍ରସାଦ ବଳ, ନୃସିଂହ ଚରଣ ରାଉତ, ଧନେଶ୍ୱର ସାହୁ, ଅମ୍ରିତା ମିଶ୍ର, ବିନୋଦ କୁମାର ବେହେରା, ମାତୃଦତ୍ତ ମହାନ୍ତିଙ୍କୁ ମନୋନୀତ କରାଯାଇଛି। ନୂଆକରି ଦାୟିତ୍ୱ ଗ୍ରହଣ କରିବାକୁ ଥିବା କାର୍ଯ୍ୟକାରୀ କମିଟିର ଶପଥ ଗ୍ରହଣ ଉତ୍ସବ ଆସନ୍ତା ୨୬ ତାରିଖରେ ହେବ ବୋଲି ସ୍ଥିର କରାଯାଇଛି।




## ଦୁଃଖ ନେଇଯିବେ ଅରୁଣ ଭାଇ



ମୋର ଆଉ ଦୁଃଖ ରହିବନି। ସବୁ ଦୁଃଖ ଭାଇ ନେଇଯିବେ। ଖାଲି ଦୁଃଖ ନେବେନି, ତାଙ୍କ ସୁଖରୁ ବି ମେଞ୍ଚାଏ ଦେଇଦେବେ। ଏମିତି କଥାଗୁଡିଏ କହି ହସି ହସି ଜୟଦେବ ଭବନ ହତା ଭିତରୁ ବାହାରକୁ ଆସୁଥିବା ଦୁଇଜଣ ଭାଇଙ୍କୁ ଦେଖି ଆମେ ଟିକେ ଅଟକି ଗଲୁ। ଖୁସିର ରହସ୍ୟ କ'ଣ ପଚାରିବାରୁ ଭାଇ ଜଣେ କହିଲେ, ମୋର ଆଉ କିଛି ଦୁଃଖ ରହିବ ନାହିଁ। ସବୁ ଅରୁଣ ଭାଇ ଓରଫ ନୟାଗଡ ବିଧାୟକ ଅରୁଣ ସାହୁ ନେଇଯିବେ। ଅରୁଣ ଭାଇ ଦୁଃଖ ନେଇଯିବା କଥାଟା ଶୁଣି ଆମେ ଟିକେ ତାଙ୍କ ଶ୍ରୀମୁଖକୁ ଆଁ କରି ଅନାଇବାରୁ ସେ ବିସ୍ତାର କରି କହିଲେ। ଭିତରେ ବିନୋବାଙ୍କ ଉଦ୍ଦେଶ୍ୟରେ ସଭା ଚାଲୁଛି। ସେଠାକୁ ଯାଇଥିଲୁ। ସଭାର ଅନ୍ୟତମ ବକ୍ତା ଥିଲେ ଡକ୍ଟର ଅରୁଣ ସାହୁ ଓରଫ ଅରୁଣ ଭାଇ। ଭାଇ ଖୋଲା ସଭାରେ କହିଛନ୍ତି ଲୋକମାନେ ସେମାନଙ୍କର ଦୁଃଖ ମତେ ସେବୁ ଦେଇ ଦିଅନ୍ତୁ। ମୋର ସୁଖରୁ ବି କିଛି ନେଇ ଖୁସିରେ ରୁହନ୍ତୁ। ଏଣୁ ମୋର ଆଉ ଦୁଃଖ ରହିବ ନାହିଁ। ମୋର ଯାହା କିଛି ଦୁଃଖ ଅଛି କାଲି ସକାଳୁ ଯାଇ ଭାଇଙ୍କ ସରକାରୀ କ୍ୱାର୍ଟର୍ସରେ ତାଙ୍କୁ ଦେଇ ଆସିବି। ଏଥର ଖୁସିରେ ରହିବି। ମୁଁ ପଚାରିଲି, ଦୁଃଖ ତକ ଦେଇଦେଲେ ଖୁସି କେମିତି ହେବ ? ତହୁଁ ଭାଇ ଜଣଙ୍କ କହିଲେ, ଅରୁଣ ଭାଇ କହିଛନ୍ତି ତାଙ୍କ ଖୁସିରୁ ବି କିଛି ଦେବେ। ମୁଁ ସେ ଖୁସି ସଂକ୍ରାନ୍ତରେ ଅଧିକ କିଛି ପଚାରିବାକୁ ଯାଉଥିବାବେଳେ ହଠାତ୍ ପଛରୁ ଆଉଜଣେ ବଗୁଲିଆ ଆସି କହିଲେ, ଅରୁଣ ଭାଇଙ୍କର ଯେଉଁ ଖୁସି, ତାକୁ ନେଇ ତମେ ସମ୍ଭାଳି ପାରିବ ତ ? ତାଙ୍କ କଥା ଶୁଣି ଉତ୍ସାହିତ ଯୁବକ ଜଣଙ୍କ କିଛି କହିବାକୁ ଯାଉଥିବାବେଳେ ଅଧିକ ଖୁସି ହେବା ପୂର୍ବରୁ ମୁଁ ସେପଟ ଚାହା ଦୋକାନ ଆଡେ ପଳାଇବାକୁ ଉଚିତ୍ ମଣିଲି।

## ଶକ୍ତିମନ୍ତ୍ରୀଙ୍କ ଘର ଆଗ ଅନ୍ଧାର



ଶକ୍ତିମନ୍ତ୍ରୀଙ୍କ ଘର ଆଗରେ ବିଜୁଳି ବତୀ ଜଳୁନି। କଥାଟି ଖାପଛଡା ଲାଗୁଥିଲେ ବି ପୂରା ସତ। ଶକ୍ତି ମନ୍ତ୍ରୀ ମହାରାଜା କନକ ବର୍ଦ୍ଧନ ସିଂଦେଓଙ୍କ ରାଜଭବନ ନିକଟରେ ଥିବା ଘର ଆଗରେ ବତୀ ଖୁଣ୍ଟଟିଏ ରହିଛି। ସଞ୍ଜ ହେଲେ ଏହା ଜଳିଉଠେ। ସେହି ଅଞ୍ଚଳ ଆଲୋକରେ ଝଲସିଯାଏ। ହେଲେ ପ୍ରାୟ ମାସେ ହେଲା ଏହା ଆଉ ଜଳୁନାହିଁ। ଆଖପାଖର ଆଉ ଦୁଇଟି ଖୁଣ୍ଟରେ ମଧ ସେହି ଅବସ୍ଥା। ମାସ ମାସ ଧରି ସେହି ରାସ୍ତାଟି ସଞ୍ଜ ହେଲେ କିଟି କିଟି ଅନ୍ଧାର। ଗାଡି ଆଲୁଅ ଭରସା। ମଜାର କଥା ହେଲା ଶକ୍ତି ମନ୍ତ୍ରୀଙ୍କ ଘର ଆଗରେ ଥିବା ଖୁଣ୍ଟରେ ଏବେ ମୁଖ୍ୟମନ୍ତ୍ରୀଙ୍କ ଫଟୋଟିଏ ସ୍ଥାନ ପାଇଛି। ଏତେ ସବୁ ସତ୍ତ୍ୱେ ଶକ୍ତିମନ୍ତ୍ରୀଙ୍କ ଘର ଆଗରେ ଥିବା ବତୀଖୁଣ୍ଟରେ ଶକ୍ତି ନରହିବା ଏବେ ଖାଲି ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟ କରୁନାହିଁ, ଶକ୍ତିମନ୍ତ୍ରୀଙ୍କ ଘରକୁ ଆସୁଥିବା ତାଙ୍କ ଅଞ୍ଚଳର ଲୋକଙ୍କ ଆଗରେ ବି ମନ୍ତ୍ରୀଙ୍କ ଶକ୍ତିକୁ ଦେଖାଇ ଦେଉଛି। ଏହି ସ୍ଥାନରେ ପ୍ରତିଦିନ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଶକ୍ତି ବିଭାଗର ବାବୁମାନେ ଫାଇଲ୍‌ପତ୍ର ଧରି ଧାଁ ଦଉଡ କରୁଥିବାବେଳେ କିଭଳି ଏହା ସେମାନଙ୍କ ନଜରକୁ ଆସୁନାହିଁ ତାହା ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରୁଥିବାବେଳେ ଆଉ କିଛି ଏହା ବିଏମ୍‌ସିର ଶକ୍ତିମାନ ବାବୁଙ୍କ କାମ ବୋଲି କହୁଛନ୍ତି। ତେବେ ସାଧାରଣ ଲୋକଙ୍କ କହିବାକଥା ଯେ ଶକ୍ତିମନ୍ତ୍ରୀଙ୍କ ଘର ଆଗରେ ଯଦି ଏଭଳି ଅବସ୍ଥା ତେବେ ରାଜ୍ୟର ଅନ୍ୟ ସ୍ଥାନରେ ସ୍ଥିତି କ'ଣ ତାହା ସହଜରେ ଅନୁମେୟ। ଶକ୍ତି ମନ୍ତ୍ରୀଙ୍କ ଶକ୍ତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ଏହି ଖୁଣ୍ଟଟିକୁ ଶକ୍ତି ବିଭାଗର ବାବୁମାନେ ଏଠାରୁ ତୁରନ୍ତ ଉଠାଇନେଲେ ବରଂ ଭଲ ହୁଅନ୍ତା ବୋଲି ସେହି ରାସ୍ତା ଦେଇ ଯା'ଆସ କରୁଥିବା ପଥଚାରୀମାନେ କହୁଛନ୍ତି।

## ପାଣିଙ୍କ କଥାରେ ଭାସିଗଲେ ପ୍ରଫୁଲ



ପାଣି ବାବୁଙ୍କ ବୁଦ୍ଧିରେ ପଡି ପ୍ରଫୁଲ ବାବୁ ଭାସିଗଲେ। ପାଣି ବାବୁ ତ କିଛିଦିନ ପାଇଁ ସ୍ଥିର ଅଛନ୍ତି, ହେଲେ ପ୍ରଫୁଲ କିନ୍ତୁ ଅସ୍ଥିର ହୋଇଗଲେ। ଏହି ଆଲୋଚନାଟି ଏବେ ରାମମନ୍ଦିର ନିକଟରେ ଜଣେ ଭକ୍ତ କହୁଥିବାବେଳେ ଆମ କାନରେ ପଡିଲା। ଟିକେ କାନ ଡେରିବାରୁ ଯାହା ଶୁଣିଲୁ ତାହା ରାଜନୀତିର ବେଶ୍ ଗହନ କଥା। ରାମଭକ୍ତ ଜଣଙ୍କ କହୁଥିଲେ ବିଜେଡିର ପ୍ରଫୁଲ ବାବୁ ଅତୀତରେ ତିନି ତିନିଟା ଓଜନିଆ ବିଭାଗର ମନ୍ତ୍ରୀ ହୋଇଥିଲେ। ନବୀନଙ୍କ ଆର୍ଶୀବାଦରୁ ଅଖଣ୍ଡ କ୍ଷମତା ଉଭଭୋଗ କରିଥିଲେ। ଭିତ ଭିତରେ ନବୀନ ତାଙ୍କୁ ଟିକଟ ବି ଦେଇଥିଲେ। ହେଲେ ନିଜ ଅପାରଗତାରୁ ପ୍ରଫୁଲ ଭୋଟରଙ୍କ ମନକୁ ପ୍ରଫୁଲିତ କରିପାରିଲେ ନାହିଁ। ଚିତ୍‌ପଟାଙ୍ଗ ମାରିଲେ। ଏବେ ହଠାତ୍ ନବୀନଙ୍କୁ ଗାଳିଦେବା ଆରମ୍ଭ କରିଛନ୍ତି। ହେଲେ ଏହା ପ୍ରଫୁଲଙ୍କ ବୁଦ୍ଧି ନୁହେଁ। ଏହା କୁଆଡେ ତାଙ୍କ ବନ୍ଧୁ ପାଣି ବାବୁଙ୍କ ବୁଦ୍ଧି। ପାଣି ବାବୁ କିଛି ଦିଲ୍ଲୀ ମାର୍କା ବୁଦ୍ଧି ପ୍ରଫୁଲଙ୍କୁ ଦେବାପରେ ସିଏ ଏମିତି ବିଳିବିଳଉଛନ୍ତି। ପାଣିବାବୁ ବି କହିଛନ୍ତି ଦରକାର ହେଲେ ସିଏ ତାଙ୍କ ଦଳକୁ ନେଇଯିବେ। ସେଠାରେ କିଛି ଗୋଟିଏ କରାଇଦେବେ। ପାଣି ବାବୁଙ୍କ କଥାରେ ପଡି ପ୍ରଫୁଲଙ୍କର ଏବେ ପାଣିରେ ଭାସିଗଲା ଭଳି ଅବସ୍ଥା। କେଉଁ କୁଳର ହେବେ ଜାଣିପାରୁ ନାହାନ୍ତି। କାରଣ ଅତୀତରେ ନବୀନ ଯାହାକୁ ନିବାସ ବାହାର ରାସ୍ତା ଦେଖାଇଛନ୍ତି ସେମାନେ ସମସ୍ତେ ଅନାଥ ପ୍ରାୟ। ରାମଭକ୍ତଙ୍କର ଏତେସବୁ କଥା ଶୁଣିବାପରେ ଆମେ ପଚାରିଦେଲୁ, ଏ ପାଣିପାବୁ ଜଣଙ୍କ କିଏ କି ? ସିଏ ଆମକୁ ଶବ୍ଦରେ କିଛି ନକହି ଖାଲି ସେପଟ ପାର୍ଟି ଅଫିସ୍ ଆଡକୁ ଠାରି ଦେଲେ।

## କ୍ରୁଟ୍ ବାବୁଙ୍କ ବିଜ୍ଞାପନ ବୁଦ୍ଧି




ରାଜଧାନୀରେ ବସ ଚଳାଉଥିବା ସଂସ୍ଥା କ୍ରୁଟ୍ ବାବୁମାନଙ୍କର ବିଜ୍ଞାପନ ବୁଦ୍ଧିର ଏବେ ଭାରି ଚର୍ଚ୍ଚା। ବାବୁ ମାନଙ୍କର ଟଙ୍କା ରୋଜଗାର ପାଇଁ ସହରରେ ସଞ୍ଜ ହେଲେ ଆଉ ବସ୍‌ଗୁଡିକ ଠିକ୍ ସେ ଦୃଶ୍ୟମାନ ହେଉନାହାନ୍ତି। ଇ-ବସ୍ ଗୁଡିକକୁ ତ ଅନ୍ଧାରୁଆ ସ୍ଥାନରେ ଖୋଜିବାକୁ ପଡୁଛି। ତେବେ ଏହା ପଛରେ ରହିଛ କ୍ରୁଟ୍ ବାବୁଙ୍କ ଉନ୍ନତ ମଗଜ। ବଡ ବାବୁ ଓ ନେତାମାନଙ୍କ ଖୁସି କରିବାପାଇଁ ନୀଳ ଓ ସବୁଜ ରଙ୍ଗର ବସ୍‌କୁ କଳା କରି ଦେଇଛନ୍ତି। ଗୋଟିଏ କମ୍ପାନୀର ଏମିତି ବିଜ୍ଞାପନ ମାରିଛନ୍ତି ଯେ ବସ୍‌ର ରଙ୍ଗ ପୁରା ବଦଳି ଯାଇଛି। ନୀଳ ଓ ସବୁଜ କଳା ହୋଇ ଯାଇଛନ୍ତି। ଯାହାର ଟିଏ ଦୃଶ୍ୟଶକ୍ତି କମ୍ ଥିବ ସିଏ ଏହାକୁ ସହଜରେ ଦେଖିପାରିବ ନାହିଁ। ସଞ୍ଜ ହେଲେ ତ ରାସ୍ତାରେ ଯାଉଥିବା ଏହି ବସ୍‌କୁ ଠାବ କରିବା କଷ୍ଟ। ଅବଶ୍ୟକ କିଛି ଗେରୁଆ ବସ୍‌କୁ ବି ବାବୁମାନେ କଳା କରିଦେଇଥିଲେ। ହେଲେ ପ୍ରବଳ ସମାଲୋଚନା ହେବାରୁ ସେଗୁଡିକୁ କାଢି ଦେଇଛନ୍ତି। ହେଲେ ନୀଳ ଓ ସବୁଜ ରଙ୍ଗର ବସ୍‌ରୁ ଏଗୁଡିକ ହଟିନାହିଁ। ପଇସା ପାଇଁ ଏହା ହୋଇଛି ନା ଅନ୍ୟକିଛି କାରଣ ତାହାକୁ ନେଇ ରାଜଧାନୀରେ ଚର୍ଚ୍ଚା ଚାଲିଥିବାବେଳେ କିଛି ସଂସ୍ଥା ଓ ବ୍ୟକ୍ତିବିଶେଷ ବସ୍‌ରେ ସେମାନଙ୍କର ବିଜ୍ଞାପନ ମାରିବାପାଇଁ ସଜବାଜ ହେଉଥିବା ଖବର ମିଳିଛି। ତେବେ କ୍ରୁଟ୍ ବାବୁଙ୍କର ଏଭଳି ବୁଦ୍ଧିକୁ ଅନେକ ତାରିଫ ନକରି ରହିପାରୁ ନାହାନ୍ତି। ଯାହା ନେତାମାନେ କରିବାକଥା ତାହା ଏହି ବାବୁମାନେ କରି ଦେଖାଇ ଦେଇଛନ୍ତି। ଏହି ବାବୁମାନେ କେବେ ପୁରସ୍କୃତ ହେବେ ତାହା ଖାଲି ଦେଖିବାକଥା।

## ସୁବାସଙ୍କ ନିଶ ଉପରେ ନଜର



କଟକ ମେୟର ସୁବାସ ସିଂହ ତାଙ୍କର ବାମପନ୍ଥୀ ମାର୍କା କଥାବାର୍ତ୍ତା ସହିତ କଳା ମୁଚୁମୁଚୁ ନିଶ ପାଇଁ ବେଶ୍ ଜଣାଶୁଣା। ହେଲେ କଟକର ହେଉଥିବା ଆଲୋଚନା ଅନୁଯାୟୀ ତାଙ୍କର ଏହି ନିଶ ଉପରେ ଏବେ ଦୁଇ କଟକୀ ନେତାଙ୍କ ନଜର। ଯେମିତି ହେଲେ ସୁବାସଙ୍କ ନିଶକୁ ତଳକୁ କରିବେ। ଏହି ଦୁଇ ନେତା ହେଲେ ଜଣେ ସାଂସଦ ଓ ଆଉ ଜଣେ ବିଧାୟିକା। ସାଂସଦ ମହାଶୟ ନିଜ ଦଳର ହୋଇଥିଲେ ବି ସୁବାସଙ୍କ ପଛରେ ସବୁବେଳେ ବାଟୁଳି ଖଞ୍ଜିବାରେ ବ୍ୟସ୍ତ। ଯେଉଁଠି ଟିକେ ସୁଯୋଗ ପାଇଲେ ସେଠାରେ ନିଜ ଚେଲା ଚାମୁଣ୍ଡାଙ୍କୁ ଲଗେଇ ସୁବାସଙ୍କୁ ହଲାପଟା କରିବାକୁ ପଛାଉ ନାହାନ୍ତି। ସେହିଭଳି ଧୀରସ୍ଥିର ବିଧାୟିକା ବି ଏବେ ସୁବାସଙ୍କୁ ହଲାପଟା କରୁଛନ୍ତି। ଅବଶ୍ୟ ତାଙ୍କର ଏଭଳି ଆଚରଣ ରାଜନୈତିକ କମ୍ ଓ ଅଞ୍ଚଳ କାମ ପାଇଁ ଅଧିକ। ନିକଟରେ ଉଭୟ ମେୟର ଓ ବିଧାୟିକା ଏଭଳି କଳିଗୋଳ ଲାଗିଲେ ଯେ ମେୟର ବ୍ୟକ୍ତିଗତ ସ୍ତରକୁ ଆସି ଆକ୍ରମଣ କରିଦେଲେ। ସେବେଠାରୁ ବିଧାୟିକାଙ୍କ ଚେଲା ଚାମୁଣ୍ଡାମାନେ ମେୟରଙ୍କ ପଛରେ ପଡିଛନ୍ତି। ଟିକେ ଭୁଲ୍ ଭଟକା ଦେଖିଲେ ଛାଡିବାକୁ ନାରାଜ। ଉଭୟ ସାଂସଦ ଓ ବିଧାୟିକାଙ୍କ ଚକ୍ରବ୍ୟୁହରେ ପେଶିହୋଇ ଗଲେଣି ମେୟର। ନିଶ ହଳକ ତାଙ୍କର ଏମାନଙ୍କ ଚାପରେ କୁଆଡେ ଧିରେ ଧିରେ ତଳମୁହାଁ ହେଉଥିବା ଆଲୋଚନା ହେଉଛି। ତେବେ ସୁବାସ ହେଲେ ମୂଳ ବାମପନ୍ଥୀ। କାହାକୁ କେଉଁ ବାଟରେ ନେବାକୁ ହୁଏ ତାଙ୍କୁ ବେଶ୍ ଜଣା। ତେଣୁ ନିଶ ହଳକ କିଭଳି ଉପରକୁ ଉଠିବ ତାହା ବି ଜାଣିଛନ୍ତି। ଖାଲି ସମୟକୁ ଅପେକ୍ଷା କରିଥିବା ନେଇ ତାଙ୍କ ଚେଲାମାନେ କହୁଛନ୍ତି।

### ସମ୍ବଲପୁରରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମର ଶୁଭାରମ୍ଭ

# ସ୍ୱଚ୍ଛତାକୁ ଉତ୍ସାହର ସହ ପାଳିବା: ଧର୍ମେନ୍ଦ୍ର

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଳନ ପୂର୍ବରୁ ସ୍ୱଚ୍ଛତା ଅଭିଯାନ
- 'ସମ୍ବଲପୁର ମହାନଗର ନିଗମ'ର ସୁନ୍ଦର ସମ୍ବଲପୁର ଗଢ଼ିବା ଉଦ୍ୟମକୁ ପ୍ରଶଂସା
- ସମାଜକୁ ସ୍ୱଚ୍ଛ ଓ ସୁନ୍ଦର ରଖିଲେ ହିଁ ସମାଜ ସୁସ୍ଥ ହେବ



**ସମ୍ବଲପୁର, ୧୪।୯(ସଂଚାର ବ୍ୟୁରୋ):** ସ୍ୱଚ୍ଛତାକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ଏବଂ ଆଗାମୀ ପାର୍ବଣ ଋତୁରେ ସ୍ୱଚ୍ଛତାକୁ ଅଧିକ ଦୃଷ୍ଟି ଦେବା। ପର୍ବପର୍ବାଣୀ ଭଳି ଆନନ୍ଦ ଓ ଉତ୍ସାହର ସହ ସ୍ୱଚ୍ଛତା ପର୍ବ ପାଳିବା ସହ ଆମ ସହରକୁ ସ୍ୱଚ୍ଛ ସହରରେ ପରିଣତ କରିବାର ସଂକଳ୍ପ ନେବାକୁ ସମ୍ବଲପୁରବାସୀଙ୍କୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ସମ୍ବଲପୁର କ୍ଷେତରାଜପୁରରେ 'ସମ୍ବଲପୁର ମହାନଗର ନିଗମ' ପକ୍ଷରୁ ଆୟୋଜିତ 'ସ୍ୱଚ୍ଛତା ହିଁ ସେବା- ୨୦୨୫' କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ସ୍ଥାନୀୟ ସ୍ୱଚ୍ଛ ସାଥୀମାନଙ୍କୁ ସମ୍ମାନିତ କରିଥିଲେ ଶ୍ରୀ ପ୍ରଧାନ। ସ୍ୱଚ୍ଛ, ସୁନ୍ଦର ଓ ସବୁଜ ସମ୍ବଲପୁର ଗଢ଼ିବାର ଉଦ୍ୟମକୁ ପ୍ରଶଂସା କରିବା ସହ ସେ କହିଛନ୍ତି ଯେ, ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ 'ସେବା ପକ୍ଷ' ପାଳନର ପ୍ରସ୍ତୁତି ପୂର୍ବରୁ ଆଜି ସମ୍ବଲପୁରରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ସ୍ୱଚ୍ଛ ସର୍ବେକ୍ଷଣରେ ସମ୍ବଲପୁର ପୂର୍ବବର୍ଷ ଅପେକ୍ଷା ଅପେକ୍ଷା କୃତ ଭଲ ପ୍ରଦର୍ଶନ କରିଛି। କେବଳ ଦାୟିତ୍ୱରେ ଥିବା ଲୋକମାନେ ସ୍ୱଚ୍ଛତା ରଖିଲେ ହେବ ନାହିଁ ବରଂ ସମ୍ବଲପୁର ଲୋକଙ୍କୁ ସ୍ୱଚ୍ଛତାରେ ସଂସ୍କାର ଆଣିବାକୁ ପଡ଼ିବ। ସବୁ ପର୍ବପର୍ବଣୀକୁ ଯେପରି ଭାବରେ ଆମେ ଆନନ୍ଦ ଉଲ୍ଲାସରେ ପାଳନ କରୁଛନ୍ତି ସେଇ ଭଳି ଭାବେ ଆମକୁ ସହରକୁ ସ୍ୱଚ୍ଛ କରିବାକୁ ପଡ଼ିବ। ସମାଜକୁ ସ୍ୱଚ୍ଛ ଓ ସୁନ୍ଦର ରଖିଲେ ହିଁ ସମାଜ ସୁସ୍ଥ ହେବ।

ସମ୍ବଲପୁରରେ ସ୍ୱଚ୍ଛତା ଦାୟିତ୍ୱରେ ଥିବା କର୍ମଚାରୀ ଭାଇ ଭଉଣୀମାନେ, ଜନସାଧାରଣ, ସ୍ୱେଚ୍ଛାସେବୀ ସଂଗଠନ ଓ ବ୍ୟବସାୟିକ ସଂଗଠନକୁ ସାଧୁବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ। ସ୍ୱଚ୍ଛ ରଖୁଥିବା ସାଥୀମାନଙ୍କୁ ଉତ୍ସାହିତ କରିବା ସହ ନିରୋଗ ଜୀବନ ପାଇଁ ସ୍ୱଚ୍ଛତାକୁ ଆପଣାଇବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆହ୍ୱାନ କରିଛନ୍ତି। ଏହି ଅବସରରେ ସମ୍ବଲପୁରକୁ ଆବର୍ଜନା ମୁକ୍ତ କରିବା ସହ ସ୍ୱଚ୍ଛ ରଖିବା ପାଇଁ ସମବେତ ଜନସାଧାରଣ ଶପଥ ପାଠ କରିଥିଲେ। ସ୍ୱଚ୍ଛ ସମ୍ବଲପୁର ପାଇଁ ଏକ ଦସ୍ତଖତ ଅଭିଯାନ ମଧ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀ ନିବାସର ୧୩ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ

**ଜୟପୁର ୧୪।୯(ସଂଚାର ବ୍ୟୁରୋ):** ଝାଡାବାନ୍ତିରେ ଆକ୍ରାନ୍ତ ହେଲେ ଛାତ୍ରୀ। ୧୩ ଜଣ ଛାତ୍ରୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସମସ୍ତ ଛାତ୍ରୀ କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ଭେଜାହାଣ୍ଡି ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବୋଲି ଜଣାପଡିଛି। ଏମାନେ ସମସ୍ତେ ଛାତ୍ରୀ ନିବାସରେ ରହି ପାଠ ପଢୁଛନ୍ତି। ଧୀରେ ଧୀରେ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସୁଛି। ତେବେ ଝାଡାବାନ୍ତିର କାରଣ ସ୍ପଷ୍ଟ ହୋଇନାହିଁ। କିଛି ଦିନ ତଳେ ଏହି ବିଦ୍ୟାଳୟରେ ୯ଜଣ ଛାତ୍ରୀ ଏପରି ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ ।

## ସୁରଟରେ ଓଡ଼ିଆ ଶ୍ରମିକ ମୃତ

**ଧରାକୋଟ,୧୪।୯(ସଂଚାର ବ୍ୟୁରୋ):** ଗୁଜରାଟର ସୁରଟରେ ଜଣେ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ପାଣି ମୋଟର ସୁଇଚ୍ ଦେବାକୁ ଯାଇଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ଗଂଜାମ ଜିଲ୍ଲା ଧରାକୋଟ ବ୍ଲକର ଓଳମ୍ବା ପଞ୍ଚାୟତ ଅନ୍ତର୍ଗତ କସେଇ ଗ୍ରାମର ପୀତବାସ ପଲେଇଙ୍କ ପୁଅ ଶିବରାମ ପଲେଇ (୩୦)। ଶିବରାମ ଗୁଜୁରାଟର ସୁରଟସ୍ଥିତ ଏକ ସୂତାକଳରେ ଦୀର୍ଘ ଦିନ ଧରି କାମକରି ଆସୁଥିଲେ। ସେ ଅପେକ୍ଷା ନଗର ହାଉସିଂ ବୋର୍ଡରେ ରହୁଥିଲେ। ଗତ ଶନିବାର ରାତି ୯ଟାରେ ପାଣି ମୋଟର ସୁଇଚ ମାରିବା ବେଳେ ଅଚାନକ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ମେଡ଼ିକାଲକୁ ନିଆଯିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନିଶା ମହାରଣାଙ୍କ ସହ ଫଟୋ ଭାଇରାଲ ପରେ ଥାନା ଅଧିକାରୀଙ୍କ ବଦଳି

**ଘଟଗାଁ,୧୪।୯(ସଂଚାର ବ୍ୟୁରୋ) :** ଆଇଟମ ଗର୍ଲ ନିଶା ମହାରଣାଙ୍କ ସହ ଏଏସଆଇଙ୍କ ଫଟୋ ଭାଇରାଲ ହେବାରେ ଲାଗିଛି। ନିଶା ମହାରଣାଙ୍କ ସହ କେନ୍ଦୁଝର ପାଟଣା ଥାନା ଏଏସଆଇଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଗତ ୮ ତାରିଖରେ ଟେଣ୍ଡରା ଗାଁରେ ଯାତ୍ରା ଚାଲିଥିବା ବେଳେ ନିଶା ମହାରଣାଙ୍କୁ ଡକାଯାଇଥିଲା। ତାଙ୍କ ନୃତ୍ୟ ଦେଖି କିଛି ଦର୍ଶକ ପେଣ୍ଡାଲ ଛାଡି ପଳାଇଥିଲେ। କିନ୍ତୁ ଯାତ୍ରା ସମୟରେ ଏଏସଆଇ ସରୋଜ ସେଠୀଙ୍କ ସହ ନିଶା ମହାରଣାଙ୍କ ଅନେକ ଫଟୋ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଏହି ଫଟୋ ଭାଇରାଲ ପରେ ପାଟଣା ଥାନା ଏଏସଆଇଙ୍କ ଜିଲ୍ଲା ମୁଖ୍ୟାଳୟକୁ ବଦଳି ହୋଇଥିବା ଜଣାପଡିଛି।

### ■ ପୁରୁଣା ଭୁବନେଶ୍ୱର ଦୁର୍ଗାପୂଜା ଭସାଣି ପ୍ରସ୍ତୁତି ବୈଠକ

## ପ୍ରତି ମଣ୍ଡପକୁ ଲକ୍ଷେ ଟଙ୍କା ଆର୍ଥିକ ସହାୟତା ମିଳିବ

- ପୂଜା ମଣ୍ଡପରେ ନିଶା ସେବନ ନିଷେଧ କରିବାକୁ ଅନୁରୋଧ
- ପୂଜା ମଣ୍ଡପ ଓ ଭସାଣିକୁ ନିଶାମୁକ୍ତ କରିବାକୁ ଅନୁରୋଧ



**ଭୁବନେଶ୍ୱର, ୧୪।୯(ସଂଚାର ବ୍ୟୁରୋ):** ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଦୁର୍ଗା ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସଂପନ୍ନ କରିବା ପାଇଁ ଲିଙ୍ଗରାଜ ଥାନା ପକ୍ଷରୁ ଆଜି ପୁରୁଣା ଭୁବନେଶ୍ୱର ସ୍ଥିତ ବାସୁଦେବ ରିସଟ୍ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକକୁ ଏକାମ୍ର ବିଧାୟକ ବାବୁ ସିଂ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଧାୟକ ପ୍ରତି ମଣ୍ଡପକୁ ଏକ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଘୋଷଣା କରିଥିଲେ। ଏଥି ସହ ପ୍ରତି ପୂଜା ମଣ୍ଡପରେ ନିଶା ସେବନକୁ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ଅନୁରୋଧ କରିଛନ୍ତି ବିଧାୟକ। ଯେଉଁ ପୂଜା କମିଟି ଏହାକୁ ପାଳନ କରିବେ ସେ କମିଟିକୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି ବିଧାୟକ ବାବୁ ସିଂ ଘୋଷଣା କରିଛନ୍ତି। ବିଧାୟକ ବାବୁ ସିଂ କହିଛନ୍ତି ଯେ, ଭୁବନେଶ୍ୱର ସହରରେ ପୁରୁଣା ଭୁବନେଶ୍ୱର ହେଉଛି ଏକ ସଂସ୍କୃତି ସମ୍ପନ୍ନ ଅଞ୍ଚଳ। ଏଥର ଦୁର୍ଗାପୂଜା ଭସାଣିରେ ଡିଜେ, ଲେଜର ଲାଇଟ୍ ବାଣକୁ ନିଷିଦ୍ଧ କରାଯାଇଛି। କେବଳ ପାରମ୍ପରିକ ବାଜାରେ ହେବ ମା'ଙ୍କ ଭସାଣି। ଭସାଣି ବେଳେ ଲାଗିବନି ଲେଜର ଲାଇଟ। ବାଣ ଫୁଟାଇବା ଉପରେ ମଧ୍ୟ ଲାଗିବ କଟକଣା। ଦୁର୍ଗାପୂଜା ପୂର୍ବରୁ ବଦଳିବ ପୁରୁଣା ଭୁବନେଶ୍ୱର ରୂପ, ସମସ୍ତ ରାସ୍ତାର ମରାମତି ସମ୍ପୂର୍ଣ୍ଣ ହେବ। ସମସ୍ତ ପୂଜା କମିଟି ସଦସ୍ୟ ତଥା ବିଭିନ୍ନ ବିଭାଗର ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୂଜା/ ଭସାଣି ସମୟରେ ଭିଡ଼ ପରିଚାଳନା, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ଟ୍ରାଫିକ୍ ନିୟନ୍ତ୍ରଣ, ସିସିଟିଭି କ୍ୟାମେରା ସ୍ଥାପନ ଏବଂ ପୂଜା କମିଟିଗୁଡ଼ିକର ସହଯୋଗ ଉପରେ ଆଲୋଚନା ହୋଇଥିଲା।

## କଙ୍ଗାରୁ କୋର୍ଟ ପରେ ଆକ୍ସନ ମୋଡରେ ପୋଲିସ, ୭ ଗିରଫ



**କରଞ୍ଜିଆ,୧୪।୯(ସଂଚାର ବ୍ୟୁରୋ) :** ଗାଁରେ କଙ୍ଗାରୁ କୋର୍ଟ ପରେ ଆକ୍ସନ ମୋଡରେ ପୋଲିସ। ଦୁଇଜଣ ଯୁବକ ଓ ଜଣେ ମହିଳାଙ୍କୁ ଇଲେକ୍ଟ୍ରି ଖୁଣ୍ଟରେ ବାନ୍ଧି ଅମାନୁଷିକ ଭାବେ ପିଟିବା ଘଟଣାରେ ଆକ୍ସନ ମୋଡକୁ ଆସିଛି ଯଶିପୁର ପୋଲିସ। ବେଗୁନିଆ ଗାଁରୁ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ଗତ ଶୁକ୍ରବାର ପରକୀୟା ପ୍ରୀତି ସନ୍ଦେହରେ ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ବେଗୁନିଆ ଗାଁରେ ବସିଥିଲା କଙ୍ଗାରୁ କୋର୍ଟ। ମହିଳା ଜଣକ ହାଟ ସଉଦା କରିବା ପାଇଁ କାଶୀପାଳ ଗାଁରୁ ତାଙ୍କ ସମ୍ପର୍କୀୟ ଦୁଇଜଣ ଦିଅରଙ୍କୁ ଡାକି ଯଶିପୁର ଆସିଥିଲ। ବଜାରରୁ ଏକ ବାଇକ ଯୋଗେ ନିଜ ଗାଁକୁ ଫେରିବା ପରେ ଦୁଇ ଯୁବକଙ୍କ ସହ ମହିଳାଙ୍କୁ ଦେଖି ହଠାତ ମହିଳାଙ୍କ ପରିବାର ଲୋକଙ୍କ ସହ ଗାଁ ଲୋକେ ସେମାନଙ୍କୁ ନିସ୍ତୁକ ମାଡ଼ କରିଥିଲେ। ପଡ଼ିଆରେ ଏକ ଇଲେକ୍ଟ୍ରି ଖୁଣ୍ଟରେ ତିନି ଜଣଙ୍କୁ ବାନ୍ଧି ବିଧା ଗୋଇଠା ସହ ଠେଙ୍ଗାରେ ନିସ୍ତୁକ ପିଟିଥିଲେ। ଏହି ଘଟଣାରେ ପୋଲିସ ୭ ଜଣଙ୍କୁ ଗିରଫ କରିଛି।

### ବିଏମ୍‌ସିର ସବୁଜ ଭୁବନେଶ୍ୱର ଅଭିଯାନ

## ୧୭ରେ ମେଗା ଚାରା ରୋପଣ

**୫ ଏକର ଜମିରେ ଲାଗିବ ୧୫ ହଜାର ଚାରା**

**ଭୁବନେଶ୍ୱର,୧୪।୯ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ସବୁଜ ସୁନ୍ଦର କରିବା ପାଇଁ ମେଗା ଚାରା ରୋପଣ ଅଭିଯାନ ଜାରି ରହିଛି। ଏହି କ୍ରମରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଆସନ୍ତା ୧୭ ତାରିଖରେ 'ଏକ ପେଡ୍ ମା'କେ ନାମ୍' ଅଭିଯାନ ଅଧୀନରେ ବିଏମ୍‌ସି ସ୍ୱତନ୍ତ୍ର ଭାବେ ଏକ ମେଗା ଚାରା ରୋପଣ ଅଭିଯାନ ଯୋଜନା କରିଛି। ଏହି ଯୋଜନା ଅନୁସାରେ, ଆସନ୍ତା ୧୭ ତାରିଖ ସକାଳ ୯ଟାରେ କଳିଙ୍ଗ ଷ୍ଟୁଡିଓ ଛକ ନିକଟସ୍ଥ ଘାଟିକିଆ ଅନ୍ତର୍ଗତ ଓୟୁଏଟି (ଓୟୁଏଟି)ର ବାଉଁଶ ନିର୍ଦ୍ଦେଶନା ଫାର୍ମ ପରିସରରେ ଏହି ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ୫ ଏକର ଜମିରେ ୧୫ ହଜାର ଚାରା ରୋପଣ କରାଯିବ। ଏହି ପଦକ୍ଷେପ ଭବିଷ୍ୟତ ପିଢ଼ି ପାଇଁ ଏକ ସୁସ୍ଥ ଏବଂ ସ୍ଥାୟୀ ସବୁଜ ପରିବେଶ ଦେବାରେ ବେଶ ସହାୟକ ହେବ। ସହରରେ ପରିବେଶଗତ ସ୍ଥିରତା ଏବଂ ସବୁଜିମାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ବିଏମ୍‌ସି ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଛି।

# 'ଦେଶ ବିକାଶକୁ ବଢ଼ାଇବ ଏକ ରାଷ୍ଟ୍ର ଏକ ନିର୍ବାଚନ'

- ସାମୂହିକ ବିକାଶ ପାଇଁ ଯଥେଷ୍ଟ ସମୟ ମିଳିବ: ମନମୋହନ
- ବାରମ୍ବାର ନିର୍ବାଚନ ଯୋଗୁଁ ସମୟ ଓ ଖର୍ଚ୍ଚ ବଢ଼ିଥାଏ
- ଶକ୍ତିଶାଳୀ, ସ୍ଥିର ଏବଂ ସମୃଦ୍ଧ ଭାରତ ସୃଷ୍ଟି ହେବ
- ଦେଶର ଜିଡିପିର ୧.୫% ସଞ୍ଚୟ ସମ୍ଭବ ହେବ




**ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ) :** ବିଶ୍ୱର ସର୍ବବୃହତ ଗଣତନ୍ତ୍ର ହେଉଛି ଭାରତ। ମାତ୍ର ଏଠାରେ ନିରନ୍ତର ଚାଲୁଥିବା ନିର୍ବାଚନ ପ୍ରକ୍ରିୟା ଯୋଗୁଁ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ବଦଳାଇ ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନର କରି ଏହି ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହା ଦେଶର ବିକାଶ ଏବଂ ସମୃଦ୍ଧିକୁ ଦ୍ରୁତ ଗତିରେ ଆଗକୁ ବଢ଼ିବାରେ ସହାୟତା କରିବ। ଏହି ମଡେଲ ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ଢାଞ୍ଚାରେ ଉନ୍ନତି ଆଣିବ। ଏହାଦ୍ୱାରା ଶକ୍ତିଶାଳୀ, ସ୍ଥିର ଏବଂ ସମୃଦ୍ଧ ଭାରତ ସୃଷ୍ଟି ହୋଇପାରିବ। ଭାରତକୁ ଏକ ବ୍ୟବସ୍ଥିତ ଏବଂ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଦିଗରେ ଏହା ପ୍ରମୁଖ ଭୂମିକା ନେବ ବୋଲି ସୋଆ ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ଏକ ରାଷ୍ଟ୍ର ଏକ ନିର୍ବାଚନ ଆଲୋଚନାଚକ୍ରରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ କହିଛନ୍ତି।

ଶ୍ରୀ ବଂଶଲ କହିଛନ୍ତି ଯେ, ୨୦୧୯ ସାଧାରଣ ନିର୍ବାଚନ ଖର୍ଚ୍ଚ ୬୦, ୦୦୦ କୋଟି ଟଙ୍କା ଥିଲା। ୨୦୨୪ ଲୋକସଭା ନିର୍ବାଚନ ଖର୍ଚ୍ଚ ୧.୩୫ ଲକ୍ଷ କୋଟିରେ ପହଞ୍ଚିଛି। ଏହି ହିସାବରେ ଗୋଟିଏ ଭୋଟର ହାରାହାରି ମୂଲ୍ୟ ପ୍ରାୟ ୧୪୦୦ ଟଙ୍କା। ଏକ ରାଷ୍ଟ୍ର, ଏକ ନିର୍ବାଚନରୁ ହେଉଥିବା ସଞ୍ଚୟ ଦେଶର ଜିଡିପିର ୧.୫% ସହିତ ସମାନ। ଏହାଦ୍ୱାରା ଭାରତର ଅର୍ଥନୀତି ଓ ପ୍ରଶାସନିକ ବ୍ୟବସ୍ଥା ସୁଦୃଢ଼ ହେବା ସହ ସାରା ବିଶ୍ୱରେ ଦେଶର ଗଣତାନ୍ତ୍ରିକ ଭାବମୂର୍ତ୍ତି ସୁଦୃଢ଼ ହୋଇପାରିବ।

ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ଏକକାଳୀନ ନିର୍ବାଚନ କରିବା ଦ୍ୱାରାବିପୁଳ ଖର୍ଚ୍ଚ ହ୍ରାସ ହେବ। ବଳକା ରାଶିକୁ ଶିକ୍ଷା, ସ୍ୱାସ୍ଥ୍ୟ, ଭିତିଭୂମି ଏବଂ ଅନ୍ୟାନ୍ୟ ବିକାଶମୂଳକ ଯୋଜନା ପାଇଁ ବ୍ୟବହାର କରାଯାଇପାରିବ। ପ୍ରଶାସନର ଦକ୍ଷତା ବୃଦ୍ଧି ପାଇବ ଏବଂ ସୁରକ୍ଷା ବାହିନୀ ଉପରେ ଚାପ ହ୍ରାସ ପାଇବ। ଏହାଦ୍ୱାରା ସାମୂହିକ ବିକାଶ ପାଇଁ ମଧ୍ୟ ଯଥେଷ୍ଟ ସମୟ ମିଳିବ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଭାରତ ବିରୋଧରେ ୫୦୦% ଶୁଳ୍କ ଲଗାଇବ ଆମେରିକା!

ୱାଶିଂଟନ, ୧୪।୯: ଆମେରିକା କଂଗ୍ରେସର ଉଭୟ ଗୃହ ରୁଷିଆ ଉପରେ କଠୋର କଟକଣାକୁ ସମର୍ଥନ କରି ଏକ ନୂତନ ବିଲ୍ ଆଗତ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ଙ୍କୁ ଭାରତ ଏବଂ ଚୀନ୍ ସମେତ ରୁଷିଆ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ଭାରୀ ଶୁଳ୍କ ଲଗାଇବାର ସ୍ୱାଧୀନତା ଦେବ। ଯାହା ୫୦୦% ପର୍ଯ୍ୟନ୍ତ ହୋଇପାରେ। ଏହି ସୂଚନା ଦେଇ ଆମେରିକୀୟ ସେନେଟର ଲିଣ୍ଡସେ ଗ୍ରାହାମ କହିଛନ୍ତି ଯେ, ସେ ଏବଂ ହାଉସ ଅଫ୍ ରିପ୍ରେଜେଣ୍ଟେଟିଭସ୍ ସଦସ୍ୟ (ଏମ୍ପି) ବ୍ରାଏନ୍ ଫିଜ୍ପାଟ୍ରିକ୍ ୟୁକ୍ରେନ୍‌ରେ ରୁଷିଆର ଯୁଦ୍ଧକୁ ସମର୍ଥନ କରୁଥିବା ଦେଶଗୁଡ଼ିକ ଉପରେ ବଡ଼ ଶୁଳ୍କ ଲଗାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ଙ୍କୁ ଅଧିକାର ଦେବା ପାଇଁ ଏକ ବିଲ୍ ଆଗତ କରିବେ।

ସେନେଟର ଗ୍ରାହାମ ଏବଂ କଂଗ୍ରେସମ୍ୟାନ୍ ବ୍ରାଏନ୍ ଫିଜ୍ପାଟ୍ରିକ୍ (ଉଭୟ ରିପବ୍ଲିକାନ୍) କହିଛନ୍ତି ଯେ, ସେମାନେ ମାସ ମାସ ଧରି ଏକ ବିଲ୍ ଉପରେ କାମ କରୁଛନ୍ତି ଯାହା ୟୁକ୍ରେନ ସହିତ ଶାନ୍ତି ଚୁକ୍ତି କରିବାକୁ ମସ୍କୋ ମନା କଲେ ତାଙ୍କ ଉପରେ କଠୋର କଟକଣା ଲାଗୁ କରାଯିବ। ଏହି କଟକଣାରେ ଭାରତ, ଚୀନ୍ ଏବଂ ବ୍ରାଜିଲ୍ ଉପରେ



ରୁଷିଆନ୍ ତେଲ କିଣିବା ପାଇଁ ଅତିରିକ୍ତ କଟକଣା ଅନ୍ତର୍ଭୁକ୍ତ। ସେମାନେ ଯୁକ୍ତି ଦେଇଥିଲେ ଯେ, ଏହି ଦେଶଗୁଡ଼ିକ ପୁଟିନଙ୍କଠାରୁ ଶସ୍ତା ତେଲ କିଣି ତାଙ୍କ ପାଇଁ ପାଣ୍ଠି ଯୋଗାଇ ଦେଉଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପ୍ରକାଶିତ ଏକ ମିଳିତ ବିବୃତିରେ ଗ୍ରାହାମ କହିଛନ୍ତି ଯେ, ରାଷ୍ଟ୍ରପତି ଟ୍ରମ୍ପ୍ଙ୍କ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ ନେଇ ସେ ବେଶ୍ ଖୁସି। ସେ କହିଛନ୍ତି, ରିହାତି ଦରରେ ରୁଷୀୟ ତୈଳ ଏବଂ ଗ୍ୟାସ୍ କିଣି ପୁଟିନଙ୍କ ଯୁଦ୍ଧ ଯନ୍ତ୍ରକୁ ଇନ୍ଧନ ଯୋଗାଉଥିବା ଚୀନ୍, ଆମେରିକା ଏବଂ ଏହାର ନାଟୋ ସହଯୋଗୀଙ୍କଠାରୁ ଦଣ୍ଡ ଭାବରେ ଶୁଳ୍କ ପାଇବା ଉଚିତ୍।

ବିବୃତିରେ ସେ କହିଛନ୍ତି, ଆମେ ମାସ ମାସ ଧରି ଏକ ଆଇନ ଉପରେ କାମ କରୁଛୁ ଯାହା ରାଷ୍ଟ୍ରପତିଙ୍କୁ ଚୀନ୍, ଭାରତ ଏବଂ ବ୍ରାଜିଲ୍ ଭଳି ଦେଶଗୁଡ଼ିକ ଉପରେ ଅଧିକ ଶୁଳ୍କ ଲଗାଇବାର ଅଧିକାର ଦେଇ ଏହି ରଣନୀତିକୁ ସମର୍ଥନ କରିବ। ଯେଉଁମାନେ ଶସ୍ତା ତେଲ ଏବଂ ଗ୍ୟାସ୍ କିଣି ପୁଟିନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ସେ କହିଛନ୍ତି, ଆମେ ୟୁରୋପ ସହିତ ମିଳିତ କାର୍ଯ୍ୟାନୁଷ୍ଠାନ ପାଇଁ ରାଷ୍ଟ୍ରପତି ଟ୍ରମ୍ପ୍ଙ୍କ ଆହ୍ୱାନକୁ ଦୃଢ଼ ସମର୍ଥନ କରୁଛୁ ଏବଂ ବିଶ୍ୱାସ କରୁଛୁ ଯେ, ସର୍ବାଧିକ ଆର୍ଥିକ ଚାପ ପ୍ରୟୋଗ କରିବାର ଏହା ଠିକ୍ ଉପାୟ। ଗ୍ରାହାମଙ୍କ ଏହି ମନ୍ତବ୍ୟ ଟ୍ରମ୍ପ୍ଙ୍କ ନାଟୋକୁ ସିଧାସଳଖ ଅପିଲ ପରେ ଆସିଛି, ଯେଉଁଥିରେ ସେ ସଦସ୍ୟ ଦେଶମାନଙ୍କୁ ରୁଷୀୟ ତେଲ କିଣିବା ବନ୍ଦ କରିବାକୁ ଏବଂ ବଡ଼ କଟକଣା ଲାଗୁ ପାଇଁ ଚାପ ପକାଇଥିଲେ। ନାଟୋକୁ ଲେଖିଥିବା ତାଙ୍କ ଚିଠିରେ ଟ୍ରମ୍ପ୍ କହିଛନ୍ତି, ଯେତେବେଳେ ସମସ୍ତ ନାଟୋ ଦେଶ ରାଜି ହେବେ ଏବଂ ଏହା କରିବା ଆରମ୍ଭ କରିବେ। ମୁଁ ରୁଷିଆ ଉପରେ ବଡ଼ କଟକଣା ଲଗାଇବାକୁ ପ୍ରସ୍ତୁତ ହେବି। ଯେତେବେଳେ ସମସ୍ତ ନାଟୋ ଦେଶ ସହମତ ହୋଇ ରୁଷିଆରୁ ତେଲ କିଣିବା ବନ୍ଦ କରିବେ ସେତେବେଳେ ଆମର ଉଦ୍ଦେଶ୍ୟ ସଫଳ ହେବ। ଟ୍ରମ୍ପ୍ ପରାମର୍ଶ ଦେଇଛନ୍ତି ଯେ, ଯୁଦ୍ଧ ଶେଷ ନହେବା ପର୍ଯ୍ୟନ୍ତ ଚୀନ୍ ସାମଗ୍ରୀ ଉପରେ ୫୦ ରୁ ୧୦୦ ପ୍ରତିଶତ ଶୁଳ୍କ ଜାରି ରହିବ। ସେ କହିଛନ୍ତି, ରୁଷିଆ ଉପରେ ଚୀନ୍‌ର ଦୃଢ଼ ନିୟନ୍ତ୍ରଣ ରହିଛି ଏବଂ ଏହାକୁ କେବଳ କଠୋର ବାଣିଜ୍ୟ ପଦକ୍ଷେପ ମାଧ୍ୟମରେ ଭାଙ୍ଗିହେବ।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୧,୧୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୧,୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୧,୧୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୧,୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୧,୧୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୦୧,୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୧,୩୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୨,୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୧୧,୭୦୯ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୨,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୧,୧୭୦ ଓ ୧,୦୧,୯୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୩୩,୦୦୦ ଟଙ୍କା ହୋଇଛି।

## ନାଟୋ ଉପରେ ଟ୍ରମ୍ପଙ୍କ ଚାପ

# ରୁଷ୍‌ରୁ ତେଲ କିଣା ବନ୍ଦକର

ନୂଆଦିଲ୍ଲୀ,୧୪।୯: ରୁଷ୍‌ରୁ ତେଲ କିଣିବା ବନ୍ଦ କରିବା ପାଇଁ ଉତ୍ତର ଆଟଲାଣ୍ଟିକ ଚୁକ୍ତି ସଂଗଠନ (ନାଟୋ) ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାପ ପକାଇଛନ୍ତି। ଏଥିସହିତ ରୁଷ୍‌ଠାରୁ ଚୀନ ଅଶୋଧିତ ତେଲ କିଣୁଥିବାରୁ ତା’ ଉପରେ ୫୦ରୁ ୧୦୦ ପ୍ରତିଶତ ଶୁଳ୍କ ଲଗାଇବା ପାଇଁ ମଧ ସେ ଧମକ ଦେଇଛନ୍ତି।

ସାମାଜିକ ଗଣମାଧ୍ୟମ ଟ୍ରୁଥ ସୋସିଆଲ୍‌ରେ ଶନିବାର ଟ୍ରମ୍ପ ଲେଖିଛନ୍ତି, ନାଟୋ ସଦସ୍ୟମାନେ ରୁଷ୍‌ଠାରୁ ତେଲ କିଣିବା ତାଙ୍କୁ ଚକିତ କରିଛି। ନାଟୋ ଉଦ୍ଦେଶ୍ୟରେ ସେ ଲେଖିଛନ୍ତି ରୁଷ୍ ପ୍ରସଙ୍ଗରେ ଏହା ସେମାନଙ୍କର ମୂଳଚାଲ ଶକ୍ତିକୁ ଦୁର୍ବଳ କରିଦେଉଛି। ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ ନାଟୋ ସଦସ୍ୟମାନଙ୍କ ପ୍ରତିବଦ୍ଧତା ୧୦୦ ପ୍ରତିଶତରୁ କମିଯାଉଛି। ଭାରତ

### ଚୀନକୁ ୧୦୦% ଶୁଳ୍କ ଧମକ

ପରେ ଚୀନ ରୁଷ୍‌ଠାରୁ ଅଧିକ ତେଲ କିଣୁଛି। ଏମାନଙ୍କ ପଛକୁ ନାଟୋର ସଦସ୍ୟ ରାଷ୍ଟ୍ର ତୁର୍କୀ ତୃତୀୟ ସ୍ଥାନରେ ରହିଛି। ନାଟୋର ୩୨ ସଦସ୍ୟଙ୍କ ମଧ୍ୟରୁ ହଙ୍ଗେରୀ ଓ ସ୍ଲୋଭାକିଆ ମଧ ରୁଷ୍‌ଠାରୁ ଅଶୋଧିତ ତେଲ କିଣୁଛନ୍ତି। ରୁଷ୍‌ଠାରୁ ନାଟୋ ସଦସ୍ୟଗୁଡ଼ିକ ତେଲ କିଣିବା ବନ୍ଦ କଲେ ଏବଂ ଚୀନ ଉପରେ ଶୁଳ୍କ ଲଗାଗଲେ, ତାହା ଘାତକ ହେବ, କିନ୍ତୁ ହାସ୍ୟାସ୍ପଦ ଯୁଦ୍ଧ ବନ୍ଦ କରିବାରେ ସହାୟକ ହେବ। ସେ ଏହା ମଧ କହିଛନ୍ତି, ରୁଷ୍



ଉପରେ ଚୀନର ଭଲ ନିୟନ୍ତ୍ରଣ ରହିଛି। ସେ ଲଗାଇବାକୁ ଥିବା ଶୁଳ୍କ ସେହି ନିୟନ୍ତ୍ରଣ ଓ ସଂପର୍କକୁ ଭାଙ୍ଗିବ। ସେହିଭଳି ରୁଷ-ୟୁକ୍ରେନ ଯୁଦ୍ଧ ପାଇଁ ସେ ତାଙ୍କ ଦେଶର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଦାୟୀ କରିଛନ୍ତି। ଏହା ଟ୍ରମ୍ପଙ୍କ ଯୁଦ୍ଧ ନୁହେଁ। ଯଦି ଟ୍ରମ୍ପ ରାଷ୍ଟ୍ରପତି ଥା’ନ୍ତେ ଏହି ଯୁଦ୍ଧ କଦାପି ଆରମ୍ଭ ହୋଇ ନଥା’ନ୍ତା। ଏହା ବାଇଡେନ ଏବଂ ଜେଲେନସ୍କିଙ୍କ ଯୁଦ୍ଧ ବୋଲି ସେ କହିଛନ୍ତି। ନାଟୋ ସଦସ୍ୟମାନଙ୍କୁ ଟ୍ରମ୍ପ୍ କହିଛନ୍ତି, ଶୀଘ୍ର ଯୁଦ୍ଧ ବନ୍ଦ ହେବ ଏବଂ ବଞ୍ଚିଥିବା ଲୋକଙ୍କ ଜୀବନ ରକ୍ଷା କରାଯାଇ ପାରିବ! ଯଦି ଏହା ହେବ ନାହିଁ ତା’ହେଲେ ତୁମେମାନେ କେବଳ ମୋର ସମୟ ଓ ଶକ୍ତି ଏବଂ ଆମେରିକାର ଅର୍ଥ ନଷ୍ଟ କରୁଛ।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଦ୍ୱାରା ପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନ

ଭୁବନେଶ୍ୱର, ୧୪।୯: ଜନ ସୁରକ୍ଷା ଯୋଜନା ଅଧୀନରେ ଭାରତ ସରକାରଙ୍କର ଅର୍ଥମନ୍ତ୍ରଣାଳୟ ଅଧୀନ ବିତ୍ତୀୟ ସେବା ବିଭାଗ ଦ୍ୱାରା ଦେଶବ୍ୟାପୀ ଗ୍ରାମପଞ୍ଚାୟତସ୍ତରୀୟ ଏକ ତ୍ରୈମାସିକ ପରିପୂର୍ତ୍ତି ଅଭିଯାନ ବ୍ୟାଙ୍କ ମାଧ୍ୟମରେ ଗତ ଜୁଲାଇ ୧ ତାରିଖରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଆରମ୍ଭ କରାଯାଇଛି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନସନ ଯୋଜନା ଭଳି ମୁଖ୍ୟ ଯୋଜନାଗୁଡ଼ିକର ଗ୍ରାମାଞ୍ଚଳରେ ପ୍ରସାର କରିବା ଏହାର ଉଦ୍ଦେଶ୍ୟ। ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ସୁନ୍ଦରଗଡ଼ ଶାଖା ଗତ ୯ ତାରିଖରେ ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ସୁନ୍ଦରଗଡ଼ ସଦର ବ୍ଲକର ଲଂକାହୁଡ଼ା ଗ୍ରାମରେ ଏକ ବିଶେଷ ଶିବିର ଆୟୋଜନ କରିଥିଲା, ଯେଉଁଥିରେ୧୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବୟସର ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଉକ୍ତ ଶିବିରରେ ଭାରତୀୟ ରିଜର୍ଭ ବ୍ୟାଙ୍କର କ୍ଷେତ୍ରୀୟ



ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି ଯୋଗ ଦେଇଥିଲେ। ଡ. ମହାନ୍ତି କାର୍ଯ୍ୟକ୍ରମର ସମସ୍ତ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧନ କରି ଭାରତୀୟ ରିଜର୍ଭବ୍ୟାଙ୍କର ପୁନଃପ୍ରମାଣୀକରଣ (ରି-କେୱାଇସି), ସମନ୍ୱିତ ଲୋକପାଳ ଯୋଜନା, ଦାବିହୀନ ଜମାରାଶି ଓ ସାଇବର ଠକେଇ ଇତ୍ୟାଦି ବିଷୟରେ ମୂଲ୍ୟବାନ ଟିପ୍ପଣୀ ପ୍ରଦାନ କରିଥିଲେ। ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଶୁଭଦୋ ପ୍ରସାଦ ମହାନ୍ତି ବ୍ୟାଙ୍କର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ସଚେତନତାର ଉଦ୍ୟମକୁ ଉନ୍ନତ କରିବା ପ୍ରତି ପ୍ରତିବଦ୍ଧତା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଭବାନୀଶଙ୍କର ମହାକୁଡ଼ ଓ ସ୍ଥାନୀୟ ସରପଞ୍ଚ ସୁଜାତା ନାୟକ ପ୍ରମୁଖ ଯୋଗଦେଇଥିଲେ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୭୪ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



# ଏଫ୍‌ଏମ୍‌ସିଜି କମ୍ପାନୀ ହ୍ରାସ କରିବେ ପ୍ରଡକ୍ଟ ଦାମ

ମୁମ୍ବାଇ ୧୪।୯: ଦେଶରେ ଜିଏସଟି ସଂଶୋଧନର ପ୍ରଭାବ ଏବେ ଦେଖାଗଲାଣି। ଅଟୋ କମ୍ପାନୀଙ୍କ ପରେ ଏଫଏମସିଜି କମ୍ପାନୀମାନେ ସେମାନଙ୍କ ପ୍ରଡକ୍ଟର ନୂଆ ଦର ଜାରି କରୁଛନ୍ତି। ଏଥିରେ ଦେଶର ସବୁଠୁ ବଡ଼ ଏଫଏମସିଜି କମ୍ପାନୀ ହିନ୍ଦୁସ୍ତାନ ୟୁନିଲିଭର (ଏଚୟୁଏଲ) ନିଜର ଲୋକପ୍ରୀୟ ପ୍ରଡକ୍ଟମାନଙ୍କ ଦାମ ହ୍ରାସ ଘୋଷଣା କରିଛନ୍ତି। ଏହି ସବୁ ପ୍ରଡକ୍ଟର ମୂଲ୍ୟ ହ୍ରାସର ଲାଭ ଗ୍ରାହକଙ୍କୁ ସେପ୍ଟେମ୍ବର ୨୨ ତାରିଖରୁ ମିଳିବା ଆରମ୍ଭ ହେବ। କମ୍ପାନୀ ଖବର କାଗଜରେ ପ୍ରକାଶିତ ବିଜ୍ଞାପନରେ ଜିଏସଟି ହାର ହ୍ରାସ ପରେ ନୂଆ ଦର ଜାରି କରିଛି। କମ୍ପାନୀ କହିଛି ନୂଆ ପ୍ରାଇସ୍ ଟ୍ୟାଗ ସହିତ ପ୍ରଡକ୍ଟ ଷ୍ଟକ ଖୁବ୍ ଶୀଘ୍ର ମାର୍କେଟକୁ ପହଞ୍ଚିବ। ତେବେ ଆସନ୍ତୁ ଜାଣିବା କମ୍ପାନୀ କେଉଁ କେଉଁ ଜିନିଷ ଉପରେ କେତେ ଟଙ୍କା ହ୍ରାସ କରିଛି।

କମ୍ପାନୀ ବିକ୍ରି କରୁଥିବା ୩୪୦ ଏମଏଲ ଡୋଭ ସାମ୍ପୁ ମୂଲ୍ୟ ୪୯୦ ଟଙ୍କାରୁ ହ୍ରାସ କରି ୪୩୫ ଟଙ୍କା କରିବ। ସେହିପରି ୨୦୦ ଗ୍ରାମ ହର୍ଲିକ୍ସ ଜାରର ମୂଲ୍ୟ ୧୩୦ ଟଙ୍କାରୁ ହ୍ରାସ ହୋଇ ୧୧୦ ଟଙ୍କା ହେବ। ଏବେ ୯୦ ଟଙ୍କାରେ ମିଳୁଥିବା ୨୦୦ ଗ୍ରାମ କିସାନ ଜାମ




ସେପ୍ଟେମ୍ବର ୨୨ ତାରିଖରୁ ୮୦ ଟଙ୍କାରେ ମିଳିବାକୁ ଲାଗିବ। ସେହିପରି ୬୮ ଟଙ୍କା ଦରରେ ବିକ୍ରି ହେଉଥିବା ୭୫X୪ ଲାଇଫବୟ ସାବୁନ ମୂଲ୍ୟ ୬୦ ଟଙ୍କା ହେବ। ୩୯୩ ଟଙ୍କାରେ ବିକ୍ରି ହେଉଥିବା ୩୫୫ ଏମଏଲ କ୍ଲିନିକ୍ ପ୍ଲସ୍ ସାମ୍ପୁ ଆଗକୁ ୩୪୦ ଟଙ୍କାରେ ମିଳିବ। ସନସିଲ୍କ ବ୍ଲାକ୍ ସାଇନ ସାମ୍ପୁ୩୫୦ ଏମଏଲ ଦାମ ୪୩୦ରୁ ହ୍ରାସ ହୋଇ ୩୭୦ ଟଙ୍କା ହୋଇଯିବ। ସେହିପରି ଲକ୍ସ ସାବୁନ ୭୫X୪ ଯାହାର ଏବେକା ମୂଲ୍ୟ ୯୬ ଟଙ୍କା ରହିଛି ତାହା ୮୫ ଟଙ୍କାରେ ମିଳିବ। ୧୫୪ ଟଙ୍କାରେ ମିଳୁଥିବା ୧୫୦ ଗ୍ରାମ କ୍ଲୋଜଅପ ଟୁଥପେଷ୍ଟ ମୂଲ୍ୟ ୨୨ ସେପ୍ଟେମ୍ବର ପରେ ୧୨୯ ଟଙ୍କା ହୋଇଯିବ। ସେହିପରି ଲାକମେ ୯ଟୁ୫ ପିଏମ ୯ଗ୍ରାମ ୬୭୫ଟଙ୍କାରୁ ହ୍ରାସ ହୋଇ ୫୯୯ ଟଙ୍କା ହୋଇଯାଇଛି। ୮୫୦ଗ୍ରାମ କିସାନ କେଚଅପ୍ ୧୦୦ ଟଙ୍କାରୁ ହ୍ରାସ ହୋଇ ୯୩ ଟଙ୍କା ହୋଇଯାଇଛି। ୪୦୦ ଗ୍ରାମ ୱମେନ ହର୍ଲିକ୍ସ ୩୨୦ ଟଙ୍କାରୁ ହ୍ରାସ ହୋଇ ୨୮୪ ଟଙ୍କା କରିଦିଆଯାଇଛି। ୭୫ ଗ୍ରାମ ବ୍ରୁ କଫି ମୂଲ୍ୟ ୩୦୦ ଟଙ୍କାରୁ ହ୍ରାସ କରି ୨୭୦ ଟଙ୍କା କରିଦିଆଯାଇଛି। ୬୭ ଗ୍ରାମ ନର ଟମାଟୋ ସୁପ୍ ୬୫ ଟଙ୍କାରୁ ହ୍ରାସ ହୋଇ ୫୫ ଟଙ୍କା ହୋଇଯାଇଛି। ଜିଏସଟି କାଉନସିଲ ବୈଠକ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଜିଏସଟିରେ ବଡ଼ ପରିବର୍ତ୍ତନ ଘୋଷଣା କରିଛନ୍ତି। ଏବେ ଜିଏସଟିରେ ଥିବା ୪ଟି ସ୍ଲାବକୁ ୨ଟିରେ ୫ ଓ ୧୮%ରେ ସୀମିତ କରିଦିଆଯାଇଛି। ଏହି ପରିବର୍ତ୍ତନ କାରଣରୁ ଖାଦ୍ୟପଦାର୍ଥଠୁ ଆରମ୍ଭ କରି ସାମ୍ପୁ, ସାବୁନ, ଟୁଥପେଷ୍ଟ ସମେତ ସବୁପ୍ରକାରର ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଦର ହ୍ରାସ ହୋଇଛି। ଏହାର ଲାଭ ଏବେ ସିଧା ଗ୍ରାହକଙ୍କୁ ମିଳିବ। ଏଣୁ ଏଚୟୁଏଲ ପ୍ରଡକ୍ଟ ମୂଲ୍ୟରେ ବଡ଼ ହ୍ରାସ ଘୋଷଣା କରିଛନ୍ତି।

# ‘ଟ୍ରେଣ୍ଡ୍ସ ଦୁର୍ଗା ପୂଜା ସ୍ପେଶାଲ୍’ ଅଭିଯାନ




ଭୁବନେଶ୍ୱର, ୧୪।୯: ଦୁର୍ଗାପୂଜା ଉପଲକ୍ଷେ ରିଲାଏନ୍ସ ରିଟେଲ୍‌ର ପୋଷାକ ଏବଂ ଆସେସୋରିଜ୍ ସ୍ପେସାଲିଟି ଚେନ୍ ଟ୍ରେଣ୍ଡ୍ସ ପକ୍ଷରୁ ‘ଦୁର୍ଗା ପୂଜା ସ୍ପେସାଲ୍’ ଉତ୍ସବ ଅଭିଯାନ ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ଉତ୍ସବ ଅଭିଯାନର ଅଂଶ ଭାବରେ, ୩,୪୯୯ ଟଙ୍କା ଏବଂ ତଦୂର୍ଦ୍ଧ୍ୱ ମୂଲ୍ୟର କ୍ରୟ ସହିତ ଗ୍ରାହକମାନେ ଆକର୍ଷଣୀୟ ଉପହାର ପାଇପାରିବେ । ‘ପୂଜା ସପିଙ୍ଗ, ଏବେ ଅଧିକ ଲାଭଦାୟକ’ ଶୀର୍ଷକ ରହିଥିବା ଏହି ଅଭିଯାନ ଜରିଆରେ ଟ୍ରେଣ୍ଡ୍ସ ଏହାର ଗ୍ରାହକମାନଙ୍କ ଉତ୍ସବ ଖୁସିକୁ ବହୁଗୁଣିତ କରିବାକୁ ଲକ୍ଷ୍ୟ ରଖିଛି। ଗ୍ରାହକମାନେ ଦୁର୍ଗା ପୂଜା ଅବସରରେ ଟ୍ରେଣ୍ଡ୍ସରେ ମହିଳାଙ୍କ ପୋଷାକ, ପୁରୁଷଙ୍କ ପୋଷାକ, ପିଲାମାନଙ୍କ ପୋଷାକ ଏବଂ ଫ୍ୟାସନ୍ ଆସେସୋରିଜ୍ ଇତ୍ୟାଦିର ଏକ ଆନନ୍ଦଦାୟକ ଉତ୍ସବ ସପିଂ ଅନୁଭୂତି ନେଇପାରିବେ।

### ଭୁବନେଶ୍ୱରରେ କର୍ପୋରେଟ୍-ରିସାଇକ୍ଲର୍ସ କନ୍‌କ୍ଲେଭ

# ବର୍ଷକୁ ବାହାରୁଛି ୬୨ ନିୟୁତ ଟନ୍ ଶିଳ୍ପବର୍ଜ୍ୟ

ଭୁବନେଶ୍ୱର, ୧୪।୯: ଅର୍ଥନୈତିକ ପ୍ରଗତି ସହିତ ପରିବେଶ ସୁରକ୍ଷାର ମଧ ଆବଶ୍ୟକତା ରହିଛି। ପରିବେଶକୁ ବାଦ୍ ଦେଇ ଅର୍ଥନୈତିକଅଗ୍ରଗତି ହେଲେ ଆଗାମୀଦିନରେ ତାହା ମାନବସମାଜ ପାଇଁ ବଡ଼ ମୁଣ୍ଡବିନ୍ଧାର କାରଣ ପାଲଟିବ। ଏହାକୁ ଦୃଷ୍ଟିରେ ରଖି କଳ କାରଖାନାରୁ ବା ଅର୍ଥନୈତିକ ଉତ୍ପାଦନ ପ୍ରକ୍ରିୟାରେ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁକୁ କିଭଳି ପୁନର୍ବାର ଉତ୍ପାଦନ ପ୍ରକ୍ରିୟାରେ ଉପଯୋଗ କରାଯିବ ତାହା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ। ଏକ ସୂଚନା ଅନୁଯାୟୀ ଭାରତରେ ବର୍ଷକୁ ପ୍ରାୟ ୬୨ ନିୟୁତ ଟନ୍ ବର୍ଜ୍ୟବସ୍ତୁ ବାହାରୁଛି। କିନ୍ତୁ ସେଥିରୁ ମାତ୍ରାଧିକ ଅବ୍ୟବହୃତ ହୋଇ ପଡ଼ି ରହୁଛି। ତେଣୁ ସେଗୁଡ଼ିକ କିଭଳି ନଷ୍ଟ ନହୋଇ ବ୍ୟବହାର କରାଯାଇ ପାରିବ ତାହା ଉପରେ ଭୁବନେଶ୍ୱରଠାରେ ଆଜି କର୍ପୋରେଟ୍, ରିସାଇକ୍ଲର୍ସ, ଶିକ୍ଷାବିତ୍, ଷ୍ଟାର୍ଟଅପ୍, ଗବେଷକ ଓ ସ୍ୱେଚ୍ଛାସେବୀ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇ ମାନସମନ୍ଥନ କରିଛନ୍ତି। ମାନବ ସଂସାଧନ ବିକାଶ ସଂସ୍ଥାନ (ଏମ୍‌ଏସ୍‌ଭିଏସ୍) ପକ୍ଷରୁ ଆୟୋଜିତ ଏହି ଆଲୋଚନାରେ ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ ଭାରତରେ ବର୍ଜ୍ୟବସ୍ତୁର ପୁନଃଚକ୍ରଣ ଏବଂ ପୁନଃବ୍ୟବହାର କ୍ଷେତ୍ର ବହୁ ପଛରେ ପଡ଼ିଛି। ଏ କ୍ଷେତ୍ରରେ ଆଗକୁ ବଢ଼ିବାକୁ ହେଲେ ସରକାରୀ ଓ ବେସରକାରୀ ସ୍ତରରେ ସମସ୍ତଙ୍କୁ ମିଳିମିଶି କାର୍ଯ୍ୟ କରିବାକୁ ପଡ଼ିବ। ଉତ୍ପାଦନ ପ୍ରକ୍ରିୟାରେ ବାହାରୁଥିବା କୌଣସି ବି ସାମଗ୍ରୀକୁ ନଷ୍ଟ ହେବାକୁ ଦିଆଯିବା ଉଚିତ ନୁହେଁ। ଏଥିପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ହେବ। କର୍ପୋରେଟ୍ ଏବଂ ରିସାଇକ୍ଲର୍ସମାନଙ୍କ ମଧ୍ୟରେ ସଂପର୍କ ସ୍ଥାପନ କରିବାକୁ ପଡ଼ିବ। ବିଶେଷଜ୍ଞମାନେ ମତ ଦେଇଥିଲେ ଯେ, ବର୍ଜ୍ୟ ସାମଗ୍ରୀର ପୁନଃବ୍ୟବହାର କ୍ଷେତ୍ରରେ ୟୁରୋପୀୟ ଦେଶଗୁଡ଼ିକ ଆଗରେ ରହିଛନ୍ତି। ସେମାନେ ଉନ୍ନତମାନର ପଦ୍ଧତି ଆପଣାଇଛନ୍ତି। ନାଗରିକଙ୍କ ଭଳି ପ୍ରଡକ୍ଟଗୁଡ଼ିକର ପାସପୋର୍ଟ ମଧ ରହିଛି। ଫଳରେ ଉତ୍ପାଦଗୁଡ଼ିକର ପରିଚୟ ଜାଣି ହେଉଛି ଏବଂ ସେଗୁଡ଼ିକ କେଉଁଠି ଉପଲବ୍ଧ ହେଉଛି ତାହାର ତଥ୍ୟ ମଧ ମିଳିପାରୁଛି। ଏହା ଫଳରେ ଆବଶ୍ୟକ ଉତ୍ପାଦକୁ ଖୋଜି ପାଇବା ଏବଂ ବ୍ୟବହାର କରିବା ସହଜ ହୋଇପାରିଛି। ଭାରତରେ ସେଭଳି ବ୍ୟବସ୍ଥା ବିକାଶ କରିବାର ଆବଶ୍ୟକତା ରହିଛି। ସେହିଭଳି ରିସାଇକ୍ଲର୍ସ ବା ପୁନଃଚକ୍ରଣ କାର୍ଯ୍ୟରେ ନିୟୋଜିତ ସଂସ୍ଥାଗୁଡ଼ିକୁ କିଭଳି ସବୁ ବର୍ଗର ଶିଳ୍ପ ସହିତ ଯୋଡ଼ାଯାଇ ପାରିବ ତାହା ଉପରେ ଗୁରୁତ୍ୱ ଦେବାକୁ ହେବ। ରିସାଇକ୍ଲର୍ସ କାର୍ଯ୍ୟରେ ନିୟୋଜିତ ସଂସ୍ଥା ଏବଂ ସେମାନଙ୍କ ନିକଟରେ ଉପଲବ୍ଧ ଉତ୍ପାଦଗୁଡ଼ିକର ଡାଟାବେସ୍ ପ୍ରସ୍ତୁତ କରିବାକୁ ପଡ଼ିବ। ସେହିଭଳି ବର୍ଜ୍ୟ ସାମଗ୍ରୀ କ୍ଷେତ୍ରକୁ ମଧ ଶିଳ୍ପର ମାନ୍ୟତା ଦେବାକୁ ହେବ। ଲୋକମାନେ ତୃଣମୂଳ ସ୍ତରରେ କାର୍ଯ୍ୟ କରିବାକୁ ଯେଭଳି ଗର୍ବ ଅନୁଭବ କରିବେ ସେ ନେଇ ବ୍ୟବସ୍ଥା କରିବାକୁ ହେବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। କନ୍‌କ୍ଲେଭରେ ଏନ୍‌ଆଇଏନ୍‌ଏଲ୍‌ର ଏମ୍‌ଡି ତଥା ସିଇଓ ସୁଧୀର କୁମାର ମେହେଟା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ରିସଷ୍ଟେନେବିଲିଟି ଲିମିଟେଡର ଏମ୍‌ଡି ଟି କ୍ରିଷ୍ଣା ରାଓ, ହିଣ୍ଡାଲକୋର ସଭାପତି ତଥା ମୁଖ୍ୟ (ନିୟାମକ ବ୍ୟାପାର) ବିନୋଦ କୁମାର ବର୍ମା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏଏମ୍‌ଏନ୍‌ଏସ୍‌ର ଚିଫ୍ ସଷ୍ଟେନେବିଲିଟି ଅଫିସର ଡ. ଅରବିନ୍ଦ ବୋଧଙ୍କର, ପ୍ରଫେସର ରଣଜିତ ପ୍ରସାଦ, ଡ. ଏସ୍ ରଙ୍ଗନାଥନ ପ୍ରମୁଖ ଯୋଗ ଦେଇଥିଲେ।

### ମେକ୍ ଇନ୍ ଇଣ୍ଡିଆ ପ୍ରଭାବ

# ବଡ଼ କମ୍ପାନିଙ୍କ ଆମଦାନି ବିଲ୍ କମୁଛି

ନୂଆଦିଲ୍ଲୀ, ୧୪।୯: ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବାକୁ ଯୋଜନା ଚଳାଇଛି। ଏଥିପାଇଁ ସରକାର ମେକ୍ ଇନ୍ ଇଣ୍ଡିଆ ସ୍ଲୋଗାନ ଦେବା ସହିତ ପିଏଲ୍‌ଆଇ( ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ଯୋଜନା) କାର୍ଯ୍ୟକାରୀ କରିଛନ୍ତି। ଏହାଫଳରେ ଦେଶରେ ଅଟୋମୋବାଇଲ ଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ ଓ ହୋମ୍ ଆପ୍ଲାଏନ୍ସ ଆଦି କ୍ଷେତ୍ରର ବଡ଼ ବଡ଼ କମ୍ପାନିଗୁଡ଼ିକ ଦେଶ ଭିତରେ ଉତ୍ପାଦନ ହେଉଥିବା ବିଭିନ୍ନ ଉପକରଣକୁ ବ୍ୟବହାର କରି ସେମାନଙ୍କ ଉତ୍ପାଦ ନିର୍ମାଣ କରୁଛନ୍ତି। ଫଳରେ ବଡ଼ କମ୍ପାନିଙ୍କ ଆମଦାନି ବିଲ୍ କମିଛି। ଅଟୋମୋବାଇଲ, ଇଲେକ୍ଟ୍ରୋନିକ୍ସ ଏବଂ ଏଫ୍‌ଏମ୍‌ସିଜି କ୍ଷେତ୍ରର ୨୦ଟି ତାଲିକାଭୁକ୍ତ କମ୍ପାନି ଉପରେ ହୋଇଥିବା ଏକ ଅନୁଧ୍ୟାନରୁ ଜଣାଯାଇଛି ଯେ ସେମାନଙ୍କ ବିକ୍ରି ତୁଳନାରେ ବିଦେଶୀ ମୁଦ୍ରା ଖର୍ଚ୍ଚ ଭାଗ ହ୍ରାସ ପାଇଛି। ୨୦୧୯-୨୦ରୁ ୨୦୨୪-୨୫ ମଧ୍ୟରେ ଏଥିରେ ବଡ଼ଧରଣର ହ୍ରାସ ଘଟିଛି। ମୁଖ୍ୟତଃ ଆମଦାନି ହେଉଥିବା ସାମଗ୍ରୀ ଉପରେ ନିର୍ଭରଶୀଳତା ହ୍ରାସ ପାଇବା କାରଣରୁ ଏହା ହୋଇଛି। ସର୍ବାଧିକ ହ୍ରାସ ଅଟୋମୋବାଇଲ୍ ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ନିର୍ମାତାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସେମାନଙ୍କ ମଧ୍ୟରେ ମାରୁତି ସୁଜୁକି, ଟାଟା ମୋଟର୍ସ, ହିରୋ ମୋଟୋକର୍ପ, ବଜାଜ୍ ଇଲେକ୍ଟ୍ରିକାଲ୍ସ, ହ୍ୱିର୍ଲପୁଲ୍, ହାଭେଲ୍‌ସ, ବ୍ଲୁ ଷ୍ଟାର, ଅମ୍ବର ଏଣ୍ଟରପ୍ରାଇଜେସ୍ ଏବଂ କ୍ରମ୍ପଟନ ଗ୍ରିଭସ୍ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଆଦି ରହିଛନ୍ତି। ଭାରତରେ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ନିର୍ମାଣର ସର୍ବବୃହତ୍ ଠିକା ସଂସ୍ଥା ଡିକ୍ସନ ଟେକ୍ନୋଲୋଜିଜ୍‌ରେ ୨୦୨୪-୨୫ରେ ଆମଦାନି ବିଲ୍ ମୋଟ ବିକ୍ରିର ମାତ୍ର ୬ ପ୍ରତିଶତ ରହିଛି। ୨୦୧୯-୨୦ରେ ଏହା ୪୯ ପ୍ରତିଶତ ରହିଥିଲା। କମ୍ପାନି ଟିଭି ପାନେଲ, କ୍ୟାମେରା ମଡ୍ୟୁଲସ ଏବଂ କମ୍ପ୍ରେସର ଭଳି ସାମଗ୍ରୀ ଦେଶ ଭିତରୁ କ୍ରୟ କରୁଛି।

ସଂଚାର THE SANCHAR

# ଜାଗ୍ରତ ହେଲେ ମା' ମଙ୍ଗଳା

● ସ୍ୱତନ୍ତ୍ର ନୀତିକାନ୍ତିରେ ସହସ୍ର କୁମ୍ଭାଭିଷେକ ଅନୁଷ୍ଠିତ



**କାକଟପୁର/ଅସ୍ତରଙ୍ଗ,୧୪।୯ (ସଂଚାର ବ୍ୟୁରୋ):** ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା କାକଟପୁର ର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠ ଅନ୍ୟତମ। ବର୍ଷର ବିଭିନ୍ନ ସମୟରେ ମା'ଙ୍କ ଯାନିଯାତ୍ରା, ପର୍ବପର୍ବାଣୀ ଅନୁଷ୍ଠିତ ହୋଇଥାଏ। ତନ୍ମଧ୍ୟରୁ ପ୍ରସିଦ୍ଧ ଶାରଦୀୟ ପାର୍ବଣ ପୂଜା ଅନ୍ୟତମ। ଆଶ୍ୱିନ କୃଷ୍ଣ ଅଷ୍ଟମୀ (ମୂଳାଷ୍ଟମୀ) ଦିନ ମା' ଶୟନ ତ୍ୟାଗ କରନ୍ତି। ମା'ଙ୍କୁ ଜାଗ୍ରତ କରିବା ପାଇଁ ଏହି ଦିନ ଷୋଡ଼ଶ ଉପଚାରରେ ମା'ଙ୍କ ଚଳନ୍ତି ପ୍ରତିମା ଓ ଦୁର୍ଗା ପ୍ରତିମାଙ୍କୁ ଦିବ୍ୟ ସୁଗନ୍ଧ ଜଳରେ ୧୦୮ ଥର ଜେଖାଏଁ ସ୍ନାନ କରାଯାଏ। ନୀତିନିର୍ଘଣ୍ଟ ଅନୁଯାୟୀ ମଙ୍ଗଳାୟୀ ମା ମଙ୍ଗଳା ଦେବୀଙ୍କର ଶାରଦୀୟ ଓ ଷୋଡଶ ଦିନାତ୍ମକ ପୂଜା ପାଇଁ ମାହେନ୍ଦ୍ର ଦିବା ୧୨ଘ ୪୯ମିନଟ ଗତେ ୧ଘଟିକା ୩୭ମଧେ ସହସ୍ର କୁମ୍ଭାଭିଷେକ ପୂଜା ଅନୁଷ୍ଠିତ ହୋଇଥିଲା। ପୀଠରେ ଶାରଦୀୟ ପୂଜାର ଅୟଆରମ୍ଭ ହୁଏ। ଅଖଣ୍ଡ ଦୀପ ଲଗାଯାଏ। ଦିବ୍ୟ ସୁବାସିତ ଜଳରେ ସ୍ନାନପରେ ମା' ମଙ୍ଗଳାଙ୍କୁ ବେଶ କରାଯାଇଥାଏ। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ସିଂହ ପୂଜା ଓ କଳସ ପୂଜା କରାଯାଇ ବଲ୍ଲଭ ପୂଜା ହୁଏ।

# ମା' କନକଦୁର୍ଗାଙ୍କ ଷୋଡ଼ଶ ପୂଜାତ୍ସବ



**ହିଞ୍ଜିଳିକାଟୁ,୧୪।୯ (ସଂଚାର ବ୍ୟୁରୋ):** ଆଉ କେଇଟା ଦିନ ପରେ ଧରାବତରଣ କରିବେ ଜଗଦଜନନୀ ମହିଷାଶୁର ମର୍ଦ୍ଦିନୀ ମା' ଦୂର୍ଗା । ଏଥିପାଇଁ ସହରର ସମସ୍ତ ପୂଜା ମଣ୍ଡପ ସଜେଇ ହେଉଛି । ମା'ଙ୍କ ଆଗମନ ପାଇଁ ଆଜିଠାରୁ ଆରମ୍ଭ ହେଉଛି ଆବାହନ। ଆଜି ଆଶ୍ୱିନ ମାସ ମୁଳାଷ୍ଟମି ତିଥି । ଏହି ଅବସରରେ ହିଞ୍ଜିଳିର ପ୍ରସିଦ୍ଧ ଦେବୀପୀଠ ମା' କନକଦୁର୍ଗା ମନ୍ଦିରରେ ମୂଳାଷ୍ଟମୀରୁ ଦଶହରା ପଯ୍ୟନ୍ତ ମା'ଙ୍କ ଷୋଡ଼ଶ ପୂଜା ମହାସମାରୋହରେ ରବିବାର ଟାରୁ ଆରମ୍ଭ ହୋଇଯାଇଛି ମନ୍ଦିର ସିଂହଦ୍ୱାର, ମନ୍ଦିର ବେଢ଼ା ଓ ମନ୍ଦିରର ଚାରି ପଟେ ରଙ୍ଗ ବେରଙ୍ଗ ଆଲୋକ ମାଳାରେ ସଜାଯାଇଛି। ରବିବାର ଟାରୁ ଦଶହରା ପଯ୍ୟନ୍ତ ମା '' ବିଭିନ୍ନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଷୋଡ଼ଶ ପୂଜା ଦେଖିବା ପାଇଁ ସହର ସମେତ ଆଖପାଖ ଅଂଚଳର ଭକ୍ତଙ୍କ ସମାଗମ ମନ୍ଦିର ପରିସରରେ ଦେଖିବାକୁ ମିଳିଛି। ସେଇପରି ବୁରୁପଡ଼ା ପଞ୍ଚାୟତ ଅଧୀନରେ ଥିବା ମା ଶ୍ୟାମଲାଇ ମନ୍ଦିର ଓ ଖରିଡା ପଞ୍ଚାୟତର କରାଇଶୁଣି ମନ୍ଦିରରେ ମଧ୍ୟ ପୂଜା ଆରମ୍ଭ ହୋଇଯାଇଛି।

# ନରୁଆ ଛକରେ ମା' ଦୁର୍ଗାଙ୍କ ପାର୍ବଣ ପୂଜା ଆରମ୍ଭ



**ତିର୍ତ୍ତୋଲ,୧୪।୯ (ସଂଚାର ବ୍ୟୁରୋ):** ତିର୍ତ୍ତଲ ବ୍ଲକ ନରୁଆ ଛକ ଠାରେ ଥିବା ଜଗତ ଜନନୀ "ମା" ଦୁର୍ଗା ଦେବୀ ମନ୍ଦିର ପୀଠ ରେ ପାର୍ବଣ ପୂଜା ରବିବାର ଠାରୁ ଆରମ୍ଭ ହୋଇଛି । ଏହି ପୂଜା ମୁଳାଷ୍ଟମୀ ଠାରୁ ଆରମ୍ଭ ହୋଇ ମହାଷ୍ଟମୀ ପର୍ଯ୍ୟନ୍ତ ଚାଲିବ। ଏହି ପୂଜାରେ ପତେକ ଦିନ ଆରତୀ ସହିତ ଯଜ୍ଞ, ହୋମ ଓ ସନ୍ଧ୍ୟାରେ ଭଜନ, କ୍ରୀତନ ଚାଲିଥିବା ବେଳେ ପୂଜାର ଶେଷ ତିନିଦିନ ରୀତି ନୀତି ଅନୁଯାୟୀ ସନ୍ଧ୍ୟା କଳିକା ନୃତ୍ୟ ପରିବେଷଣ କରାଯାଏ । ଏହି ପାର୍ବଣ ପୂଜା ଉପଲକ୍ଷେ ସମ୍ପୂର୍ଣ୍ଣ ଚଣ୍ଡୀ ସହ ଅପରାଜିତା ପୂଜା ମଧ ଅନୁଷ୍ଠିତ ହେବ । ଏହି ପୂଜାରେ ପ୍ରତି ବର୍ଷ ଭଳି ନିତ୍ୟାନନ୍ଦ ବିଶ୍ୱାଳ କର୍ତ୍ତା ଭାର ତୁଲାଉ ଥିବା ଦେଖିବାକୁ ମିଳିଛି । ସେହିପରି ପଣ୍ଡିତ ଅଶୋକ କୁମାର ଦାଶ ଏବଂ ତାଙ୍କ ଟିମ ଙ୍କ ତତ୍ତ୍ୱାବଧାନରେ ଦୈନିକ ପୂଜା ପାଠ ସହ ହୋମ ଯଜ୍ଞ ହେଉଥିବା ବେଳେ ନୀତିଦିନ ପୂଜକ ହରେକୃଷ୍ଣ ପଣ୍ଡାଙ୍କ ଏହି ପୂଜାରେ ଉପସ୍ଥିତ ରହି ପୂଜା ସମ୍ପାଦନ କରୁଛନ୍ତି । ମା ଶାରଳାଙ୍କ ନୀତି କ୍ରାନ୍ତି ଆଧାରରେ ଏହି ପୂଜା ଅନୁଷ୍ଠିତ ହେଉଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ମାଙ୍କ ପାଖରେ ମଣ୍ଡା ଭୋଗ ଅର୍ପଣ କରାଯାଏ। ଯେଉଁ ପିଠା ଭୋଗ ପାଇବା ପାଇଁ ସନ୍ଧ୍ୟାରେ ଭକ୍ତ ଙ୍କ ଭିଡ଼ ଜମେ ।

## ନୀଳଗିରି ଉପଖଣ୍ଡ ହସ୍ପିଟାଲ

# ରୋଗୀ ସେବା ପାଇଁ ନାହାନ୍ତି କର୍ମଚାରୀ

**ଶତାଧିକ ରୋଗୀଙ୍କୁ ଜଣେ ନର୍ସ, ଆଟେଣ୍ଡାଣ୍ଟ କାମ କରୁଛନ୍ତି ଆଶାଦିଦି**



**ନୀଳଗିରି,୧୪।୯ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ହସ୍ପିଟାଲ ଭାଗ୍ୟ ଏବେ ଆଶା ଦିଦିଙ୍କ ହାତରେ। ରୋଗୀଙ୍କ ଜୀବନ ଆଟାଷ୍ଟାଣ୍ଟ ବଦଳରେ କରୁଛନ୍ତି ଆଶା ଦିଦି। କେତେବେଳେ ବି କିଛି ଭୁଲ ରୋଗୀଙ୍କ ଜୀବନ ନେଇ ପାରେ। ସେପଟେ ଶତାଧିକ ରୋଗୀଙ୍କ ସେବା ପାଇଁ ଜଣେ ନର୍ସ ନିୟୋଜିତ ହୋଇଥିବା ଦେଖାଯାଉଥିବା ବେଳେ ନୀଳଗିରିବାସୀ ଖାଲି ପ୍ରତାରଣାର ଶିକାର ପାଲଟିଛନ୍ତି। ସୁଚନାଯୋଗ୍ୟ ନୀଳଗିରି ବ୍ଲକର ୨୫ଟି ପଞ୍ଚାୟତ, ଔପଦା ବ୍ଲକର ୫ଟି ପଞ୍ଚାୟତ, ରେମୁଣା ଓ ବାହାନାଗା ବ୍ଲକର ୨ ଲେଖାଏଁ ପଞ୍ଚାୟତ ସମେତ ନୀଳଗିରି ଏନଏସିର ରୋଗୀମାନେ ନୀଳଗିରି ଉପଖଣ୍ଡ ହସ୍ପିଟାଲ ଉପରେ ନିର୍ଭର କରିଥାନ୍ତି। ହେଲେ ରୋଗୀ ମାନଙ୍କ ଶଯ୍ୟାଠାରୁ ଦୁର୍ଗନ୍ଧିତ ରୋଗୀ ତଳେ ପଡି ମଧ ଚିକିତ୍ସିତ ହେଉଥିବା ଦେଖାଯାଉଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ବିଭିନ୍ନ ଡାକ୍ତର ଓ ନର୍ସ ପଦବୀ ଖାଲି ପଡିବା। ଏପରିକି ଆଟାଷ୍ଟାଣ୍ଟ ଓ ଅନ୍ୟାନ୍ୟ କର୍ମଚାରୀ ପଦବୀ ଖାଲିପଡିଛି। ହେଲ୍ଥଡେସ୍କ ର କିଛି କର୍ମଚାରୀ ପଦବୀ ଉଚ୍ଛେଦ କରାଯାଇ ତାଙ୍କୁ ଟିକେଟ କାଉଣ୍ଟରରେ ନିୟୋଜିତ ହୋଇଛନ୍ତି। ଆଉ କିଛି ରୋଗୀଙ୍କୁ ସାହାଯ୍ୟ କରିବା ପରିବର୍ତ୍ତେ କିଛି ଡାକ୍ତରଙ୍କ ସେବା କାର୍ଯ୍ୟରେ ନୋୟୋଜିତ ହୋଇଛନ୍ତି। ସେହିପରି ଡେ-ଡିଉଟି ଓ ନାଇଟ ଡିଉଟି ସମୟରେ ଅପରାହ୍ନ ଠାରୁ ଆରମ୍ଭ କରି ମଧରାତ୍ରୀ ଓ ସକାଳ ପର୍ଯ୍ୟନ୍ତ ରୋଗୀଙ୍କୁ ଭଗବାନ ଭରସା ବୋଲି ଜଣାପଡିଛି। ଶତାଧିକ ରୋଗୀଙ୍କୁ ପୁରୁଷ ଓ ମହିଳା ବିଭାଗ ପାଇଁ ଜଣେ ମାତ୍ର ନର୍ସ ନିୟୋଜିତ ହୋଇଛନ୍ତି। ଏକାସାଙ୍ଗରେ ଅନେକ ଗୁରୁତର ରୋଗୀ ଆସିଗଲେ କେଉଁ ରୋଗୀଙ୍କୁ ଚିକିତ୍ସା କାର୍ଯ୍ୟ ପ୍ରଥମେ ଯୋଗାଇ ଦିଆଯିବ ଏନେଇ ତୁମ୍ବିତୋଫାନ ଉଠିଥାଏ। ଖାଲି ସେତିକ ନୁହଁ ଗତ ଶନିବାର ରାତ୍ରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। କାର୍ଯ୍ୟରତ ଆଟାଷ୍ଟାଣ୍ଟ ଆସିନଥିବା ବେଳେ ନର୍ସ ଜଣକ ଖାଲି ଦୌଡ଼ି ବୁଲି ସେବାକାର୍ଯ୍ୟ ଯୋଗାଇ ଦେଉଥିବା ଦେଖିବାକୁ ମିଳିଥିଲା। ପରେ ତାଙ୍କ ସହିତ ଜଣେ ଆଶା ଦିଦିଙ୍କୁ ସହଯୋଗ ପାଇଁ ଦିଆଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନଭିଜ୍ଞ ଆଶା ଜଣକ କଣ କରିବେ ଠିଆ ହୋଇ ଖାଲି ଦେଖିବା ଛଡ଼ା କିଛି ନଥିଲା।

ପୂର୍ବରୁ ଅନେକ ସଂଗଠନ ଓ ବରିଷ୍ଠ ମାନେ ହସ୍ପିଟାଲ ଅବ୍ୟବସ୍ଥା ସୁଧାରିବା ପାଇଁ ଆନ୍ଦୋଳନ କରି ଆସୁଥିବା ବେଳେ ସେହିମାନେ ଏବେ ଡାକ୍ତର ଓ ଏସ୍ଡିଏମଙ୍କ ସହ ଉତ୍ତମ ସମ୍ପର୍କ ରଖିବା ଘଟଣା ନେଇ ଅଞ୍ଚଳବାସୀ ସବୁ ବୁଝି ସାରିଲେଣି। ଡାକ୍ତର ଓ ନର୍ସ ପଦବୀ ପୂରଣ ପାଇଁ ବାରମ୍ବାର ଅଭିଯୋଗ ହୋଇଆସୁଥିବା ବେଳେ ଡବଲ ଇଂଜିନ କୁହାଯାଉଥିବା ସାଂସଦ ଓ ବିଧାୟକ ହସ୍ପିଟାଲର ଅବ୍ୟବସ୍ଥାର ସୁଧାର କରିନପାରିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି।

# ସୌରଭ ଶାରଦୀୟ ଉତ୍ସବ ୨୦୨୫ ଅନୁଷ୍ଠିତ




**ବ୍ରହ୍ମପୁର,୧୪।୯ (ସଂଚାର ବ୍ୟୁରୋ):** ସ୍ଥାନୀୟ ଏକ ଘରୋଇ ହୋଟେଲ୍ ସମ୍ମିଳନୀ କକ୍ଷଠାରେ ସୌରଭ ଶାରଦୀୟ ଉତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କଣ୍ଠଶିଳ୍ପୀ ଓ କବି ଇଂ ଗଙ୍ଗାଧର ମହଙ୍କୁଡ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟ କ୍ରାମକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ କବି ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୌରଭ ଶାରଦୀୟ ଉତ୍ସବ ଅନୁଷ୍ଠିତ ହେଲେ ଦେବୀଙ୍କ ଆଗମନ ହୁଏ ବୋଲି କହିଥିଲେ । ଶିକ୍ଷାବିତ୍ ଓ କବି ସୁଶାନ୍ତ ଦାସ ମୁଖ୍ୟ ବକ୍ତା ଭାବ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଓ ସୌରଭ ଶାରଦୀୟ ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ । ବରିଷ୍ଠ କବି ଡ ଶ୍ୟାମା ପ୍ରସାଦ ମିଶ୍ର, କବି ଗୌର ଚନ୍ଦ୍ର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଡ଼ାକ୍ତର ରାଜେନ୍ଦ୍ର କୁମାର ବେହେରା ସମ୍ମାନିତ ବକ୍ତା ଭାବେ ମଞ୍ଚାସୀନ ଥିଲେ । ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ କବି ସୁଶାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଯୁବଗାଳ୍ପିକ ପାର୍ଥସାରଥୀ ରାଉତ, କବି ପ୍ରଣୟ ସୁଧା, କବି ବିଶ୍ୱ ମହାପାତ୍ର, କବି ସ୍ୱରୂପ ନାୟକ, ଗାଳ୍ପିକ ଯୋଗେଶ୍ୱର ପଣ୍ଡା, ଗାଳ୍ପିକ ତ୍ରିଲୋଚନ କାର୍ଯି ଓ ଗାଳ୍ପିକ ଯନ୍ମଜେୟ ପଣ୍ଡାଙ୍କୁ ସୌରଭ ଶାରଦୀୟ ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା। ଏଥିସହ ସୌରଭ ପାର୍ବଣ ସଂଖ୍ୟା ୨୦୨୫ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ପ୍ରଥମ ଅଧିବେଶନରେ ଏକ ମନୋଜ୍ଞ କବିତା ପାଠ ଅନୁଷ୍ଠିତ ହୋଇଥିଲା ।

# ନାଉଗାଁରେ ମନରେଗା ଯୋଜନାର ଜନଶୁଣାଣି ପାଲଟିଛି ପ୍ରହସନ

**ନାଉଗାଁ,୧୪।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ମନରେଗା)ରେ ହେଉଥିବା ଜନ ଶୁଣାଣି ପ୍ରହସନ ପାଲଟିଥିବା ଅଭିଯୋଗ ହୋଇଛି। ଉକ୍ତ ଯୋଜନାରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ପ୍ରକଳ୍ପରେ ଅନିୟମିତତା ହେଉଥିଲେ ମଧ ଶୁଣାଣି ଶିବିରରେ ଅଭିଯୋଗ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ ତଦନ୍ତ କରାଯାଉ ନଥିବା ଅଭିଯୋଗ ହୋଇଛି। ଉକ୍ତ ଶୁଣାଣି କେବଳ କାଗଜ କଲମରେ ସିମିତ ରହିଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ଉପରେ ଗୋଟିଏ ଆର୍ଥିକ ବର୍ଷରେ ଦୁଇ ଥର ଜନଶୁଣାଣି କରାଯିବାର ବ୍ୟବସ୍ଥା ରହିଛି। ଏହି ପରିପ୍ରେକ୍ଷୀରେ ଏହି ବ୍ଲକରେ ଦୁଇ ଥର ଜନ ଶୁଣାଣି କରାଯାଉଛି। ଏହି ଜନଶୁଣାଣିରେ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଏବଂ ବିଡିଓଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ପଞ୍ଚାୟତ ପ୍ରତିନିଧି ଓ ଜବକାର୍ଡଧାରୀମାନେ ଉପସ୍ଥିତ ରହିବାର ନିର୍ଦ୍ଦେଶ ରହିଛି। କିନ୍ତୁ ବିଗତ ଦିନରେ ହୋଇଥିବା ଶୁଣାଣି ଶିବିରରେ କେବଳ ପ୍ରଶାସନିକ ଅଧିକାରୀମାନେ ରହିଥିବା ବେଳେ ଜବକାର୍ଡଧାରୀମାନଙ୍କର ଦେଖା ମିଳେ ନାହିଁ। ସେହିପରି ଗତ ଶୁଣାଣି ୨୦୨୪ ସେପ୍ଟେମ୍ବର ୨୪ ଓ ୨୦୨୫ ଜାନୁୟାରୀ ୨୧ରେ ଏହି ବ୍ଲକରେ ଅନୁଷ୍ଠିତ ହୋଇଥିଲା। ଏହି ଶୁଣାଣିରେ ସମାଜସେବୀ ନିରଞ୍ଜନ ସାହୁ ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା(ମନରେଗା)ରେ ତିରୁଣା ପଞ୍ଚାୟତରେ ଉର ଗ୍ରାମ ପଞ୍ଚାୟତ ଟ୍ୟାଙ୍କ ନବୀକରଣ ଓ ଝିଲିପଡ଼ା ପୋଖରୀ ଖନନ ପ୍ରକଳ୍ପରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ କରିଥିଲେ। ଦୁଇଟି ଅଭିଯୋଗ ଶୁଣାଣୀ ଶିବରରେ ସମାନ ଅଭିଯୋଗ ହୋଇଥିଲେ ମଧ ପାଖାପାଖି ୮ ମାସରୁ ଉର୍ଦ୍ଧ୍ୱ ସମୟ ହେବ ଅଭିଯୋଗ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଏହାର ତଦନ୍ତ କରାଯାଇ ନଥିବା ସାହୁ ପ୍ରକାଶ କରିଛନ୍ତି। ତେଣୁ ଉକ୍ତ ଜନ ଶୁଣାଣି ନାମକୁ ମାତ୍ର ଚାଲିଥିବା ସେ କହିଛନ୍ତି।

ଅନ୍ୟପଟରେ ଆସନ୍ତା ୧୬ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୮ଟି ବ୍ଲକରେ ଜନ ଶୁଣାଣୀ କରାଯିବା ପାଇଁ ଜିଲ୍ଲା ପରିଷଦ କାର୍ଯ୍ୟାଳୟରୁ ସ୍ଥିର କରାଯାଇଛି।

# କୁଳଡ଼ିହା ଅଭୟାରଣ୍ୟରେ ଜୋରଦାର କମ୍ବିଂ ଅପରେସନ ଆରମ୍ଭ



**ନୀଳଗିରି,୧୪।୯ (ସଂଚାର ବ୍ୟୁରୋ):** ବଣ ପାହାଡ଼ ଘେରା ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ କୁଳଡିହା ଅଭୟାରଣ୍ୟରେ ଆରମ୍ଭ ହୋଇଛି ଜୋରଦାର କମ୍ବିଂ ଅପରେସନ। ଏହାର ନେତୃତ୍ୱ ନେଇଛନ୍ତି ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ସରକାରୀ ନିର୍ଦ୍ଦେଶନାମା ଅନୁସାରେ ସମସ୍ତ ବନ କର୍ମଚାରୀ ମାନେ ମାସକୁ ଘଞ୍ଚଜଙ୍ଗଲରେ ୧୦୦ କିଲୋମିଟର ଚାଲି ପେଟ୍ରୋଲିଂ କରିବେ। ସବୁଜବାହିନୀ, ଗାର୍ଡ ୧୦୦ କିଲୋମିଟର ଚାଲିବା ସହ, ଫରେଷ୍ଟର ୭୫ କିଲୋମିଟର, ରେଞ୍ଜର ୫୦ କିଲୋମିଟର, ଏସିଏଫ ୨୫ କିଲୋମିଟର, ନିଜେ ଡିଏଫଓ ୧୫ କିଲୋମିଟର ଜଙ୍ଗଲରେ ଚାଲି ଜୀବଜନ୍ତୁ ଗତିବିଧି ଉପରେ ଲକ୍ଷ କରିବା ସହ ଶିକାରୀଙ୍କୁ ରୋକଦେବେ। ରବିବାର କୂଳଡିହା ଅଭୟାରଣ୍ୟ ଚାରିପଟୁ ୪ଟି ଟିମ ବନ୍ଧୁକ ଧରି କମ୍ବିଂ ଅପରେସନ ଆରମ୍ଭ କରି କୂଳଡିହା ର ଅଗ୍ରଭାଗ ମଣ୍ଡଳେଶ୍ୱରୀ ଠାରେ ପହଞ୍ଚିଥିଲେ। ପରେ ସେଠାରେ ପୂଜାର୍ଚ୍ଚନା କରିବା ପରେ ପୁଣି ତଳକୁ ଓହ୍ଲାଇଥିଲେ ବନ କର୍ମଚାରୀ।ହଠାତ ଏହି ଅପରେସନ ଆରମ୍ଭ ହୋଇଥିବା ବେଳେ ଶିକାରୀ ମାନେ ଛତ୍ରଭଙ୍ଗ ଦେଇଥିବା ଜଣାପଡିଛି।ଏହି ପେଟ୍ରୋଲିଂ ରେ ଡିଏଫଓ ଶ୍ରୀ ମଲ୍ଲିକ, ଏସିଏଫ ଶୋଭନ ଦିଗନ୍ତ ଚାନ୍ଦ ଓ କୁଳଡିହା ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ ସୁବ୍ରତ କୁମାର ବେହେରା ପ୍ରମୁଖ ରହିଛନ୍ତି।

# ଜାତୀୟ ରାଜପଥ ଉପରେ ଓଲଟିଲା ଯାତ୍ରୀବାହୀ ବସ: କଣ୍ଡକ୍ଟର ଆହତ




**ନୟାଗଡ଼,୧୪।୯ (ସଂଚାର ବ୍ୟୁରୋ):** ଓଲଟିଲା ଯାତ୍ରୀବାହି ବସ କଣ୍ଡକ୍ଟର ସମେତ ପାଞ୍ଚ ଯାତ୍ରୀ ଆହାତ ହୋଇଥିବା ଜଣାପଡିଛି। ଆହାତ ମାନଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଏଭଳି ଦୁର୍ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ବାଣିଗୋଚ୍ଛା ଥାନା ଅନ୍ତର୍ଗତ ଜାମୁସାହି ନିକଟରେ। ସୂଚନାନୁସାରେ, ବାଲେନୋ ବସ ବିଳମ୍ବିତ ରାତିରେ ଭୁବନେଶ୍ୱର ରୁ ବଲାଙ୍ଗିର ଅଭିମୁଖେ 30ରୁ ଉର୍ଦ୍ଧ ଯାତ୍ରୀ ନେଇ ଯାତ୍ରା କରୁଥିଲା। ତେବେ ବାଣିଗୋଚ୍ଛା ଜାମୁସାହି ନିକଟରେ ଏକ ଟ୍ରକକୁ ଓଭରଟେକ କରିବାକୁ ଯାଇ ବାଲେନୋ ବସଟି ୫୭ନଂ ଜାତୀୟ ରାଜପଥ ଉପରେ ଲେଉଟି ପଡ଼ି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଖବର ପାଇ ବାଣିଗୋଚ୍ଛା ପୋଲିସ ଓ ଦଶପଲ୍ଲା ଅଗ୍ନିଶମ ବାହନି ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରି ଆହାତ ମାନଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ବସର କଣ୍ଡକ୍ଟର ହାତ ଭାଙ୍ଗି ଗୁରୁତର ହୋଇଥିବା ବେଳେ ପାଞ୍ଚ ଜଣ ଯାତ୍ରୀ ସାମାନ୍ୟ ଆହାତ ହୋଇଥିବା ଜଣାପଡିଛି। ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଥିବା ବେଳେ ବାଣିଗୋଚ୍ଛା ପୋଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

# ସିଆରସିସିଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ

**ବାରିପଦା,୧୪।୯ (ସଂଚାର ବ୍ୟୁରୋ):** ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୂରଭଞ୍ଜ ଆନୁକୂଲ୍ୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ପାଇଁ ପାଞ୍ଚ ଦିନିଆ ଦିଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧକ୍ଷ ପ୍ରମୋଦ କୁମାର ଡାକୁଆଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମୟୂରଭଞ୍ଜ ବିନୋଦ ସିଂ, ଜିଲ୍ଲା ଶୈକ୍ଷିକ ସଂଯୋଜିକା ଶୈଳବାଳା ବେହରା, ପ୍ରତିଷ୍ଠାନର ପୂର୍ବତନ ଅଧକ୍ଷ ଅନାଦି ଚରଣ ବିନ୍ଧାଣୀ ଙ୍କ ସମେତ ସମସ୍ତ ବଶିଷ୍ଟ ଶିକ୍ଷକ ପ୍ରଶିକ୍ଷକ/ପ୍ରଶିକ୍ଷିକା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରଶିକ୍ଷଣରେ ସି ଆର ସି ସି ଙ୍କ ଭୂମିକା ଓ କାର୍ଯ୍ୟ, ଜାତୀୟ ଶିକ୍ଷା ନୀତି -୨୦୨୦, ଶିକ୍ଷାର ଗୁଣାତ୍ମକ ଉନ୍ନତି, ପ୍ରାଥମିକ ସ୍ତରରେ ପାଠ୍ୟକ୍ରମ କାର୍ଯ୍ୟାନ୍ୱୟନ, ଶିକ୍ଷାରେ ନେତୃତ୍ୱର ଭୂମିକା, ଅନୁଭୂତି ଆଧାରିତ ଶିକ୍ଷଣ, ନିପୁଣ ଭାରତ ମିଶନ୍, କ୍ରିୟାତ୍ମକ ଗବେଷଣା, ଶ୍ରେଣୀକକ୍ଷ ପର୍ଯ୍ୟବେକ୍ଷଣ ସାଧନୀ, ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର, ଅନ୍ତର୍ନିବେଶୀ ଶିକ୍ଷା, ସାମାଜିକ ଆବେଗିକ ଓ ନୈତିକ ଶିକ୍ଷା, ମଡେଲ୍ ସ୍କୁଲ ଓ ସି ଆର ସି ସି କାର୍ଯ୍ୟାନ୍ୱୟନ କ୍ଷେତ୍ର ପରିଦର୍ଶନ କରି ବ୍ୟବହାରିକ ସମୀକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ପ୍ରଶିକ୍ଷଣରେ ମୟୁରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା , ବିଜାତଳା, ଜାମଦା, ବାଙ୍ଗିରିପୋଷି, ମୋରଡ଼ା, କୁଳିଅଣା, ବାରିପଦା ବ୍ଲକର ୪୬ ଜଣ ସି ଆର ସି ସି ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ସର୍ବ ଶେଷରେ ସମସଙ୍କୁ ଅଂଶଗ୍ରହଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ




**ବ୍ରହ୍ମପୁର,୧୪।୯ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ମେଡିକାଲ ବ୍ୟାଙ୍କ କଲୋନୀ ସ୍ଥିତ ମେଡ଼କ୍ୟୁର ହେଲଥ କେର ମଲ୍ଟି ସ୍ପେସିଆଲିଷ୍ଟ କ୍ଲିନିକ ପକ୍ଷରୁ ଏକ ମାଗଣା ହୃଦରୋଗ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ୮୫ ଜଣ ହୃଦରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।ଃ ସମାଜସେବୀ ତଥା କ୍ଲିନିକର ପ୍ରତିଷ୍ଠାତା ରାଜୀବ କୁମାର ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ହୋଇଥିବା ଏହି ଶିବିରରେ ଭୁବନେଶ୍ୱର ସନସାଇନ୍ ହସ୍ପିଟାଲର ହୃଦରୋଗ ବିଶେଷଜ୍ଞ ଡାକ୍ତର.ଗୁରୁଦତ୍ତ ମହାରଣା ଯୋଗ ଦେଇ ରୋଗୀ ମାନଙ୍କୁ ଚିକିତ୍ସା କରିଥିଲେ। ବର୍ତ୍ତମାନ ଖାଦ୍ୟପେୟର ଆଧୁନିକ ଜୀବନ ଶୈଳୀ ଦ୍ୱାରା ହୃଦରୋଗରେ ବହୁ ମୂଲ୍ୟବାନ ଜୀବନ ନଷ୍ଟ ହେଉଥିବା ଯୋଗୁଁ ଅଧିକରୁ ଅଧିକ ଆୱାରନେସ କାର୍ଯ୍ୟକ୍ରମ ଏବଂ ଗରିବ ନିରୀହ ରୋଗୀ ମାନଙ୍କୁ ସେବା ଯୋଗାଇବାରେ ପ୍ରୟାସ ଜାରି ରଖିବି ବୋଲି ସମାଜସେବୀ ରାଜୀବ କୁମାର ମିଶ୍ର ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସନସାଇନ୍ ହସ୍ପିଟାଲର କର୍ମଚାରୀ ମ୍ୟାନେଜର ଅଭିମନ୍ୟୁ ଜେନା, ଷ୍ଟାଫନର୍ସ, ଇସିଜି ଟେକନିସିଆନ, ପାଥୋଲୋଜି ଟେକନିସିଆନଙ୍କ ସହ କ୍ଲିନିକର ଅନ୍ୟ କର୍ମଚାରୀ ମାନେ ଭାଗ ନେଇ ମାଗଣା ଇସିଜି, ଏବଂ ରକ୍ତ ପରୀକ୍ଷା କରିଥିଲେ । ଏଥିରେ ବହୁ ବରିଷ୍ଠ ନାଗରିକ ଉପକୃତ ହୋଇଥିଲେ ।

# ପିତୃପକ୍ଷରେ ନାଭିଗୟାରେ ଶ୍ରଦ୍ଧାଳୁଙ୍କ ଭିଡ଼



**ଯାଜପୁର,୧୪।୯ (ସଂଚାର ବ୍ୟୁରୋ):** ବର୍ତ୍ତମାନ ପିତୃପକ୍ଷ୍ୟ ଚାଲୁଥିବାରୁ ନାଭିଗୟା ଠାରେ ପିଣ୍ଡଦାନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଛି। ଇନ୍ଦୁପୁର୍ଣ୍ଣିମାଠାରୁ ମହାଳୟା ପର୍ଯ୍ୟନ୍ତ ଚାଲିଥିବା କୃଷ୍ଣପକ୍ଷକୁ ପିତୃପକ୍ଷ୍ୟ ବୋଲି କୁହାଯାଏ। ଏହି ସମୟରେ ପିତୃପୁରୁଷଙ୍କ ପିଣ୍ଡଦାନ ଓ ଶ୍ରାଦ୍ଧ କରିବାକୁ ଶାସ୍ତ୍ରୀୟ ପରମ୍ପରା ରହିଛି। ମା ବିରଜାଙ୍କ ପୀଠ ଥିବାରୁ ନାଭିଗୟା ଦେଶର ପ୍ରସିଦ୍ଧ ତୀର୍ଥ କେନ୍ଦ୍ର ଭାବରେ ପରିଚିତ।ଜିଲ୍ଲା, ଜିଲ୍ଲା ବାହାରୁ ଓ ଅନ୍ୟାନ୍ୟ ରାଜ୍ୟରୁ ଆସିଥିବା ଭକ୍ତମାନେ ପିତୃପକ୍ଷ୍ୟରେ ନାଭିଗୟାରେ ପିଣ୍ଡଦାନ କରୁଛନ୍ତି। ସକାଳୁଠାରୁ ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଳୁଙ୍କ ଭକ୍ତିଭାବପୂର୍ଣ୍ଣ ମହୋଲ ଦେଖିବାକୁ ମିଳୁଛି। ମନ୍ଦିର ପୂଜକ କୁହନ୍ତି –"ପିତୃପକ୍ଷରେ ନାଭିଗୟାରେ ପିଣ୍ଡଦାନ କଲେ ପିତୃପୁରୁଷଙ୍କ ଆତ୍ମା ସନ୍ତୁଷ୍ଟ ହୋଇ ପରିବାରର ମଙ୍ଗଳ ହୁଏ।" ପିତୃପକ୍ଷର ପବିତ୍ର ସମୟରେ ବିରଜା କ୍ଷେତ୍ରର ନାଭିଗୟା, ଭକ୍ତି ଓ ସ୍ମୃତିର ସଙ୍ଗମ ସ୍ଥଳୀରେ ପରିଣତ ହୋଇଛି। ପୁରାଣୀୟ ପ୍ରସଙ୍ଗ - ବ୍ରହ୍ମପୁରାଣ ଓ ସ୍କନ୍ଦପୁରାଣ ଅନୁସାରେ, ନାଭିଗୟା ହେଉଛି ବିରଜାକ୍ଷେତ୍ରର ହୃଦୟସ୍ଥଳ। କହାଯାଏ, ବିଷ୍ଣୁଙ୍କ ନାଭି ପୃଥିବୀରେ ଯେଉଁ ସ୍ଥାନରେ ପଡ଼ିଥିଲା, ସେହିଠାରୁ ଏହାର ନାମ ନାଭିଗୟା।

# ନାଉଗାଁରେ ବିଜେପିର 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ

**ନାଉଗାଁ,୧୪।୯ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ ତମ ଜନ୍ମଦିନ ପାଳନ ଅବସରରେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ବିଜେପି କୃଷକ ମୋର୍ଚ୍ଚା ଆନୁକୂଲ୍ୟରେ ନୂଆଗାଁ ପଞ୍ଚାୟତସ୍ଥିତ ଖଇରାବସ୍ତତ ଠାରେ ଥିବା ଏକ ଫାର୍ମରେ ବିଜେପି ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ରଙ୍କ ନେତୃତ୍ୱରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରକାର ଔଷଧୀୟ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଜୟଲକ୍ଷ୍ମୀ ମହାନ୍ତି, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତପନ ବେହେରା, ଗୀତାଞ୍ଜଳି ଦାସ, ସ୍ମିତା ଦାସ, ଜିଲ୍ଲା କୃଷକ ମୋର୍ଚ୍ଚା ସଂଯୋଜକ ବିଭୁତି ଭୂଷଣ ଆଚାର୍ଯ୍ୟ, ସୁବୋଧ ରାୟ, ଦେବାଶିଷ ମହାନ୍ତି, କଳ୍ପନା ସର୍ଜନସିଂ, ଶିଶିର ସିଂ, ନିର୍ଲିପ୍ତ ଜେନା, ଜଗନ୍ନାଥ ଦାସ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ।



# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ସାଲେପୁର,୧୪।୯ (ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତ୍ରିରେ ଦୁର୍ଘଟଣାଗ୍ରସ୍ତ ହୋଇ ଜନୈକ ଯୁବକ ମୃତ୍ୟୁ ଘଟିଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଶାରଦା ଗ୍ରାମର ବିଦ୍ୟାଧର ସାମଲଙ୍କ ଏକମାତ୍ର ପୁତ୍ର ଦେବୀଦତ୍ତ ସାମଲ (୨୩) ଗତକାଲି ବିଳମ୍ବିତ ରାତ୍ରିରେ ମୋଟର ସାଇକେଲ୍ ଯୋଗେ ଶିଶୁଆ କେନାଲ ବନ୍ଧ ରାସ୍ତାରେ ଯାଉଥିବାବେଳେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ କେନାଲ ପାଣିକୁ ଖସିପଡ଼ିଥିଲେ।

କିଛି ସମୟ ପରେ ଉକ୍ତ ରାସ୍ତା ଦେଇ ଯାଉଥିବା ବ୍ୟକ୍ତିମାନେ ଏହି ଦୃଶ୍ୟ ଦେଖି ସଂଗେ ସଂଗେ ସାଲେପୁର ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକକୁ ଉଦ୍ଧାର କରି ୧୦୮ ଯୋଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବାବେଳେ ସେଠାରେ ତାର ଅବସ୍ଥା ଗୁରୁତର ହେବାରୁ ତାକୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ। ଆଜି ଭୋର ୪ଟା ସମୟରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ସେ କଟକ ମେଡ଼ିକାଲରେ ଚାକିରୀ କରିଥିବାବେଳେ ତାଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୧୩୪୬ ମାମଲାର ସମାଧାନ



**ବ୍ରହ୍ମପୁର,୧୪।୯ (ସଂଚାର ବ୍ୟୁରୋ):** ଜାତୀୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶରେ ବ୍ରହ୍ମପୁର ସ୍ଥିତ ଗଞ୍ଜାମ ଜିଲ୍ଲା କୋର୍ଟ ସମେତ ଜିଲ୍ଲାର ସମସ୍ତ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାଜର୍ଜ ଡ. ଭାଗ୍ୟଲକ୍ଷ୍ମୀ ରଥଙ୍କ ତତ୍ତ୍ୱାବଧାନରେ ୧୧ଟି ବେଞ୍ଚରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ମୋଟ ୧୧ହଜାର ୩୪୬ ମାମଲାର ସମାଧାନ କରାଇ ୧୨କୋଟି ୮୫ ଲକ୍ଷ ୭୧ହଜାର ୯୭୯ ଟଙ୍କା ପ୍ରଦାନ ପାଇଁ ବିଭିନ୍ନ ବୀମା କମ୍ପାନୀ ଓ ବ୍ୟକ୍ତି ବିଶେଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ୭୫ଟି ମୋଟର ଯାନ ଦୁର୍ଘଟଣା ମାମଲାର ଶୁଣାଣି କରି ୫କୋଟି ୯୮ଲକ୍ଷ ୭୫ହଜାର ଟଙ୍କା ପ୍ରଦାନ ପାଇଁ ବିଭିନ୍ନ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ୬୭ଟି ଚେକ୍ ବାଉନ୍ସ ମାମଲାର ଶୁଣାଣି କରି ୧କୋଟି ୫୧ଲକ୍ଷ ୭୧ହଜାର ୮୫୬ଟଙ୍କା ପୁନରୁଦ୍ଧାର ସହ ୮୫ଟି ବିବାହ ବିଚ୍ଛେଦ ମାମଲାର ଆପୋଷ ସମାଧାନ କରାଯାଇଥିଲା। ୨୨୦ଟି ବ୍ୟାଙ୍କ ମାମଲାର ସମାଧାନ କରାଯାଇ ୨କୋଟି ୩୩ଲକ୍ଷ ୧୧ହଜାର ଟଙ୍କା ଆଦାୟ କରାଯାଇଥିବାବେଳେ ୧୦୧ଟି ଅନ୍ୟାନ୍ୟ ମାମଲାର ସମାଧାନ କରାଯାଇ ୨କୋଟି ୧୪ ଲକ୍ଷ ୪୦ ହଜାର ୧୫୧ଟଙ୍କା ଆଦାୟ କରାଯାଇଥିଲା । ୯୫୮୬ ରାଜସ୍ୱ ମାମଲାର ସମାଧାନ କରାଯାଇ ୭୨ ହଜାର ୭୨୬ ଟଙ୍କା ଆଦାୟ କରାଯାଇଥିବା ବେଳେ ୫୦ଟି ଅପରାଧିକ ମାମଲା ସମାଧାନ କରାଯାଇଥିଲା। ଟିପିଏସ୍ଓଡିଏଲ୍ର ୨୩୨ଟି ମାମଲାର ସମାଧାନ ହୋଇ ୩୦ ଲକ୍ଷ ୪୨ ହଜାର ୪୦୨ ଟଙ୍କା ଆଦାୟ କରାଯାଇଥିବା ବେଳେ ୧୭ଟି ପବ୍ଲିକ ୟୁଟିଲିଟି କେସର ସମାଧାନ କରାଯାଇ ୫୬ ଲକ୍ଷ ୫୮ ହଜାର ୮୩୦ ଟଙ୍କା ଆଦାୟ ହୋଇଥିଲା। ସେହିପରି ଏଡି ଲୋକ ଅଦାଲତରେ ୯୨୮ ଟି ଅନ୍ୟାନ୍ୟ ଫୌଜଦାରୀ ମାମଲାର ସମାଧାନ ହୋଇଥିଲା । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବ୍ୟମକେଶ ନାୟକ ପରିଚାଳନା କରିଥିଲେ। ଏଥରେ ଏମଏସିଟି ଜଜ୍ ବିଶ୍ୱଜିତ ଦାଶ, ଏଡିଜେ-୧ ନରେଶ ମହାନ୍ତି, ଏଡିଜେ-୨ ଆୟୁଷମାନ ମହାନ୍ତ, ଏଡିଜେ-୩ ବିବର୍ଦ୍ଧିତ ଗୌତମ ସମେତ ଅନ୍ୟାନ୍ୟ ଅଦାଲତର ଜର୍ଜ ଯୋଗଦେଇ ବିଭିନ୍ନ ମାମଲାର ଶୁଣାଣି କରିଥିଲେ। ସିଭିଲ କୋର୍ଟ ରେଜିଷ୍ଟ୍ରାର ସୌଦାମିନୀ ସିଂ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ବ୍ରହ୍ମପୁର ସ୍ଥିତ କୋର୍ଟର ଅନ୍ୟାନ୍ୟ ବିଚାରପତି, ଆଇନଜୀବୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।






# ଆକ୍ସନ୍-ଥ୍ରୀଲର ଫିଲ୍ମ କିଙ୍ଗ୍ ସୁଟିଂରେ ଲାଗିବ ବ୍ରେକ୍



ଦୁଇ ଦୁଇଟି ସୁପରହିଟ୍ ଫିଲ୍ମ ପରେ ଏବେ ଶାହରୁଖ ଅନେକ ଦିନ ଧରି ସୁଟିଂରେ ବ୍ୟସ୍ତ ଅଛନ୍ତି । ଗୋଟିଏ ପଟେ, ସେ ତାଙ୍କ ପୁଅ ଆର୍ଯ୍ୟନ୍ ଖାନଙ୍କ ସିରିଜର ଦାୟିତ୍ୱ ନେଇଥିବା ବେଳେ ଅନ୍ୟପଟେ ସେ ତାଙ୍କ ଝିଅ ସୁହାନାଙ୍କ ପ୍ରଥମ ଫିଲ୍ମର ଦାୟିତ୍ୱ ନେଇଛନ୍ତି। ଆଉ ଏହାରି ମଧ୍ୟରେ ସୁପରଷ୍ଟାର ବର୍ତ୍ତମାନ ସିଦ୍ଧାର୍ଥ ଆନନ୍ଦଙ୍କ ସହିତ ତାଙ୍କର ଆଗାମୀ ଆକ୍ସନ୍-ଥ୍ରୀଲର ଫିଲ୍ମ 'କିଙ୍ଗ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ସମୟରେ ଜଣାପଡ଼ିଛି ଯେ ଶାହରୁଖ 'କିଙ୍ଗ୍'ର ସୁଟିଂରୁ ବିରତି ନେବାକୁ ଯାଉଛନ୍ତି। କିଙ୍ଗ ଖାନ ୬୦୦୦ କିଲୋମିଟର ଦୂରରୁ ଭାରତ ଫେରିବାକୁ ଯାଉଛନ୍ତି। ପ୍ରକୃତରେ, ଶାହରୁଖ ଟିମ୍ ସହିତ ପୋଲାଣ୍ଡରେ 'କିଙ୍ଗ୍'ର ସୁଟିଂ କରୁଛନ୍ତି। ସୁଟିଂ ସମୟର ତାଙ୍କର ଫଟୋ ଏବଂ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ସେଟ୍‌ରୁ ସୁହାନାଙ୍କ ଲୁକ୍ ମଧ୍ୟ ଲିକ୍ ହୋଇଛି। କିନ୍ତୁ ଏବେ ଶାହରୁଖଙ୍କୁ ପୋଲାଣ୍ଡରୁ ଭାରତ ଫେରିବାକୁ ପଡିବ। ଫେରିବାର କାରଣ ବହୁତ ଖାସ୍। , ନିକଟରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଥିଲା, ଯେଉଁଥିରେ ଆଟଲିଙ୍କ ଫିଲ୍ମ 'ଜଓ୍ୱାନ୍' ପାଇଁ ଶାହରୁଖ ଖାନଙ୍କ ନାମ ସର୍ବୋତ୍ତମ ଅଭିନେତା ପାଇଁ ଘୋଷଣା କରାଯାଇଛି। ୨୦୨୩ ମସିହାର ସବୁଠାରୁ ବଡ଼ ବ୍ଲକବଷ୍ଟର ଫିଲ୍ମ 'ଜଓ୍ୱାନ୍'ରେ ଶାହରୁଖ ଡବଲ୍ ରୋଲ୍ କରିଥିଲେ ଏବଂ ଏହା ୧୦୦୦ କୋଟି ଟଙ୍କା ଅତିକ୍ରମ କରିଥିଲା। ଶାହରୁଖଙ୍କ ବ୍ୟତୀତ ବିକ୍ରାନ୍ତ ମାସିଙ୍କୁ ମଧ୍ୟ ଶ୍ରେଷ୍ଠ ଅଭିନେତା ପାଇଁ ଜାତୀୟ ପୁରସ୍କାର ପାଇଁ ଚୟନ କରାଯାଇଥିଲା। ବିକ୍ରାନ୍ତ ବିଦ୍ଧୁ ବିନୋଦ ଚୋପ୍ରାଙ୍କ ନିର୍ଦ୍ଦେଶିତ "ଟୁଏଲ୍ଥ ଫେଲ୍" ଚଳଚ୍ଚିତ୍ର ପାଇଁ ଏହି ପୁରସ୍କାର ଜିତିଛନ୍ତି। ସେହି ସମୟରେ, ଶାହରୁଖଙ୍କ ୩ ଦଶକର କ୍ୟାରିଅରରେ ଏହା ପ୍ରଥମ ଥର ଯେ ସେ ଜାତୀୟ ପୁରସ୍କାର ପାଇବେ।

## ନିରାଶ ହେଲେ ହିନ୍ଦୀ ଦର୍ଶକ



# ଓଟିଟିରେ ରିଲିଜ ହେଲା 'କୁଲି'

ସାଉଥ ସିନେମାର ସୁପରଷ୍ଟାର ରଜନୀକାନ୍ତଙ୍କ ବହୁ ଚର୍ଚ୍ଚିତ ଫିଲ୍ମ 'କୁଲି' ଏବେ ସିନେମା ହଲ୍ ପରେ ଓଟିଟିରେ ରିଲିଜ୍ ହୋଇଛି। ଏହି ଫିଲ୍ମଟି ବକ୍ସ ଅଫିସରେ ହ୍ରିତିକ୍ ରୋଶନଙ୍କ 'ୱାର୍ ୨' ସହିତ ମଧ୍ୟ ଟକ୍କର ଦେଇଥିଲା। ନାଗାର୍ଜୁନ, ଶ୍ରୁତି ହାସନ, ଆମିର ଖାନ, ସୌବିନ ଶାହିର, ସତ୍ୟରାଜ, ଉପେନ୍ଦ୍ର ଏବଂ ରଚିତା ରାମ ଅଭିନୀତ ଏହି ଫିଲ୍ମ ୨୦୨୫ର ସବୁଠାରୁ ବଡ଼ ବ୍ଲକବଷ୍ଟର ପ୍ରମାଣିତ ହୋଇଥିଲା। ଏପରି ପରିସ୍ଥିତିରେ, ଯେଉଁମାନେ ଏହାକୁ ବଡ଼ ପରଦାରେ ଦେଖିପାରି ନଥିଲେ। ସେମାନେ ଏହାର ଓଟିଟି ରିଲିଜ୍ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଥିଲେ, କିନ୍ତୁ ଲୋକେଶ କନାଗାରାଜଙ୍କ ନିର୍ଦ୍ଦେଶିତ ଏହି ସବୁଠାରୁ ପ୍ରତୀକ୍ଷିତ ଫିଲ୍ମ ହିନ୍ଦୀ ଦର୍ଶକଙ୍କୁ ନିରାଶ କରିଛି। ଦର୍ଶକ ହିନ୍ଦୀରେ ପାୱାର-ପ୍ୟାକ୍ଡ୍ ଆକ୍ସନ୍ ଥ୍ରୀଲର୍ ଫିଲ୍ମ 'କୁଲି' ଦେଖିପାରିବେ ନାହିଁ। ହଁ, ଏହାକୁ ହିନ୍ଦୀ ଭାଷାରେ ଦେଖିବା ପାଇଁ ଆପଣଙ୍କୁ ଅପେକ୍ଷା କରିବାକୁ ପଡିବ। ସାରା ବିଶ୍ୱରେ ୫୧୪ କୋଟି ଟଙ୍କା ରୋଜଗାର କରିଥିବା ଏହି ଫିଲ୍ମଟି ସେପ୍ଟେମ୍ବର ୧୧, ୨୦୨୫ରେ ଓଟିଟିରେ ରିଲିଜ୍ ହେବା ମାତ୍ରେ ହିଟ୍ ହୋଇଗଲା। ଆପଣ ପ୍ରାଇମ୍ ଭିଡିଓରେ ମାଲାୟଲମ, କନ୍ନଡ, ତେଲୁଗୁ ଏବଂ ତାମିଲ ଭାଷାରେ ରିଲିଜ୍ ହୋଇଥିବା 'କୁଲି' ଦେଖିପାରିବେ। ଫିଲ୍ମର ହିନ୍ଦୀ ସଂସ୍କରଣ ଓଟିଟିରେ ରିଲିଜ୍ ହେବା ପାଇଁ ସମୟ ଲାଗିପାରେ। ରିପୋର୍ଟ ଅନୁଯାୟୀ, ଏହି ମଲ୍ଟି-ଷ୍ଟାରର ଫିଲ୍ମଟି ଭାରତୀୟ ବକ୍ସ ଅଫିସରେ ୨୮୪.୪୭ କୋଟି ଟଙ୍କା ସଂଗ୍ରହ କରିଥିଲା। ସେହି ସମୟରେ, ଏହା ସାରା ବିଶ୍ୱରେ ୫୧୪.୬୫ କୋଟି ଟଙ୍କା ରୋଜଗାର କରିଥିଲା। ୩୫୦ କୋଟି ବଜେଟରେ ନିର୍ମିତ ଏହି ଫିଲ୍ମଟି ଦର୍ଶକ ଏବଂ ସମାଲୋଚକଙ୍କ ମିଶ୍ରିତ ପ୍ରତିକ୍ରିୟା ପାଇଥିଲା।





# ପୌରାଣିକ କାହାଣୀ-ସୁପର୍‌ହିରୋ ଆକ୍ସନ୍‌ର ସଙ୍ଗମ

ପୁରାଣ, ଇତିହାସ ଓ କଳ୍ପନା ମିଶ୍ରିତ କାହାଣୀ ଏବଂ ଜାପାନୀ ଆନିମେସନ୍ ଶୈଳୀର ଅନୁକରଣରୁ ପ୍ରସ୍ତୁତ ହୋଇଛି ତେଲୁଗୁ ଚଳଚ୍ଚିତ୍ର 'ମିରାଇ'। ଗତ ବର୍ଷର 'ହନୁ-ମାନ' ସିନେମାରେ ନାୟକ ତେଜା ସଜ୍ଜାଙ୍କ ଲୋକପ୍ରିୟତା ଯୋଗୁଁ ଏହି ସିନେମାଟି ବିଶେଷ ଉତ୍କଣ୍ଠା ବହନ କରୁଛି। ଏଥିରେ ମଧ୍ୟ ସେ ଜଣେ ମହାମାନବ ଚରିତ୍ରରେ ଅଭିନୟ କରିଛନ୍ତି। ପ୍ରଚୁର ଆକ୍ସନ୍ ଓ ଭିଏଫ୍ଏକ୍ସ ଉପଯୋଗରେ ପ୍ରସ୍ତୁତ ପ୍ରାୟ ତିନି ଘଣ୍ଟାର ଏହି ସିନେମାର କାହାଣୀ ଅଭିନବ ହୋଇଥିଲେ ହେଁ ଗତିଶୀଳତାର ଅଭାବ ଓ ମୁଖ୍ୟ ଚରିତ୍ରମାନଙ୍କ ଅତିରଞ୍ଜିତ ଉପସ୍ଥାପନା ଏହାକୁ ଅସାଧାରଣ ସ୍ତରକୁ ଉନ୍ନୀତ କରିବାରେ ସଫଳ ହୋଇନାହିଁ। ତେବେ ଏହି ସିନେମାର ଆକର୍ଷଣୀୟ ଦୃଶ୍ୟଗ୍ରହଣ, ଜଟିଳ ଆକ୍ସନ ସିକ୍ୱେନ୍ସ ଓ ସୁସଂଗତ ସଂଗୀତକୁ କେବଳ ପ୍ରେକ୍ଷାଳୟରେ ଉପଭୋଗ କରିହେବ। ଏହି ସିନେମାଟି ଆରମ୍ଭ ହୁଏ ସମ୍ରାଟ ଅଶୋକ କଳିଙ୍ଗ ଯୁଦ୍ଧ ଜିଣିବା ପରେ ସେ କିପରି ବୌଦ୍ଧ ଧର୍ମ ଗ୍ରହଣ କରୁଛନ୍ତି ଏବଂ ତାଙ୍କ ବିନାଶକାରୀ ଶକ୍ତିକୁ ନଅଟି ଗ୍ରନ୍ଥ ମଧ୍ୟରେ ବାଣ୍ଟିଦେଇ ସେଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଯୋଦ୍ଧା ଓ ଜଣେ ଋଷିଙ୍କୁ ପ୍ରଦାନ କରୁଛନ୍ତି। ଏହା ପରେ ୨୦୦୦ ମସିହାରେ ନବମ ଗ୍ରନ୍ଥ ଥିବା ଆଶ୍ରମରେ ଅମ୍ବିକା (ଶ୍ରୀୟା ସରନ) ଚରିତ୍ର ଏକ ସ୍ୱପ୍ନ ଦେଖନ୍ତି ଯେ ମହାବୀର ଲାମା (ମଞ୍ଜୁ ମନୋଜ) ନାମକ ଦାନବ ସମସ୍ତ ନଅଟି ଗ୍ରନ୍ଥକୁ ସଂଗ୍ରହ କରି ଅସୀମ ଶକ୍ତିର ଅଧିକାରୀ ହେବାର ଲକ୍ଷ୍ୟରେ ବାହାରିଛି। ଅମ୍ବିକାଙ୍କୁ ନିଜ ପୁତ୍ର ସନ୍ତାନ 'ବେଦ' (ତେଜା ସଜ୍ଜା)କୁ ପରିତ୍ୟାଗ କରିବାକୁ ପଡୁଛି କାରଣ ସେ ଆଗକୁ ଯାଇ ମହାବୀର ସହ ଲଢ଼େଇ କରିବ। ଏହାର ୨୪ ବର୍ଷ ପରେ ଯୁବକ 'ବେଦ' ଜଣେ ଅନାଥ ଭାବେ ବଡ଼ ହୋଇଯାଇଛି, ତାକୁ ତା' ଭାଗ୍ୟ ବିଷୟରେ ମନେ ପକାଇଦେବା ପାଇଁ ଉକ୍ତ ଆଶ୍ରମର ଶିଷ୍ୟା ବିଭା (ଋତିକା ନାୟକ) ତାକୁ ଖୋଜି ବାହାର କରୁଛି। ବେଦ ଯେ ଅସାଧାରଣ ଶକ୍ତିର ଅଧିକାରୀ ତାହା ବୁଝାଇବା ଭିତରେ ସିନେମାର ପ୍ରଥମାର୍ଦ୍ଧ ସମାପ୍ତ ହୋଇଯାଉଛି। ଏହା ଭିତରେ କେତେକ ହାସ୍ୟରସାତ୍ମକ ଦୃଶ୍ୟ ଅବତାରଣା କରାଯାଇଛି, ଯେଉଁଗୁଡ଼ିକ ପ୍ରଭାବହୀନ ଓ ଅନାବଶ୍ୟକ ମନେ ହେଲା। ତେବେ ଖଳନାୟକ ଚରିତ୍ରର ପ୍ରେକ୍ଷାପଟ କାହାଣୀର ବ୍ୟାଖ୍ୟା ସହିତ ସିନେମାର ଦ୍ୱିତୀୟାର୍ଦ୍ଧଟି ଗତିଶୀଳ ଓ ଘଟଣାବହୁଳ ହୋଇଛି। ନାୟକ ବେଦ ହିମାଳୟ ଗର୍ଭରୁ 'ମିରାଇ' ନାମକ ଅଲୌକିକ ବାଡ଼ିଟି ପାଇବା ପରେ ଅପାର ଶକ୍ତିଶାଳୀ ଖଳନାୟକ ସହ ନିର୍ଣ୍ଣାୟକ ଯୁଦ୍ଧରେ ଅବତୀର୍ଣ୍ଣ ହେଉଛି। ଏଥିରେ କୌଣସି ସନ୍ଦେହ ନାହିଁ ଯେ କାର୍ତ୍ତିକ ଗଟ୍ଟମନେନୀଙ୍କ ସିନେମାଟୋଗ୍ରାଫର ଭୂମିକା ତାଙ୍କ ନିର୍ଦ୍ଦେଶନା ଓ କାହାଣୀ ରଚନା ଠାରୁ ବହୁଗୁଣ ଉଲ୍ଲେଖନୀୟ। ଭାରତର ବିଭିନ୍ନ ସହର ତଥା ଅନ୍ୟ ଦେଶମାନଙ୍କରେ ଉତ୍ତୋଳିତ ଦୃଶ୍ୟଗୁଡ଼ିକ ଏହି ସିନେମାର ସବୁଠାରୁ ଆକର୍ଷଣୀୟ ଦିଗ। କିନ୍ତୁ କେତେକ ଭିଏଫ୍ଏକ୍ସ ଦୃଶ୍ୟ ନିଶ୍ଚିତ ଭାବେ ଅପରିପକ୍ୱ ସ୍ତରର। ସେହିପରି ଗୌର ହରିଙ୍କ ପୃଷ୍ଠଭୂମି ସଂଗୀତର ଆତିଶଯ୍ୟ କେତେକ ସ୍ଥାନରେ ବିରକ୍ତିକର ଲାଗେ। ଏକ ଶକ୍ତିଶାଳୀ ନାୟକ ଚରିତ୍ରରେ ଅଭିନୟ ଲାଗି ତେଜାଙ୍କ ଚୟନ ମଧ୍ୟ କିଛି ଦୃଶ୍ୟରେ ବେଖାପ ଲାଗିଲା। ଖଳନାୟକ ଭାବେ ମଞ୍ଜୁ ମନୋଜଙ୍କ ଅଭିନୟ ଅଧିକ ବିଶ୍ୱସନୀୟ କିନ୍ତୁ ସ୍ମରଣୀୟ ସ୍ତରର ନୁହେଁ। ତେବେ ଖୁସିର କଥା ଯେ ଓଡ଼ିଆ ପରିବାରରେ ଜନ୍ମିତ ରିତିକା ନାୟକ ଏହି ସିନେମାର ମୁଖ୍ୟ ନାୟିକା ଭୂମିକାରେ ଅଭିନୟର ସୁଯୋଗ ପାଇଛନ୍ତି।




# ମିରାଈ

# ଫିଲ୍ମ ନାହିଁ ତଥାପି ଦୁଃଖ ନାହିଁ କହିଲେ ସମନ୍ଥା ରୁଥ୍

ସାଉଥ୍ ସୁପର୍‌ଷ୍ଟାର ସମନ୍ଥା ରୁଥ୍ ପ୍ରଭୁ ଅଟୋଇମ୍ୟୁନ ରୋଗ ମାୟୋସାଇଟିସ୍‌ରେ ପୀଡ଼ିତ। ଧୀରେ ଧୀରେ ସେ ସୁସ୍ଥ ହେଉଛନ୍ତି। ବ୍ୟାୟାମ ଓ ଖାଦ୍ୟପେୟ ଉପରେ ଧ୍ୟାନ ଦେଉଛନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ସେ ଦିଲ୍ଲୀ ଆସିଥିଲେ। ଏ ଅବସରରେ କ୍ୟାରିୟର୍ ଓ ଜୀବନ ପ୍ରତି ନିଜର ପରିବର୍ତ୍ତିତ ଦୃଷ୍ଟିକୋଣ ବିଷୟରେ ସେ ଆଲୋଚନା କଲେ। କହିଲେ, ଫିଲ୍ମ ଇଣ୍ଡଷ୍ଟ୍ରି ସହ ଜଡ଼ିତ ଥିଲେ ହେଁ, କୌଣସି ମୂଷା ଦୌଡ଼ରେ ସେ ସାମିଲ ନାହାନ୍ତି। ଭଲ ଫିଲ୍ମ ଯେତେ କଲେକ୍ସନ୍ କଲେ ମଧ୍ୟ ସେଥିରେ ତାଙ୍କୁ କୌଣସି ଫରକ ପଡୁନାହିଁ। କୌଣସି ପ୍ରକାର ଚାପ ମଧ୍ୟ ସେ ଅନୁଭବ କରୁନାହାନ୍ତି। ଆଗର ସମନ୍ଥା ବର୍ଷରେ ତାଙ୍କର ୫ ଫିଲ୍ମ ରିଲିଜ୍ ହେଉ ବୋଲି ଚାହିଁଥାନ୍ତେ। କାରଣ ଏହା ଜଣେ ସଫଳ କଳାକାରର କାମ କରିବାର ଢଙ୍ଗ। କିନ୍ତୁ ଏବେ ତାଙ୍କ ପାଇଁ ଏ ସବୁର ମାନେ କିଛି ନାହିଁ। ଗତ ୨ ବର୍ଷରେ ତାଙ୍କର ଗୋଟିଏ ବି ଫିଲ୍ମ ରିଲିଜ୍ ହୋଇନାହିଁ। ଟପ୍-୧୦ କଳାକାରଙ୍କ ତାଲିକାରେ ରହିବାକୁ ସେ ଆଦୌ ଇଚ୍ଛୁକ ନୁହନ୍ତି। ତାଙ୍କ ପାଖରେ ୧୦୦୦ କୋଟି ବ୍ୟବସାୟ କରିବା ଭଳି ଫିଲ୍ମ ବି ନାହିଁ। ଏ ସବୁ ସତ୍ତ୍ୱେ ସେ ଖୁସି ଅଛନ୍ତି। ଏହା ପୂର୍ବରୁ ଏତେ ଖୁସି ସେ କେବେ ବି ଅନୁଭବ କରିନଥିଲେ ବୋଲି କହିଛନ୍ତି। ଏବେ ପୁରୁଣା ସମନ୍ଥା କଥା ଭାବିଲେ ତାଙ୍କୁ ଭୟ ଲାଗେ। ସେ ଖୁବ୍ ସମ୍ବେଦନଶୀଳ ଥିଲେ। ଏବେ କିନ୍ତୁ ତାଙ୍କ ଜୀବନରେ ବଡ଼ ପରିବର୍ତ୍ତନ ହୋଇଥିବା ସମନ୍ଥା କହିଛନ୍ତି।



# ବିଧି ପ୍ରତି ସମ୍ମାନ ସମ୍ବିଧାନର ସୁରକ୍ଷା କବଚ : ନ୍ୟାୟମୂର୍ତ୍ତି ଦୀକ୍ଷିତ




**ଭୁବନେଶ୍ୱର,୧୪।୯ (ସଂଚାର ବ୍ୟୁରୋ):** ଶାସନ ବ୍ୟବସ୍ଥାରେ ବିଧି ପ୍ରତି ସମ୍ମାନ ସମ୍ବିଧାନର ସୁରକ୍ଷା ଦିଗରେ ସବୁଠାରୁ ବଡ଼ ଉପାଦାନ ବୋଲି ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତୀ କ୍ରିଷ୍ଣା ଶ୍ରୀପଦ ଦୀକ୍ଷିତ କହିଛନ୍ତି।

"ଯଦି ଆମର ଆଇନ୍ ପ୍ରତି ସମ୍ମାନ ନ ରହେ ତେବେ ସମ୍ବିଧାନ ପ୍ରତି ବିପଦ ଉପୁଜିବ"ବୋଲି ନ୍ୟାୟମୂର୍ତ୍ତୀ ଦୀକ୍ଷିତ ଶନିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଠାରେ ମତ ରଖିଛନ୍ତି।

ଏ ପର୍ଯ୍ୟନ୍ତ ସମ୍ବିଧାନରେ ୧୦୦ରୁ ଅଧିକ ସଂଶୋଧନ କରାଯାଇଥିଲେ ମଧ୍ୟ ଏହା ସୁରକ୍ଷିତ ରହିଛି ବୋଲି ପ୍ରକାଶ କରି ସେ କହିଥିଲେ ଯେ ନ୍ୟାୟପାଳିକା, ନିର୍ବାଚନ କମିସନ୍, ସଂସଦ, ରାଜ୍ୟ ବିଧାନ ସଭା ଓ ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ ଭଳି ସମ୍ବିଧାନ ଦ୍ୱାରା ସ୍ଥାପିତ ଅନୁଷ୍ଠାନ ଗୁଡ଼ିକର ସୁରକ୍ଷା ଆବଶ୍ୟକ। ନ୍ୟାୟମୂର୍ତ୍ତୀ ଦୀକ୍ଷିତ ବିଶ୍ୱବିଦ୍ୟାଳୟରେ ସୋଆ ବକ୍ତୃତାମାଳା ପ୍ରାୟୋଜିତ 'ମେକିଂ ଅଫ୍ ଆୱାର କନ୍‌ଷ୍ଟିଟ୍ୟୁସନ୍' ଶୀର୍ଷକ ବକ୍ତୃତା ପ୍ରଦାନ ଅବସରରେ ଏହା କହିଥିଲେ।

ସେ କହିଥିଲେ ଯେ ଅନେକ ଧର୍ମ ଭାରତକୁ ଆସିବା ଫଳରେ ଏହା ଦେଶକୁ ମହାନ କରିଛି। ଇସ୍‌ଲାମ ଧର୍ମ ସାଉଦି ଆରବରେ ପହଞ୍ଚିବା ପୂର୍ବରୁ ଭାରତରେ ପହଞ୍ଚିଥିଲା। ସେହିପରି ୟୁରୋପରେ ପାଦ ଦେବା ପୂର୍ବରୁ ଖ୍ରୀଷ୍ଟ ଧର୍ମ ଭାରତରେ ପହଞ୍ଚି ସାରିଥିଲା। ଭାରତ ଏକ ଜ୍ଞାନର ଦେଶ ଭାବେ ପ୍ରତିଷ୍ଠା ଲାଭ କରିଛି ଓ ସବୁବେଳେ ଏହା ଆଲୋକରେ ସନ୍ଧାନ କରିଛି ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟ ସମ୍ପର୍କିତ ବିସ୍ତୃତ ତଥ୍ୟ ପ୍ରଦାନ କରିଥିବା ବେଳେ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ'ର ଡିନ୍ ପ୍ରଫେସର ଏସ୍.ଏ.କେ. ଆଜାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାର୍ଥୀଙ୍କ ମଧ୍ୟରେ ନବସୃଜନ ଆଣିଲା 'ସୋଆ ଆଇଡିଆଥନ୍'




**ଭୁବନେଶ୍ୱର,୧୪।୯ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ସୋଆ ଆଇଡିଆଥନ୍-୨୦୨୫ ଅନୁଷ୍ଠିତ ହୋଇଛି। ଗତ ୧୨ ଓ ୧୩ ତାରିଖରେ ଆୟୋଜିତ ଏହି ଅନ୍‌ଲାଇନ୍ ହାକାଥନ୍‌ରେ ୧୮୩୬ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉଦ୍‌ଘାଟନୀ ସମାରୋହରେ ସୋଆ କୁଳପତି ପ୍ରଫେସର ଡ. ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ସୋଆ ଆଇଡିଆଥନ୍ - ୨୦୨୫ର ସଭାପତି ପ୍ରଫେସର ଡ. ମନୋରଞ୍ଜନ ପାଢ଼ୀ, ଆଇଟିଇଆର ଡିନ୍ ପ୍ରଫେସର ପ୍ରଦୀପ କୁମାର ସାହୁ, ସିନିଅର ଆସିଷ୍ଟାଂଟ ସ୍ୱାଗତିକା ଆଚାର୍ଯ୍ୟ, ଇଞ୍ଜିନିୟର ଡ. ପ୍ରିୟରଞ୍ଜନ ମେହେର ଉପସ୍ଥିତ ଥିଲେ। ଆଇଟିଇଆର ଛାତ୍ରମଙ୍ଗଳର ଅତିରିକ୍ତ ଡିନ୍ ପ୍ରଫେସର ରେଣୁ ଶର୍ମା ଓ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିଭାଗର ମୁଖ୍ୟ ସଂଯୋଜକ ଡ. ଶଶାଙ୍କ ଚୌଧୁରୀ ଉପସ୍ଥିତ ଥିଲେ।

ଛାତ୍ରଛାତ୍ରୀମାନେ ନିଜ ମଧ୍ୟରେ ନବସୃଜନ ଆଣିବା ସହ ପ୍ରଯୁକ୍ତି ବିଦ୍ୟାର ବିକାଶ, ବିଭିନ୍ନ ସମସ୍ୟାର ସମାଧାନ ଉପରେ ଆଲୋଚନା କରିଥିଲେ। ସ୍ମାର୍ଟ ଇଣ୍ଡିଆ ହାକାଥନ୍ -୨୦୨୫ର ପ୍ରଭାବିତ ହୋଇ ସୋଆ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି ପ୍ଲାଟଫର୍ମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଚ୍ୟାଲେଞ୍ଜ ଓ ଅସୁବିଧାକୁ କିପରି ମୁକାବିଲା କରିବେ ତାର ସମାଧାନ ଦକ୍ଷତା ହାସଲ କରିଥିଲେ।

କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ଆଇଟିଇଆରର ଅତିରିକ୍ତ ଡିନ୍(ଏକାଡେମିକ୍ସ) ପ୍ରଫେସର ଡିଏନ ଥାଟୋଇ, ସିଏସଇ ମୁଖ୍ୟ ପ୍ରଫେସର ଦେବାହୂତି ମିଶ୍ର, ସିଏସ୍ ଆଣ୍ଡ ଆଇଟିର ମୁଖ୍ୟ ପ୍ରଫେସର ଅଜିତ ନାୟକ ଉପସ୍ଥିତ ଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ

**ବାରିପଦା, ୧୪।୯ (ସଂଚାର ବ୍ୟୁରୋ):** ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ବାରିପଦା ସହରରେ ଥିବା ଭଞ୍ଜପୁର ଥାନା ପୁଲିସ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ ସହ ଚାଳକଙ୍କୁ ଗିରଫ କରାଯାଇଛି। ଚାଳକ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ଜାମବଣି ଗ୍ରାମର ଗମ୍ଭୁ ସିଂ(୩୨)। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ଖବର ପାଇ ପୁଲିସ ପକ୍ଷରୁ ତକତପୁର ଅଞ୍ଚଳରେ ଦ୍ରୁତଗତିରେ ଆସୁଥିବା ଟ୍ରାକ୍ଟରକୁ ଅଟକାଇ ପଚରାଉଚରା କରିଥିଲା। ମାଲିକଙ୍କ ନିର୍ଦ୍ଦେଶ କ୍ରମେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ନେଇ ଜାଣିବା ପରେ ଗାଡିକୁ ଜବତ କରାଯାଇଛି। ଏନେଇ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

**ମେଣ୍ଡାକୁ ବ୍ଲକ ଦାବି ଜୋର ଧରୁଛି**

# କେନ୍ଦ୍ରମନ୍ତ୍ରୀ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ପ୍ରତିନିଧିମଣ୍ଡଳୀ



**ସୁବର୍ଣ୍ଣପୁର,୧୪।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅନ୍ତର୍ଗତ ମେଣ୍ଡା ଗ୍ରାମ ଏକ ସର୍ବ ବୃହତ୍ ଗ୍ରାମ ଭାବରେ ଜିଲ୍ଲାରେ ପରିଚିତ। ଏହାକୁ ଏକ ବ୍ଲକ କରିବା ଦାବି ନେଇ ମେଣ୍ଡା ଗ୍ରାମବାସୀ ଓ ଆଖପାଖରେ ଥିବା ପଞ୍ଚାୟତର ଏକ ପ୍ରତିନିଧି ମଣ୍ଡଳୀ ରବିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ସମ୍ବଲପୁର ସ୍ଥିତ ବାସଭବନ ଓ ଓଡ଼ିଶାର ପଂଚାୟତି ରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାଏକଙ୍କୁ ସମ୍ବଲପୁର ସର୍କିଟ ହାଉସରେ ଭେଟିବା ଶହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ମେଣ୍ଡା ଗ୍ରାମବାସୀଙ୍କ ଦାବୀ ଯେ ମେଣ୍ଡାକୁ ଏକ ବ୍ଲକ କଲେ ଆଖପାଖ ଥିବା ଅଞ୍ଚଳର ବହୁ ପଞ୍ଚାୟତ ଯଥା ମେଣ୍ଡା, ଦେଉଳପଦର, ରାଣୀସଡା, ପୁଆ, ପାଇକବାହାଲ, ଜରା ଜାରିଙ୍ଗ, ଶିବତୁଲା, ନାରାୟଣପୁର, ଛକୋରମାଳ ଗ୍ରାମପଞ୍ଚାୟତ ର ଜନସାଧାରଣ ଉପକୃତ ହୋଇ ପାରିବେ ଏବଂ ତା ସହ ମେଣ୍ଡା ଅଞ୍ଚଳ ସାମଗ୍ରିକ ଭାବରେ ମଧ ଉପକୃତ ହେବା ସହ ଉନ୍ନତି ହୋଇପାରିବ ବୋଲି ପ୍ରତିନିଧି ମଣ୍ଡଳୀ ସୂଚନା ଦେଇଛନ୍ତି। ରାଜା ରାଜୁଡା ଅମଳରୁ ମେଣ୍ଡା ଏକ ଗଡଜାତ, ଉନ୍ନତ ସଂସ୍କୃତି ସମ୍ପନ୍ନ ତଥା ଐତିହାସିକ ସ୍ଥାନ ରୂପେ ପରିଚିତି ରହିଛି। ମେଣ୍ଡାଗାଁଟି ବ୍ଲକ ହେବାପାଇଁ ସମସ୍ତ ପ୍ରକାରର ଯୋଗ୍ୟତା ଥିବା ଓ ମେଣ୍ଡା ଅଂଚଳର ଅନେକ ଗାଁ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବାରୁ ଠିକ ହିସାବରେ ଉନ୍ନତି ହୋଇପାରି ନଥିବା ସହ ଉପେକ୍ଷିତ ହୋଇ ପଡ଼ିରହିଛି। ମେଣ୍ଡା ଯଦି ବ୍ଲକରେ ପରିଣତ ହୁଏ ତାହେଲେ ସାରା ଅଂଚଳର ଉନ୍ନତି ହୋଇପାରିବ ବୋଲି ପ୍ରତିନିଧି ମଣ୍ଡଳୀ ମତ ପ୍ରକାଶ କରିଛନ୍ତି। ଆଜିର ଏହି ପ୍ରତିନିଧି ମଣ୍ଡଳୀ ରେ ଭିକାରି ମେହେର, ମୁକୁନ୍ଦ ସାହୁ, ସାମ୍ବାଦିକ ନରୋତ୍ତମ ମଲ୍ଲିକ, ବିଭୁତି ଝାଙ୍କର, ଗୋପାଳ କର୍ମୀ, ଭୁବନାନନ୍ଦ ବାଦୀ, ଅଶୋକ ବିଶି, ପଦ୍ମନାଭ ମଲ୍ଲିକ, ନନ୍ଦକିଶୋର ଦଣ୍ଡସେନା, ପ୍ରବୀର ମେହେର ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

## ଖତ ଖାଉଛି ଅତ୍ୟାଧୁନିକ ଧାନ ସଫେଇ ଯନ୍ତ୍ରପାତି




**ମାଲକାନଗିରି,୧୪।୯(ସଂଚାର ବ୍ୟୁରୋ):** ଖୋଲା ଆକାଶ ତଳେ ଖରା ବର୍ଷାରେ ପଡି ରହି ଖତ ଖାଉଛି ଲକ୍ଷାଧିକ ଟଙ୍କାର ଅତ୍ୟାଧୁନିକ ଧାନ ସଫେଇ ଯନ୍ତ୍ରପାତି। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପ୍ରଦାନ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରି କିଣାଯାଇଥିବା ମେସିନ ବର୍ତ୍ତମାନ ଖରା ବର୍ଷାରେ ପଡ଼ି ରହି ଖତ ଖାଉଥିବା ଦେଖିବାକୁ ମିଳିଛି। ମାଲକାନଗିରି ଜିଲ୍ଲା ସଦରରେ ଥିବା ନିୟନ୍ତ୍ରୀତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଏହା ଦେଖିବାକୁ ମିଳିଛି।

ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ୨୭ ଲକ୍ଷ ଟଙ୍କାର ଦୁଇଟି ଆଧୁନିକ ଜ୍ଞାନ କୌଶଳଯୁକ୍ତ ଧାନ ସଫେଇ ଯନ୍ତ୍ର ଗତ ବର୍ଷ କିଣାଯାଇଥିଲା। ଗତ ପ୍ରାୟ ଏକ ବର୍ଷ ଧରି ଏହି ମେସିନଗୁଡିକ ପଡି ରହିଥିବା ବେଳେ ଏହା ଯେଉଁ ଉଦ୍ଦେଶ୍ୟରେ ଆସିଥିଲା, ସେ ଦିଗରେ କାର୍ଯ୍ୟକାରୀ ହୋଇପାରୁନାହିଁ। ତେଣୁ ମେସିନଗୁଡିକ କାହା ସ୍ୱାର୍ଥରେ କିଣାଯାଇ ଏପରି ନଷ୍ଟ ହେବା ପାଇଁ କାହିଁକି ପଡ଼ିରହିଛି, ତାହାକୁ ନେଇ ପ୍ରଶ୍ନ ଉଠିଛି। ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଦେବୀ ପ୍ରସାଦ ତ୍ରିପାଠୀଙ୍କୁ ଏ ନେଇ ପଚାରିବାରୁ ୨୦୨୫ ମସିହାର ବର୍ଷ ଶେଷରେ ସମାଜ ମଙ୍ଗଳ ବିଭାଗ ମାଧ୍ୟମରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାନଙ୍କୁ ଏହି ମେସିନଗୁଡିକ ପ୍ରଦାନ କରାଯିବ। ସେହିପରି ମିଶନ୍ ଶକ୍ତି ଡିପିଏମ୍ ହର୍ଷାନନ୍ଦ ପ୍ରଧାନ କହିଛନ୍ତି ଯେ ଗତ ଜାନୁଆରୀରେ ହିଁ ସ୍ୱୟଂ ସହାୟକ ଗୋଷ୍ଠୀର ନାମ ଚୟନ କରି ଉପଜିଲ୍ଲାପାଳଙ୍କୁ ଜଣାଇ ଦିଆଯାଇଛି। ବର୍ତ୍ତମାନ ଚଳିତ ମାସରେ ଆଉ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ନାମ ଦେବାକୁ ପତ୍ର ଆସିଥିବାରୁ ଏହି ବିଷୟରେ କାର୍ଯ୍ୟ ଚାଲିଛି। ଅତିଶୀଘ୍ର ଏହା ମଧ୍ୟ ଚୟନ କରି ଜଣାଇ ଦିଆଯିବ। ତେବେ ଦୀର୍ଘ ବର୍ଷ ଧରି କାର୍ଯ୍ୟାଳୟ ସମ୍ମୁଖରେ ଦୁଇଟି ଅତ୍ୟାଧୁନିକ ସଫେଇ ଯନ୍ତ୍ରପାତି ପଡିରହିବା ଏବଂ ଏଥିରେ ଲାଗିଥିବା ଚକା ମଧ୍ୟ ଫାଟି ଆଁ କରି ହୋଇଯାଇଥିବା ବେଳେ ଏହା କେତେଦୂର କାର୍ଯ୍ୟ କରିବ ଓ ମହିଳାମାନେ କେତେ ଲାଭବାନ ହେବେ ତାହା ସନ୍ଦେହ ଘେରରେ ରହିଛି।

## ଫାର୍ମାସିଷ୍ଟଙ୍କ ଆନ୍ଦୋଳନ ସ୍ଥଗିତ

### ପୂର୍ବପରି ଜାରି ରହିବ ନିରାମୟ ସେବା

**ବାରିପଦା, ୧୪।୯ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଡାକ୍ତରଖାନାର ଅଧିନରେ ନିରାମୟରେ କାର୍ଯ୍ୟ କରୁଥିବା ଫାର୍ମାସୀ ଅଫିସରଙ୍କ ଆନ୍ଦୋଳନ ସ୍ଥଗିତ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ଆଲୋଚନା ପରେ ଏହାକୁ ସ୍ଥଗିତ ରଖି ପୂର୍ବ ପରି ସେବା ଜାରି ରଖିବେ ବୋଲି କହିଛନ୍ତି। ଜିଲ୍ଲା ସଂଘର ପ୍ରତିନିଧି ସହିତ ସଦର ଡାକ୍ତରଖାନାର ଫାର୍ମାସୀ ଅଫିସରଙ୍କ ସହିତ ମନ୍ତ୍ରୀଙ୍କ ବିସ୍ତୃତ ଆଲୋଚନା କରି ଫାର୍ମାସୀ ଅଫିସରଙ୍କ ବକେୟା ଦରମା ଆସନ୍ତା ସୋମବାର ଦିନ ଦେବା ଓ ବେଆଇନ ବଦଳିକୁ ଖୁବ ଶିଘ୍ର ବନ୍ଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସାସ୍ଥ୍ୟ ସେବା ବ୍ୟାହାତ ନକରି କାର୍ଯ୍ୟରେ ଯୋଗଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ମନ୍ତ୍ରୀଙ୍କ ପରାମର୍ଶ ଅନୁଯାୟୀ ସୋମବାର ଠାରୁ ଡାକରା ଦିଆଯାଇଥିବା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି।

ଅନ୍ୟ ଜିଲ୍ଲାରେ କୌଣସି ଫାର୍ମାସୀ ଅଫିସର ମାନଙ୍କୁ ବଦଳି କରାଯାଇ ନଥିଲେ ମଧ୍ୟ ମୟୁରଭଞ୍ଜ ଜିଲ୍ଲାରେ ୪ ଗୋଟି ପର୍ଯ୍ୟାୟରେ ୨୨ ଜଣଙ୍କୁ ବଦଳି କରିଥିଲେ। ଜିଲ୍ଲା ସଂଘ ପକ୍ଷରୁ ଏହି ବଦଳିକୁ ପ୍ରତିବାଦ କରାଯାଇଥିଲା ଏବଂ ଏସମ୍ପର୍କରେ ଜିଲ୍ଲାପାଳ ଏବଂ ମନ୍ତ୍ରୀଙ୍କ ପାଖରେ ଅଭିଯୋଗ କରିବା ପରେ ୨ ଜଣଙ୍କ ରିଲିଫ୍ ଆଦେଶ ନାମାକୁ ଗତ ଅଗଷ୍ଟ ୧୮ ତାରିଖରେ ରଦ୍ଦ କରାଯାଇଥିଲେ। ତେବେ ଅନ୍ୟ ବଦଳି ଆଦେଶ ଗୁଡିକ ଏପର୍ଯ୍ୟନ୍ତ ରଦ୍ଦ କରାଯାଇନାହିଁ। ଏହି ପରିପ୍ରେକ୍ଷୀରେ ବଦଳି ହୋଇଥିବା ସଦର ଡାକ୍ତରଖାନାର ୮ ଜଣ ଫାର୍ମାସୀ ଅଫିସର ମାନଙ୍କ ଅଢେଇ ମାସ ଧରି ମାସିକ ଦରମା ବନ୍ଦ ରଖାଯାଇଛି। ବେଆଇନ ବଦଳି ଆଦେଶ ଓ ୨ ମାସର ଦରମା ବନ୍ଦକୁ ପ୍ରତିବାଦ କରି ଏହି ଆନ୍ଦୋଳନ ଡାକରା ଦିଆଯାଇଥିଲା।

## ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଷୋହଳ ପୂଜା ଆରମ୍ଭ

**ସମ୍ବଲପୁର, ୧୪।୯ (ସଂଚାର ବ୍ୟୁରୋ):** ସ୍ଥାନୀୟ ଦାନୀପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଆଶ୍ୱିନ ମାସ କୃଷ୍ଣପକ୍ଷ ମୁଳାଷ୍ଟମୀରୁ ଅର୍ଥାତ୍ ଆଜି ଠାରୁ ଷୋହଳ ପୂଜା ଆରମ୍ଭ ହୋଇଛି। ରବିବାର ସକାଳୁ ଦେବୀଙ୍କୁ ସ୍ନାନ କରାଯାଇ ପୂଜା କାର୍ଯ୍ୟ ଆରମ୍ଭ ହୋଇଛି। ଷୋହଳ ପୂଜାର ପ୍ରଥମ ଦିନରେ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜା ପରେ ଶ୍ରୀ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଷୋହଳ ଦିନ ପ୍ରତିଦିନ ଦେବା ଦେବୀଙ୍କର ବିଶେଷ ପୂଜା କରାଯିବ। ଷୋହଳ ପୂଜାର ଅନ୍ତିମ ଦିନ ଅର୍ଥାତ ୨୯ ତାରିଖ ମହାଷ୍ଟମୀ ଦିନ ରାମଚଣ୍ଡୀଙ୍କ ବିଶେଷ ପୂଜା ସହ ସମାପନ ହେବ। ମହାଷ୍ଟମୀ ଦିନ ରାମଚଣ୍ଡୀ ସେବା ସଦନର ପ୍ରତିଷ୍ଠା ଦିବସ ହୋଇଥିବାରୁ ଏଥିପାଇଁ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ନେଇ କୁଲତା ସମାଜର ସମ୍ପାଦକ ରଞ୍ଜନ ପାତ୍ର ସୂଚନା ଦେଇଛନ୍ତି। ୨୨ ତାରିଖରୁ ନବରାତ୍ର ଅବସରେ ଭକ୍ତ ମାନଙ୍କର ମାନସିକ ଦୀପ ବସାଇବାର ବ୍ୟବସ୍ଥା କରାଯାଇଛି। ଭକ୍ତ ମାନେ ୯ ଦିନ, ୩ ଦିନ ଏପରିକି ଗୋଟିଏ ଦିନ ପାଇଁ ନିଜ ପରିବାର ପାଇଁ ମାନସିକ ଅଖଣ୍ଡ ଦୀପ ବସାଇ ପାରିବେ। ୨ ଅକ୍ଟୋବର ଦଶମୀ ଦିନ ପ୍ରସାଦ ସେବନ, ଅକ୍ଟୋବର ୫ ତାରିଖ ଅଶ୍ୱିନ ଚତୁର୍ଦ୍ଦଶୀ ସନ୍ଧ୍ୟାରେ ରଣେଶ୍ୱର ରାମଚଣ୍ଡୀ ଙ୍କର ବିଶେଷ ପୂଜା ସହ ଝଣ୍ଡା ଲଗାଯିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

- **ଆଖଣ୍ଡଳମଣିଙ୍କ ମନ୍ଦିରରେ ମା' ଜୟଦୁର୍ଗାଙ୍କ ଷୋଡଶ ଦିବସୀୟ ପୂଜା ଆରମ୍ଭ**

## ଗୌରୀ ବେଶରେ ଦର୍ଶନ ଦେଲେ ମା'

**ଭଦ୍ରକ, ୧୪।୯ (ସଂଚାର ବ୍ୟୁରୋ):** ପବିତ୍ର ମୂଳାଷ୍ଟମୀ ଅବସରରେ ଆରଡି ପୀଠ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ବେଢ଼ାରେ ଥିବା ମା ଜୟ ଦୁର୍ଗାଙ୍କ ମଣ୍ଡପରେ ଷୋଡଶ ଦିବସୀୟ ପୂଜା ଆରମ୍ଭ ହୋଇଛି। ଭୋର ୪ଟାରେ ପହଡ ଖୋଲିବା ପରେ ରୀତିନୀତି ଅନୁଯାୟୀ ବାବାଙ୍କ ପାଖରେ ପୂଜାର୍ଚ୍ଚନା କରାଯିବା ସହ ମା'ଙ୍କ ପୂଜା ମଣ୍ଡପରେ ମଙ୍ଗଳ ଆଳତୀ, ହଳଦୀ ପଞ୍ଚାମୃତ ସ୍ନାନ, ଘଟ ସ୍ଥାପନ, ଦ୍ୱାରପାଳ ପୂଜା, ଚଣ୍ଡିପାଠ, ଆଦି କରାଯାଇଥିଲା। ମଧ୍ୟାହ୍ନରେ ମା ପ୍ରଥମ ଦିନରେ ଗୌରୀ ବେଶରେ ଦର୍ଶନ ଦେଇଥିଲେ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ମା'ଙ୍କ ପୂଜା ମଣ୍ଡପରେ ଦଶହରା ଯାଏଁ ପ୍ରତିଦିନ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ମହାଲକ୍ଷ୍ମୀ, ମହାକାଳୀ, ଗାୟତ୍ରୀ, ସର୍ବମଙ୍ଗଳା ଆଦି ଭିନ୍ନ ଭିନ୍ନ ବେଶରେ ଦର୍ଶନ ଦେବେ ମା ଜୟଦୁର୍ଗା।

## ନୂତନ ବ୍ଲକ ଗଠନ ପାଇଁ କମିଟି ଚୟନ



**ମ.ରାମପୁର/ନର୍ଲା, ୧୪।୯ (ସଂଚାର ବ୍ୟୁରୋ):** ଆଜି କଳାହାଣ୍ଡି ଜିଲ୍ଲା ପଲମ ଗ୍ରାମ ପଞ୍ଚାୟତ ପ୍ରାଙ୍ଗଣ ଠାରେ ନୂତନ ବ୍ଲକ ଗଠନ ସକାଶେ ଏକ ସଭା ଅନୁଷ୍ଠିତ ହୋଯାଇଅଛି। ବାସ୍ତବରେ ପଲମ୍ ଠାରୁ ନର୍ଲା ବ୍ଲକର ଦୂରତା ଅଧିକ ହୋଇଥିବା ହେତୁ ଉକ୍ତ ଅଞ୍ଚଳର ଜନ ସାଧାରଣ କୌଣଷି ସରକାରୀ କାର୍ଯ୍ୟରେ ନର୍ଲା ଯିବା କିମ୍ବା ପ୍ରତିଟି କ୍ଷେତ୍ରରେ ନର୍ଲା ବ୍ଲକ ଉପରେ ନିର୍ଭର କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହେଉନାହିଁ। କେବଳ ପଲମ ଗ୍ରାମ ପଞ୍ଚାୟତ ନୁହେଁ ଉକ୍ତ ଅଞ୍ଚଳର ପାଖାପାଖି ଗ୍ରାମ ପଞ୍ଚାୟତ ଯାହାକି ଟକର୍ଲା, ଗିଗିନା, ମୁସ୍କୁଟି, ମ.ରାମପୁର ବ୍ଲକର ମୁଡ଼ିଂ, କରଲାମୁଣ୍ଡା ବ୍ଲକର ରେଗେଡ଼ା, ସାପଲହରା, ଜୋରାଡବ୍ରା, କେସିଙ୍ଗା ବ୍ଲକର ବେଲଖଣ୍ଡି ସିର୍ଜାପାଲି, ହାତିଖୋଜ୍, ତୁର୍ଲାଖମନ୍ ଆଦି ୧୪ ଗୋଟି ପଞ୍ଚାୟତ ବାସିନ୍ଦା ଉପକୃତ ହେବ। ଯେହେତୁ ପଲମ ଉକ୍ତ ସମସ୍ତ ଗ୍ରାମ ପଞ୍ଚାୟତ ଗୁଡିକର ଏକ ମଧ୍ୟମ ସ୍ଥଳି ହୋଇଥିବାରୁ ଏଠି ନୂତନ ବ୍ଲକ କାର୍ଯ୍ୟଳୟ ସ୍ଥାପନା ନେଇ ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି। ଏହା ଦୀର୍ଘ ବର୍ଷର ଦାବୀ ହୋଇଥିଲେ ହେଁ ଆଜି ପୁର୍ନବାର ସମସ୍ତ ଗ୍ରାମ ପଞ୍ଚାୟତର ଜନ ସାଧାରଣ ଏକତ୍ରିତ ହୋଇ ଏକ ନୂତନ କମିଟି ଗଠନ କରିବା ସହ ଆଗାମୀ ଦିନରେ କଳାହାଣ୍ଡି ଜିଲ୍ଲାପାଳ୍, ନର୍ଲା ବିଧାୟିକା, ଲୋକସଭା ସାଂସଦ, ପଞ୍ଚାୟତିରାଜ୍ ମନ୍ତ୍ରୀ,ଓ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବା ନେଇ ସୂଚନା ରହିଛି।

ଏଥିରେ ନୂତନ ବ୍ଲକ କମିଟି ରେ ଶ୍ରୀ ସରୋଜ ସେଠ୍ ଙ୍କୁ ମନୋନୀତ କରାଯାଇଥିବା ବେଳେ ଉପ ସଭାପତି ଭାବେ ହେମକିଶୋର ନାଗ, (ସରପଞ୍ଚ ପଲମ୍ ଗ୍ରାପ) ସମ୍ପାଦକ ଭାବରେ ଦେବରାଜ ଭୋଇ, ସହ ସମ୍ପାଦକ ସୁଶାନ୍ତ ପରିଡ଼ା ,କୋଷାଧ୍ୟକ୍ଷ ଭାବେ ଈଶ୍ୱର ମାଝି ପ୍ରମୁଖ ରହିଥିବା ବେଳେ ଉପଦେଷ୍ଟା କମିଟିରେ ୧୨ ଜଣ ସଦସ୍ୟ ରହିଛନ୍ତି।

**ଉଦ୍‌ଘାଟନ ହେଲା ବହୁ ପ୍ରତିକ୍ଷୀତ ଶୌଚାଳୟ**

## ଅନୁଦାନ ଅର୍ଥକୁ ନେଇ ଚର୍ଚ୍ଚା

**ମୁଖୀଗୁଡା, ୧୪।୯ (ସଂଚାର ବ୍ୟୁରୋ):** ଆଜି କଳାହାଣ୍ଡି ଜିଲ୍ଲା ଜୟପାଟଣାର ବହୁ ପ୍ରତିକ୍ଷୀତ ଶୌଚାଳୟ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ଦ୍ୱାରା ଶୁଭ ଉଦଘାଟିତ ହୋଇଯାଇଛି। ହେଲେ ଏହି ଶୌଚାଳୟ ନିର୍ମାଣ ପାଇଁ ଖର୍ଚ୍ଚ ହୋଇଥିବା ଟଙ୍କାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ଆଜି ଶୌଚାଳୟର ଶୁଭ ଉଦଘାଟନ ଅବସରରେ ଲାଞ୍ଜିଗଡ଼ ବିଧାୟକ ପଶ୍ଚିମ ଓଡ଼ିଶା ବିକାଶ ପରିଷଦରୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା କହିଥିବା ବେଳେ ଶୌଚାଳୟ ନିକଟରେ ଲାଗିଥିବା ସୂଚନା ଫଳକରେ ଅଟକଳ ମୂଲ୍ୟ ୧୦ ଲକ୍ଷ ଟଙ୍କା ଲେଖାଯାଇଛି। ବିଧାୟକଙ୍କ କହିବା ଅନୁଯାୟୀ ୨୦ ଲକ୍ଷ ଟଙ୍କା ପଶ୍ଚିମ ଓଡ଼ିଶା ବିକାଶ ପରିଷଦରୁ ଦିଆଗଲା ତେବେ ବାକି ୧୦ ଲକ୍ଷ ଟଙ୍କା କୁଆଡେ ଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏନେଇ ବିଧାୟକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଜୟପାଟଣାରେ ଏକ ଶୌଚାଳୟର ଆବଶ୍ୟକତା ରହିଥିଲା ଗତ ୮/୧/୨୦୨୪ରେ ଲାଞ୍ଜିଗଡ଼ ବିଧାୟକଙ୍କ ଦ୍ୱାରା ଭିତିପ୍ରସ୍ତର ସ୍ଥାପନ ହୋଇଥିଲା। ହେଲେ ନିର୍ମାଣ କାର୍ଯ୍ୟଶେଷ ହେବା ବିଳମ୍ବ ହେତୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଠିକାଦାରଙ୍କ ତତ୍ପରତା ପ୍ରକାଶ ପାଇଥିଲା।

ଆଜି ଏହି ଶୁଭଉଦଘାଟନ ଅବସରରେ, ଜୟପାଟଣା ସମିତି ସଭ୍ୟା ରଶ୍ମିତା ଦୁରିଆ, ଜୟପାଟଣା ସରପଞ୍ଚ ମୌସୁମୀ ଡ଼ଙ୍ଗରି, ବିଜେଡ଼ି ନେତା ସତ୍ୟ ନାରାୟଣ ଅଗ୍ରୱାଲ, ଜିତେନ୍ଦ୍ର ନାରାୟଣ ସିଂଦେଓ, ମଣ୍ଟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣା ଯୋଗୁଁ ବାପାର ଶବ ସତ୍କାର କରିପାରିଲାନି ପୁଅ

**କୋରେଇ, ୧୪।୯ (ସଂଚାର ବ୍ୟୁରୋ):** ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଯାଜପୁରରୋଡ ରାସ୍ତାର ପଥରପଦା ପଞ୍ଚାୟତ ନୂଆପଦା ଗ୍ରାମ ନିକଟସ୍ଥ କଳିଙ୍ଗ ହୋଟେଲ ନିକଟରେ ଆମ୍ବୁଲାନ୍ସ ରଖି ଶୌଚ ପାଇଁ ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଦିଗମ୍ବର ମିଟୁଆଣି ଗ୍ରାମର ଶୁଭ ପ୍ରକାଶ ନାୟକ ତଳକୁ ଓହ୍ଲାଇଥିଲେ। ଏହି ସମୟରେ ପଛରୁ ଏକ ପିକଅପ ଦ୍ରୁତଗତିରେ ଆସି ଶୁଭ ପ୍ରକାଶଙ୍କୁ ଧକ୍କା ଦେଇ ତାଙ୍କ ଉପରେ ଚଢି ଆମ୍ବୁଲାନ୍ସକୁ ଧକ୍କା ଦେଇଥିଲା। ଫଳରେ ଶୁଭ ଗୁରୁତର ଭାବେ ଆହତ ହୋଇଥିଲେ। ଖବରପାଇ ପାଣିକୋଇଲି ପୁଲିସ ଓ ଆମେ ଆପଣଙ୍କ ପାଇଁ ହେଲପିଂଗ ଗ୍ରୁପର ସଦସ୍ୟମାନେ ପହଞ୍ଚି ଗୁରୁତର ଆହତ ଶୁଭକୁ ଏକ ଘରୋଇ ଗାଡିରେ ଭର୍ତି କରି ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟକୁ ନେଇଯାଇଥିଲେ। ପୁଲିସ ଗାଡି ଦୁଇଟିକୁ ଜବତ କରି କୋରେଇ ପୁଲିସକୁ ହସ୍ତାନ୍ତର କରିଥିଲା। ପରେ ଶୁଭ ଗୁରୁତର ହେବାରୁ ତାକୁ କଟକ ସ୍ଥାନାନ୍ତର କରାଯାଇଛି। ହେଲେ ବାପର ଶବ ସତ୍କାର କରିବା ପରିବେର୍ତ୍ତ ଶୁଭ ମୃତ୍ୟୁ ସହ ସଂଗ୍ରାମ କରୁଥିବା ସୂଚନା ମିଳିଛି। ପୁଲିସ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଜାରିରଖିଛି।

## ବୁଢ଼ାନଦୀ କୂଳରୁ ବ୍ୟକ୍ତିର ମୃତଦେହ ଉଦ୍ଧାର

**କୋରେଇ, ୧୪।୯ (ସଂଚାର ବ୍ୟୁରୋ):** ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନ୍ଦପୁର ପଞ୍ଚାୟତର ବୁଢାନଦୀର ରୁଢିଆ ନିକଟରୁ ଆଜି ଅପରାହ୍ନରେ ଏକ ଅଜଣା ବ୍ୟକ୍ତିର ଶବ ଉଦ୍ଧାର କରାଯାଇଛି। ବୈତରଣୀ ନଦୀର ଶାଖାନଦୀ ବୁଢାନଦୀ କୂଳ ଅମରି ବୁଦା ନିକଟରେ ଏକ ଶବ ଭାସୁଥିବା ଦେଖି ପାଣିକୋଇଲି ଥାନାକୁ ଖବର ଦିଆଯାଇଥିଲା। ଥାନା ସବଇନ୍ସପେକ୍ଟର ସୁମିତ କୁମାର କୁଜୁର, ହାବିଲଦାର ସୁଲୋଚନ ବେହେରା ସଦଳବଳେ ନଦୀକୂଳରେ ପହଞ୍ଚିଥିଲେ। ଉକ୍ତ ଶବଟି କେଉଁଆଡୁ ଭାସି ଆସିଥିବା ଅନୁମାନ କରାଯାଉଥିଲା। ଶବଟି ଫୁଲି ଚମଡା ଛାଡିଯାଇଥିବା ବେଳେ ଶରୀରଟି ସମ୍ପୂର୍ଣ୍ଣ କଳା ପଡ଼ିଯାଇଥିବା ଦେଖିବାକୁ ମିଳିଥିଲା। ନଦୀ ବଢ଼ିରେ ଏହା ଭାସି ଆସିଥିବା କୁହାଯାଉଥିଲା। ପୁଲିସ ଘଟଣାସ୍ଥଳେ ପହଞ୍ଚି ଶବ ଉଦ୍ଧାର କରିବା ପରେ ଏହା ମାଳଆନ୍ଦପୁର ପଞ୍ଚାୟତ ବ୍ରଜନଗର ଗ୍ରାମର ନାଗା ମଳିକଙ୍କ ମୃତ ଦେହ ବୋଲି ପରିବାର ଲୋକ ପହଞ୍ଚି ଚିହ୍ନଟ କରିଥିଲେ। ତିନି ଦିନ ହେବ ଛତିଆ ଯିବ କହି ନାଗା ଘରୁ ବାହାରିଥିଲା। ତେଣୁ ତାକୁ ଆଉ କେହି ଖୋଜିନଥିଲେ। ହେଲେ ତାଜି ତାର ମୃତଦେହ ମିଳିବା ପରେ ଆମ୍ବୁଲାନ୍ସ ଯୋଗେ ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି।

# ସ୍ୱାସ୍ଥ୍ୟ ନାରୀ, ଶସକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ




**ଖୋର୍ଦ୍ଧା,୧୪।୯ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଶ୍ରୀ ଜ୍ୟୋତି ଶଙ୍କର ସାହୁଙ୍କ ଅଧକ୍ଷତାରେ ସ୍ୱାସ୍ଥ୍ୟ ନାରୀ, ଶସକ୍ତ ପରିବାର ଅଭିଯାନ ବିଭିନ୍ନ ଗଣ ସହାୟକ ଜିଲ୍ଲା ସ୍ତରୀୟ ବିଭାଗ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ଅଧକ୍ଷ ଶ୍ରୀ ସାହୁ ଏପରି ମହତ ଅଭିଯାନକୁ ଶତ ପ୍ରତିଶତ ସଫଳ କରିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହ ସମସ୍ତ ଗଣସହାୟକ ଜିଲ୍ଲା ସ୍ତରୀୟ ବିଭାଗ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯାନ ଚଳିତ ସେପ୍ଟେମ୍ବର ମାସ ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ ଗୁଡ଼ିକ ହେଲା ସମସ୍ତ ମହିଳା ଏବଂ ୧୮ ବର୍ଷ ପର୍ଯ୍ୟନ୍ତ କନ୍ୟା ଶିଶୁ ମାନଙ୍କୁ ବିଭିନ୍ନ ବୟସ ଭିତ୍ତିରେ ଟିକା ପ୍ରଦାନ କରିବା। ୩୦ ବର୍ଷ ଓ ତଦୁର୍ଦ୍ଧ ବୟସର ମହିଳା ମାନଙ୍କର ଉଚ୍ଚ ରକ୍ତ ଚାପ, ମଧୁମେହ ରୋଗ, ମୁଖ ଗହ୍ୱର କର୍କଟ, ସ୍ତନ କର୍କଟ, ରକ୍ତ ହୀନତା, ସିକିଲ ସେଲ ଅନେମିଆ ଏବଂ ଥାଲାସେମିଆ ଚିହ୍ନଟ ଓ ସେବା ଯୋଗାଇବା । ଏହି ଅଭିଯାନ କାର୍ଯ୍ୟକ୍ରମରେ ପନ୍ଦର ପ୍ରକାରର ସେବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଗଣ ସହାୟକ ବିଭାଗ ଯଥା, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି,ପଞ୍ଚାୟତିରାଜ ବିଭାଗ, ସମସ୍ତ ବେସରକାରୀ ଚିକିତ୍ସାଳୟ , କମନ୍ ସର୍ଭିସ୍ ସେଣ୍ଟର୍, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆଦି ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡିକ ସାମିଲ ହୋଇ ଜିଲ୍ଲାରେ ଯେତେ ମହିଳା ଜନସଂଖ୍ୟା ଅଛନ୍ତି ସମସ୍ତଙ୍କୁ ସାମିଲ କରି ଚିକିତ୍ସା ପ୍ରଦାନକରି ଶତ ପ୍ରତିଶତ ସଫଳତା ହାସଲ କରିବାକୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ ଦିନ କେଉଁ କେଉଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ କମନ ସର୍ଭିସ୍ ସେଣ୍ଟର୍ ରେ କେତେ ମହିଳାଙ୍କୁ ସେବା ଯୋଗାଇ ଦିଆଗଲା, କେତେ ବେସରକାରୀ ଡାକ୍ତର ନିଯୁକ୍ତ କରାଗଲା ସମସ୍ତ ତଥ୍ୟ ଡାଟା ବେସ ପ୍ରସ୍ତୁତ କରିବାକୁ ଅଧକ୍ଷ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ୧୨ ଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,୪୭ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ୧୬୧୦ କେନ୍ଦ୍ରରେ ଏହି ସେବା ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଇଅଛି । ଏହି ସେବା ସଂପର୍କରେ ବ୍ୟାପକ ଜନସଚେତନତା ନିମନ୍ତେ ଡ଼ାକବାଜି ଯନ୍ତ୍ର ଯୋଗେ ବହୁଳ ଭାବେ ପ୍ରଚାର କରିବା, ପ୍ରାଚୀର ପତ୍ର ବାଣ୍ଟିବାକୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଓ ବୈଠକର ଅଧକ୍ଷ ନିର୍ଦ୍ଦେଶ ଦେଇଥିଲେ ।